# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୩୧/୨୦୧୮ (୨୦ ପୃଷ୍ଠା+ସାହିତ୍ୟାୟନ) Sambalpur, Wednesday, October 31/ 2018 ★★

୧୪ଶ ଭାଗ ୩୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




सत्यमेव जयते
GOVERNMENT OF INDIA

STATUE OF UNITY
एक भारत, श्रेष्ठ भारत.

# ଏକତା ପ୍ରତିମୂର୍ତ୍ତି

## ଉଦ୍‌ଘାଟନ ସମାରୋହ ପାଳନ କରୁଛି ଭାରତ

## ବିଶ୍ୱର ସର୍ବୋଚ୍ଚ 182 ମିଟରର ପ୍ରତିମୂର୍ତ୍ତି

### ସର୍ଦ୍ଦାର ପଟେଲଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ପରି ଏହା ବିଶାଳ ପ୍ରତିମୂର୍ତ୍ତି

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସର୍ଦ୍ଦାର ପଟେଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ କୃଷକଙ୍କ କଲ୍ୟାଣ ପାଇଁ ସମର୍ପିତ ଥିଲେ। ସ୍ୱାଧୀନ ଭାରତର ନିର୍ମାତା ଭାବେ ପରିଚିତ ସର୍ଦ୍ଦାର ଏକ ସଂଗଠିତ ଭାରତ ଗଠନ ଲାଗି 550 ରୁ ଉର୍ଦ୍ଧ୍ୱ ଗଡ଼ଜାତ ରାଜ୍ୟକୁ ଏକତ୍ରିତ କରିଥିଲେ।

ଆଜି ଏକ କୃତଜ୍ଞ ରାଷ୍ଟ୍ର ସେହି ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

**ଏକତାର ପ୍ରତିମୂର୍ତ୍ତି:**

**ଭାରତକୁ ଏକତ୍ରିତ କରିଥିବା ସର୍ଦ୍ଦାର ପଟେଲଙ୍କୁ ଏକ ଶ୍ରଦ୍ଧାଞ୍ଜଳି**



| ସ୍ପ୍ରିଙ୍ଗ ଟେମ୍ପଲ ବୁଦ୍ଧ | ଲେକ୍ୟୁନ ସେତ୍‌କ୍ୟାର | ଉସିକୁ ଦାଇବୁତ୍‌ସୁ | ଷ୍ଟାଚ୍ୟୁ ଅଫ୍ ଲିବର୍ଟି | ଦି ଗ୍ରେଟ୍ ବୁଦ୍ଧ | ଦି ମଦରଲାଣ୍ଡ କଲ୍ସ |
|---|---|---|---|---|---|
| ଚୀନ | ମିଆଁମାର | ଜାପାନ | ଆମେରିକା | ଥାଇଲାଣ୍ଡ | ରୁଷିଆ |
| 153 ମିଟର | 116 ମିଟର | 110 ମିଟର | ୨7 ମିଟର | ୨1 ମିଟର | ୫7 ମିଟର |

## ରାଷ୍ଟ୍ରକୁ ଲୋକାର୍ପଣ କରିବେ
## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

ତାରିଖ: ଅକ୍ଟୋବର 31, 2018
ସମୟ: ପୂର୍ବାହ୍ନ 10 ପରେ
ସ୍ଥାନ: ସର୍ଦ୍ଦାର ସରୋବର ଡ୍ୟାମ୍,
କେଭଡ଼ିୟା ଗ୍ରାମ,
ନର୍ମଦା ଜିଲ୍ଲା, ଗୁଜରାଟ



DAVP 22201/13/0015/1819

## ପ୍ରମୁଖ ଆକର୍ଷଣ

- ସର୍ଦ୍ଦାର ପଟେଲଙ୍କ ଜୀବନୀ ସମ୍ପର୍କିତ ସଂଗ୍ରହାଳୟ
- ଭାରତ ଭବନ ପ୍ରଦର୍ଶନୀ ଗୃହ
- 3D ପ୍ରୋଜେକ୍ସନ ମ୍ୟାପିଙ୍ଗ
- 153 ମିଟର ଉଚ୍ଚରୁ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ ପର୍ଯ୍ୟଟକ
- 250 ତମ୍ବୁ ସ୍ଥାପିତ ହୋଇଥିବା ସହର
- ଜନଜାତି ସଂଗ୍ରହାଳୟ, ହସ୍ତଶିଳ୍ପ ବଜାର
- ପୁଷ୍ପ ଉପତ୍ୟକା
- ରାଜ୍ୟମାନଙ୍କ ପାଇଁ ରହିବ ନିଜସ୍ୱ ଅତିଥି ଭବନ

/sou.official, /souindia, /+StatueofUnity, www.statueofunity.in

**ଆମର ବିଶାଳ ଓ ତୁଙ୍ଗ ନେତୃତ୍ୱ ହେଉଛନ୍ତି ଲୌହମାନବ ସର୍ଦ୍ଦାର !**



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ



# ଲୁହରେ ବୁଡ଼ିଲା ଘୁଷୁରାମୁଣ୍ଡା ଗାଁ

**ବଲାଙ୍ଗୀର ଅଫିସ/ଲୋଇସିଂହା, ୩୦।୧୦(ଡି.ଏନ୍.ଏ.)**

ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ମଙ୍ଗଳବାର ସଂଘଟିତ ମାଓବାଦୀ ଆକ୍ରମଣରେ ଦୂରଦର୍ଶନ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି। ମୃତ ଅଚ୍ୟୁତାନନ୍ଦଙ୍କ ଘର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡା ଗାଁରେ। ଏହି ଖବର ମିଳିବା ପରେ ଘୁଷୁରାମୁଣ୍ଡାରେ ଶୋକର ଛାୟା ଖେଳିଯାଇଛି। କାହା ମୁହଁରେ କଥା ନାହିଁ। ସାରା ଗାଁ ସ୍ତବ୍ଧ ହୋଇଯାଇଛି। ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସୋମବାର ରାତିରେ ଅଚ୍ୟୁତାନନ୍ଦ ପରିବାର ଲୋକଙ୍କ ସହ କଥା ହୋଇଥିଲେ। ବନ୍ଧୁମାନଙ୍କୁ ଛତିଶଗଡ଼ରୁ ଫଟୋ ପଠାଇଥିଲେ। ତେବେ ମଙ୍ଗଳବାର ତାଙ୍କ ମୃତ୍ୟୁ ଖବରକୁ ଏଠାରେ କେହି ବିଶ୍ୱାସ କରିପାରୁ ନାହାନ୍ତି।

ଅଚ୍ୟୁତାନନ୍ଦ ଦିଲ୍ଲୀ ଦୂରଦର୍ଶନ ନ୍ୟୁଜ୍ ଟିମ୍‌ରେ କ୍ୟାମେରାମ୍ୟାନ୍ ଭାବେ କାର୍ଯ୍ୟରତ ଥିଲେ। ଛତିଶଗଡ଼ ନିର୍ବାଚନ ସଂକ୍ରାନ୍ତୀୟ ଖବର ସଂଗ୍ରହ ପାଇଁ ମଙ୍ଗଳବାର ସକାଳେ ଦାନ୍ତେୱାଡାର ଆରନ୍‌ପୁର ଗାଁରେ ପହଞ୍ଚିଥିଲେ। ସେଠାରେ ବିକାଶମୂଳକ କାର୍ଯ୍ୟ ନେଇ ଖବର ସଂଗ୍ରହ କରୁଥିବାବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ଅଚ୍ୟୁତାନନ୍ଦଙ୍କ ସହ ଦୁଇ ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା। ଅଚ୍ୟୁତାନନ୍ଦ ଦୁଇବର୍ଷ ତଳେ ସମ୍ବଲପୁରରେ ବିବାହ କରିଥିଲେ। ପରିବାରରେ ତାଙ୍କ ବାପା ନରେନ୍ଦ୍ର ସାହୁ, ମା' ତୁଳସୀ ସାହୁ, ସ୍ତ୍ରୀ ହିମାଞ୍ଜଳି ସାହୁ, ୩ଭାଇ ଓ ଅନ୍ୟ ସଦସ୍ୟ ଅଛନ୍ତି। ୧୯୮୪ ମାର୍ଚ୍ଚ ୧୨ରେ ଜନ୍ମଗ୍ରହଣ କରିଥିବା ଅଚ୍ୟୁତାନନ୍ଦ ଗତ ପ୍ରାୟ ୪ ବର୍ଷ ତଳେ ଦୂରଦର୍ଶନ ନ୍ୟୁଜ୍ କ୍ୟାମେରାମ୍ୟାନ୍ ଭାବେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ଭାରତୀୟ ସେନାବାହିନୀରେ ଯୋଗଦେଇ କିରାଣି ଭାବେ କାର୍ଯ୍ୟ କରିଥିଲେ। କିଛିବର୍ଷ କାମ କଲାପରେ ସେ ସେନାବାହିନୀରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ପରେ ଓଡ଼ିଶା ଫେରି କଟକ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ରେ ସିନେମାଟୋଗ୍ରାଫି କୋର୍ସ କରିଥିଲେ। ସେଠାରେ ପାଠପଢ଼ା ସରିବା ପରେ ନିଜ ଗାଁ ଘୁଷୁରାମୁଣ୍ଡା ପାଖ ବୁଢ଼ୀପଦର ପଞ୍ଚାୟତ ଅଫିସରେ ଦୁଇବର୍ଷ ଗ୍ରାମ ରୋଜଗାର ସେବକ ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଦିଲ୍ଲୀ ଯାଇ ଦୂରଦର୍ଶନ (ଡିଡି) ନ୍ୟୁଜ୍ ଚ୍ୟାନେଲରେ କ୍ୟାମେରାମ୍ୟାନ୍ ଭାବେ ଯୋଗଦେଇଥିଲେ। ପ୍ରାୟ ୨ ବର୍ଷ ତଳେ ସେ ହିମାଞ୍ଜଳିଙ୍କୁ ବିବାହ କରିଥିଲେ। ଅଚ୍ୟୁତାନନ୍ଦ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ପ୍ରାଥମିକ, ହାଇସ୍କୁଲ ଓ କଲେଜ ଶିକ୍ଷା ଗ୍ରହଣ କରିଥିଲେ।



ମୃତ୍ୟୁ ଖବର ପାଇବା ପରେ ସ୍ତବ୍ଧ ଘୁଷୁରାମୁଣ୍ଡା ଗାଁ।

## ବିଶ୍ୱାସ କରିହେଉ ନାହିଁ

**ଲୋଇସିଂହା, ୩୦।୧୦(ଡି.ଏନ୍.ଏ.)**



ମୃତ ଅଚ୍ୟୁତାନନ୍ଦଙ୍କ ମା'ବାପା।

ଖୋଲା ହୃଦୟର ମଣିଷ ଥିଲେ ଅଚ୍ୟୁତାନନ୍ଦ ସାହୁ। ଗାଁକୁ ଆସିଲେ ସମସ୍ତଙ୍କ ସହ ମିଶୁଥିଲେ। କରୁଥିଲେ ଭାବର ଆଦାନପ୍ରଦାନ। ତାଙ୍କୁ ହରାଇ ଆଜି ଗାଁ କାନ୍ଦୁଛି ବୋଲି କହିଛନ୍ତି ଅଚ୍ୟୁତାନନ୍ଦଙ୍କ ପଡ଼ୋଶୀ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡା ଗାଁର କୁମୁଦିନୀ ହୋତା। ଅଚ୍ୟୁତାନନ୍ଦଙ୍କ ବାଲ୍ୟବନ୍ଧୁ ରଞ୍ଜିତ ସାହୁ, ଆନନ୍ଦ ହୋତା, ରାଧାକାନ୍ତ ତେଜି ପ୍ରମୁଖ ଏହି ଦୁଃଖଦ ଖବର ପାଇ ଭାଙ୍ଗି ପଡ଼ିଥିବା କହିଛନ୍ତି। ୫ ଦିନ ତଳେ ଅଚ୍ୟୁତାନନ୍ଦଙ୍କ ସହ କଥା ହୋଇଥିଲି। ମୃତ୍ୟୁ ଖବରକୁ ବିଶ୍ୱାସ କରିପାରୁନାହିଁ ବୋଲି କହିଛନ୍ତି ମଝିଆ ଭାଇ ପ୍ରଭାତ ସାହୁ। ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ଖବର ପାଇବା ପରେ ଡୁଙ୍ଗୁରିପାଲିରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ କାମ କରୁଥିବା ମଝିଆ ଭାଇ ପ୍ରଭାତ ମା'ବାପଙ୍କୁ ଧରି ସନ୍ଧ୍ୟାରେ ଘୁଷୁରାମୁଣ୍ଡାରେ ପହଞ୍ଚିବା ପରେ ଏହିଭଳି ମତ ରଖିଛନ୍ତି। ସମ୍ପର୍କୀୟ ଭାଇ ହିମାଂଶୁ ଶେଖର ସାହୁ ଅଚ୍ୟୁତାନନ୍ଦଙ୍କୁ ଜଣେ ଶହୀଦ ଭଳି ସମ୍ମାନ ମିଳିବା ଦରକାର ବୋଲି ଦାବି କରିଛନ୍ତି।

ମା' ତୁଳସୀ ସାହୁ, ବାପା ନରେନ୍ଦ୍ର ସାହୁଙ୍କ ୪ପୁଅଙ୍କ ମଧ୍ୟରେ ଅଚ୍ୟୁତାନନ୍ଦ ତୃତୀୟ ସନ୍ତାନ ଥିଲେ। ନରେନ୍ଦ୍ର ଜଣେ ଅମିନ ଭାବେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ କାମ କରୁଥିଲେ। ଅଚ୍ୟୁତାନନ୍ଦ ଗାଁ ଘୁଷୁରାମୁଣ୍ଡା ସ୍କୁଲରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ପରେ ବାପାଙ୍କ କର୍ମକ୍ଷେତ୍ର ବୀରମହାରାଜପୁରରେ ପ୍ରାଥମିକଠାରୁ କଲେଜ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିଲେ। ସବୁ ଶ୍ରେଣୀରେ ତାଙ୍କର ପ୍ରଥମ ଶ୍ରେଣୀ କ୍ୟାରିୟର ଥିଲା। ଅଚ୍ୟୁତାନନ୍ଦଙ୍କ ବୃଦ୍ଧ ମା'ବାପ ହୃଦ୍‌ରୋଗୀ ହୋଇଥିବାରୁ ତାଙ୍କଠାରୁ କୌଣସି ପ୍ରତିକ୍ରିୟା ନେବାକୁ ପରିବାର ଲୋକେ ବାରଣ କରିଥିଲେ।

ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଖବର ଶୁଣିବା ପରେ ଅଚ୍ୟୁତାନନ୍ଦଙ୍କ ସ୍ତ୍ରୀ ହିମାଞ୍ଜଳି ଦିଲ୍ଲୀରୁ ରାୟପୁର ଅଭିମୁଖେ ଯାଇଛନ୍ତି। ପରିବାର ଓ ଗାଁ ଲୋକେ ଅଚ୍ୟୁତାନନ୍ଦଙ୍କ ମୃତଦେହକୁ ଘୁଷୁରାମୁଣ୍ଡା ଗାଁକୁ ଆଣିବା ପାଇଁ କହୁଥିବାବେଳେ ଗଣମାଧ୍ୟମ ପ୍ରତିନିଧିମାନେ ମୃତଦେହକୁ ଦିଲ୍ଲୀ ନେଇଯିବାକୁ କହୁଥିବା ଜଣାପଡ଼ିଛି। ତେବେ ବୁଧବାର ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି କୁହାଯାଇଛି।

■ଆଇନଜୀବୀଙ୍କ ମାଡ଼ରେ କନ୍‌ଷ୍ଟେବଳ ଆହତ ଘଟଣା

# ଅଭିଯୁକ୍ତଙ୍କ ଗିରଫ ଦାବିକଲା ମହାସଂଘ

**କଟକ ଅଫିସ୍, ୩୦।୧୦:** ହାଇକୋର୍ଟ ପରିସରରେ ସୋମବାର ଆଇନଜୀବୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳବେଳେ କନ୍‌ଷ୍ଟେବଳ ସତ୍ୟନାରାୟଣ ଛୁଆଲସିଂ ଆକ୍ରମଣର ଶିକାର ହୋଇଥିଲେ। କେତେଜଣ ଆଇନଜୀବୀ ତାଙ୍କୁ ମାଡ଼ ମାରିଥିବା ନେଇ ଲାଲ୍‌ବାଗ ଥାନାରେ ଅଭିଯୋଗ ହୋଇଥିବାବେଳେ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛି ଓଡ଼ିଶା ପୋଲିସ ଏସ୍‌ଏପି କନଷ୍ଟେବଳ, ସିପାହି ଓ ହାବିଲଦାର ମହାସଂଘ। ମଙ୍ଗଳବାର ମହାସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସନ୍ତୋଷ ଶତପଥୀ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୬ ଜଣ ପୋଲିସ କନ୍‌ଷ୍ଟେବଳ ସାଦା ପୋଷାକରେ ହାଇକୋର୍ଟ ପରିସରରେ କାର୍ଯ୍ୟରତ ଥିଲେ। ଆଡ୍‌ଭୋକେଟ୍ ଜେନେରାଲଙ୍କ ସୁରକ୍ଷା ପାଇଁ ଏହି କନ୍‌ଷ୍ଟେବଳମାନଙ୍କୁ ମୁତୟନ କରାଯାଇଥିବାବେଳେ ହାଇକୋର୍ଟ ମଧ୍ୟ ସେମାନଙ୍କ ପ୍ରବେଶ ପାଇଁ ପାସ୍ ଦେଇଥିଲେ। ହେଲେ ଆଇନଜୀବୀମାନେ କନଷ୍ଟେବଳଙ୍କୁ ମାଡ଼ ମାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କନ୍‌ଷ୍ଟେବଳଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଥିବାବେଳେ ହାଇକୋର୍ଟ ଏହା ଉପରେ ବିଚାର କରି ନ୍ୟାୟ ପ୍ରଦାନ କରିବେ ବୋଲି ସେ କହିଛନ୍ତି।






ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୩୧/୨୦୧୮ Sambalpur, Wednesday, October 31/ 2018 | ପୃଷ୍ଠା-୧




**ଉତ୍ତମ ସ୍ୱାସ୍ଥ୍ୟ, ଫିଟ୍‌ନେସ୍‌ରେ ଗୁରୁତ୍ୱ ଦିଏ: କରୀନା**

ସ୍ୱାସ୍ଥ୍ୟ ସଚେତନ ହେବା ସହିତ ସବୁବେଳେ ଫିଟ୍ ରହିବା ଉପରେ ଗୁରୁତ୍ୱ ଦିଅନ୍ତି ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍।

୦୫

୧୫

**ଋଣ ଦେବାକୁ ରୋକି ନ ଥିଲା ଆର୍‌ବିଆଇ**

ଉପା ସରକାରଙ୍କ ସମୟରେ ଆରବିଆଇ ନିର୍ବିଚାର ଭାବେ ଋଣ ଦେବାକୁ ରୋକି ନ ଥିଲା ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି।








# ସେସୁକୁ ଏନ୍‌ଜିଟି ଛାଟ

## ■ ୧ କୋଟି ଟଙ୍କା ଜରିମାନା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ବିଦ୍ୟୁତ୍ ଆଘାତରେ ଏକ ସଙ୍ଗେ ୭ ହାତୀ ମୃତ୍ୟୁ ଘଟଣା କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶରେ ଆଲୋଚ୍ୟର ବିଷୟ ହୋଇଛି। ଉକ୍ତ ଘଟଣା ପ୍ରାଣୀପ୍ରେମୀ ଏବଂ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ମର୍ମାହତ କରିଛି। ବିଦ୍ୟୁତ୍ ବିଭାଗର ବେପରୁଆ କାର୍ଯ୍ୟ ସହିତ ଜଙ୍ଗଲ ଓ ପରିବେଶ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ବିଲୁପ୍ତପ୍ରାୟ ଏହି ବୃହତ୍ ପ୍ରାଣୀଗୁଡ଼ିକର ଜୀବନ ଗଲା। ଏହାକୁ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଭିତ୍ତିକରି ଏନ୍‌ଜିଟି ନିଜ ଆଡୁ ଏକ ମାମଲା ଦାଏର କରି ବିଦ୍ୟୁତ୍ ବଣ୍ଟନ କମ୍ପାନୀ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି(ସେସୁ)କୁ ୧ କୋଟି ଟଙ୍କାର ଜରିମାନା କରିଛନ୍ତି। ସେସୁର ଅବହେଳା ଯୋଗୁ ୭ ହାତୀଙ୍କର ଜୀବନ ଗଲା ବୋଲି ଏନଜିଟି ଅଧ୍ୟକ୍ଷ ଜଷ୍ଟିସ ଆଦର୍ଶ କୁମାର ଗୋଏଲ ଦର୍ଶାଇ ଏହି ଆର୍ଥିକ ଦଣ୍ଡ ଶୁଣାଇଛନ୍ତି। ଏଥିସହିତ ତିନିଜଣିଆ ଏନ୍‌ଜିଟି ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବାକୁ ଗୋଏଲ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୨୬ ତାରିଖ ରାତିରେ ଢେଙ୍କାନାଳ ଜିଲା ☞ପୃଷ୍ଠା-୬

**ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣା**



## ■ ଦାନ୍ତେୱାଡ଼ାରେ ମାଓବାଦୀ ଆକ୍ରମଣ: ୨ ପୋଲିସ ଶହୀଦ

# ଓଡ଼ିଆ କ୍ୟାମେରାମ୍ୟାନ୍ ନିହତ

ରାୟପୁର/ମାଲକାନଗିରି,୩୦।୧୦ (ଆଇଏଏନ୍‌ଏସ୍/ଡି.ଏନ୍.ଏ.)

ବିଧାନସଭା ନିର୍ବାଚନ ପୂର୍ବରୁ ଛତିଶଗଡ଼ର ଦାନ୍ତେୱାଡ଼ାରେ ମଙ୍ଗଳବାର ମାଓବାଦୀମାନେ ରଚିଛନ୍ତି ସଂହାରଲୀଳା। ମାଓବାଦୀଙ୍କ ଆକ୍ରମଣରେ ଜଣେ ଓଡ଼ିଆ କ୍ୟାମେରାମ୍ୟାନ୍‌ଙ୍କ ମୃତ୍ୟୁ ଘଟିଥିବାବେଳେ ୨ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି। ଏଥିରେ ଅନ୍ୟ ୨ ପୋଲିସ କର୍ମୀ ଓ ଜଣେ ଖବରଦାତା ଆହତ ହୋଇଛନ୍ତି। ୪ ଦିନ ମଧ୍ୟରେ ଏହା ହେଉଛି ମାଓବାଦୀଙ୍କ ଦ୍ୱିତୀୟ ଆକ୍ରମଣ। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ୧୮ ନିର୍ବାଚନମଣ୍ଡଳୀରେ ନଭେମ୍ବର ୧୨ରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏହି ଆସନଗୁଡ଼ିକ ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ସୁରୁଖୁରୁରେ ମତଦାନ କରାଇବା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ବନ୍ଦୋବସ୍ତ କରାଯାଉଛି। ନିର୍ବାଚନକୁ ୧୩ ଦିନ ବାକି ଥିବାବେଳେ ମଙ୍ଗଳବାର ଦାନ୍ତେୱାଡ଼ା ଜିଲା ଅରନ୍‌ପୁର ଅଞ୍ଚଳରେ ଖବର ସଂଗ୍ରହ ପାଇଁ ଦୂରଦର୍ଶନର ଏକ ୩ ଜଣିଆ ଟିମ୍ ଯାଉଥିଲା। ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଆଶଙ୍କା କରି ନିରାପତ୍ତା ଦୃଷ୍ଟିରୁ ସେମାନଙ୍କ ସହ ଏକ ପାଟ୍ରୋଲିଂ ପାର୍ଟି ମଧ୍ୟ ଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୨୦ରେ ଉକ୍ତ ଟିମ୍ ଅରନ୍‌ପୁର ଥାନାରୁ ଏକ ଗାଡ଼ିରେ ନିଲୱାୟା ଗ୍ରାମ ଅଭିମୁଖେ ଅଗ୍ରସର ହେଉଥିବାବେଳେ ରାସ୍ତାରେ ମାଓବାଦୀମାନେ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ମାଓବାଦୀଙ୍କ ଆଖିବୁଜା ଗୁଳିମାଡ଼ରେ ଟଳିପଡ଼ିଥିଲେ



ଅଚ୍ୟୁତାନନ୍ଦ ସାହୁ

ଦୂରଦର୍ଶନର କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁ, କନ୍‌ଷ୍ଟେବଲ ମଙ୍ଗଳରାମ ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ରୁଦ୍ରପ୍ରତାପ ସିଂ। ଏଥିରେ ପୋଲିସ କର୍ମଚାରୀ ବିଷ୍ଣୁ ନେତମ୍ ଓ ରାକେଶ କୌଶଲ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦାନ୍ତେୱାଡା ଏସ୍‌ପିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଆକ୍ରମଣସ୍ଥଳରେ ପହଞ୍ଚି ଛାନବିନ୍ ଚଳାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନ ଚାଲିଛି ବୋଲି ଏକ ଖବରଦାତା ସମ୍ମିଳନୀରେ ଡିଆଇଜି (ନକ୍ସଲ ନିରୋଧୀ ଅପରେଶନ) ସୁନ୍ଦରରାଜ୍ ସୂଚନା ଦେଇଛନ୍ତି। ନିର୍ବାଚନ ଭଣ୍ଡୁର କରିବା ପାଇଁ ମାଓବାଦୀମାନେ ଏଭଳି କାଣ୍ଡ ଭିଆଇଥିବା କୁହାଯାଉଛି। କାରଣ ଏହି ୧୮ ନିର୍ବାଚନମଣ୍ଡଳୀରେ ଭୋଟ ବର୍ଜନ କରିବା ପାଇଁ ସେମାନେ ପୂର୍ବରୁ ଆହ୍ୱାନ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଉଥିବା ଏହି ୧୮ ଆସନ ମଧ୍ୟରେ ଦାନ୍ତେୱାଡ଼ା ମଧ୍ୟ ରହିଛି। ☞ପୃଷ୍ଠା-୬


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


# ‘ଅଗ୍ନି-୧’ର ରାତ୍ରିକାଳୀନ ପରୀକ୍ଷଣ

ବାଲେଶ୍ୱର ଅଫିସ, ୩୦।୧୦

ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଭାରତର ଆନ୍ତଃମହାଦେଶୀୟ ବାଲିଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି-୧ର ସଫଳ ପରୀକ୍ଷଣ ମଙ୍ଗଳବାର ରାତି ୮ଟା ସମୟରେ ହୋଇଛି। ଭଦ୍ରକ ସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଏହି କ୍ଷେପଣାସ୍ତ୍ରକୁ ନିକ୍ଷେପ କରାଯାଇ ପରୀକ୍ଷଣ କରାଯାଇଥିଲା। ପ୍ରଥମ କରି ରାତି ସମୟରେ ଭାରତୀୟ ସେନାର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡୋଙ୍କ ପକ୍ଷରୁ ଏହାର ବ୍ୟବହାରିକ ପରୀକ୍ଷା କରାଯାଇଥିବା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷଣ ସମୟରେ ପ୍ରତିରକ୍ଷା ବିଶେଷଜ୍ଞ ଓ ବୈଜ୍ଞାନିକ ଉପସ୍ଥିତ ଥିଲେ। ☞ପୃଷ୍ଠା-୬

# ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ରାଜ୍ୟ ସରକାର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି। ଏ ନେଇ ମଙ୍ଗଳବାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅଦକ୍ଷ୍ୟକୁଶଳ ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ବର୍ତ୍ତମାନ ମଜୁରିର ୪୦% ବୃଦ୍ଧି କରାଯାଇଛି। ସରକାରୀ ଘୋଷଣା ମୁତାବକ ଅଣକୁଶଳ ଶ୍ରମିକମାନଙ୍କ ଦୈନିକ ମଜୁରି ୨୦୦ ଟଙ୍କାରୁ ୨୮୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅର୍ଦ୍ଧକୁଶଳ ଶ୍ରମିକଙ୍କର ୪୫% ହିସାବରେ ୨୨୦ରୁ ୩୨୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ କୁଶଳ ଶ୍ରମିକଙ୍କର ୫୪% ହିସାବରେ ୨୪୦ରୁ ୩୭୦ ଟଙ୍କା ଏବଂ ଉଚ୍ଚ କୁଶଳ ଶ୍ରମିକମାନଙ୍କର ଦୈନିକ ମଜୁରି ୬୫% ହିସାବରେ ୨୬୦ ଟଙ୍କାରୁ ୪୩୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିସହିତ ୧୫ଟି ନିୟୋଜନ କାର୍ଯ୍ୟାଳୟରେ ଠିକାକାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ମଧ୍ୟ ମଜୁରି ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ଏବଂ ରାଜ୍ୟ ସର୍ବନିମ୍ନ ମଜୁରି ଉପଦେଷ୍ଟା ପରିଷଦ ଦରବୃଦ୍ଧି, ଖାଉଟି ମୂଲ୍ୟସୂଚୀ, ବଜାର ଦର ଏବଂ ପଡୋଶୀ ରାଜ୍ୟଗୁଡ଼ିକର ସର୍ବନିମ୍ନ ମଜୁରିକୁ ଦୃଷ୍ଟିରେ ରଖି ୩ ବର୍ଷ ପରେ ସର୍ବନିମ୍ନ ମଜୁରିରେ ସଂଶୋଧନ କରିଛନ୍ତି। ଏହି ସଂଶୋଧିତ ସର୍ବନିମ୍ନ ମଜୁରୀ ☞ପୃଷ୍ଠା-୬

**କାହାର କେତେ ବଢ଼ିଲା**

- ■ ଅଣକୁଶଳ ୪୦%
- ■ ଅର୍ଦ୍ଧକୁଶଳ ୪୫%
- ■ କୁଶଳ ୫୪%
- ■ ଉଚ୍ଚକୁଶଳ ୬୫%



# ବିଧାୟକ ପଦରୁ ସଗରିଆଙ୍କ ଇସ୍ତଫା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

କୋରାପୁଟ କଂଗ୍ରେସ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିଧାୟକ ପଦରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ନିଜ ଇସ୍ତଫା ନେଇ ମଙ୍ଗଳବାର କୃଷ୍ଣ ବିଧାନସଭା କାର୍ଯ୍ୟାଳୟକୁ ଜଣାଇଛନ୍ତି। ବାଚସ୍ପତି ପ୍ରଦୀପ ଅମାତ ରାଜଧାନୀରେ ନ ଥିବାରୁ ତାଙ୍କ ଇସ୍ତଫାପତ୍ର ଆନୁଷ୍ଠାନିକ ଭାବେ ଗ୍ରହଣ ହୋଇନାହିଁ। ଆସନ୍ତା ନଭେମ୍ବର ୬ରେ ବାଚସ୍ପତି ଅମାତଙ୍କୁ ଭେଟି ଇସ୍ତଫାପତ୍ର ଦେବେ ବୋଲି ସେ ସୂଚନା ଦେଇଛନ୍ତି।

ନିଜ ଇସ୍ତଫା ସମ୍ପର୍କରେ କୃଷ୍ଣ କହିଛନ୍ତି, ଗତ ୧୦ତାରିଖରେ କୁନ୍ଦୁଲି ପୀଡ଼ିତା ଆତ୍ମହତ୍ୟାର ବର୍ଷେ ପୂରଣ ହୋଇଛି। ପୀଡ଼ିତାଙ୍କ ସହ ବିତିଥିବା ସମସ୍ତ ଘଟଣା ହୃଦୟ ବିଦାରକ ଏବଂ ମର୍ମନ୍ତୁଦ। ବଳାତ୍କାରର ଶିକାର ହେବା ପରେ ତାଙ୍କୁ ନ୍ୟାୟ ଦିଆଗଲା ନାହିଁ। ଏମିତି କି ପୀଡ଼ିତାଙ୍କ ମୃତ୍ୟୁ ପରେ ମଧ୍ୟ ଜଣେ ବି ଦୋଷୀଙ୍କୁ ପ୍ରଶାସନ ଦଣ୍ଡ ଦେଇ ପାରିଲା ନାହିଁ। ପୀଡ଼ିତା ସମାଜର ମୁଁ ଜଣେ ନିର୍ବାଚିତ ପ୍ରତିନିଧି। ପାରୁ ପର୍ଯ୍ୟନ୍ତ ତାଙ୍କର ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ଜାତୀୟ ଏସ୍‌ସି କମିଶନଙ୍କ ଦ୍ୱାରସ୍ଥ ହୋଇଥିଲି। ହେଲେ କୌଣସି ସୁଫଳ ପାଇନାହିଁ। ତେଣୁ ନୈତିକ ଦାୟିତ୍ୱ ନେବା ସହ ପ୍ରତୀକାତ୍ମକ ଭାବେ ବିଧାୟକ ପଦରୁ ଇସ୍ତଫା ଦେଉଥିବା କୃଷ୍ଣ କହିଛନ୍ତି। ଆସନ୍ତା ୧୦ତାରିଖରେ ଦଳିତ ସମାଜର ଅର୍ଥନୈତିକ-ରାଜନୈତିକ ସମସ୍ୟା ନେଇ ଆଲୋଚନାଚକ୍ର କରାଯିବ। ସେହିପରି ଡିସେମ୍ବର ୬ ତଥା ☞ପୃଷ୍ଠା-୬

**କୁନ୍ଦୁଲି ପୀଡ଼ିତାଙ୍କୁ ନ୍ୟାୟ ପ୍ରସଙ୍ଗ**

- ■ ୬ରେ ବାଚସ୍ପତିଙ୍କୁ ଭେଟିବେ
- ■ ୧୦ରେ ପରବର୍ତ୍ତୀ ପଦକ୍ଷେପ ନେଇ ରଣନୀତି
- ■ କଂଗ୍ରେସରେ ରହିବେ



କୃଷ୍ଣଚନ୍ଦ୍ର ସଗରିଆ

**ଆଜିର ସମ୍ପାଦକୀୟ**

**ପ୍ରମାଣ ଲାଗି ସୁଯୋଗ**

**ଆଜିର ମନ୍ତବ୍ୟ**

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ସହ ପ୍ରତାରଣା କରିଛନ୍ତି।

– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

# ବିଚାରପତିଙ୍କ ତଦାରଖରେ ଚାଲିବ ତଦନ୍ତ

କଟକ ଅଫିସ, ୩୦।୧୦

କଟକରେ ଓକିଲଙ୍କ ବିବାଦକୁ ନେଇ ଉପୁଜିଥିବା ବିବାଦ ମଙ୍ଗଳବାର ଆଉ ଏକ ମୋଡ଼ ନେଇଛି। ହାଇକୋର୍ଟ ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଗତ ଅଗଷ୍ଟ ୨୮ରେ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି ହାଇକୋର୍ଟରେ ହୋଇଛି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା। ବରିଷ୍ଠ ଆଇନଜୀବୀ ବିଜନ ରାୟ ଆନ୍ଦୋଳନକାରୀ ଓକିଲଙ୍କ ପକ୍ଷରୁ ପକ୍ଷ ରଖି କହିଥିଲେ ଯେ, ଆଇନଜୀବୀ ଏବଂ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମାମଲାର ତଦନ୍ତ ତୁରନ୍ତ ଶେଷ ହେବା ଆବଶ୍ୟକ। ତେଣୁ ତଦନ୍ତକାରୀ ଅଧିକାରୀ ୫ ଦିନ ମଧ୍ୟରେ ତଦନ୍ତ ସମ୍ପର୍କିତ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ରାୟ ଯୁକ୍ତି ବାଢ଼ିଥିଲେ। ଏପରିକି ମାମଲାର ତଦନ୍ତ କାର୍ଯ୍ୟ ହାଇକୋର୍ଟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ଆଡଭୋକେଟ ରାୟ ପ୍ରସ୍ତାବ ଦେଇଥିଲେ। ଏହା ପରେ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ଆଦେଶନାମା ଜାରି କରିଛନ୍ତି। ଏହି ଅନୁଯାୟୀ, ହାଇକୋର୍ଟ ବିଚାରପତି ଜଷ୍ଟିସ ସି.ଆର୍. ଦାସଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ କରାଯିବ। ତଦନ୍ତକାରୀ ଅଧିକାରୀ ପ୍ରତିଦିନ ତଦନ୍ତ ସମ୍ପର୍କିତ ରିପୋର୍ଟ ଜଷ୍ଟିସ ଦାସଙ୍କ ନିକଟରେ ଦାଖଲ କରିବେ। ମାମଲାର ପରବର୍ତ୍ତୀ ଶୁଣାଣି ଅର୍ଥାତ୍ ନଭେମ୍ବର ୯ ତାରିଖ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଖଣ୍ଡପୀଠ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚକୁ ଆଦେଶ ଦେଇଛନ୍ତି। ☞ପୃଷ୍ଠା-୬

**ଓକିଲ ବିବାଦ**





- ■ ୯ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ
- ■ ଗୁରୁବାର ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

## ■ ଆନ୍ଦୋଳନ ବେଳେ ମହିଳା ଆଇନଜୀବୀଙ୍କୁ ଅସଦାଚରଣ

# ବିଧାୟକଙ୍କ ପୁଅ ନାଁରେ ମାମଲା

କଟକ ଅଫିସ, ୩୦।୧୦

ଆନ୍ଦୋଳନ ସମୟରେ ଜଣେ ମହିଳା ଆଇନଜୀବୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର କଟକ ଲାଲବାଗ ଥାନାରେ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀ ଓରଫ ଟୁବୁଙ୍କ ସମେତ ବିଜୁ ଯୁବ ବାହିନୀର ଅନ୍ୟ ଦୁଇ ଜଣଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି ଜଣେ ମହିଳା ଆଇନଜୀବୀ। ଏନେଇ ଆଇପିସି ଦଫା ୨୯୪, ୩୫୪ ଓ ୩୪ରେ ଏକ ମାମଲା (ନଂ.୧୬୯/୧୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ବିଶ୍ୱଜିତ୍ ମହାନ୍ତି ଜଣାଇଛନ୍ତି। ଆଇନଜୀବୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହାଇକୋର୍ଟ ବାର୍ ଆସୋସିଏଶନର ଆନ୍ଦୋଳନ ଚାଲୁଥିଲା। ଏହି ସମୟରେ ହାଇକୋର୍ଟ ମୁଖ୍ୟ ଫାଟକ ସାମ୍ନାରେ ସେ ତାଙ୍କର ବନ୍ଧୁ ଆଇନଜୀବୀମାନଙ୍କ ସହ ଛିଡ଼ା ହୋଇଥିଲେ। ହଠାତ୍ ବିଜେଡି ଲିଗାଲ ସେଲ୍‌ର ଆଇନଜୀବୀମାନେ ଦଳବଦ୍ଧ ଭାବେ ମାଡ଼ି ଆସିଥିଲେ। ଏହି ସମୟରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ତଥା ବିଜୁ ଯୁବ ବାହିନୀ ସଦସ୍ୟ ଦେବୀ ରଞ୍ଜନ ତ୍ରିପାଠୀ କେତେଜଣ ସହଯୋଗୀଙ୍କ ସହ ଆସି ଭିଡ ☞ପୃଷ୍ଠା-୬


**ଭଇଁଷାପାଳି ପର୍ଯ୍ୟନ୍ତ ସରିଲା ସ୍ପିଡ୍ ଟ୍ରାଏଲ**

**ବାଘମୃତ୍ୟୁ ଘଟଣା: ଟେର୍ ପାଉନି ବନ ବିଭାଗ**

........୧୭........

**ନାବାଳିକାଙ୍କୁ ଗଣବଳାତ୍କାର: ୪ଗିରଫ**

........୬........



NECC NATIONAL EGG CO-ORDINATION COMMITTEE 30.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 73 | 123 | 133 |
| BDK | 73 | 123 | 133 |
| BLS | 73 | 123 | 133 |
| ANG | 75 | 126 | 136 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers



"ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶିବମ୍ ଶାସ୍ୱତି
ପରିବାରବର୍ଗ



ବାବୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Tanti groom Infosys 28+, Bank 31, TCS 29. Samadhan: 8594926181. D-65041

ଗୋପାଳ ଜାତିର ସରକାରୀ ଚାକିରିଆ ପୁଅ ପାଇଁ ଉପଯୁକ୍ତ ଝିଅ ଦରକାର। 9668769404, 7656994363, 9937997962. D-9010

Divorcee groom Teacher 42, Bank 31, Doctor 39+. Samadhan: 8594926181. D-65040

ମାଟିବଂଶ ଜାତିର ପାତ୍ର ପାଇଁ ଗ୍ରାଜୁଏଟ୍ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। ମୋ: 9937858319. D-9150

(ଭୁବନେଶ୍ୱର) M.Tech, 1990, ବ୍ରାହ୍ମଣ, 5'11", Bank Manager ପାଇଁ Bank ପାତ୍ରୀ ଆବଶ୍ୟକ। 9040613302, 6371354020. D-9159

### GROOM WANTED

Gopal bride SBI 26+, Infosys 28, TCS 25. Samadhan. 8594926181. D-65039

Beautiful & sober Khandayat bride 1981, 5'4", MA (Pol. Science) required suitable proposals. Contact: 9348243488. D-64906

Wanted Karan boy for my daughter fair, 5'4", slim, 26, 16/7 M.Tech Civil BPUT engaged private Engg. College, Govt./ PSU preferred. 9861216162. D-9041

Divorcee bride Bank 39, Railway 32 (Caste-nobar). 7873374269. D-65042

## classified

### automobile

### SALE

White colour Bolero Plus 2017 (October) 54000 km. run, silve colour Bolero plus 2016 (August) 62000 km. run. 9937853681, 9438020839. D-9096

Bolero plus, Swift Dezire, Swift VDI, Hondacity, Tata ACE, Maximo Dala/ Passenger. 9853020992. D-63399

Alto, WagonR, Swift, Dzire, Vento, Indigo, Scorpio, Nishan Micra, Ford Figo, Ford Fiesta, Xcent, Santro, i10, i20, Sail, Beat, Spark, Inova, Honda Amaze, Honda City, Mahindra Logan, Mahindra Verito and many more for sale. Contact: 7440000832, 8599005885. D-9138

### real estate

### SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089501, 9040089507. D-63396

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାଡ଼ି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Duplex core house ranging Rs. 95,00,000/- land area 2000 sqft., construction 2800 sqft., 4BHK at Pokharipur, Bhubaneswar. Contact: 9861125539, 9040521173. D-63398

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

3 storied building 4000 sqft. builtup area. Each floor 3BHK guest house for sale, we can also sale floorwise. Near Dhauli OTDC Tourist Centre, Bhubaneswar. Contact: 9337730923. D-63400

CV Raman new road ପାଖରେ 4000 sqft. plot ବିକ୍ରିହେବ। 9937910363. D-63863

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-9147

ସୁନ୍ଦରପଦା କୁହା ମୌଜାରେ ଘରବାଡି ପାଚେରି ପ୍ଲଟ୍ ବିକ୍ରିହବ। 9439364818, 9337766961. D-9148

ଖୋର୍ଦ୍ଧା Jupiter +2 science କଲେଜକୁ ଲାଗି ଘର ଉପଯୋଗୀ ପ୍ଲଟ ମିଳୁଅଛି। 9583032439. D-64359

Bhubaneswar ନିକଟସ୍ଥ ପିତାପଲ୍ଲି ଛକରେ NHରୁ 100' ଦୂରତାରେ BDA plot 30' ରାସ୍ତାଥାଇ sqft. 450/-ରେ ମିଳୁଅଛି। 9090963952, 9937605788. D-64360

### construction

Construct your building in finished house contact: 9937064680. D-27282

### TO LET

Sambalpur space on Mainroad, Budharaja 1500 to 2000 sqft. for Bank / Corporate / Comm. Institute/ Insurance. Contact: 8917500281, 8895617700. D-64527

Flat for rent (residence) in BJB Nagar 3BR 2nd floor with Garage. Contact: 9937203178. D-62133

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### healthcare

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

New new opening full body massege ladies, gents. 7438851534, 7609923705. D-38538

Madam Monalisa massage club-50% discount full body massage by hiprofile smart lady therapist. 9708545108. D-9167

### AFFIDAVIT

By virtue of an affidavit sworn by me before Notary Public, Bhubaneswar on 15.10.18, I have changed my name from Mahendra Gupta to Mahendra Kumar Gupta S/o. Late Jagadish Rai Gupta, Cuttack Road, Niwas, Bhubaneswar-751006. Henceforth, I shall be known as Mahendra Kumar Gupta instead of Mahendra Gupta. Further wherever my name appears as Mahendra Gupta the same shall be read as Mahendra Kumar Gupta. D-9158

### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



(ସୋମ)

**ସୌରଭ ରଞ୍ଜନ କେତକୀ**

ବାପା-ରତନ କେତକୀ, ମା-ସନ୍ଧ୍ୟାରାଣୀ କେତକୀ
ଗ୍ରାମ-ବିଶି କଲୋନୀ, ଲକ୍ଷ୍ମୀନଗର,
ପୋଷ୍ଟ/ଜିଲ୍ଲା-ନୂଆପଡ଼ା

ତୋର ପଞ୍ଚମ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକମନା। ତୋର ଚଲାପଥ କୁସୁମିତ ହେବା ସହ ଉଜ୍ଜ୍ୱଳ ଓ ଦୀର୍ଘମୟ ହେଉ। **ଶୁଭେଚ୍ଛା ସହ:** ସନାତନ, ଉମାକାନ୍ତି ଚନ୍ଦନ, ସଞ୍ଜୁ, ଟିକେଲାଲ, ଅରୁଣ, ସୀମା, ଶ୍ରୁତୀ, କୁନୁ, କୁନାଲ, ତନ୍ମୟ, ସ୍ୱାଗତ, ସ୍ୱୀୟସ୍ୱ, ଅଜା, ଆଈ, ସପରିବାର, ବନ୍ଧୁବାନ୍ଧବ। ଧ-୬୨୪୫୫

### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



(ପୁଟୁ)

**ଆଦ୍ୟାଶା ପାତ୍ର**

ଇ-୪/୧୨, ହାଉସିଂବୋର୍ଡ କଲୋନୀ, ସତ୍ୟନଗର

ଶୁଭ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ଭଗବାନ ତୁମକୁ ଦୀର୍ଘାୟୁ ଏବଂ ନୀରୋଗ କରନ୍ତୁ। ବାପା-ଅଜିତ୍ କୁମାର ପାତ୍ର, ମା-ଦୀପ୍ତିମୟୀ ପାତ୍ର, ଜେଜେବାପା-ରାମଚନ୍ଦ୍ର ପାତ୍ର, ଜେଜେମା-ଜ୍ୟୋତିର୍ମୟୀ ପାତ୍ର, ଦାଦା, ଖୁଡୀ, ଅଜା, ଆଈ, ଆରୁନ୍, ସାଇ, ପ୍ରେମ୍‌ଙ୍କ ତରଫରୁ ଶୁଭେଚ୍ଛା। ଧ-୯୦୪୫

### Birthday Wish



**Prachurya Pritilagna**
**Avana, Balasore**
Wishing you a very very
***Happy Birthday to you***

ଆଶୀର୍ବାଦ ଏବଂ ଶୁଭେଚ୍ଛା ସହ: ବାପା, ମା, ଜେଜେବାପା, ଜେଜେମା, ପିଉସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୯୧୬୫

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



(ବାବୁନି)

**ଶ୍ରୀମାନ୍ ଦିବ୍ୟଜ୍ୟୋତି ସ୍ୱାଇଁ**
**ପ୍ରାଚୀ ବିହାର, କାକଟପୁର**

ତୁମକୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଜଗତ୍‌ଜନନୀ ମା'ମଙ୍ଗଳା ଦୀର୍ଘାୟୁ କରନ୍ତୁ। **ଶୁଭେଚ୍ଛା ସହ:** ଜେଜେ, ଜେଜେମା, ମାମା, ପାପା, ବନ୍ଧୁ ଓ ପରିବାରବର୍ଗ। ଧ-୯୧୪୯

Now Matrimonial ads. only on Wednesday & Sunday
Book 1 Get 1 FREE

■ ଘୂର୍ଣ୍ଣିବଳୟ

# ବର୍ଷା ସମ୍ଭାବନା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)- ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳକୁ ସମ୍ପ୍ରସାରିତ ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶା ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଆସନ୍ତା ୩ ତାରିଖ ଯାଏ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉପକୂଳରେ ବାୟୁ ପ୍ରବାହ ବେଗ ବୃଦ୍ଧି ପାଇଥିବାରୁ ଆସନ୍ତା ୨୪ ଘଣ୍ଟା ଯାଏ ସମୁଦ୍ର ମଧ୍ୟମକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ରାଜ୍ୟରେ ସାମାନ୍ୟ ଶୀତ ଅନୁଭୂତ ହେଉଛି। ତେବେ ଆଭ୍ୟନ୍ତରୀଣ ଓ ପାହାଡିଆ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ତଳକୁ ଖସି ଗଲାଣି। ମଙ୍ଗଳବାର ଦାରିଙ୍ଗ୍‌ବାଡିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ବରଗଡ଼ ବାଘ ମୃତ୍ୟୁକୁ ନେଇ ତେଜୁଛି ବିବାଦ

# ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ରିପୋର୍ଟ ମାଗିଲା ଏନ୍‌ଟିସିଏ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ) ବରଗଡ଼ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରୁ ରବିବାର ଏକ ବାଘର ଗଳିତ ମୃତଦେହକୁ ମାଟି ତଳୁ ଜବତ କରାଯାଇଥିଲା। ମୃତ ବାଘଟି କଲରାପତରିଆ ବୋଲି ବନ ବିଭାଗ ପକ୍ଷରୁ କୁହାଯିବା ପରେ ଏହାକୁ ନେଇ ବିବାଦ ତେଜିବାରେ ଲାଗିଥିବାବେଳେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ରିପୋର୍ଟ ତଲବ କରିଛନ୍ତି।

ବାଘଟିର ଖପୁରୀର ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭିନ୍ନ ସୋସିଆଲ ମିଡିଆରେ ରାଜ୍ୟ ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କାମ କରୁଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଏହାକୁ ମହାବଳ ବାଘ ବୋଲି ଦାବି କରିଛନ୍ତି। ମିଳିଥିବା ଖପୁରୀର ଫଟୋ ମହାବଳ ବାଘ ଖପୁରୀ ସହ ମେଳ ଖାଉଥିବା ସେମାନେ କହିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଘଟଣା ଘଟିଛି, ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସମ୍ପର୍କରେ ସବିଶେଷ ରିପୋର୍ଟ ଦେବା ପାଇଁ ଏନ୍‌ଟିସିଏ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ବାଘର ସଂରକ୍ଷଣ ଓ ସୁରକ୍ଷା ପାଇଁ ଥିବା ଏସ୍‌ଓପି ପାଳନ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ଏନ୍‌ଟିସିଏ ମୁଖ୍ୟ ଅନୁପ ନାୟକ କହିଛନ୍ତି, ଆମେ ବନ ବିଭାଗକୁ ତୁରନ୍ତ ରିପୋର୍ଟ ଦେବାକୁ କହିଛୁ। ରିପୋର୍ଟ ପାଇଲା ପରେ ଯାହା କିଛି କହିପାରିବୁ।

ପରିବେଶବିତ୍ ତଥା ବାଘ ବିଶାରଦ ଆଦିତ୍ୟ ପଣ୍ଡା କୁହନ୍ତି, ମିଳିଥିବା ଖପୁରିରୁ ତାହା ଏକ ମହାବଳ ବାଘ ବୋଲି ଜଣାପଡୁଛି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ଏବଂ ଏନ୍‌ଟିସିଏକୁ ଚିଠି ଲେଖିବୁ। ଦେବ୍ରୀଗଡ଼ ଜଙ୍ଗଲ ପଶ୍ଚିମ ପଟେ ଛତିଶଗଡ଼ ସହ ମିଶିଛି। ସେପଟୁ ବାଘ ଓଡ଼ିଶା ଭିତରକୁ ଆସନ୍ତି। କେବଳ ସେହି ଜାଗା ନୁହେଁ। ଅନେକ ଜଙ୍ଗଲକୁ ବାଘ ଆସୁଛନ୍ତି। କିନ୍ତୁ ବନ ବିଭାଗ ତାହାକୁ ଲୋକଲୋଚନକୁ ନ ଆଣି ଲୁଚାଇବା ପାଇଁ ଉଦ୍ୟମ କରିଥାଏ। କାରଣ ଜଙ୍ଗଲରେ ବାଘ ରହିଲେ ଦାୟିତ୍ୱ ବଢ଼ିଯିବ। ତେଣୁ ସ୍ଥାନୀୟ ବନ କର୍ମଚାରୀଙ୍କ ମଧ୍ୟରେ କଥା ଅଟକିଯାଇଥାଏ ବୋଲି ଆଦିତ୍ୟ କହିଛନ୍ତି।

### କିଛି ତଥ୍ୟ

୨୦୧୭-୧୮ରେ ଭାରତ ଆମେରିକାକୁ ପ୍ରାୟ ୪୭.୯ ବିଲିୟନ ଡଲାର ସାମଗ୍ରୀ ରପ୍ତାନି କରିଛି। ଏହି ସମୟରେ ସେଠାରୁ ଭାରତକୁ ୨୬.୭ ବିଲିୟନ ଡଲାରର ଆମଦାନୀ ହୋଇଛି।
–ବାଣିଜ୍ୟ ମନ୍ତ୍ରଣାଳୟ

## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୁଦାମ ସାଥୁଆ**

ଜଗନ୍ନାଥ ପ୍ରସାଦ, ମହୁଲପଡା
ଆବିର୍ଭାବ: ୬।୪।୧୯୫୩
ତିରୋଧାନ: ୨୨।୧୦।୨୦୧୮

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ହତଭାଗ୍ୟ: ପତ୍ନୀ-ତିଳୋତ୍ତମା ସାଥୁଆ, ଶୋକସନ୍ତପ୍ତ- ପୁତ୍ର-ମୁନା, ଟୁନା, ବୋହୂ-ଖୁସି, ଝିଅ-ଗୁନ, ରିନା, ଜ୍ୱାଇଁ- ରବି, ଶ୍ରୀକାନ୍ତ, ନାତି-ଅଜୟ, ମିଥୁନ, ନାତୁଣୀ-ମାମା, ସୋନୁ, ସୋନି, ରାନି, ବନ୍ଧୁ ପରିବାରବର୍ଗ। ଧ-୬୪୬୨୮

### ଷଷ୍ଠ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରତ୍ନମଞ୍ଜରୀ ଦାସ**

ଲବଣିଖିଆଛକ, ପୁରୀ

ତୁମ୍ଭର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୩୭୩୫

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିଷ୍ଣୁପ୍ରିୟା ମହାପାତ୍ର**

ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୨୦।୧୨।୧୯୪୮
ତିରୋଧାନ: ୨୦।୧୦।୨୦୧୮

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବୁ ଆଜିର ଦିନରେ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ-ଶରତ ଚନ୍ଦ୍ର, ଝିଅ-ସସ୍ମିତା, ଜ୍ୱାଇଁ-ନାରାୟଣ, ନାତି-କଳ୍ପନିଗମ, ବନ୍ଧୁ ଓ ପରିବାରବର୍ଗ। ଧ-୯୦୯୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭଗବାନ ବେଉରା**

ମଞ୍ଚେଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୨୩।୦୪।୧୯୪୦
ତିରୋଧାନ: ୨୧।୧୦।୨୦୧୮

ଆପଣଙ୍କ ସ୍ମୃତି ଓ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କର ଆଦର୍ଶ, ଧର୍ମପରାୟଣତା, ସରଳ ଅମାୟିକ ଜୀବନ ତ୍ୟାଗ, ସ୍ନେହ ଆମର ପଥପ୍ରଦର୍ଶିତ ହେଉ। ଆପଣଙ୍କ ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୪୦୦୩୧

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ମେନକା ସୁନ୍ଦରୀ ନାୟକ**

ସ୍ୱାମୀ ସ୍ୱର୍ଗତ ଆର୍ତ୍ତତ୍ରାଣ ନାୟକ
ବାଛରାପାଟଣା, ଜଟଣୀ
ଆବିର୍ଭାବ: ୧୮।୦୮।୧୯୪୫
ତିରୋଧାନ: ୨୨।୧୦।୨୦୧୮

ଆରତ ସାର୍‌ଙ୍କ ସ୍ତ୍ରୀ ମେନକା ସୁନ୍ଦରୀ ସୀଳା, ନିରୀହା, ସେନେହୀ ନାରୀଙ୍କୁ ବନ୍ଧୁ ପରିବାର ହେଉଛି ଝୁରି। ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ। ଧ-୯୧୬୦

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଯେତେ ପ୍ରକାରର ସୁବିଧା ଥିଲେ ମଧ୍ୟ କାମ ହାସଲରେ ବାଧା କାରଣରୁ ମାନସିକ ଅବସ୍ଥା ଭଲ ରହିବ ନାହିଁ। ବହୁତ ଦିନରୁ ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ କିଛି ବିଫଳତାକୁ ନେଇ ଚିନ୍ତିତ ରହିବେ। ପଡୋଶୀଙ୍କ ସହାୟତାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂର ହେବ। କୌଣସି ବିବାଦୀୟ ବିଷୟକୁ ନେଇ ପଡୋଶୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭିନ୍ନ ଦୃଷ୍ଟି କୋଣରୁ ବିଚାର କରିବେ। ଯେତେ ଅନୁନୟ ତଥା ବିନୟର ସହ କହିଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ** ସ୍ୱାସ୍ଥ୍ୟସମସ୍ୟା କ୍ରମଶଃ ସୁଧୁରିଯିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ଅନ୍ୟମାନଙ୍କ ପ୍ରଶଂସା ଭାଜନ ହେବେ। ସହକର୍ମୀମାନଙ୍କ ସାହାଯ୍ୟ ବିନା କାମଟିକୁ ହାସଲ କରିବା କଷ୍ଟକର ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସି ପାରନ୍ତି।

**କର୍କଟ** ଶତ୍ରୁତା କାରଣରୁ ଆଦୌ ପସନ୍ଦ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। କର୍ମକ୍ଷେତ୍ର କିମ୍ବା ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ମାଲିମକଦ୍ଦମାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ସିଂହ** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ କିନ୍ତୁ ଋଣ ପରିଶୋଧର ଚିନ୍ତା କରିପାରନ୍ତି। ପରିସ୍ଥିତି ବଶତଃ ଇଚ୍ଛା ନ ଥାଇ ମଧ୍ୟ ବହୁତ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ।

**କନ୍ୟା** ଆଜି ଯାହା ଓ ଯେମିତି ଆଶା କରିବେ ତାହା କଦାପି ନିଷ୍ଫଳ ହେବନାହିଁ। ପାଖରେ ଥିବା ଲୋକଟି ଆପଣଙ୍କ ସକାଶେ ବହୁତ ଉପକାରରେ ଆସିବାର ସମ୍ଭାବନା ରହିଛି। ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ କିନ୍ତୁ ଆଶାନୁରୂପ ନ ହୋଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇପାରେ।

**ତୁଳା** ବନ୍ଧୁମାନଙ୍କ ସହ ଆଜିର ଯାତ୍ରା କାଳରେ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଗୃହ ସଜ୍ଜାରେ ମନୋନିବେଶ କରିବା ସହ ବନ୍ଧୁଙ୍କ ଜରିଆରେ ଦ୍ରବ୍ୟଲାଭରୁ ଖୁସୀ ହେବେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସଫଳତା ମିଳିବା ସଙ୍ଗକୁ ପ୍ରଶାସନିକ ସ୍ତରରେ ଆଲୋଚନା ମଧ୍ୟ ଫଳପ୍ରଦ ହେବ।

**ବିଛା** ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବା ଜନିତ ଖୁସୀ ଅନୁଭବ କରିବେ। ବହୁତ ଦିନର ଆଶା ପୂରଣ ହେବା ସହ କୌଣସି ନୂତନ କାମରେ ବନ୍ଧୁମାନେ ସହଯୋଗର ହାତ ବଢାଇବେ। ପରିସ୍ଥିତିରେ ପଡି ଅନାବଶ୍ୟକ ଭାବରେ ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ। ଅଶାନ୍ତି ଲାଗିରହିବା ପଛରେ ପାରିବାରିକ ମତାନ୍ତର ହିଁ ମୁଖ୍ୟ କାରଣ ହେବ।

**ଧନୁ** ଆକସ୍ମିକ ଭାବରେ କୌଣସି ବିବାଦୀୟ ପରିସ୍ଥିତିରେ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆଜିର ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ଅବଶ୍ୟ ହେବ।

**ମକର** ଆଜି କର୍ମକ୍ଷେତ୍ରରେ ଆପଣ ଯେଉଁଥି ପାଇଁ ଆଶଙ୍କା କରୁଛନ୍ତି ସେହି କ୍ଷେତ୍ରରେ କିଛି ଅସୁବିଧା ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ। ପୁରାତନ ରୋଗ, ଦୀର୍ଘକାଳୀନ ଋଣ ଓ ପରୋକ୍ଷଶତ୍ରୁତା ହେତୁକ ଚିନ୍ତାରେ ସମୟ କାଟିପାରନ୍ତି।

**କୁମ୍ଭ** ଅନ୍ୟମନସ୍କତାଜନିତ ସତର୍କତା ଅଭାବରୁ ହଠାତ୍ କଳହ, ପ୍ରତିହିଂସା,ବାଦବିବାଦ, ଧନହାନି ଓ ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** କର୍ମକ୍ଷେତ୍ରରେ ଏବଂ ପରିବାର ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ଦିଗରୁ ଉପକୃତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ। ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ବିଭିନ୍ନ ଦିଗରୁ ଲାଭବାନ ହେବେ।

ଆଜି କାର୍ତ୍ତିକ କୃଷ୍ଣପକ୍ଷର କାଳାଷ୍ଟମୀ ବୁଧବାର, ଅକ୍ଟୋବର ୩୧ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର- ପୁଷ୍ୟା/କର୍କଟ, କର୍କଟ ରାଶିର ଘାତବାର, ଦିବା ଘ.୮।୦୬ମି. ଗତେ ଘ.୧୦।୨୦ମି. ମଧ୍ୟେ, ଘ.୧୧।୫୫ମି. ଗତେ ଘ.୧।୩୦ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦।୨୦ମି. ଗତେ ଘ.୧୧।୫୫ମି. ମଧ୍ୟେ, ଘ.୨।୫୫ମି. ଗତେ ଘ.୪।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧।୩୦ମି. ଗତେ ଘ.୧୨।୫୫ମି. ମଧ୍ୟେ ରାହୁକାଳ।



ଜମ୍ମୁ-କଶ୍ମୀରରେ ଚଳିତବର୍ଷ ୧୬୪ ଯୁବକ ଆତଙ୍କବାଦୀ ସଂଗଠନରେ ସାମିଲ ହୋଇଛନ୍ତି। ସେନା ପକ୍ଷରୁ ଆରମ୍ଭ ହୋଇଥିବା ଅପରେଶନ ଅଲ୍‌ଆଉଟ୍ ଅଭିଯାନରେ ଇତିମଧ୍ୟରେ ୧୮୦ ଆତଙ୍କବାଦୀ ନିହତ ହୋଇଛନ୍ତି। ନିୟନ୍ତ୍ରଣ ରେଖାଠାରେ ୩୫୦ରୁ ୪୦୦ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ସୁଯୋଗକୁ ଅପେକ୍ଷା କରିଥିବା ଭାରତୀୟ ଗୋଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିଛି।






## ସଂକ୍ଷେପରେ

ଫସଲ ନଷ୍ଟ, ଋଣଭାର ଅସହ୍ୟ

### ଭାଗଚାଷୀଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୩୦।୧୦:** ଫସଲ ନଷ୍ଟ, ଋଣ ଭାର ସହି ନ ପାରି ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଫାଣ୍ଡି ତାଳବରକୋଟ ଗ୍ରାମର ଜଣେ ଚାଷୀ ମଙ୍ଗଳବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୈଳାସ ନାୟକ (୫୫)। ପରିବାର ଲୋକଙ୍କ କହିବା ଅନୁଯାୟୀ, କୈଳାସ ୩ଏକର ଜମିରେ ଭାଗଚାଷ କରିଥିଲେ। ଏଥି ଲାଗି ସେ ହାତଉଧାରି କରଜ କରିଥିଲେ। ତିତ୍‌ଲି ବାତ୍ୟା ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ ଚାଷ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇଗଲା। ଏ ନେଇ ସେ ପ୍ରଶାସନକୁ ଜଣାଇଥିଲେ। କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଭାଗଚାଷୀ ହୋଇଥିବାରୁ ସମବାୟ ସଂସ୍ଥାରୁ ଋଣ ମଧ୍ୟ ମିଳିଲାନି। ସବୁଆଡୁ ହତାଶ ହେବା ପରେ ସେ ସୋମବାର କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଚାଷୀ ଆତ୍ମହତ୍ୟା ଅଭିଯୋଗ ସମ୍ପର୍କରେ କୌଣସି ସୂଚନା ନ ଥିବା ବିଡିଓ ସରୋଜ କୁମାର ଦତ୍ତ କହିଛନ୍ତି। ଏ ନେଇ ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା କୁହନ୍ତି, ସେ ଭାଗଚାଷୀ ଥିଲେ। ହାତ ଉଧାରି ଋଣ କରିଥିଲେ। କୀଟନାଶକ ପିଇ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।

### ଜେଲ୍‌ରେ ସବ୍ୟସାଚୀଙ୍କ ଅନଶନ

**ବ୍ରହ୍ମପୁର ଅଫିସ୍,୩୦।୧୦:** ବ୍ରହ୍ମପୁର ମଣ୍ଡଳ କାରାଗାରରେ ମଙ୍ଗଳବାର ପୂର୍ବାହ୍ନରୁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଅନଶନ ଆରମ୍ଭ କରିଥିବା ତାଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି । ସବ୍ୟସାଚୀଙ୍କୁ ଦଶପଲ୍ଲା ପୋଲିସ ଏକ ମାମଲାରେ ନେବା ପାଇଁ ଆସିଥିବା ବେଳେ ସେ ଯିବା ପାଇଁ ମନା କରିଦେଇଥିଲେ। ବ୍ରହ୍ମପୁର କାରାଗାର କର୍ତ୍ତୃପକ୍ଷ ଦଶପଲ୍ଲା କୋର୍ଟରେ ହାଜର କରାଯିବା ପାଇଁ ନେବାକୁ ନିୟମ ରହିଥିବା ବେଳେ ସେଠାକାର ପୋଲିସ ହାତରେ ଦଶପଲ୍ଲା କୋର୍ଟରେ ହାଜର କରିବା ନିୟମ ବିରୋଧୀ ବୋଲି ସେ ଅଭିଯୋଗ ଉଠାଇଥିଲେ । ଦଶପଲ୍ଲା କୋର୍ଟରେ ହାଜର ପାଇଁ ସବ୍ୟସାଚୀଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାର କର୍ତ୍ତୃପକ୍ଷ ଯଦି ଦଶପଲ୍ଲା ପୋଲିସ ହାତରେ ଛାଡିଦିଆନ୍ତି ତେବେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି । ଦଶପଲ୍ଲା ପୋଲିସ ବିରୋଧରେ ସବ୍ୟସାଚୀ ଏକ ମାମଲା ରୁଜୁ କରିଥିବା ହେତୁ ସେ ଭୟ କରୁଛନ୍ତି ବୋଲି ତାଙ୍କ ଓକିଲ ପଟ୍ଟନାୟକ ସୂଚନା ଦେଇଛନ୍ତି । ସବ୍ୟସାଚୀଙ୍କ ଅନଶନ ହେତୁ ଦଶପଲ୍ଲା ପୋଲିସ ମଣ୍ଡଳ କାରାଗାରରେ ଦନତମାମ୍ ରହି ଫେରି ଯାଇଥିଲା । ଖବର ଲେଖିବା ସୁଦ୍ଧା ସବ୍ୟସାଚୀଙ୍କ ଅନଶନ ଜାରି ରହିଥିବା ସୂଚନା ମିଳିଛି ।




## କମଳାଙ୍ଗ ହାତୀ ମୃତ୍ୟୁ ଘଟଣା

# ନମୁନା ସଂଗ୍ରହ କଲା ଫରେନସିକ୍ ଟିମ୍

**ଓଡ଼ାପଡ଼ା, ୩୦।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ହାତୀ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ମଙ୍ଗଳବାର ରାଜ୍ୟ ଫରେନ୍‌ସିକ ସାଇନ୍ସ ଲାବରେଟୋରି ଅଧିକାରୀମାନେ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛନ୍ତି। ସାଇଣ୍ଟିଫିକ୍ ଅଫିସର ସନ୍ତୋଷ କୁମାର ରଥ, ଜନ୍ମେଜୟ ସାହୁ, ଲାବୋରେଟୋରି ଆସିଷ୍ଟାଣ୍ଟ ରଙ୍କନିଧି ମହାପାତ୍ର, ଫଟୋଗ୍ରାଫର ଦୁର୍ଗାପ୍ରସାଦ ନାୟକ ପ୍ରମୁଖ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଛନ୍ତି। ଭୂମିଠାରୁ ଅତି କମ୍ ଉଚ୍ଚତାରେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ହାତୀଙ୍କ ଜୀବନ ଯାଇଥିଲା। ହାତୀ ମୃତ୍ୟୁର କାରଣ ସାଜିଥିବା ଉକ୍ତ ତାରରୁ ଅଧିକାରୀମାନେ ଟିସ୍ୟୁ, ରକ୍ତନମୁନା ଏବଂ ଘଟଣାସ୍ଥଳରୁ ରକ୍ତଭିଜା ମାଟି ସଂଗ୍ରହ କରିଥିଲେ। ସଂଗୃହୀତ ନମୁନାଗୁଡ଼ିକୁ ପରୀକ୍ଷା ଲାଗି ହାଇଦ୍ରାବାଦସ୍ଥିତ ସିସିଏମ୍‌ସି କ୍ୟାମ୍ପସ୍ ଏବଂ ଡେରାଡୁନର ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ପଠାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଏସ୍‌ପି ସୁଦର୍ଶନ ପାତ୍ର ସୂଚନା ଦେଇଛନ୍ତି।

ସେହିପରି କ୍ରାଇମବ୍ରାଞ୍ଚ ଟିମ୍ ଅଧିକାରୀମାନେ ଘଟଣାସ୍ଥଳ ସମେତ ସ୍ଥାନୀୟ ବନ କାର୍ଯ୍ୟାଳୟ, ସେସୁ କାର୍ଯ୍ୟାଳୟରେ ପହଞ୍ଚି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିଥିବା ଜଣାପଡ଼ିଛି।



ଫରେନସିକ୍ ଟିମ ସଦସ୍ୟ ହାତୀ ମୃତ୍ୟୁସ୍ଥଳରୁ ନମୁନା ସଂଗ୍ରହ କରୁଛନ୍ତି।

- କ୍ରାଇମବ୍ରାଞ୍ଚର ତନାଘନା ଜାରି
- ସଂଗ୍ରହ ହେଲା ରକ୍ତଭିଜା ମାଟି

କମଳାଙ୍ଗ ହାତୀ ମୃତ୍ୟୁ ଘଟଣାକୁ ବିତିଛି ୩ଦିନ। ହେଲେ ଏହାକୁ ନେଇ ଅଞ୍ଚଳବାସୀଙ୍କ ପାଇଁ ସୃଷ୍ଟି ହୋଇଛି ନୂଆ ସମସ୍ୟା। ବ୍ୟବଚ୍ଛେଦ ପରେ ହାତୀ ମୃତଦେହକୁ ଠିକ୍ ଭାବେ ପୋତାଯାଇନାହିଁ। ଫଳରେ ମୃତଦେହ ପଚି ଦୁର୍ଗନ୍ଧରେ ନାକ ଫାଟୁଛି। ଏହା ଯୋଗୁ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। କମ୍ ଗଭୀରରେ ହାତୀ ମୃତଦେହ ଗୁଡ଼ିକୁ ପୋତାଯାଇଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହାର ପ୍ରତିକାର କରିବାକୁ ସେମାନେ ଦାବି କରିଛନ୍ତି।

# ସୌର ଜଳନିଧି କାର୍ଯ୍ୟକ୍ରମ ଲୋକାର୍ପିତ

## ଚାଷୀଙ୍କ ରୋଜଗାର ବୃଦ୍ଧି ପାଇବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

ଚାଷୀମାନଙ୍କ ଲାଗି ସୌର ଜଳନିଧି ଯୋଜନା ଆରମ୍ଭ କରି ମୁଁ ବହୁତ ଖୁସି। ଗାଁ ଏବଂ କୃଷିର ଉନ୍ନତି ହେଉଛି ଆମ ବିକାଶର ମୂଳ ଲକ୍ଷ୍ୟ। ଏଥିପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସୌର ଜଳନିଧି ଯୋଜନାରେ ଚାଷୀମାନଙ୍କୁ ପାଞ୍ଚ ହଜାର ସୋଲାର ପମ୍ପ ଯୋଗାଇ ଦିଆଯିବ। ଏହାସହ ୨୫ଶହ ଏକର ଜମିକୁ ପାଣି ମିଳିବ। ଏହି ଯୋଜନା ଦ୍ୱାରା ଚାଷୀଭାଇମାନଙ୍କ ଖର୍ଚ୍ଚ କମିଯିବ। ସେମାନଙ୍କ ଜମିକୁ ଅଧିକ ପାଣି ମିଳିବା ସହ ଅଧିକ ଫସଲ ହେବ ଏବଂ ରୋଜଗାର ମଧ୍ୟ ବୃଦ୍ଧି ପାଇପାରିବ। ପ୍ରଥମ ପର୍ଯ୍ୟାୟରେ ଅଣଜଳସେଚିତ ଏବଂ ଜଳସେଚିତ ହେବାକୁ ଥିବା ଜମିର ଚାଷୀମାନେ ଏହି ଯୋଜନାର ସୁବିଧା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପରବର୍ତ୍ତୀ ସମୟରେ ରାଜ୍ୟର ବାକି ସବୁ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ରାଜ୍ୟ ସରକାର ଚାଷୀମାନଙ୍କୁ ୯୦ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦେବେ। ମୁଁ ଆଶା କରୁଛି, ଆମ ଚାଷୀ ଭାଇମାନେ ଏହି ଯୋଜନାର ସୁଯୋଗ ନେବେ ଏବଂ କୃଷିର ବିକାଶରେ ସଫଳ ଅବଦାନ ରଖିବେ ବୋଲି ସେ କହିଛନ୍ତି।

ରାଜ୍ୟ ସରକାରଙ୍କ ନିଜସ୍ୱ ସୌର ଜଳନିଧି ଯୋଜନାକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ସଚିବାଳୟ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଲୋକାର୍ପିତ କରିଛନ୍ତି। ଏହି ଉତ୍ସବରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲାର ଚାରିଜଣ ଲେଖା ଚାଷୀଙ୍କୁ ସେଚକୂପରେ



ସୌରଜଳନିଧି କାର୍ଯ୍ୟକ୍ରମ ଲୋକାର୍ପଣ ଉତ୍ସବମେର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ସୌରପମ୍ପ ସ୍ଥାପନ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ୩୦ଜିଲାର ୧ହଜାର ଚାଷୀ ଭିଡିଓ କନଫରେନ୍ସିଂ ଜରିଆରେ ଲୋକାର୍ପଣ ଉତ୍ସବରେ ଯୋଡି ହୋଇଛନ୍ତି। ଓଡିଶା ବର୍ଷକୁ ୩ଶହ ଦିନ ସ୍ୱଚ୍ଛ ସୂର୍ଯ୍ୟାଲୋକ ପାଇଥାଏ। ଯାହା ଦିନକୁ ୫ କିଲୋୱାଟ ସୌର ବିକିରଣ ଦେଇଥାଏ। ଭୂତଳ ଜଳ ବ୍ୟବହାର ପାଇଁ ରାଜ୍ୟରେ ବହୁତ ସୁଯୋଗ ରହିଛି। ରାଜ୍ୟରେ ୯୦ପ୍ରତିଶତରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଛନ୍ତି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଚାଷୀମାନେ ସେଚକୂପରେ ସୌରଚାଳିତ ପମ୍ପ ଲଗାଇ ଖରିଫ୍ ଓ ରବି ଋତୁରେ ୦.୩୦ରୁ ୦.୫୦ଏକର ଜମିରେ ପନିପରିବା ଚାଷ କରିପାରିବେ। ରାଜ୍ୟରେ ବିଦ୍ୟୁତ୍ ସଂଯୋଗ କରାଯାଇପାରୁ ନ ଥିବା ଚାଷ ଜମିରେ ଜଳସେଚନ ଓ ବହୁଳ ଚାଷ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସୌରଚାଳିତ ପମ୍ପ ପ୍ରଚାର ଓ ପ୍ରସାର ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି। ଏହାଦ୍ୱାରା ୫ହଜାର କୃଷକ ପରିବାରର ୨୫ଶହ ଏକର ଚାଷଜମିକୁ ନିଶ୍ଚିତ ଜଳସେଚନ ସହିତ ରୋଜଗାର ଯୋଗାଯାଇ ପାରିବ। ଏହି ଯୋଜନାର ଖର୍ଚ୍ଚ କୃଷକଙ୍କ ଅଂଶଧନ ସହ କୃଷି ବିଭାଗ ଓ ବିଜ୍ଞାନ କାରିଗରି ବିଭାଗ ମିଳିତ ଆର୍ଥିକ ସହାୟତାରେ ହେବ। ଏଥିପାଇଁ ରାଜ୍ୟ ସରକାର ୨୭.୧୮କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏହି ଯୋଜନାରେ ସୌରପମ୍ପ ଲାଗି ଚାଷୀଙ୍କୁ ୫୪ହଜାର ଟଙ୍କାର ରିହାତି ଯୋଗାଇ ଦିଆଯିବ। ଭୂପୃଷ୍ଠ ପମ୍ପ ପାଇଁ ଏଥିରେ ଚାଷୀଙ୍କ ଅଂଶଧନ(ନିଜସ୍ୱ କିମ୍ବା ବ୍ୟାଙ୍କ ଋଣ) ୫,୪୫୪ଟଙ୍କା ଏବଂ ଭୂତଳ ପମ୍ପ ପାଇଁ ୨୨,୨୫୭ଟଙ୍କା ରହିବ। ଏହି ଯୋଜନା ଦ୍ୱାରା ବାର୍ଷିକ ୧.୫୨ଲକ୍ଷ ଶ୍ରମଦିବସ ସୃଷ୍ଟି ହେବାସହ ସର୍ବାଧିକ ୩ଟି ଫସଲ କରାଯାଇପାରିବ। ରାଜ୍ୟର ୩୦ଜିଲାର ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବିଦ୍ୟୁତ୍ ଶକ୍ତି ଅଭାବ ପରିଲକ୍ଷିତ ହେଉଥିବା ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେବ। କୃଷକ ପରିଚୟ ସଂଖ୍ୟା ଥିବା ହିତାଧିକାରୀ http:/odishasolarpump.nic.inରେ ଆବେଦନ କରିପାରିବେ। ଏଥିପାଇଁ ସର୍ବନିମ୍ନ ୦.୫ଏକର ଚାଷ ଉପଯୋଗୀ ଜମି ଏବଂ ଏକ ସେଚକୂପ ଥିବା ବିଧେୟ। ଏହି କାର୍ଯ୍ୟ ଓରିଡା ସଂସ୍ଥାର କାର୍ଯ୍ୟାବଳୀ ନିୟାମନୁଯାୟୀ କାର୍ଯ୍ୟକାରୀ ହେବ।





XAVIER UNIVERSITY BHUBANESWAR

XUB Advantages
- Excellent Academic/Learning Experience.
- Globally/Industry aligned Curriculum.
- Eminent and Committed Faculty.
- Top Ranked Programs.
- Excellent Infrastructure with Green Campuses.
- International Collaboration and Student Exchange.
- Career Advisory Services.
- Educational Loan Facility.

Eligibility and other details and Online Application Form at : www.xub.edu.in

EXCELLENCE & INTEGRITY ...the winning way

Invites applications for Admissions - 2019

Xavier Institute of Management (XIMB)
- MBA in Business Management (MBA-BM)
- International Master's Program in Management (MBA-Global)
- One-Year MBA in Business Management for Executives (EMBA-BM)
- One-Year MBA in Business Analytics (BA) for Executives (EMBA-BA)

Xavier School of Rural Management (XSRM)
- MBA in Rural Management (MBA-RM)
- One-Year MBA in Agri-Business Management for Executives (EMBA-ABM)

Xavier Centre for Urban Management & Governance (XUMG)
- MBA in Urban Management and Governance (MBA-UMG)
- Master of Urban and Regional Planning (MURP)

Xavier School of Economics (XSE)
- Master of Economics (MSc-Economics)
- Bachelor's Degree in Economics [BSc (Hons)-Economics]

Xavier School of Communications (XCOMM)
- Master of Mass Communication (MA-MC)
- Bachelor's Degree in Mass Communication (BSc-MC)

Xavier School of Human Resource Management (XAHR)
- MBA in Human Resource Management (MBA-HRM)

Xavier School of Sustainability (XSOS)
- MBA in Sustainability Management (MBA-SM)
- Bachelor's Degree in Sustainable Development [BSc (Hons) - SD]
- Bachelor's Degree in Environmental Science [BSc (Hons) - EVS]

Xavier School of Commerce (XSC)
- Master of Business Finance (MBF)
- Bachelor's Degree in Commerce [Accounting/Finance] (BCom)
- Bachelor's Degree in Business Management [HR/Marketing] (BBM)

Xavier School of Computer Science & Engineering (XCOMP)
- Master of Science in Data Science & Analytics (MS-DSA)
- Master of Technology in Artificial Intelligence (MTech-AI)
- Bachelor's Degree in Computer Science & Engineering (BTech-CSE)

Xavier Law School (XLS)
Five-Year Integrated Programs in
- BA-LLB (Hons) • BBA-LLB (Hons)

For Doctoral Programs visit : www.xub.edu.in/doctoral-programs.html

CAT/XAT/GMAT/X-GMT scores are used for shortlisting candidates for our PG programs in Management. NMAT by GMAC scores are also accepted for MBA-HRM, MBA-RM, MBA-SM, MBA-UMG and MBF programs. XLRI or IIMs have no role either in the selection process or in the conduct of the programs.

LAST DATE PG programs-Dec 07, 2018; PhD program-Feb 28, 2019; UG programs-May 31, 2019

ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ଚାକିରୀ କରିବା ପାଇଁ ଚାହୁଁଛନ୍ତି କି? ଯୋଗାଯୋଗ କରନ୍ତୁ:-

ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ବଲାଙ୍ଗୀର ଦ୍ୱାରା ନିମ୍ନଲିଖିତ ଟ୍ରେଡ଼ ଗୁଡିକରେ ପ୍ରଶିକ୍ଷଣ ଦିଆଯାଉଛି ।

(1) Food & Beverage Service (2) Food Production (3) Housekeeping Utility

Course Commences from 15.11.2018 onwards

* ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା: ଅଷ୍ଟମ ପାସ କିମ୍ବା ତତୁର୍ଦ୍ଧ * ବୟସ ସୀମା: ୧୮ ରୁ ୨୮ ବର୍ଷ (୦୧. ୦୭. ୨୦୧୮ ସୁଦ୍ଧା) ସମସ୍ତ ବର୍ଗର ସମସ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ଉଦ୍ଦିଷ୍ଟ ।

ନିୟମ ଓ ସର୍ତ୍ତାବଳୀ: ୨ ମାସର ପାଠ୍ୟକ୍ରମ ସହିତ ୩ ମାସର ବାଧ୍ୟତାମୂଳକ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସମ୍ପୂର୍ଣ୍ଣ କରିବାକୁ ପଡିବ ଏବଂ ୯୫% ଉପସ୍ଥାନ ଜରୁରୀ ଅଟେ ।କେବଳ ଚାକିରୀ କରିବାକୁ ଚାହୁଁଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଯୋଗାଯୋଗ କରନ୍ତୁ ।

ଭୁବନେଶ୍ୱର ପାଇଁ ଯୋଗାଯୋଗ କରନ୍ତୁ: ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଶାଖା ପାନ୍ଥନିବାସ, ରୁମ ନମ୍ବର.୩୦୭, ବିଜେବି କଲେଜ ସାମ୍ନା, ଭୁବନେଶ୍ୱର (ଫୋନ ନମ୍ବର- ୭୬୫୬୦୯୬୩୮୦)

ବଲାଙ୍ଗୀର ପାଇ ଯୋଗାଯୋଗ କରନ୍ତୁ: ୯୪୩୭୧୪୦୭୭୨, ୭୩୭୦୧୮୦୦୪୦, ୯୪୩୭୧୨୭୫୦୪, (୦୬୬୫୨)-୨୩୦୭୨୯,୨୩୦୭୩୦

SIHM

STATE INSTITUTE OF HOTEL MANAGEMENT, BALANGIR

(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)

e-mail: principal@sihmbalangir.org website: www.sihmbalangir.org

# ପ୍ରମାଣ ଲାଗି ସୁଯୋଗ

କେରଳର ସାବରିମାଲା ମନ୍ଦିରକୁ ମହିଳାଙ୍କ ପ୍ରବେଶ ନେଇ ସୁପ୍ରିମକୋର୍ଟଙ୍କ ରାୟ ଏବେ ବିତର୍କିତ ହୋଇପଡ଼ିଛି। କେତେକ ଗୋଷ୍ଠୀ ଏହାକୁ ବିରୋଧ କରୁଥିବା ବେଳେ ଆଉ କିଛି ସମର୍ଥନ କରିଚାଲିଛନ୍ତି। ମାଲା ଆର୍ଯ୍ୟମାନେ ଏବେ ପୁନର୍ବାର ମନ୍ଦିରରେ ନୀତିକାନ୍ତି କରିବାର ଅଧିକାର ଦାବିରେ ଅଡ଼ି ବସିଛନ୍ତି। ଏମାନେ ନିଜକୁ ଭଗବାନ୍ ଆୟାପ୍ପାନ୍‌ଙ୍କ ସବୁଠାରୁ ପ୍ରମୁଖ ସେବକ ଭାବେ ଅଭିହିତ କରୁଛନ୍ତି। ଏଥିସହିତ ମନ୍ଦିର ପ୍ରଶାସନ ସହ ଜଡ଼ିତ ନିଯୁକ୍ତିର ୫୦ ପ୍ରତିଶତ ସେମାନଙ୍କ ପାଇଁ ସଂରକ୍ଷଣ ରଖାଯାଉ ବୋଲି ଚାହୁଁଛନ୍ତି। ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ନେଇ ଚାରିଆଡୁ ଚାପ ପଡ଼ିବା ପରେ ଆୟାପ୍ପାନ୍ କ୍ରୋଧିତ ହୋଇ କିଛି ମାସ ପୂର୍ବରୁ କେରଳରେ ପ୍ରବଳ ବନ୍ୟା ପରିସ୍ଥିତି ସୃଷ୍ଟି କଲେ ବୋଲି ବିଭିନ୍ନ ସ୍ତରରେ ଆଲୋଚନା ହେଲା। କେତେକ ଏହାକୁ ନେଇ କାହାଣୀମାନ ରଚନା ମଧ୍ୟ କରିବାକୁ ପଛାଇ ନାହାନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିୟମ ପାଳନ କରିବାକୁ ଯାଇ ଅସହାୟ ହୋଇପଡ଼ିଛନ୍ତି ବୋଲି କହୁଛନ୍ତି। ଅନ୍ୟପଟେ ଅଛନ୍ତି ଏକ ବୃହତ୍ ଗୋଷ୍ଠୀ, ଯେଉଁମାନେ ମହିଳାମାନଙ୍କ ମୌଳିକ ଅଧିକାରକୁ ବାଦ୍ ପକାଇ ଧର୍ମବିଶ୍ୱାସକୁ ବଜାୟ ରଖିବାକୁ ଚାହୁଁଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ସରକାର ତରବରିଆ କାର୍ଯ୍ୟକାରୀ କରାଯିବା ନେଇ ଏମାନେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ ଅନ୍ୟ ଧର୍ମକୁ ନେଇ ଦିଆଯାଇଥିବା ମତ କାର୍ଯ୍ୟକାରୀ କରିବାରେ କିଭଳି ବିଳମ୍ବ ହେଉଛି ତାହା ଉପରେ ଟିପ୍ପଣୀ ଦେଇଛନ୍ତି।

ମନ୍ଦିର ଓ ଅନ୍ୟାନ୍ୟ ଧର୍ମର ପୂଜାସ୍ଥଳୀରେ ପରିବର୍ତ୍ତନ ଆଣିବା ସକାଶେ ବ୍ୟକ୍ତିବିଶେଷ କେରଳ ହାଇକୋର୍ଟରେ ଅଭିଯୋଗମାନ ଦାଏର କରିଚାଲିଛନ୍ତି। କେରଳ ହିନ୍ଦୁ ପ୍ଲେସେସ୍ ଅଫ୍ ପବ୍ଲିକ୍ ଓର୍ସିପ (ଅଥରାଇଜେଶନ ଅଫ୍ ଏଣ୍ଟ୍ରି) ଆକ୍ଟ ୧୯୬୫ର ନିୟମ ୩ (ଏ) ଅନୁଯାୟୀ ସାବରିମାଲା ମନ୍ଦିରକୁ ଅନ୍ୟ ଧର୍ମର ଲୋକଙ୍କୁ ପ୍ରବେଶ ନିଷେଧ ସଂକ୍ରାନ୍ତ ଏକ ଆବେଦନକୁ ଅକ୍ଟୋବର ୨୯ରେ କେରଳ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ମୁସଲମାନ ମହିଳାମାନେ ମସ୍‌ଜିଦକୁ ପ୍ରବେଶ ନେଇ ଅନୁମତି ଦିଆଯିବା ଉପରେ ହୋଇଥିବା ଏକ ରିଟ୍ ପିଟିଶନକୁ ମଧ୍ୟ କେରଳ ହାଇକୋର୍ଟ ଖାରଜ କରିଦେଇଥିଲେ।

ସାବରିମାଲା ସଂକ୍ରାନ୍ତ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ନେଇ ଉଠୁଥିବା ଅନେକ ପ୍ରଶ୍ନର ଉତ୍ତର ମିଳିପାରୁ ନାହିଁ। ବିଭିନ୍ନ ରାଜନୈତିକ ଦଳ ନିଜର ସୁବିଧା ଓ ସ୍ୱାର୍ଥ ସାଧନ ପାଇଁ ଏହି ପ୍ରସଙ୍ଗକୁ ଜୀବିତ ରଖିବାକୁ ଚାହୁଁଛନ୍ତି। ନିକଟରେ ସ୍ୱାମୀ ସନ୍ଦିପାନନ୍ଦଗିରିଙ୍କ ଆଶ୍ରମ ପରିସରରେ ଥିବା କେତେକ ଗାଡ଼ିକୁ ଜାଳି ଦିଆଯିବାରେ ହିନ୍ଦୁ ମୌଳବାଦୀଙ୍କ ହାତ ଥିବା କଥା ଉଠିଛି। ଏହି ଘଟଣା ଘଟିବା ପୂର୍ବରୁ ଆଶ୍ରମ ପରିସରରେ ଥିବା ସିସିଟିଭିକୁ ବନ୍ଦ କରାଯିବା ସହ ସ୍ୱାମିଜୀଙ୍କ ସହାୟକଙ୍କୁ ଛୁଟିରେ ଚାଲିଯିବା ପାଇଁ କୁହାଯିବା ବିଷୟକୁ ନେଇ ଏବେ ଅନେକ ପ୍ରଶ୍ନ ଉଠୁଛି। ଏଠାରେ ସୂଚନାଯୋଗ୍ୟ, ସନ୍ଦିପାନନ୍ଦଗିରି ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ସମର୍ଥନ କରୁଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କେରଳ ମୁଖ୍ୟମନ୍ତ୍ରୀ ପିନରୟୀ ବିଜୟନଙ୍କ ଜିଲା ଗସ୍ତ ଅବସରରେ ସ୍ୱାମିଜୀଙ୍କ ଉପରେ ଆକ୍ରମଣ ଘଟିବାକୁ ନେଇ ଚର୍ଚ୍ଚା ଚାଲିଛି। ଏଭଳି ସ୍ଥଳେ କେରଳବାସୀଙ୍କୁ ଏକ ମୂଳ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସହନଶୀଳତା ଓ ବୁଝାମଣାର ବାଟ ଖୋଜି ରାଜ୍ୟକୁ ଶାନ୍ତି ଓ ସମୃଦ୍ଧି ଦିଗରେ ନେବେ ନା ଧର୍ମୀୟ ଆବେଗରେ ବୋହିଯାଇ ଅଶାନ୍ତି ନିଆଁରେ ଜଳିବେ। ଏହା ପ୍ରତ୍ୟେକ ମାଲୟାଲୀ ପାଇଁ ଚିନ୍ତା କରିବାର ବିଷୟ। କିଛି ମହଲରେ କଥା ଉଠିଛି ଯେ, ସୁପ୍ରିମକୋର୍ଟ ଅଜାଣତରେ ମତଭେଦର ମଞ୍ଜି ଏହି ପ୍ରସଙ୍ଗରେ ପୋତି ଦେଇଛନ୍ତି। କେରଳବାସୀ ଉଚ୍ଚଶିକ୍ଷିତ ଓ ପ୍ରଗତିଶୀଳ ଭାବେ ଜଣା। ତେବେ ସାବରିମାଲା ପ୍ରସଙ୍ଗ ଏହି ଜାତିର ଲୁକ୍କାୟିତ ପୁରୁଣାକାଳିଆ ପୁରୁଷକୈନ୍ଦ୍ରିକ ଚିନ୍ତାଧାରାକୁ ପଦାରେ ପକାଇଛି। ଆଶା କରାଯାଏ, ଏହା ଏକ ପରୀକ୍ଷାର ଘଡ଼ି। ମାଲୟାଲୀମାନଙ୍କୁ ପୁନର୍ବାର ପ୍ରମାଣ କରିବାକୁ ହେବ ଯେ ସେମାନେ ପାଠ ପଢ଼ି କେବଳ ବିଦେଶକୁ ଯାଇ ବଡ଼ ଚାକିରି କରିବା ପାଇଁ ଯୋଗ୍ୟ ନୁହନ୍ତି, ବରଂ ସହନଶୀଳତା ଓ ପ୍ରଗତିଶୀଳ ଚିନ୍ତାଧାରାର ପ୍ରତୀକ ମଧ୍ୟ ହୋଇପାରନ୍ତି।

## ଚିରନ୍ତନୀ

ଏକାକୀ କେତେ ପଥିକ ଏଥି
ଚଳଇ ମୋହ ସରି
ବିଫଳ ଅବା ସଫଳ ଶତ
ବାସନା ହୃଦେ ଭରି।
ମଥାରେ ଝରେ ନିଦାଘ ତାପ
ପାଦରେ ଜଳେ ଧରଣୀ–ପାପ
ସକଳ କ୍ଲେଦ କାଳିମାରାଶି
ଯାଇଛି ଅପସରି,
ପଥିକ କେତେ ଚଳଇ ମୋହ ସରି।

(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 3 | | D | | 4 | C | B | | A | | |
| B | 5 | | D | | | 1 | | | | | A | | | |
| | E | 4 | | | 7 | | | | | | | 2 | 0 | |
| C | 0 | | | | | E | | | 9 | | | | 8 | B |
| D | 2 | 1 | C | | 0 | | | B | | 4 | 3 | | | |
| 7 | | | | | | | | 3 | | 1 | C | 8 | | |
| | | | | | | 4 | | | D | 6 | E | 1 | 7 | 5 |
| | | | 6 | | 8 | 7 | C | 1 | | | | D | | 2 |
| | | | | A | 1 | 0 | E | | 2 | | | | | |
| | | | 3 | | | | | | B | | | | | C |
| | | 6 | | | | 3 | | | | | | B | | 7 |
| | | | | 5 | 9 | | | A | | | | | 2 | |
| | | | 2 | | | | | D | 5 | | 9 | | | |
| | | D | | | E | B | | | 4 | 3 | | C | A | |
| | B | | | | A | | | 0 | E | 7 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | D | 5 | 1 | 7 | 3 | B | C | 2 | 6 | 4 | A | E | 8 | 9 |
| 2 | 8 | A | 9 | B | 0 | E | 3 | 4 | 7 | C | D | 5 | 6 | 1 |
| 9 | 3 | C | E | D | 2 | A | 8 | 6 | 5 | B | 1 | 0 | 4 | 7 |
| 1 | 4 | B | 6 | 8 | C | D | 7 | 5 | 9 | 0 | E | 2 | 3 | A |
| 7 | E | 6 | A | 4 | 5 | 0 | 1 | 9 | 8 | 3 | 2 | D | B | C |
| D | C | 0 | 5 | 6 | 1 | 8 | 2 | 3 | A | 7 | 9 | B | E | 4 |
| 6 | 9 | 4 | C | 0 | 8 | 7 | B | D | 3 | E | 5 | 1 | A | 2 |
| 3 | A | 7 | B | 2 | 9 | 4 | 5 | E | D | 1 | 0 | 8 | C | 6 |
| B | 5 | E | 3 | A | 7 | 1 | 6 | C | 2 | 8 | 4 | 9 | D | 0 |
| 8 | 2 | 1 | D | E | 4 | 9 | 0 | A | C | 6 | B | 3 | 7 | 5 |
| E | 0 | 9 | 8 | C | B | 5 | A | 1 | 4 | D | 6 | 7 | 2 | 3 |
| 4 | 1 | 8 | 0 | 3 | A | C | 9 | B | E | 2 | 7 | 6 | 5 | D |
| 5 | 7 | D | 2 | 1 | 6 | 3 | 4 | 8 | B | 9 | C | A | 0 | E |
| A | B | 2 | 4 | 9 | D | 6 | E | 7 | 0 | 5 | 3 | C | 1 | 8 |
| C | 6 | 3 | 7 | 5 | E | 2 | D | 0 | 1 | A | 8 | 4 | 9 | B |

ଗତକାଲିର ଉତ୍ତର

# ଆଧୁନିକ ଭାରତର ନିର୍ମାତା



ନରେନ୍ଦ୍ର ମୋଦି

୧୯୪୭ର ପ୍ରଥମାର୍ଦ୍ଧ ଭାରତ ଇତିହାସ ପାଇଁ ଥିଲା ଏକ ସଂକଟମୟ ସମୟ। ଔପନିବେଶିକ ଶାସନର ଅନ୍ତ ଅବଧାରିତ ଥିଲା ଏବଂ ଭାରତର ବିଭାଜନ ମଧ୍ୟ ନିର୍ଦ୍ଧାରିତ ଥିଲା, କିନ୍ତୁ ଯାହା ଅନିଶ୍ଚିତ ଥିଲା ତାହା ହେଉଛି ଭାରତର ଗୋଟିଏରୁ ଅଧିକ ବିଭାଜନ ହେବ ନାହିଁ ତ? ଦରଦାମ୍ ବଢୁଥିଲା, ଖାଦ୍ୟାଭାବ ଅତି ସାଧାରଣ କଥା ଥିଲା କିନ୍ତୁ ଏସବୁର ଊର୍ଦ୍ଧ୍ୱରେ, ଭାରତର ଅଖଣ୍ଡତା ପ୍ରତି ଗମ୍ଭୀର ଚାପ ରହିଥିଲା।

ଏହିପରି ସ୍ଥିତିରେ ସ୍ୱରାଷ୍ଟ୍ର ବିଭାଗ ଜୁନ୍ ୧୯୪୭ରେ କାର୍ଯ୍ୟକ୍ଷମ ହେଲା। ଏହିବିଭାଗର ପ୍ରମୁଖ ଲକ୍ଷ୍ୟ ମଧ୍ୟରେ ଥିଲା ୫୫୦ରୁ ଅଧିକ ଗଡଜାତ ରାଜ୍ୟ ସହ ଭାରତର ସମ୍ପର୍କ ବିଷୟରେ ଆଲୋଚନାକୁ ତ୍ୱରାନ୍ୱିତ କରିବା ଏବଂ ଏହାକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବା। ଏହି ରାଜ୍ୟଗୁଡ଼ିକ ଆକାର, ଜନସଂଖ୍ୟା, ପ୍ରାକୃତିକ ବୈଶିଷ୍ଟ୍ୟ ଏବଂ ଅର୍ଥନୈତିକ ସ୍ଥିତି ଦୃଷ୍ଟିରୁ ଅତ୍ୟନ୍ତ ବିବିଧ ଥିଲେ। ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତି ମହାତ୍ମା ଗାନ୍ଧୀଙ୍କ ବକ୍ତବ୍ୟ ଥିଲା ଏହିପରି: ''ରାଜ୍ୟଗୁଡ଼ିକର ସମସ୍ୟା ଏତେ ଜଟିଳ ଯେ କେବଳ ଆପଣ ହିଁ ଏହାର ସମାଧାନ କରିପାରିବେ।''

ଚିରାଚରିତ ସର୍ଦ୍ଦାର ପଟେଲ ଶୈଳୀରେ, ସେ ନିଜର କାର୍ଯ୍ୟକୁ ତ୍ରୁଟିଶୂନ୍ୟ, ଦୃଢ଼ ଏବଂ ଦକ୍ଷତାର ସହ କାର୍ଯ୍ୟକାରୀ କରିବା ଲାଗି ଆଗେଇ ଆସିଲେ। ସମୟ କମ୍ ଥିଲା ଏବଂ କାର୍ଯ୍ୟର ପରିମାଣ ଅତି ବ୍ୟାପକ ଥିଲା, କିନ୍ତୁ ସେ ସାଧାରଣ ବ୍ୟକ୍ତି ନ ଥିଲେ, ଥିଲେ ସର୍ଦ୍ଦାର ପଟେଲ, ଯିଏ କି ନିଜ ରାଷ୍ଟ୍ରର ସମ୍ମାନକୁ ତଳେ ପକାଇ ନ ଦେବା ଲାଗି ପ୍ରତିବଦ୍ଧ ଥିଲେ। ଗୋଟିଏ ପରେ ଗୋଟିଏ ଛୋଟବଡ ରାଜତନ୍ତ୍ର ତଥା ଗଡଜାତ ଶାସନାଧୀନ ରାଜ୍ୟ ସହିତ ସେ ଓ ତାଙ୍କ ଟିମ୍ ଆଲୋଚନା ଜାରି ରଖିଲେ ଏବଂ ଏହି ସବୁ ରାଜ୍ୟଗୁଡ଼ିକ ଯେପରି ସ୍ୱାଧୀନ ଭାରତର ଅଂଶ ହୋଇପାରିବେ, ତାହା ସୁନିଶ୍ଚିତ କଲେ। ଆଜି ଭାରତର ଯେଉଁ ରୂପ ଆମେ ଦେଖିପାରୁଛୁ, ତାହା କେବଳ ସର୍ଦ୍ଦାର ପଟେଲଙ୍କ ନିରନ୍ତର ପ୍ରୟାସ ଯୋଗୁ ସମ୍ଭବ ହୋଇପାରିଛି।

ସ୍ୱାଧୀନତା ହାସଲ ପରେ ଭିପି ମେନନ୍ ପ୍ରଶାସନିକ ସେବାରୁ ଅବସର ନେବାକୁ ଇଚ୍ଛାବ୍ୟକ୍ତ କଲେ। ହେଲେ ସର୍ଦ୍ଦାର ପଟେଲ ତାଙ୍କୁ କହିଲେ, ଏହା ନା ବିଶ୍ରାମ ନେବାର ସମୟ ନା ଅବସର ନେବାର। ଏପରି ଥିଲା ସର୍ଦ୍ଦାର ପଟେଲଙ୍କ ଦୃଢ଼ସଂକଳ୍ପ। ଭିପି ମେନନଙ୍କୁ ସ୍ୱରାଷ୍ଟ୍ର ବିଭାଗର ସଚିବ କରାଗଲା। ତାଙ୍କର ପୁସ୍ତକ 'ଦି ଷ୍ଟୋରୀ ଅଫ୍ ଦି ଇଣ୍ଟିଗ୍ରେସନ ଅଫ୍ ଇଣ୍ଡିଆନ ଷ୍ଟେଟ୍ସ'ରେ ସେ ଲେଖିଛନ୍ତି, କିପରି ସର୍ଦ୍ଦାର ପଟେଲ ଏହି କାର୍ଯ୍ୟର ନେତୃତ୍ୱ ନେଇଥିଲେ ଏବଂ ତାଙ୍କର ପୂରା ଟିମ୍‌କୁ ଅଧ୍ୟବସାୟର ସହ କାର୍ଯ୍ୟ କରିବା ଲାଗି ଅନୁପ୍ରାଣିତ କରିଥିଲେ। ୧୫ ଅଗଷ୍ଟ ୧୯୪୭ରେ ଆମେ ଏକ ନୂତନ ଭାଗ୍ୟର ଉଦୟ ଉତ୍ସବକୁ ପାଳନ କରୁଥିଲୁ କିନ୍ତୁ ରାଷ୍ଟ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ବହୁଦୂରରେ ଥିଲା। ସ୍ୱାଧୀନ ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ସେ ପ୍ରଥମେ ଏକ ପ୍ରଶାସନିକ ବ୍ୟବସ୍ଥା ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲେ, ଯାହା ନିରନ୍ତର ରାଷ୍ଟ୍ରର ସେବା କରିପାରିବ, ତାହା ଦୈନିକ ପ୍ରଶାସନିକ କାର୍ଯ୍ୟ ହେଉ କିମ୍ବା ଲୋକମାନଙ୍କ ସ୍ୱାର୍ଥ, ବିଶେଷ କରି ଗରିବ ଏବଂ ବଞ୍ଚିତମାନଙ୍କର ସୁରକ୍ଷା ହେଉ।

ସର୍ଦ୍ଦାର ପଟେଲ ଜଣେ ଅଭିଜ୍ଞ ପ୍ରଶାସକ ଥିଲେ। ପ୍ରଶାସନିକ କ୍ଷେତ୍ରରେ ତାଙ୍କର ନିଜସ୍ୱ ଅଭିଜ୍ଞତା, ବିଶେଷ କରି ୧୯୨୦ରେ ସେ ଅହମଦାବାଦ ପୌରପାଳିକାର ପ୍ରଶାସକ ଥିବା ବେଳର ଅନୁଭବକୁ ସ୍ୱାଧୀନ ଭାରତର ପ୍ରଶାସନିକ ବ୍ୟବସ୍ଥାର ଦୃଢ଼ୀକରଣରେ ନିୟୋଜିତ କରିଥିଲେ। ଅହମଦାବାଦରେ ଥିବା ସମୟରେ ସେ ସହରର ସ୍ୱଚ୍ଛତାକୁ ତ୍ୱରାନ୍ୱିତ କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ସେ ସାରା ସହରରେ ସ୍ୱଚ୍ଛତା ଏବଂ ଡ୍ରେନେଜ୍ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିଥିଲେ। ସଡ଼କ, ବିଦ୍ୟୁତୀକରଣ ଏବଂ ଶିକ୍ଷା ଭଳି ସହରାଞ୍ଚଳ ଭିତ୍ତିଭୂମିର ଅନ୍ୟ ଦିଗ ପ୍ରତି ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ଆଜି ଭାରତ ଯଦି ନିଜର ଉଜ୍ଜ୍ୱଳ ସମବାୟ କ୍ଷେତ୍ରକୁ ନେଇ ଗର୍ବ କରୁଥାଏ, ଏହାର ଅଧିକାଂଶ ଶ୍ରେୟ ସର୍ଦ୍ଦାର ପଟେଲଙ୍କ ପାଖକୁ ହିଁ ଯିବ। ସ୍ଥାନୀୟ ଲୋକ, ବିଶେଷ କରି ମହିଳାମାନଙ୍କୁ ସଶକ୍ତ କରିବା ଲାଗି ତାଙ୍କ ଦୂରଦୃଷ୍ଟିର ମୂଳଦୁଆ ଉପରେ 'ଅମୁଲ' ଭଳି ସମବାୟ ସଂସ୍ଥା ଜନ୍ମ ନେଇଥିଲା। ସର୍ଦ୍ଦାର ପଟେଲ ହିଁ ସମବାୟ ଗୃହ ନିର୍ମାଣ ସମିତିର ବିଚାରକୁ ଲୋକପ୍ରିୟ କରିଥିଲେ, ଯାହା ଅନେକଙ୍କ ପାଇଁ ସମ୍ମାନ ଏବଂ ବାସସ୍ଥାନ ସୁନିଶ୍ଚିତ କରିଥିଲା।

ସର୍ଦ୍ଦାର ପଟେଲଙ୍କର ଦୁଇଟି ବିଶେଷତ୍ୱ ଥିଲା– ବିଶ୍ୱାସ ଏବଂ ସଚ୍ଚୋଟତା। ଭାରତର କୃଷକମାନେ



ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ

ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିଲେ। ସର୍ବୋପରି ସେ ଜଣେ କୃଷକର ସନ୍ତାନ ଥିଲେ, ଯିଏ ବର୍ଦ୍ଦୋଲି ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ। ଶ୍ରମିକ ଶ୍ରେଣୀର ଲୋକମାନେ ତାଙ୍କଠାରେ ଆଶାର କିରଣ ଦେଖିପାରିଥିଲେ, କାରଣ ସେମାନଙ୍କର ବିଶ୍ୱାସ ଥିଲା ଯେ ସେ ହିଁ କେବଳ ସେମାନଙ୍କ ପାଇଁ କହିପାରିବେ। ବ୍ୟବସାୟୀ ଏବଂ ଶିଳ୍ପପତି ସର୍ଦ୍ଦାର ପଟେଲଙ୍କ ସହିତ କାର୍ଯ୍ୟ କରିବାକୁ ପସନ୍ଦ କରୁଥିଲେ କାରଣ ସେମାନେ ତାଙ୍କଠାରେ ଜଣେ ବଳିଷ୍ଠ ବ୍ୟକ୍ତିତ୍ୱକୁ ଦେଖିପାରୁଥିଲେ, ଯାହାଙ୍କର ଭାରତର ଅର୍ଥନୈତିକ ଏବଂ ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବାର ଦୂରଦୃଷ୍ଟି ରହିଥିଲା।

ତାଙ୍କର ରାଜନୈତିକ ସହଯୋଗୀମାନେ ମଧ୍ୟ ତାଙ୍କୁ ବିଶ୍ୱାସ କରୁଥିଲେ। ଆଚାର୍ଯ୍ୟ କୃପାଳିନୀ ମତବ୍ୟକ୍ତ କରିଥିଲେ ଯେ, ସେମାନେ ଯେତେବେଳେ କୌଣସି ସମସ୍ୟାରେ ପଡୁଥିଲେ ଓ ବାପୁଙ୍କ ପରାମର୍ଶ ମିଳିପାରୁ ନ ଥିଲା, ସେତେବେଳେ ସର୍ଦ୍ଦାର ପଟେଲଙ୍କ ନିକଟକୁ ଯାଉଥିଲେ। ୧୯୪୭ରେ ଯେତେବେଳେ ରାଜନୈତିକ ଆଲୋଚନା ଶୀର୍ଷରେ ରହିଥିଲା, ସରୋଜିନୀ ନାଇଡୁ ତାଙ୍କୁ 'ନିଷ୍ପତ୍ତି ନେବା ଏବଂ କ୍ରିୟାନ୍ୱିତ କରିବାର ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରିଥିଲେ। ସମସ୍ତେ ତାଙ୍କୁ ବିଶ୍ୱାସ କରୁଥିଲେ, ତାଙ୍କର କଥା ଓ କାର୍ଯ୍ୟ ପାଇଁ। ସର୍ଦ୍ଦାର ପଟେଲ ଜାତି, ବର୍ଣ୍ଣ, ଧର୍ମ, ବିଶ୍ୱାସ ଏବଂ ବୟସ ନିର୍ବିଶେଷରେ ସମ୍ମାନର ପାତ୍ର ଥିଲେ।

ଚଳିତ ବର୍ଷର ସର୍ଦ୍ଦାର ପଟେଲ ଜୟନ୍ତୀ ବେଶ୍ ସ୍ୱତନ୍ତ୍ର ହୋଇପାରିଛି। ୧୩୦ କୋଟି ଭାରତୀୟଙ୍କ ଶୁଭକାମନା ସହିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଆଜି ଉଦ୍‌ଘାଟିତ ହେଉଛି। ନର୍ମଦା ନଦୀ ତଟରେ ରହିଥିବା 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ସାରା ବିଶ୍ୱରେ ସର୍ବୋଚ୍ଚ। 'ଧରିତ୍ରୀପୁତ୍ର' ସର୍ଦ୍ଦାର ପଟେଲ ନଭଶ୍ଚୁମ୍ବୀ ସ୍ୱରୂପରେ ଦଣ୍ଡାୟମାନ ହୋଇ ଆମ ସମସ୍ତଙ୍କୁ ମାର୍ଗଦର୍ଶନ କରିବେ ଏବଂ ଆମକୁ ପ୍ରେରଣା ଦେବେ। ସର୍ଦ୍ଦାର ପଟେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ଏହି ବିଶାଳ ପ୍ରତିମୂର୍ତ୍ତିକୁ ବାସ୍ତବ ରୂପ ଦେବା ଲାଗି ଦିନରାତି କାର୍ଯ୍ୟ କରିଥିବା ଲୋକମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ମୋର ୩୧ ଅକ୍ଟୋବର ୨୦୧୩ କଥା ମନେପଡ଼ିଯାଉଛି ଯେତେବେଳେ ଆମେ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲୁ। ରେକର୍ଡ ସମୟ ମଧ୍ୟରେ ଏତେ ଉଚ୍ଚ ସ୍ତରର ପ୍ରକଳ୍ପ ପ୍ରସ୍ତୁତ ହୋଇପାରିଛି, ଯାହାକୁ ନେଇ ପ୍ରତ୍ୟେକ ଭାରତୀୟ ନିଶ୍ଚିତ ଭାବେ ଗର୍ବ ଅନୁଭବ କରୁଥିବେ। ଆଗାମୀ ଦିନରେ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଦେଖି ଆସିବା ଲାଗି ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଅନୁରୋଧ କରୁଛି।

'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଉଭୟ ହୃଦୟର ଏକତା ଏବଂ ଆମ ମାତୃଭୂମିର ଭୌଗୋଳିକ ଅଖଣ୍ଡତାର ପ୍ରତୀକ। ଏହା ମନେପକାଇଦେବ ଯେ ବିଭାଜିତ ଭାବେ ଆମେ ଆମ ନିଜକୁ ମଧ୍ୟ ମୁକାବିଲା କରିପାରିବା ନାହିଁ। ଏକତ୍ରିତ ଭାବେ ଆମେ ସାରା ବିଶ୍ୱର ସାମନା କରିପାରିବା ଏବଂ ଅଭିବୃଦ୍ଧି ଓ ସମୃଦ୍ଧିର ନୂତନ ଉଚ୍ଚତାକୁ ଛୁଇଁପାରିବା। ରାଷ୍ଟ୍ରବାଦର ଜୀବନୀଶକ୍ତି ସହିତ ଅଖଣ୍ଡ ଭୂଭାଗର ନିର୍ମାଣ କରିବା ଲାଗି ସର୍ଦ୍ଦାର ପଟେଲ ଆଶ୍ଚର୍ଯ୍ୟଜନକ ଗତିରେ କାର୍ଯ୍ୟ କରିଥିଲେ। ସର୍ଦ୍ଦାର ପଟେଲ ଯେପରି ଚାହୁଁଥିଲେ, ବିକାଶର ଫଳ ବିନା ଦୁର୍ନୀତି ଏବଂ ପ୍ରିୟାପ୍ରୀତି ତୋଷଣରେ ସବୁଠୁ ଦୁର୍ବଳ ନିକଟରେ ପହଞ୍ଚିପାରିବ, ତାହା ସୁନିଶ୍ଚିତ କରିବା ଲାଗି ପ୍ରତିଟି ନିଷ୍ପତ୍ତି ନିଆଯାଉଛି।

ଭାରତର ପ୍ରଧାନମନ୍ତ୍ରୀ

# ବିଜ୍ଞାନରେ ଆଗେ ଆଗେ ଚାଇନା



ଇଂ. ମାୟାଧର ସ୍ୱାଇଁ

ପ୍ରାଚୀନ ଯୁଗରେ ଭାରତ, ମିଶର, ଗ୍ରୀସ୍, ବେବିଲୋନ ଆଦି ଦେଶରେ ବିଜ୍ଞାନର ବିକାଶ ହୋଇଥିଲା। ପଞ୍ଚଦଶ ଶତାବ୍ଦୀରେ ୟୁରୋପରେ ନବଜାଗରଣ ହେବା ପରେ ଆଧୁନିକ ବିଜ୍ଞାନର ସୂତ୍ରପାତ ହେଲା। ପ୍ରାୟୋଗିକ ବିଜ୍ଞାନ ସାହାଯ୍ୟରେ କଳକାରଖାନା ଓ ଶିଳ୍ପ ଗଢିଉଠିଲା ଏବଂ ୟୁରୋପୀୟ ଦେଶଗୁଡ଼ିକ ସମୃଦ୍ଧିଶାଳୀ ହେଲେ। ଏହି ସମୟରେ ୟୁରୋପରେ ବିଜ୍ଞାନର ଅନେକ ନୂତନ ତତ୍ତ୍ୱ ଆବିଷ୍କୃତ ହୋଇଥିଲା। ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକ ପର୍ଯ୍ୟନ୍ତ ୟୁରୋପ ବିଜ୍ଞାନ ଗବେଷଣାରେ ଶୀର୍ଷରେ ଥିଲା। ଏହାପରେ ଗତ ଶହେ ବର୍ଷ ଧରି ଯୁକ୍ତରାଷ୍ଟ୍ର ଆମେରିକା ବିଜ୍ଞାନରେ ପ୍ରାଧାନ୍ୟ ବିସ୍ତାର କରିଛି। ସେଠାରେ ଗବେଷଣା ପାଇଁ ଯଥେଷ୍ଟ ପୁଞ୍ଜି ବିନିଯୋଗ କରାଯାଇଛି ଏବଂ ପୃଥିବୀର ବିଭିନ୍ନ ଦେଶରୁ ପ୍ରତିଭାବାନ୍ ଛାତ୍ରୀଛାତ୍ର ଆମେରିକାକୁ ନିଜର କାର୍ଯ୍ୟସ୍ଥଳୀ ଭାବେ ଚୟନ କରୁଛନ୍ତି। ଆମେରିକା ପ୍ରତିରକ୍ଷା କ୍ଷେତ୍ରରେ ବିଜ୍ଞାନକୁ ପ୍ରୟୋଗ କରି ଶକ୍ତିଶାଳୀ ଦେଶରେ ପରିଣତ ହୋଇଛି। ରୁଷିଆ ମଧ୍ୟ ଆମେରିକା ସହ ତାଳଦେଇ ଅଗ୍ରଗତି କରିଛି।

ଜିନୀୟ ଇଞ୍ଜିନିୟରିଂ, କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ, କୃତ୍ରିମ ବୌଦ୍ଧିକତା ଆଦି ହେଉଛି ଅତ୍ୟାଧୁନିକ ବିଜ୍ଞାନ ଗବେଷଣାର କେତୋଟି ଉଦାହରଣ। ଭବିଷ୍ୟତର ଶିଳ୍ପ ଓ ପ୍ରତିରକ୍ଷା ପ୍ରଯୁକ୍ତି ଆଦିରେ ଏହାର ସମ୍ଭାବ୍ୟ ଉପଯୋଗ ରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହିସବୁ ଗବେଷଣା ପାଶ୍ଚାତ୍ୟ ଦେଶର ବିଖ୍ୟାତ ବିଜ୍ଞାନ କେନ୍ଦ୍ରଗୁଡ଼ିକରେ ହେଉନାହିଁ। ଏଗୁଡିକର ମୁଖ୍ୟ କେନ୍ଦ୍ର ହେଉଛି ବେଜିଂ, ସାଙ୍ଘାଇ, ହେଫେଇ, ଶେନଝେନ ଏବଂ ଚାଇନାର ଅନ୍ୟ କେତୋଟି ସହର। ଚାଇନା ବର୍ତ୍ତମାନ ଯେପରି ଭାବେ ବିଜ୍ଞାନ ଗବେଷଣାରେ ଲିପ୍ତ ଅଛି ଏବଂ ଏଥିରେ ଅଜସ୍ର ଅର୍ଥ ବିନିଯୋଗ କରୁଛି, ଅଳ୍ପ କେତେବର୍ଷ ମଧ୍ୟରେ ଏହା ବିଜ୍ଞାନରେ ପୃଥିବୀର ଅନ୍ୟ ସବୁ ଦେଶକୁ ଟପିଯିବ।

ଗବେଷଣା ଓ ବିକାଶ ପାଇଁ ଚାଇନାର ବ୍ୟୟବରାଦ ଗତ କୋଡିଏ ବର୍ଷ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇଛି। ବର୍ତ୍ତମାନ ଏହି କ୍ଷେତ୍ରରେ ଆମେରିକା ପରେ ଏହାର ସ୍ଥାନ ହେଉଛି ଦ୍ୱିତୀୟ। ତୃତୀୟରେ ୟୁରୋପୀୟ ସଂଘ ଓ ଚତୁର୍ଥ ସ୍ଥାନରେ ଜାପାନ ରହିଛି। ବିଜ୍ଞାନ ଗବେଷଣା ପାଇଁ ଆମେରିକା ୨୦୧୫ ମସିହାରେ ୫୦୦ ବିଲିୟନ ଡଲାର ଖର୍ଚ୍ଚ କରିଥିବା ବେଳେ ଚାଇନା ୪୦୦ ବିଲିୟନ ଡଲାର ଖର୍ଚ୍ଚ କରିଛି। ବିଜ୍ଞାନ ଓ ଇଞ୍ଜିନିୟରିଂରେ ମଧ୍ୟ ଚାଇନା ପୃଥିବୀରେ ଉଚ୍ଚ ସ୍ଥାନ ଅଧିକାର କରିଛି। ୨୦୧୬ରେ ଏହା ପ୍ରଥମଥର ପାଇଁ ଆମେରିକାଠାରୁ ଅଧିକ ଗବେଷଣାତ୍ମକ ବିଜ୍ଞାନ ନିବନ୍ଧ ପ୍ରକାଶ କରିଛି।

ଗତ ଜୁନ୍‌ରେ ପ୍ରକାଶ ପାଇଥିବା ପୃଥିବୀର ଶ୍ରେଷ୍ଠ ୫୦୦ଟି ସୁପରକମ୍ପ୍ୟୁଟର ମଧ୍ୟରେ ଚାଇନାର ୨୦୬ଟି ଥିବାବେଳେ ଆମେରିକାର ୧୨୪ଟି ଅଛି। ଏହି ତାଲିକାରେ ଭାରତର ମାତ୍ର ୫ଟି ସୁପର କମ୍ପ୍ୟୁଟର ଅଛି। ପୃଥିବୀର ବୃହତ୍ତମ ରେଡିଓ ଦୂରବୀକ୍ଷଣ ଯନ୍ତ୍ର ଚାଇନାର ଗୁଇଝୋଉଠାରେ ସ୍ଥାପିତ ହୋଇଛି। ମହାକାଶ ଅଭିଯାନ କ୍ଷେତ୍ରରେ ଚାଇନା ନିଜର ରକେଟ୍ ସାହାଯ୍ୟରେ ମହାକାଶକୁ ନିଜର କୃତ୍ରିମ ଉପଗ୍ରହ ପଠାଇପାରିଛି। ଏହା ମଧ୍ୟ ମହାକାଶକୁ ନିଜର ମହାକାଶଚାରୀ ପଠାଇଛି ଏବଂ ଚନ୍ଦ୍ରକୁ ମନୁଷ୍ୟ ପଠାଇବା ପାଇଁ ଯୋଜନା କରୁଛି। ଏହା ମହାକାଶରେ କ୍ୱାଣ୍ଟମ୍ ପଦାର୍ଥବିଜ୍ଞାନରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରିଛି। ଚାଇନା ୨୦୧୩ରେ ଚନ୍ଦ୍ରପୃଷ୍ଠକୁ ଚାଙ୍ଗେ–୩ ମହାକାଶଯାନ ପଠାଇଛି ଏବଂ ଚନ୍ଦ୍ରପୃଷ୍ଠକୁ ଯାନ ପଠାଇବାରେ ଏହା ହେଉଛି ତୃତୀୟ ଦେଶ। ଏହା ୨୦୧୬ରେ ଶକ୍ତିଶାଳୀ ରକେଟ୍ ଲଙ୍ଗ ମାର୍ଚ୍ଚ–୭କୁ ଉତ୍‌କ୍ଷେପଣ କରିଛି।

ଚାଇନା ଗତବର୍ଷ ଗୋଟିଏ ମାଙ୍କଡର କ୍ଲୋନିଂ କରିପାରିଛି। ଚାଇନାର ପ୍ରଥମ ମାନବଚାଳିତ ବୁଡାଜାହାଜ ଜିଆଓଲୋଙ୍ଗ ୨୦୧୨ରେ ସମୁଦ୍ର ପତ୍ତନରୁ ୭୦୨୦ ମିଟର ଗଭୀରକୁ ଯାଇଥିଲା ଏବଂ ୨୦୨୦ରେ ଏହା ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ ମହାସାଗର ଓ ଭାରତୀୟ ମହାସାଗର ଶଯ୍ୟାରେ ଏକ ବର୍ଷ ପାଇଁ ବିଜ୍ଞାନ ଗବେଷଣା ଅଭିଯାନରେ ଯିବ।

ଚାଇନାରେ ବର୍ତ୍ତମାନ ପାଞ୍ଚ ପ୍ରକାର ଅନୁଷ୍ଠାନରେ ବିଜ୍ଞାନ ଗବେଷଣା ହେଉଛି। ପ୍ରଥମରେ ଚାଇନା ବିଜ୍ଞାନ ଏକାଡେମୀ ଅଧୀନରେ ୧୨୦ଟି ଅନୁଷ୍ଠାନ ରହିଛି ଏବଂ ଏହା ମଧ୍ୟରେ ତିନୋଟି ଉଚ୍ଚ ଶିକ୍ଷାନୁଷ୍ଠାନ ଅଛି। ଦ୍ୱିତୀୟରେ ଚାଇନାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓ ତୃତୀୟରେ ଶିଳ୍ପକ୍ଷେତ୍ରରେ ବିଜ୍ଞାନ ଗବେଷଣା ହେଉଛି। ଶିଳ୍ପକ୍ଷେତ୍ରରେ ଗବେଷଣା ଖର୍ଚ୍ଚ ହେଉଛି ଚାଇନାର ମୋଟ ଗବେଷଣା ଖର୍ଚ୍ଚର ପ୍ରାୟ ୮୦ ପ୍ରତିଶତ। ଏଗୁଡିକ ମୁଖ୍ୟତଃ ବଜାର ପ୍ରତି ଦୃଷ୍ଟି ଦେଇଥାଆନ୍ତି। ବେସାମରିକ ମନ୍ତ୍ରଣାଳୟ ଅଧୀନରେ ଚତୁର୍ଥ ପ୍ରକାର ବିଜ୍ଞାନ ଅନୁଷ୍ଠାନ ରହିଛି। ଏଗୁଡିକ ମୁଖ୍ୟତଃ କୃଷି, ଜନସ୍ୱାସ୍ଥ୍ୟ, ପରିବେଶ, ପ୍ରାକୃତିକ ସମ୍ପଦ ଆଦିର ଗବେଷଣା ଉପରେ ଗୁରୁତ୍ୱ ଦେଇଥାଆନ୍ତି। ପଞ୍ଚମ ପ୍ରକାର ବିଜ୍ଞାନ ଗବେଷଣା ଅନୁଷ୍ଠାନ ପ୍ରତିରକ୍ଷା ବିଭାଗ ଅଧୀନରେ ଅଛି। ବିଜ୍ଞାନ ଗବେଷଣା ପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରିବା ସହ ବୈଜ୍ଞାନିକମାନଙ୍କୁ ପ୍ରୋତ୍ସାହନ ଦେବା କାରଣରୁ ଆମେରିକାରେ କାର୍ଯ୍ୟ କରୁଥିବା ଚାଇନାର ବୈଜ୍ଞାନିକମାନେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଅନେକ ୟୁରୋପୀୟ ଓ ଆମେରିକୀୟ ବୈଜ୍ଞାନିକ ମଧ୍ୟ ଚାଇନାରେ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବିଦେଶର ଅନେକ ବୈଜ୍ଞାନିକ ଏଠାରେ କାର୍ଯ୍ୟରତ ଅଛନ୍ତି। ଚାଇନା ଅତିଶୀଘ୍ର ବିଜ୍ଞାନରେ ଅତି ଶକ୍ତିଶାଳୀ ଦେଶ ହୋଇଯିବ ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱର, ମୋ–୯୪୩୮୬୯୩୭୨୪

## ଏଇ ଭାରତରେ

ଦୁନିଆରେ ଖୁବ୍ କମ୍ ଲୋକ ସଚ୍ଚୋଟପଣିଆ ଦେଖାଇ ଅନ୍ୟର ଉପକାର କରିଥାଆନ୍ତି। ସେମାନେ ପାଇଥିବା ମହାର୍ଘ ଜିନିଷକୁ ମାଟି ସଦୃଶ ମନେକରୁଥିବାରୁ ହରାଇବା ଲୋକେ ଉପକୃତ ହୋଇଥାଆନ୍ତି। ଏପରି ଏକ ଘଟଣାକ୍ରମରେ ଜଣେ ଅଟୋ ଡ୍ରାଇଭର ସ୍ୱର୍ଣ୍ଣାଳଙ୍କାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଥିବା ଏକ ବ୍ୟାଗ୍ ପାଇ ତାକୁ ଫେରାଇଦେବା ପରେ ସଚ୍ଚୋଟପଣିଆର ସ୍ୱାକ୍ଷର ଛାଡ଼ିଛନ୍ତି। ମଣିମାଜ୍ରା ଅଞ୍ଚଳର ଅଟୋ ଡ୍ରାଇଭର ମହମ୍ମଦ ଶରିଫ୍ ସୋମବାର ରାସ୍ତାରେ ପଡିଥିବା ଏକ ବ୍ୟାଗ୍ ପାଇଥିଲେ। ଏହାକୁ ଖୋଲିବା ପରେ ଏଥିରେ କିଛି କାଗଜପତ୍ର ଏବଂ ଅନ୍ୟାନ୍ୟ ଜିନିଷ ସମେତ ପ୍ରାୟ ୨ଲକ୍ଷ ଟଙ୍କାର ସ୍ୱର୍ଣ୍ଣାଳଙ୍କାର ଥିବା ଦେଖିଥିଲେ। ସେ ତୁରନ୍ତ ସ୍ଥାନୀୟ ପୋଲିସ ଷ୍ଟେଶନ୍ ଯାଇ ଉକ୍ତ ବ୍ୟାଗ୍ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଏହାକୁ ଖୋଲିବା ପରେ ଏଥିରେ ଗୋଟିଏ ପ୍ୟାନ୍‌କାର୍ଡ, ମୋବାଇଲ୍ ଫୋନ୍, ଏଟିଏମ୍ କାର୍ଡ ଏବଂ ୮୦୦ଟଙ୍କା ସମେତ କିଛି ଦରକାରୀ କାଗଜପତ୍ର ଥିବା ଦେଖିବାକୁ ପାଇଲେ। ଏତଦ୍‌ଭିନ୍ନ ଉକ୍ତ ବ୍ୟାଗ୍‌ରେ ପାଖାପାଖି ୨ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ରହିଥିଲା। ଅନୁସନ୍ଧାନରୁ ଜଣାପଡିଥିଲା ଯେ, ଏହି ବ୍ୟାଗଟି ମଡର୍ନ ହାଉସ୍ କମ୍ପ୍ଲେକ୍ସର ବାସିନ୍ଦା ଅମ୍ରିତରାଜ କୌରଙ୍କର। ସେ ମଣିମାଜ୍ରାସ୍ଥିତ ସରକାରୀ ମଡେଲ ସିନିୟର ସେକେଣ୍ଡାରି ସ୍କୁଲ୍‌ର ଇଂଲିଶ୍ ଶିକ୍ଷୟିତ୍ରୀ। ଷ୍ଟେଶନ୍ ହାଉସ୍ ଅଫିସର ଅମ୍ରିତଙ୍କୁ ଥାନାକୁ ଡକାଇ ବ୍ୟାଗ୍‌ଟି ଫେରାଇଦେବା ସହିତ ଅଟୋ ଡ୍ରାଇଭରଙ୍କୁ ତାଙ୍କ ସାଧୁତା ପାଇଁ ପୁରସ୍କୃତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅକ୍ଟୋବର ୧୯୯୩

- ଉପାସନାପୀଠ ମଧ୍ୟରେ ଆତ୍ମଗୋପନକାରୀ ଉଗ୍ରପନ୍ଥୀମାନଙ୍କ ସହ କଥାବାର୍ତ୍ତାରୁ ସର୍ବଦଳୀୟ ହୁରିୟାତ ସମ୍ମିଳନୀର ପ୍ରତିନିଧିମାନେ ଓହରିଯିବା ବିଷୟ ଘୋଷଣା କରିବା ପରେ ହଜରତବଲ ସଙ୍କଟର ସମାଧାନ ଉଦ୍ୟମ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।
- ଶୀତଳଯୁଦ୍ଧ ପରବର୍ତ୍ତୀ ପରିସ୍ଥିତିରେ କେତେକ ଦେଶ ଅଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେଉଥିବାରୁ ଏବଂ ଆତଙ୍କବାଦ କ୍ରମଶଃ ମୁଣ୍ଡ ଟେକୁଥିବାରୁ ଆମେରିକା ତା'ର ଅଣୁ କାର୍ଯ୍ୟକ୍ରମର ପୁନଃସମୀକ୍ଷା କରିବା ନେଇ ନିଷ୍ପତ୍ତି ନେଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ମହାନୁଭବ ପଟେଲ

ମହାଶୟ,

ଭାରତ ସ୍ୱାଧୀନତା ପ୍ରାପ୍ତିର ମାତ୍ର ୩ ବର୍ଷ ହେଇଥାଏ। ଦୁଇଜଣ ବିଦେଶୀ ଛାତ୍ର ପାର୍ଲାମେଣ୍ଟ ଦେଖିବାକୁ ଆସିଥିଲେ। ସେମାନେ ରାଜନୀତି ବିଜ୍ଞାନର ଛାତ୍ର। ତେଣୁ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ପାସ୍ ନେଇ ଆସିଥିଲେ ପାର୍ଲାମେଣ୍ଟ ଦେଖିବାକୁ। ସେମାନେ ହଠାତ୍ ବାରଣ୍ଡାରେ ଜଣେ ମଧ୍ୟବୟସ୍କ ପାଇଜାମା ପିନ୍ଧା ଲୋକଙ୍କୁ ଦେଖିଲେ। ସେ ସେମାନଙ୍କୁ ପାର୍ଲାମେଣ୍ଟ ବୁଲେଇ ଦେଖାଇଲେ। ସେମାନେ ଭାବିଥିଲେ ଏଇ ବୋଧହୁଏ ପାର୍ଲାମେଣ୍ଟର ତତ୍ତ୍ୱାବଧାରକ। କିଛି ସମୟ ପରେ ପାର୍ଲାମେଣ୍ଟ ଆରମ୍ଭ ହେଲା। ଯୁବକ ଦୁହେଁ ଆଚମ୍ବିତ ହେଲେ– ତତ୍ତ୍ୱାବଧାରକ ସାଜିଥିବା ଲୋକଟି ସ୍ୱରାଷ୍ଟ୍ରମନ୍ତ୍ରୀ ଓ ଲୋକ ସଭାରେ ଭାଷଣ ଦେଉଛନ୍ତି। ସଭା ସାଙ୍ଗ ହେଲା ପରେ ଦୁହେଁ ଦଉଡିଲେ ତାଙ୍କ କୋଠରିକୁ। ବିନୟୀ ସ୍ୱରାଷ୍ଟ୍ରମନ୍ତ୍ରୀ ସେମାନଙ୍କୁ ହାଲ୍‌କା କରିବାକୁ କହିଲେ ଆପଣମାନେ ଆମ ଦେଶର ଅତିଥି। ଅତିଥି ଭଗବାନଙ୍କ ସାକ୍ଷାତ୍ ସ୍ୱରୂପ। ତେଣୁ ଲଜ୍ଜାବୋଧ ବା କ୍ଷମା ପ୍ରାର୍ଥନାର ପ୍ରଶ୍ନ ଉଠୁନି। ସେହି ବିନୟୀ ମହାନୁଭବ ଥିଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ।

ଡି. ଲକ୍ଷ୍ମୀନାରାୟଣ,ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ଗଣତନ୍ତ୍ର ଓ ବ୍ଲକ୍ ଗ୍ରାଣ୍ଟ

ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ ଓ ଅଧ୍ୟାପକମାନେ ଦୀର୍ଘ ୩୦ ବର୍ଷ ଧରି ରାଜ୍ୟର ଶିକ୍ଷାକୁ ସମୃଦ୍ଧ କରିଆସୁଛନ୍ତି। ସେମାନଙ୍କୁ ସରକାରୀ ଚାକିରିଆଙ୍କ ପରି ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯାଉନାହିଁ। ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି। ଶିକ୍ଷକଙ୍କୁ ଉଚିତ ନ୍ୟାୟ ନ ଦେବା ଅର୍ଥ ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିଦେବା। ଗଣତାନ୍ତ୍ରିକ ରାଷ୍ଟ୍ରରେ ସମାନ କାମକୁ ସମାନ ଦରମା ଦେବା ସରକାରଙ୍କ ନୈତିକ କର୍ତ୍ତବ୍ୟ। ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ନ ଦେଲେ ସମାଜର ଅଧଃପତନ ସୁନିଶ୍ଚିତ। ସରକାରୀ କର୍ମଚାରୀଙ୍କ ପାଇଁ ଯେଉଁ ନୀତିନିୟମ, ସୁବିଧା ଅଛି ସେହି ନିୟମ ସେମାନଙ୍କ ପାଇଁ ଲାଗୁ କରାଯାଉ। ଶିକ୍ଷା ବ୍ୟବସ୍ଥାକୁ ନ ସଜାଡିଲେ ଭବିଷ୍ୟତ ବଂଶଧର ବିଶୃଙ୍ଖଳିତ ହେବେ। ସମାଜର ନୈତିକ ଅଧଃପତନ ଘଟିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ପ୍ରଥମ ପୃଷ୍ଠାରୁ...

### ବିଚାରପତିଙ୍କ ତଦାରଖରେ...

ତେବେ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ଅସୁସ୍ଥତା କାରଣରୁ ଛୁଟିରେ ଥିବା ଜଣାପଡ଼ିଛି। ତେଣୁ ସେ କାର୍ଯ୍ୟରେ ଯୋଗଦେବା ମାତ୍ରେ ଉକ୍ତ ତଦନ୍ତ ଶେଷ କରିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଅପରାହ୍ଣରେ ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଆନ୍ଦୋଳନକାରୀ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ବାର୍‌ର ପରବର୍ତ୍ତୀ ବୈଠକ ବସିବ। ବାର୍‌ର ସମସ୍ତ ସଦସ୍ୟଙ୍କୁ ବୈଠକରେ ଯୋଗଦେବା ପାଇଁ କୁହାଯାଇଛି। ଯେଉଁ ସଦସ୍ୟମାନେ ଅନୁପସ୍ଥିତ ରହିବେ ସେମାନେ ଅନୁପସ୍ଥିତର କାରଣ ସମ୍ପର୍କରେ ଲିଖିତ ଆକାରରେ ବାର୍‌କୁ ଜଣାଇବେ। ଅନ୍ୟପକ୍ଷରେ ବୁଧବାର ହାଇକୋର୍ଟ ବାର୍ ସମେତ ରାଜ୍ୟର ସମସ୍ତ ବାର୍ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ସୂଚନା ଦେଇଛନ୍ତି। ସେହିପରି ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଯେଉଁ ଆଇନଜୀବୀମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି ସେମାନଙ୍କ ବିରୋଧରେ ବାର୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ବ୍ୟବସ୍ଥା ହେଉଥିବା ସଭାପତି ନାୟକ ସୂଚନା ଦେଇଛନ୍ତି। ଏହି କ୍ରମରେ ଆଡଭୋକେଟ ଟହଲି ଚରଣ ମହାନ୍ତି, ଅସୀମ ଅମିତାଭ ଦାସ, ମିଳନ କାନୁନ୍‌ଗୋ ଓ ବଂଶୀଧର ଶତପଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଭାପତି ନାୟକ କହିଛନ୍ତି। ଏଥିପାଇଁ ଥିବା ନିୟମାବଳୀକୁ ଅନୁସରଣ କରାଯାଉଥିବା ମଧ୍ୟ ସେ ସୂଚନା ଦେଇଛନ୍ତି।

ସୂଚନାଥାଉକି, ଅଗଷ୍ଟ ୨୮ ତାରିଖରେ ହାଇକୋର୍ଟ ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଦୋଷୀ ପୋଲିସଙ୍କୁ ଗିରଫ କରିବା ପାଇଁ ଓକିଲମାନେ ଦାବି କରିଥିଲେ। ମାତ୍ର ଦୋଷୀମାନଙ୍କ ବିରୋଧରେ ପୋଲିସ କୋହଳ ଦଫା ଲଗାଇଥିବା ଅଭିଯୋଗ କରି ଓକିଲମାନେ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ଇତିମଧ୍ୟରେ ଉକ୍ତ ମାମଲାକୁ ନେଇ ଅନେକ ଘଟଣା ଘଟିଛି। ସୁପ୍ରିମକୋର୍ଟର ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓକିଲମାନଙ୍କୁ ଓହରିଯିବା ପାଇଁ ଆଦେଶ ଦେଇଥିଲେ ମଧ୍ୟ ଓକିଲମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ଅକ୍ଟୋବର ୨୫ ତାରିଖରେ ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକରେ ଅକ୍ଟୋବର ୩୦ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ହୋଇଥିଲା। ଅକ୍ଟୋବର ୩୦ ମଧ୍ୟରେ ସରକାର ଯଦି ମାମଲାର ସମାଧାନ ପାଇଁ ତତ୍ପର ନ ହୁଅନ୍ତି ତେବେ ଅକ୍ଟୋବର ୩୧ରେ ରାଜ୍ୟର ସମସ୍ତ ବାର୍ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି କୁହାଯାଇଥିଲା। ଏହା ପରେ ଗତ ଶନିବାର ଆନ୍ଦୋଳନରେ ସାମିଲ ଥିବା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ସୋମବାର ସେମାନେ କୋର୍ଟ କାର୍ଯ୍ୟରେ ଯୋଗଦେବେ ବୋଲି ଘୋଷଣା କରିଥିଲେ। ଏହାକୁ ନେଇ ସୋମବାର ହାଇକୋର୍ଟ ପରିସରରେ ତୁମୁଳକାଣ୍ଡ ଘଟିଥିଲା।

### ସେସୁକୁ ଏନ୍‌ଜିଟି ...

ସଦର ବନଖଣ୍ଡ ଅଧୀନ କମଲାଙ୍ଗ ଗ୍ରାମରେ ହାତୀଦଳ ବିଚରଣ କରୁଥିବାବେଳେ ଅଳ୍ପ ଉଚ୍ଚତାରେ ଥିବା ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଛୁଆହାତୀ ସମେତ ୭ ହାତୀ ମୃତ୍ୟୁର ଶିକାର ହୋଇଥିଲେ। ଏହା ଜଣାପଡିବା ପରେ ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ଉଭୟ ସେସୁ ଓ ବନ ବିଭାଗର ୭ ଜଣଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେସୁର ଜଣେ ଠିକା ଇଞ୍ଜିନିୟରଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ବେଳେ ୩ ଜଣଙ୍କୁ ନିଲମ୍ବିତ କରାଯାଇଥିଲା। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗର ୩ ଜଣଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ଚାକିରିରୁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଗତ ୨୮ ତାରିଖରେ ନିର୍ଦ୍ଦେଶ ଦେଇଥିଲେ।

### 'ଅଗ୍ନି-୧'ର ରାତ୍ରିକାଳୀନ...

ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ଏହି କ୍ଷେପଣାସ୍ତ୍ରର ବିକାଶ କରାଯାଇଛି। ଏହା ଅଣୁ ଅସ୍ତ୍ର ପରିବହନ କ୍ଷମତା ରଖୁଛି। ଭାରତର ପ୍ରତିରକ୍ଷା ବ୍ୟବସ୍ଥାରେ ଅଗ୍ନି-୧ କ୍ଷେପଣାସ୍ତ୍ର ଏକ ମାଇଲଖୁଣ୍ଟ ବୋଲି ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ଡିଆରଡିଓ ପକ୍ଷରୁ ଏବେ ଅଧିକାଂଶ କ୍ଷେପଣାସ୍ତ୍ରର ରାତ୍ରିକାଳୀନ ବ୍ୟବହାରିକ ପରୀକ୍ଷଣ କରାଯାଉଛି। କିଛିଦିନ ପୂର୍ବେ 'ପୃଥ୍ୱୀ' କ୍ଷେପଣାସ୍ତ୍ରର ରାତ୍ରିକାଳୀନ ପରୀକ୍ଷା କରାଯାଇଥିଲା।

### ଶ୍ରମିକଙ୍କ ସର୍ବନିମ୍ନ ...

ପଡୋଶୀ ରାଜ୍ୟ ଦ୍ୱାରା ନିର୍ଦ୍ଧାରଣ ହେଉଥିବା ସର୍ବନିମ୍ନ ମଜୁରି ସହ ପ୍ରାୟ ସମାନ ରହିବ। ଅଧିକ ମଜୁରି ପାଇବା ଆଶାରେ ଅନ୍ୟ ରାଜ୍ୟକୁ ଯାଉଥିବା ଶ୍ରମିକମାନଙ୍କୁ ଏହି ବର୍ଦ୍ଧିତ ମଜୁରି ରୋକିବାରେ ସହାୟକ ହେବ ବୋଲି ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ରାଜ୍ୟ ସରକାର ଶ୍ରମିକମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ଉଦ୍ୟମ କରୁଛନ୍ତି। ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଦେଶର ଅନ୍ୟ ରାଜ୍ୟଗୁଡ଼ିକର କୁଶଳ ଓ ଉଚ୍ଚକୁଶଳ ଶ୍ରମିକମାନେ ପାଉଥିବା ସର୍ବନିମ୍ନ ମଜୁରି ହାର ତୁଳନାରେ ଆପେକ୍ଷିକ ସର୍ବନିମ୍ନ ମଜୁରିହାରରେ ବୃଦ୍ଧି କରିଛନ୍ତି। କ୍ଷୁଦ୍ର ବନ୍ଦରଗୁଡ଼ିକରେ କାର୍ଯ୍ୟରତ ଶ୍ରମିକମାନେ ମଧ୍ୟ ଏହି ବର୍ଦ୍ଧିତ ମଜୁରିର ଫାଇଦା ନେଇ ପାରିବେ।

### ବିଧାୟକଙ୍କ ପୁଅ...

ଭିତରେ ମୋତେ ଧକ୍କା ମାରିବାରୁ ମୁଁ ତଳେ ପଡିଯାଇଥିଲି। ମୋ ଗୋଡ଼ରେ ଆଘାତ ଲାଗିଥିଲା। ପରେ ମୋତେ ସେମାନେ ଖରାପ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲେ। ତେବେ ଦେବୀଙ୍କ ସହ ସହଯୋଗୀ ଆସିଫ୍ ଅମିନ ଓ ସମ୍ବିତ ବେହେରା ଓରଫ ହାପିଙ୍କ ନାମ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

ଅଭିଯୋଗ ସମ୍ପର୍କରେ କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ଉକ୍ତ ମହିଳା ଆଇନଜୀବୀଙ୍କ ଅଭିଯୋଗ ଉପରେ ତଦନ୍ତ ଆରମ୍ଭ ହୋଇଛି। ଘଟଣା ସମୟର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ତଦନ୍ତ ସରିବା ପରେ ପ୍ରକୃତ ଘଟଣା କ'ଣ ଥିଲା ତାହା କହିହେବ। ଅନ୍ୟପଟେ ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି, ଏହା ସତ ଯେ ମୁଁ ହାଇକୋର୍ଟ ପାଖକୁ କିଛି କାମରେ ଯାଇଥିଲି। ହେଲେ ଅଭିଯୋଗ ଆଣିଥିବା ମହିଳା ଆଇନଜୀବୀଙ୍କୁ ଚିହ୍ନି ନାହିଁ କି ତାଙ୍କ ସହ ମୋର କୌଣସି ପାଟିତୁଣ୍ଡ ହୋଇନାହିଁ। ରାଜନୈତିକ ଅଭିସନ୍ଧି ରଖି ଏଭଳି ଅଭିଯୋଗ କରାଯାଇଛି। ସେହିପରି ଆସିଫ ଏବଂ ସମ୍ବିତ କହିଛନ୍ତି, ଆମ ନାଁ ରେ ହୋଇଥିବା ଅଭିଯୋଗ ଉଦ୍ଦେଶ୍ୟମୂଳକ। ଆମେ କାହାକୁ ଧକ୍କା ମାରିନୁ କି ଗାଳିଗୁଲଜ କରିନାହୁଁ।

### ଓଡ଼ିଆ କ୍ୟାମେରାମ୍ୟାନ୍ ...

ସୂଚନା ଓ ପ୍ରସାରଣ ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋଡ୍ ଆକ୍ରମଣର ନିନ୍ଦାକରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ଅଚ୍ୟୁତାନନ୍ଦଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ରାଠୋଡ୍ ଘୋଷଣା କରିଛନ୍ତି। ପ୍ରସାର ଭାରତୀ ଅଧ୍ୟକ୍ଷ ଏ. ସୂର୍ଯ୍ୟପ୍ରକାଶ ମଧ୍ୟ କ୍ୟାମେରାମ୍ୟାନ୍ ଓ ସୁରକ୍ଷା କର୍ମୀଙ୍କ ମୃତ୍ୟୁକୁ ନେଇ ଶୋକବ୍ୟକ୍ତ କରିଛନ୍ତି।

୩୪ ବର୍ଷୀୟ ଅଚ୍ୟୁତାନନ୍ଦ ସାହୁଙ୍କ ଘର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡା ଗ୍ରାମରେ। ସେ ପ୍ରଥମେ ଭାରତୀୟ ସେନାରେ ଚାକିରି କରୁଥିଲେ। କିଛିବର୍ଷ ତଳେ ସେ ସେନାରୁ ସ୍ୱେଚ୍ଛାକୃତ ଅବସର ନେଇ କଟକସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍‌ରେ ସିନେମାଟୋଗ୍ରାଫି ପାଠ ପଢିଥିଲେ। ଏଥିରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହେବା ପରେ ସେ ୨୦୦୩ରୁ ନୂଆଦିଲ୍ଲୀରେ ଦୂରଦର୍ଶନରେ କ୍ୟାମେରାମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ସେ ଦୁଇବର୍ଷ ତଳେ ବିବାହ କରିଥିଲେ। ନିର୍ବାଚନ ପୂର୍ବରୁ ଖବର ସଂଗ୍ରହ ପାଇଁ ଦୂରଦର୍ଶନର ଏକ ୩ ଜଣିଆ ଟିମ୍ ସହ ସେ ଛତିଶଗଡ଼ ଆସିଥିଲେ। ଖବରଦାତା ଧୀରଜ କୁମାର ଓ ଲାଇଟ୍ ଆସିଷ୍ଟାଣ୍ଟ ମୋରମୁକ୍ତ ଶର୍ମା ମଧ୍ୟ ଏହି ଟିମ୍‌ରେ ସାମିଲ ଥିଲେ। ଖବର ସଂଗ୍ରହ ପାଇଁ ଯାଉଥିବାବେଳେ ବାଟରେ ସେମାନେ ମାଓବାଦୀଙ୍କ ଆମ୍ବୁସ୍‌ରେ ଫସିଯାଇଥିଲେ। ପ୍ରକାଶ ଯେ, ଶନିବାର ମାଓବାଦୀଙ୍କ ଆକ୍ରମଣରେ ଛତିଶଗଡ଼ର ବିଜାପୁର ଜିଲାରେ ଜଣେ ଓଡ଼ିଆଙ୍କ ସମେତ ୪ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ବିଧାୟକ ପଦରୁ ...

ସମ୍ବିଧାନ ପ୍ରଣେତା ବାବାସାହେବ ବି.ଆର. ଆମ୍ବେଡକରଙ୍କ ତିରୋଧାନ ଦିବସରେ ଦଳିତ ଓ ଆଦିବାସୀଙ୍କୁ ନେଇ ଏକ ସଭା କରାଯିବାର ଯୋଜନା ରହିଛି ବୋଲି କୃଷ୍ଣ କହିଛନ୍ତି। କୃଷ୍ଣଙ୍କ ଇସ୍ତଫାକୁ ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଯେଉଁ କାରଣ ପାଇଁ କୃଷ୍ଣ ଇସ୍ତଫା ଦେଇଛନ୍ତି, ତାହା ସ୍ୱାଗତଯୋଗ୍ୟ। ଏହା ରାଜ୍ୟ ସରକାରଙ୍କ ପାଇଁ ଚିନ୍ତା କରିବାର ବିଷୟ। ଜଣେ ପୀଡ଼ିତାଙ୍କୁ ନ୍ୟାୟ ଦେବାରେ ପ୍ରଶାସନ ବିଫଳ ହୋଇଛି, ଯାହା ଜଣେ ବିରୋଧୀ ବିଧାୟକଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରିଛି। ବିଧାୟକ ପଦରୁ ଇସ୍ତଫା ପୂର୍ବରୁ କୃଷ୍ଣ କିଛି ଜଣାଇ ନାହାନ୍ତି, ଏ ସମ୍ପର୍କରେ ସେ ତାଙ୍କ ସହ ଆଲୋଚନା କରିବେ ବୋଲି ନିରଞ୍ଜନ କହିଛନ୍ତି। କୃଷ୍ଣଙ୍କ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ସାମାଜିକ ନ୍ୟାୟ ଅଭିଯାନର ଓଡ଼ିଶା ଆବାହକ ଅକ୍ଷୟ ମଲ୍ଲିକ କହିଛନ୍ତି, କ୍ଷମତାସର୍ବସ୍ୱ ରାଜନୀତିରେ ସାମାନ୍ୟ ବିଧାୟକ, ଏମ୍‌ପି ହେବା ପାଇଁ ସମସ୍ତେ ବ୍ୟଗ୍ର। ହେଲେ ଦଳିତ ସମାଜର ଜଣେ ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ କୃଷ୍ଣଙ୍କ ଇସ୍ତଫା ବିଚାରଧାରା ରାଜନୀତିର ପୁନଃଉତ୍ଥାନ କରିବ। ହଜିଯାଇଥିବା ଆଦର୍ଶଗତ ରାଜନୀତିର ଏକ ମୂଳଦୁଆ ପଡ଼ିଲା ବୋଲି ଅକ୍ଷୟ କହିଛନ୍ତି। ବିଧାୟକ ପଦରୁ ଇସ୍ତଫା ଦେବା ନେଇ ଘୋଷଣା କରିଥିବା କୃଷ୍ଣ ପୂର୍ବଭଳି କଂଗ୍ରେସରେ ରହିବେ। ସେହିପରି ବାଚସ୍ପତିଙ୍କ ଦ୍ୱାରା ଯଦି କୃଷ୍ଣଙ୍କ ଇସ୍ତଫା ଗ୍ରହଣ ହୁଏ, ତେବେ କଂଗ୍ରେସ ବିଧାୟକ ସଂଖ୍ୟା ୧୪କୁ ହ୍ରାସ ପାଇବ। ଅପରପକ୍ଷରେ ନିକଟରେ ବିଧାୟକ ଜର୍ଜ ତିର୍କୀ ଦଳରେ ଯୋଗ ଦେଇଥିବାରୁ ତାଙ୍କୁ କଂଗ୍ରେସର ସହଯୋଗୀ ସଭ୍ୟ ଭାବେ ଗଣାଯାଇ ପାରିବ। ତେଣୁ କଂଗ୍ରେସ ପାଖରେ ବିରୋଧୀ ଦଳ ନେତା ପଦ ରହିବା ନେଇ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

# ନାବାଳିକାଙ୍କୁ ଗଣବଳାତ୍କାର: ୪ଗିରଫ

## ଜଣେ ଫେରାର: ସ୍କୁଟର, ୨ ସାଇକେଲ ଜବତ

ଲହୁଣୀପଡ଼ା,୩୦।୧୦(ଡି.ଏନ୍.ଏ.)

ଜଣେ ନାବାଳିକାଙ୍କୁ ଘରେ ଛାଡ଼ିଦେବାକୁ କହି ଗାଡ଼ିରେ ବସାଇ ନେଇ ଧାନବିଲରେ ଗଣବଳାତ୍କାର କରିବା ଘଟଣାରେ ଲହୁଣୀପଡ଼ା ପୋଲିସ ମଙ୍ଗଳବାର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟକରା ଗ୍ରାମର ଜାକ୍ରିଆସ ଖାଲକୋ (୨୫), ଲମସି ଗ୍ରାମର ପ୍ରଶାନ୍ତ ପାତ୍ର (୨୪), ପାତ୍ରସାହିର ରାଜକୁମାର ପାତ୍ର (୨୩) ଓ ଲହୁଣୀପଡ଼ାରେ ରହି ଶ୍ରମିକ କାମ କରୁଥିବା ବଣାଇଁ ଥାନା ଅନ୍ତର୍ଗତ ଅଲେଖପୁରର କାଳନ୍ଦୀ ପାତ୍ର (୪୫)। ଗିରଫ ଅଭିଯୁକ୍ତଙ୍କଠାରୁ ପୋଲିସ ଏକ ନମ୍ବରବିହୀନ ସ୍କୁଟର ଓ ୨ଟି ସାଇକେଲ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ମଙ୍ଗଳବାର ଲହୁଣୀପଡ଼ା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବଣାଇଁ ଏସ୍‌ଡିପିଓ ଅବକାଶ ରାଉତରାୟ ଓ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ନିଜ ସମ୍ପର୍କୀୟଙ୍କ ସହିତ କଥା ହେଉଥିଲେ। ଏହି ସମୟରେ ଜାକ୍ରିଆସ ଓ ପ୍ରଶାନ୍ତ ସେଠାରେ ପହଞ୍ଚି ସମ୍ପର୍କୀୟଙ୍କ ସହ କଥା ହେବାକୁ ନାବାଳିକାଙ୍କୁ ବାରଣ କରିଥିଲେ। ଫଳରେ ନାବାଳିକା କଥାବାର୍ତ୍ତା ବନ୍ଦ କରି ଘରକୁ ଯିବାକୁ ବାହାରିଥିଲେ। ତେବେ ଜାକ୍ରିଆସ ଓ ପ୍ରଶାନ୍ତ ତାଙ୍କୁ ଘରେ ଛାଡ଼ିଦେବାକୁ କହି ଏକ ନମ୍ବରବିହୀନ ସ୍କୁଟରରେ ବସାଇଥିଲେ। କିନ୍ତୁ ତାଙ୍କୁ ଘରକୁ ନ ନେଇ ଅନ୍ୟ ରାସ୍ତାରେ ନେବାରୁ ନାବାଳିକା ଏହାର ପ୍ରତିବାଦ କରିଥିଲେ। ଜାକ୍ରିଆସ ଗାଡ଼ି ଅଟକାଇବାରୁ ନାବାଳିକା ତୁରନ୍ତ ଓହ୍ଲାଇ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ଜାକ୍ରିଆସ ଓ ପ୍ରଶାନ୍ତ ତାଙ୍କୁ ଜୋରଜବରଦସ୍ତ ଧାନ ଖେତକୁ ଟେକିନେଇ ବିଭିନ୍ନ ଧମକ ଚମକ ଦେଇ ଭୟଭୀତ କରାଇବା ସହ ବଳାତ୍କାର କରିଥିଲେ। ପରେ ରାଜକୁମାର, କାଳନ୍ଦୀ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସେମାନେ ଫୋନ କରି ଡାକିଥିଲେ। କିଛି ସମୟ ପରେ ରାଜକୁମାର ଓ କାଳନ୍ଦୀଙ୍କ ସହ ଅନ୍ୟ ବ୍ୟକ୍ତି ଜଣକ ଦୁଇଟି ସାଇକେଲ ଯୋଗେ ଆସି ସେଠାରେ ପହଞ୍ଚି ଜଣକ ପରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ଜାକ୍ରିଆସ ଓ ପ୍ରଶାନ୍ତ ନାବାଳିକାଙ୍କୁ ନେଇ ଘରେ ଛାଡ଼ି ଦେଇଥିଲେ। ନାବାଳିକା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରିଥିଲେ। ପରିବାର ଲୋକେ ରବିବାର ଅପରାହ୍ଣରେ ଲହୁଣୀପଡ଼ା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ନାବାଳିକାଙ୍କ ଡାକ୍ତରୀମାଇନା କରିବା ସହ ତଦନ୍ତ ଚଳାଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜାକ୍ରିଆସ, ପ୍ରଶାନ୍ତ, ରାଜକୁମାର ଓ କାଳନ୍ଦୀଙ୍କୁ ପୋଲିସ ଗିରଫ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଖୁବଶୀଘ୍ର ତାଙ୍କୁ ଧରାଯିବ ବୋଲି ଏସ୍‌ଡିପିଓ ରାଉତରାୟ ଓ ଥାନା ଅଧିକାରୀ ପ୍ରଧାନ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବେ ସରକାର

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ଦୀର୍ଘ ଦୁଇମାସରୁ ଊର୍ଦ୍ଧ୍ୱ ଦିନ ଧରି ଚାଲିଥିବା ଆଇନଜୀବୀମାନଙ୍କ ଆନ୍ଦୋଳନରେ ମୁହଁ ଖୋଲିଛନ୍ତି ଆଇନମନ୍ତ୍ରୀ ପ୍ରତାପ ଜେନା। ସେ କହିଛନ୍ତି ଯେ, ଯେଉଁ ରାଜନୈତିକ ଦଳଗୁଡିକ ଏହି ଘଟଣାରେ ଉସୁକାଉଛନ୍ତି ଏବଂ ସରକାର ହସ୍ତକ୍ଷେପ କରୁନାହାନ୍ତି ବୋଲି ଆରୋପ ଲଗାଉଛନ୍ତି ଏକଥା ସମ୍ପୂର୍ଣ୍ଣ ଭୁଲ୍। ଯଦି ସରକାର ଏହି ଘଟଣାରେ ହସ୍ତକ୍ଷେପ କରି ନ ଥାଆନ୍ତେ ତେବେ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪ଜଣଙ୍କୁ ନିଲମ୍ବନ କରାଯାଇ ନ ଥାଆନ୍ତା। ଏହି ଘଟଣାରେ ସୁପ୍ରିମକୋର୍ଟ ଓ ହାଇକୋର୍ଟ ମୁଖ୍ୟ ବିଚାରପତି ମଧ୍ୟ ରାଜ୍ୟର ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଆନ୍ଦୋଳନ ବନ୍ଦ କରିବାକୁ ଆଇନଜୀବୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଏବେ ଏ ସମ୍ପର୍କରେ ନିଷ୍ପତ୍ତି ନେବେ ତେଣୁ ଆଇନଜୀବୀମାନେ ଆନ୍ଦୋଳନକୁ ବନ୍ଦ କରି କାର୍ଯ୍ୟରେ ଯୋଗ ଦେବା ପାଇଁ ମୁଁ ଅନୁରୋଧ କରୁଛି। ରାଜ୍ୟରେ ବହୁ ଲୋକ ବର୍ତ୍ତମାନ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଘଟଣାରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଣେ ଆଇଜି ପାହ୍ୟାର ଅଫିସର ଏହାର ତଦନ୍ତ କରୁଛନ୍ତି। ତେଣୁ ଏବେ ଆନ୍ଦୋଳନରୁ ଓହରି ଆଇନ ଅନୁଯାୟୀ କଥାକୁ ଆଗେଇ ନିଅନ୍ତୁ। ହାଇକୋର୍ଟ ଯାହା ନିଷ୍ପତ୍ତି ନେବେ ସରକାର ତାକୁ ମାନିନେବେ ବୋଲି ଜେନା କହିଛନ୍ତି। ଅନ୍ୟପଟେ ଭାଜପା କିନ୍ତୁ ପାଲଟା ରାଜ୍ୟ ସରକାରଙ୍କୁ

### ମୁହଁ ଖୋଲିଲେ ଆଇନ ମନ୍ତ୍ରୀ

ସମାଲୋଚନା କରିଛି। ଦଳର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଭାଜପା ମୁଖ୍ୟାଳୟଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଦୀର୍ଘଦିନ ଧରି ଚାଲିଥିବା ଆଇନଜୀବୀମାନଙ୍କ ଆନ୍ଦୋଳନ ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହେବା ପରେ ଏହାକୁ ଏକ ହିଂସାତ୍ମକ ରୂପ ଦେଇଛନ୍ତି। ଏହା ଗଣତନ୍ତ୍ରର ହତ୍ୟା ସଦୃଶ। ଯେତେବେଳେ କୌଣସି ସରକାର ଆନ୍ଦୋଳନକୁ ବଳପୂର୍ବକ ଦମନ କରିବାକୁ ଚେଷ୍ଟା କରିବେ ସେତେବେଳେ ତା'ର ପତନ ସୁନିଶ୍ଚିତ। ରାଜ୍ୟ ସରକାର ବର୍ତ୍ତମାନ ସେହି ରାସ୍ତାଦେଇ ଚାଲିଛନ୍ତି। ରାଜ୍ୟରେ ଏକ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିଛନ୍ତି। ସରକାର ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛନ୍ତି। ସରକାର ତୁରନ୍ତ ଆଇନଜୀବୀମାନଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରନ୍ତୁ ବୋଲି ହରିଚନ୍ଦନ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

SMS JOB
Send SMS, Earn MONEY
A-TEL - GOLD MEDALIST COMPANY
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

ଫାଇନାନ୍ସ
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - 90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466
8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

Dhanlaxmi Financial Services, Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 – 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ। 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍‌ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ



### ଶାଳ ଚୌକାଠ ବୋଝେଇ ମିନିଟ୍ରକ ଜବତ

ରେଢ଼ାଖୋଲ,୩୦।୧୦(ଡି.ଏନ.ଏ.)
ରେଢ଼ାଖୋଲ ବନଖଣ୍ଡର ହାତୀଧରା ସଂରକ୍ଷିତ ଜଙ୍ଗଲରୁ ସୋମବାର ବିଳମ୍ବିତ ରାତିରେ ଶାଳ ଚୌକାଠ ବୋଝେଇ ମିନି ଟ୍ରକ (ନଂ. ଓଆର ୦୨କେ ୧୬୧୭)କୁ ବନ ବିଭାଗ ଜବତ କରିଛି। ହେଲେ ଚୋରାଚାଲାଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମିନି ଟ୍ରକରେ ୩୫ଖଣ୍ଡ ଶାଳ ଚୌକାଠ ବୋଝେଇ ରହିଥିଲା। ରେଢ଼ାଖୋଲ ରେଞ୍ଜ୍ ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି ଯେ ହାତୀଧରା ସଂରକ୍ଷିତ ଜଙ୍ଗଲରେ ଚୋରାଚାଲାଣ ପାଇଁ ଚୌକାଠ ବୋଝେଇ ହେଉଥିବା ଖବର ପାଇ ଫରେଷ୍ଟର ପ୍ରିୟଦର୍ଶୀ ପ୍ରଧାନ, ନାରାୟଣ ନାଏକ, ଗାର୍ଡ ରବିନ୍ଦ୍ର କୁମାର ସାହୁଙ୍କ ସମେତ ବନ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଏହି ଘଟଣାରେ ପରିବହନ ଅଧିକାରୀଙ୍କଠାରୁ ଗାଡ଼ିର ମାଲିକଙ୍କ ସମ୍ପର୍କରେ ଆବଶ୍ୟକ ତଥ୍ୟ ମିଳିବା ପରେ ମାମଲା ରୁଜୁ କରାଯିବ ବୋଲି ଜଣାପଡ଼ିଛି।

### ଚାରମାଲରେ ପୋଲିସ ସମିତି ବୈଠକ

ରେଢ଼ାଖୋଲ,୩୦।୧୦(ଡି.ଏନ.ଏ.)
ସମ୍ବଲପୁର ଜିଲା ଚାରମାଲ ପୋଲିସ ପକ୍ଷରୁ ଥାନା ପରିସରରେ ମଙ୍ଗଳବାର ପୋଲିସ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବସନ୍ତ କୁମାର ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମିତିର ହରିଶଙ୍କର ପ୍ରଧାନ, ମଦନ ମୋହନ ପ୍ରଧାନ, ବଦ୍ରି ନାରାୟଣ ପ୍ରଧାନ, ଟଙ୍କଧର ବେହେରା, ମେଘନାଦ ପ୍ରଧାନ, ନାରାୟଣ ପ୍ରଧାନ, ଗଣ୍ଡା ଦେହୁରୀଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏସ୍‌ଆଇ ବିଧୂଭୂଷଣ ମିଶ୍ର ଧନ୍ୟବାଦ ଦେଇଥିଲେ।

### କ୍ୟାମ୍ପ କୋର୍ଟ, ୨ ଜାମିନରେ ମୁକୁଳିଲେ

ରେଢ଼ାଖୋଲ,୩୦।୧୦(ଡି.ଏନ.ଏ.)
ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରେଢ଼ାଖୋଲ ଉପକାରାଗାରରେ ମଙ୍ଗଳବାର ଅନୁଷ୍ଠିତ କ୍ୟାମ୍ପ କୋର୍ଟର ଦ୍ୱିତୀୟ ଦିବସରେ ୨ ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର ହୋଇଛି। ଏସଡିଜେଏମ ଅପୂର୍ବା ଚୌଧୁରୀ ଅଭିଯୁକ୍ତଦ୍ୱୟଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରିଥିଲେ। ସୋମବାର କ୍ୟାମ୍ପ କୋର୍ଟର ପ୍ରଥମ ଦିନରେ ୧୫ଜଣ ଜାମିନ ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୩ଜଣଙ୍କ ଆବେଦନକୁ ନାମଞ୍ଜୁର କରାଯାଇଛି। ମାମଲାଗୁଡ଼ିକ ମଧ୍ୟରୁ ଅଧିକାଂଶ ସେସନ୍ସ କୋର୍ଟ ବିଚାରାଧୀନ ହୋଇଥିବାରୁ ଜାମିନ ନାମଞ୍ଜୁର ହୋଇଥିବା ଜଣାପଡିଛି। ସବ ଜଜ୍ ବାସୁଦେବ ଆଚାର୍ଯ୍ୟଙ୍କ କ୍ୟାମ୍ପ କୋର୍ଟରେ ମଙ୍ଗଳବାର ୬ଜଣ ଅଭିଯୁକ୍ତ ଜାମିନ ଆବେଦନ କରିଥିବା ବେଳେ ଜଣଙ୍କର ଜାମିନ ଆବେଦନର ଶୁଣାଣି ବୁଧବାର ରଖାଯାଇଛି। ଅନ୍ୟ ୨ ଓ ୩ଟି ମାମଲାର ଶୁଣାଣି ଯଥାକ୍ରମେ ୩ ଓ ୫ ତାରିଖ ରଖାଯାଇ ସମ୍ପୃକ୍ତ ଥାନାକୁ କେସ ଡାଏରୀ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଟିଏଫ କଲେଜରେ ଆଞ୍ଚଳିକ ଶିଳ୍ପକେନ୍ଦ୍ରର କର୍ମଶାଳା

ବାମରା, ୩୦।୧୦(ସ୍ୱ.ପ୍ର.)
ବାମରା ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟରେ ଆଞ୍ଚଳିକ ଶିଳ୍ପକେନ୍ଦ୍ର ସମ୍ବଲପୁର ତରଫରୁ ରାଜ୍ୟ ଅଣୁ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପ୍ରଯୋଜନାରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ବାମରା ପଞ୍ଚାୟତ ସମିତିର ଅଧ୍ୟକ୍ଷ ସଦାନନ୍ଦ କୁଜୁର ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ ବିହାରୀ ନାଏକ ସ୍ୱାଗତ ସମ୍ଭାଷଣ ଦେଇଥଲେ। ଆଞ୍ଚଳିକ ଶିଳ୍ପକେନ୍ଦ୍ର, ସମ୍ବଲପୁର ତରଫରୁ ଯୁଗ୍ମ ନିର୍ଦ୍ଦେଶକ ଶାହା ଗୋଣ୍ଡ, ସହପରିଚାଳକ ବିନୟ କୁମାର ବହିଦାର, ଅନ୍ୟତମ ସହପରିଚାଳକ ଇଂ. ମନମାଳି ଟପ୍ପୋ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ଦିଗଦର୍ଶନ ଦେଇଥିଲେ। ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଦୀପକ କୁମାର ମେହେର କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଦେଶର ଅର୍ଥନୈତିକ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ହରିଶ୍ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରସାୟନ ବିଜ୍ଞାନ ମୁଖ୍ୟ ପ୍ରଦୀପ୍ତ କୁମାର ସାହୁ ଏବଂ ବାମରା ଶିଳ୍ପ ପ୍ରୋତ୍ସାହନ ଅଧିକାରୀ ସହଯୋଗ କରିଥିଲେ। କର୍ମଶାଳାରେ ପ୍ରାୟ ୨ ଶହ ଯୁକ୍ତ ୩ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

# ୧୦ ଦଫା ଦାବିରେ ଭାଜପାର ବିକ୍ଷୋଭ

ନାକଟିଦେଉଳ,୩୦।୧୦(ଡି.ଏନ.ଏ)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଭାଜପା ପକ୍ଷରୁ ୧୦ ଦଫା ଦାବି ନେଇ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଏକ ପ୍ରତିବାଦ ସଭା ହୋଇଛି। ମଧ୍ୟାହ୍ନରେ ପ୍ରାୟ ଶତାଧିକ ଭାଜପା କର୍ମୀ ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନମାନ ଦେଇ ସ୍ଥାନୀୟ ହାଟପଦାଠାରୁ ଏକ ବିରାଟ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ସେଠାରେ କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଗଡତ୍ୟା, ପ୍ରମୋଦ ମାଝୀ, ନାକଟିଦେଉଳ ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜାହ୍ନବୀ ସ୍ୱାଇଁ, କିସିଣ୍ଡା ମଣ୍ଡଳ ସଭାନେତ୍ରୀ ଶାନ୍ତି କାଣ୍ଡୋଲେନା, ଭାଜପା ନେତ୍ରୀ ସ୍ନେହଲତା ଦେବୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ କୁମାରେଶ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ବରିଷ୍ଠ ଭାଜପା ନେତା କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ଯୋଗଦେଇ ରାଜ୍ୟରେ ଏକ ଅପାରଗ ଅଣଓଡ଼ିଆ, ପିସି ସରକାର ଚାଲିଛି ବୋଲି କହିଥିଲେ। କେନ୍ଦ୍ର ଅନୁଦାନକୁ ନିଜ ଯୋଜନାରେ ନାମିତ କରି ନବୀନ ସରକାର ବାହାବା ନେଉଥିବା ଗର୍ଜି ଉଠିଥିଲେ। ଆଗାମୀ ନିର୍ବାଚନରେ ଜନସାଧାରଣ ଏହାର ଉପଯୁକ୍ତ ଜବାବ ଦେବାର ସମୟ ଆସିଛି ବୋଲି କହିଥିଲେ। ପରେ ନାକଟିଦେଉଳ ବ୍ଲକରେ କୃଷି ଋଣ ସମ୍ପୂର୍ଣ୍ଣ ଛାଡ, ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ, ସମସ୍ତ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା, ଚାଷୀମାନଙ୍କୁ ପେନସନ ପ୍ରଦାନ, ଚାଷୀ ନେତା ପର୍ଶୁରାମ ପ୍ରଧାନଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ, ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପ୍ରଦାନ, ଚାଷୀ ଋଣ ଟଙ୍କା ହଡ଼ପକାରୀଙ୍କ ବିରୋଧରେ ସିବିଆଇ ତଦନ୍ତ, ଆୟୁଷ୍ମାନ ଯୋଜନା ଓଡ଼ିଶାରେ ଲାଗୁ କରିବା, ନାକଟିଦେଉଳ ସିଏଚସିରେ ଡାକ୍ତର ପଦବୀ ପୂରଣ ଏବଂ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଆଦି ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ବିଡିଓ ମେଥୋଡିୟସ ଲାକ୍ରାଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ କିସିଣ୍ଡା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସୁଜିତ ପ୍ରଧାନ, ଯଜ୍ଞେଶ୍ୱର ସାହୁ, ଅମୂଲ୍ୟ ପ୍ରଧାନ, ଦେବାର୍ଚ୍ଚନ ସାହୁ, ଯଦୁମଣି ପାତ୍ର, ହରିହର ସାହୁ, ଅଶୋକ ପ୍ରଧାନଙ୍କ ସମେତ ସହସ୍ରାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

### ଏମସିଏଲରେ ରାଜଭାଷା କାର୍ଯ୍ୟକାରୀ ସମିତି ବୈଠକ

ସମ୍ବଲପୁର,୩୦।୧୦(ବ୍ୟୁରୋ)
ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟରେ ୫୯ତମ ରାଜଭାଷା କାର୍ଯ୍ୟକାରୀ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜଭାଷା ପ୍ରଭାରୀ ମହାପ୍ରବନ୍ଧକ ପିକେ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ହିନ୍ଦୀ ପ୍ରାଧ୍ୟାପକ ଡ. ହିରିଶ୍ଚନ୍ଦ୍ର ଶର୍ମା ଯୋଗଦେଇ ରାଜଭାଷା ବ୍ୟବହାର ବିଷୟରେ କହିଥିଲେ। ରାଜଭାଷା ବିଭାଗର ତୁଳିକା ବିଶ୍ୱାସଙ୍କ ସଂଯୋଜନାରେ ବୈଠକ ହୋଇଥିଲା। ଗତ ବୈଠକରେ ହୋଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। କୋଇଲାରି ସହାୟକ ପ୍ରବନ୍ଧକ ବି ଆର ସାହୁ ଧନ୍ୟବାଦ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବାର୍‌ହା ମାଂସ ସହ ବନ୍ଧୁକ ଜବତ

ନାକଟିଦେଉଳ,୩୦।୧୦(ଡି.ଏନ.ଏ.)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଖଲାଶୁଣୀ ଅଭୟାରଣ୍ୟ ମଧ୍ୟରୁ ୭ କେଜି ବାର୍‌ହା ମାଂସ ସହ ଦେଶୀ ବନ୍ଧୁକ, ଛୁରୀ, କଟୁରୀ ଜବତ ହୋଇଛି। ଏଥିରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ କିସିଣ୍ଡା ଥାନା ବଲାସିଙ୍ଗା ଗ୍ରାମର ମିଞ୍ଜା କିସାନ।

ବନ ବିଭାଗ ସୂଚନାନୁଯାୟୀ, ଅଭୟାରଣ୍ୟ ମଧ୍ୟକୁ କେତେଜଣ ଶିକାରୀ ପଶିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତଦନୁଯାୟୀ, ସୋମବାର ଅପରାହ୍ନରେ କିସିଣ୍ଡା ଫରେଷ୍ଟର ଭରତ ଚନ୍ଦ୍ର ସ୍ୱାଇଁ, ହେମନ୍ତ କୁମାର ମିଶ୍ରଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ନିହାର ରଞ୍ଜନ ବଡ଼ପଣ୍ଡା, ଚୁଡ଼ାମଣୀ ନାଏକ, ସୁଜିତ ପଟେଲ, ପଦ୍ମଲୋଚନ ବଡ଼ଗୋଛିଆ ପ୍ରମୁଖ ସଦଳବଳ ଅଭୟାରଣ୍ୟକୁ ଯାଇଥିଲେ। ସେଠାରେ ଖାନତଲାସି କରିବା ସମୟରେ ୬୭ ନଂ. ପିଲର ପାଖରେ ବାର୍‌ହା ମାଂସ କଟା ଯାଉଥିବାବେଳେ ଚଢ଼ାଉ କରି ମିଞ୍ଜାଙ୍କୁ କାବୁ କରି ନେଇଥିଲେ। ଅନ୍ୟ ୨ ବାରହା ଶିକାରୀ ସେଠାରୁ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିଲେ। ଖବର ପାଇ ବାମରା ବନ୍ୟପ୍ରାଣୀ ବନଖଣ୍ଡ ସହକାରୀ ବନ ସଂରକ୍ଷକ ଯଦୁମଣି କେର୍କେଟା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଜବତ ମାଂସ ଗ୍ରାମବାସୀଙ୍କ ଉପସ୍ଥିତିରେ କିସିଣ୍ଡା ରେଞ୍ଜ୍ ପରିସରରେ ପୋତି ଦିଆଯାଇଛି। ବନ୍ୟଜନ୍ତୁ ସଂରକ୍ଷଣ ଆଇନରେ ଏ ନେଇ ଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ଗିରଫ ଅଭିଯୁକ୍ତଙ୍କୁ ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଛି। ଫେରାର୍ ଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ସେହି ଗ୍ରାମର ଫଗୁଆ ମିର୍ଦ୍ଧା, ମହେନ୍ଦ୍ର କିସାନ। ଉଭୟଙ୍କୁ ଗିରଫ କରିବା ପାଇଁ ତନାଘନା ଜାରି ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୧୩ ତାରିଖରେ ଖଲାଶୁଣୀ ଅଭୟାରଣ୍ୟ ମଧ୍ୟରୁ ଏକ ଦେଶୀ ବନ୍ଧୁକ ସହ ଜଣେ ଶିକାରୀଙ୍କୁ ଗିରଫ କରାଯାଇଥିଲା।



ବାର୍‌ହା ମାଂସ ସହ ଗିରଫ ଅଭିଯୁକ୍ତ।

### ଚାଷୀଙ୍କ ସମସ୍ୟା : ଉପଜିଲାପାଳଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ

ରେଢ଼ାଖୋଲ,୩୦।୧୦(ଡି.ଏନ.ଏ.)
ରେଢ଼ାଖୋଲ ଦଧିବାମନ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଚାଷୀମାନଙ୍କ ବଭିନ୍ନ ସମସ୍ୟା ନେଇ ୬ଦଫା ଦାବିପତ୍ର ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ ପ୍ରଦାନ କରାଯାଇଛି। କଦଳିଗଡ଼, କୁକୁଡ଼ାବାହାଲି ଓ ବଡ଼ବାହାଲ ପଞ୍ଚାୟତର ଚାଷୀମାନଙ୍କୁ ନେଇ ଗଠିତ ଏହି ସଙ୍ଗଠନ ପକ୍ଷରୁ ରେଢ଼ାଖୋଲସ୍ଥିତ କେରାଣ୍ଡିଯୋର କ୍ଷୁଦ୍ରଜଳସେନ ପ୍ରକଳ୍ପର କେନାଲ କୁକୁଡ଼ାବାହାଲି ଦେଇ କନ୍ଧରା ପର୍ଯ୍ୟନ୍ତ ସଂପ୍ରସାରଣ, ଚିରସ୍ରୋତା ଚମ୍ପାଲୀ ଯୋରକୁ କେରାଣ୍ଡି ଯୋର ସହ ସଂଯୋଗ, ଚାଷ ଜମିକୁ ଉଠା ଜଳସେଚନ ଓ ଗଭୀର କୂପ ଖୋଳା ଯାଇ ସୌରଚାଳିତ ଯନ୍ତ୍ର ଦ୍ୱାରା ଜଳସେଚନ, କୃଷି ଋଣ ସମ୍ପୂର୍ଣ୍ଣ ଛାଡ, କଦଳିଗଡ଼ଠାରେ ଶୀତଳ ଭଣ୍ଡାର ନିର୍ମାଣ ଓ ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଆଦି ଦାବି କରାଯାଇଛି। ୧୫ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମୁଖ୍ୟମନ୍ତ୍ରୀ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ଜିଲାପାଳ, ବିଧାୟକ, କ୍ଷୁଦ୍ରଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଦଧିବାମନ କୃଷକ ସଙ୍ଗଠନ ସଭାପତି ବୃଷକେତୁ ପ୍ରଧାନ, ସମ୍ପାଦକ ମାଗୁଣି ପ୍ରଧାନ, ଉପସଭାପତି ପ୍ରଦୀପ ମହାକୁଡ଼, ପ୍ରଭାଶ କର୍ଣ୍ଣ, ଭୁବନେଶ୍ୱର ପ୍ରଧାନ, ପବିତ୍ର ମୋହନ ପ୍ରଧାନଙ୍କ ସମେତ ୩ ପଞ୍ଚାୟତର ଶତାଧିକ ଚାଷୀଙ୍କ ସ୍ୱାକ୍ଷର ରହିଛି।

### ହିଣ୍ଡାଲ୍‌କୋ ତରଫରୁ ୪୪ ଅଙ୍ଗନୱାଡି କେନ୍ଦ୍ରକୁ ସହାୟତା

ହୀରାକୁଦ,୩୦।୧୦(ଡି.ଏନ.ଏ.)
ହିଣ୍ଡାଲକୋର ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ହୀରାକୁଦ ଅଞ୍ଚଳର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଦରି, ଥାଳି, ଗ୍ଲାସ, ସିଲଟ, ଚକ୍‌ଖଡି ଓ ବେବି କ୍ଲଥ ଆଦି ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇଛି। ହୀରାକୁଦ ଲେବର କଲୋନୀସ୍ଥିତ କମ୍ୟୁନିଟି ହଲ ପରିସରରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୧ରୁ ୧ଘଟିକା ପର୍ଯ୍ୟନ୍ତ ହୋଇଥିଲା। ହୀରାକୁଦ ଅଞ୍ଚଳର ୪୪ ଅଙ୍ଗନୱାଡି କେନ୍ଦ୍ରର ସହକର୍ମୀ ଏଥିରେ ଭାଗ ନେଇଥିଲେ। ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର (ଡିଏସଡବ୍ଲୁଓ) ମୁଖ୍ୟ ଅତିଥି, ଧନକଉଡ଼ା ଶିଶୁ ବିକାଶ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ସମ୍ବଲପୁର ସହରାଞ୍ଚଳ ଶିଶୁ ବିକାଶ ଅଧିକାରିଣୀ ଗୀତାରାଣୀ ମିଶ୍ର ଓ ମ୍ୟାନେଜର ଏନଓପି, ଆଇସିଡିଏସ ବିଚିତ୍ରାନନ୍ଦ ଆଚାର୍ଯ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ ରାଜେଶ କୁମାର ଗୁପ୍ତା, ସିଏସଆର କ୍ଲଷ୍ଟର ହେଡ ଏ. ସତ୍ୟନାରାୟଣଙ୍କ ଉପସ୍ଥିତିରେ ସିଏସଆର ଡିନ୍ ମେନେଜର ଜଗଦିଶ ମିଶ୍ର କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ମୁଖ୍ୟ ଅତିଥି ମହାପାତ୍ର ହିଣ୍ଡାଲ୍‌କୋର ଏହି ସାମାଜିକ କଲ୍ୟାଣକାରୀ ପଦକ୍ଷେପକୁ ଭୂୟସୀ ପ୍ରସଂଶା କରିଥିଲେ। ହୀରାକୁଦ ଅଞ୍ଚଳର ପରିପାର୍ଶ୍ୱିକ ଉନ୍ନତି ପାଇଁ ହିଣ୍ଡାଲ୍‌କୋ ସଦାସର୍ବଦା ଚେଷ୍ଟିତ ବୋଲି କ୍ଲଷ୍ଟର ମୁଖ୍ୟ ରାଜେଶ କୁମାର ଗୁପ୍ତା କହିଥିଲେ। ସିଏସ୍‌ଆର କ୍ଲଷ୍ଟର ହେଡ ଏ ସତ୍ୟନାରାୟଣ ଅଙ୍ଗନୱାଡି କର୍ମୀଙ୍କ ସାମାଜିକ ଦାୟିତ୍ୱବୋଧ ପ୍ରତି ଗୁରୁତ୍ୱାରୋପ କରିବା ସହ ସେମାନଙ୍କୁ ଆବଶ୍ୟକ ମୁତାବକ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ଧନକଉଡା ଶିଶୁ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ମଧ ହିଣ୍ଡାଲ୍‌କୋର ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସମସ୍ତ କର୍ମଚାରୀ ଏହାକୁ ସମ୍ପାଦନା କରିଥିଲେ ।

### ବୁର୍ଲା ଗୌଡପାଲିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ବୁର୍ଲା,୩୦।୧୦(ଡି.ଏନ.ଏ.)
ରାଜ୍ୟବ୍ୟାପୀ ବିଜେଡିର ଜନସମ୍ପର୍କ ପଦଯାତ୍ରା ଚାଲିଛି । ଏହି କ୍ରମରେ ବୁର୍ଲାର ଗୌଡ଼ପାଲି ଓ ଢ଼ିପାପଡା ଅଞ୍ଚଳରେ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ନଗର ବିଜେଡି ସଭାପତି ଦେବାଶୀଷ ନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ପଦଯାତ୍ରା ବୁର୍ଲା ପିଜି ଛକରୁ ବାହାରି ଢ଼ିପାପଡା ଦେଇ ଗୌଡପାଲିରେ ପହଞ୍ଚି ଥିଲା। ଗୌଡ଼ପାଲିରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ଓଡିଶା ପ୍ରତି କେନ୍ଦ୍ରର ଅବହେଳା ନେଇ ବିଧାୟିକା ବର୍ଷିଥିଲେ। ବିଜେଡି ସରକାରଙ୍କ ସଫଳତା ନେଇ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଏଥିସହ ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ନଗର ମହିଳା ସଭାନେତ୍ରୀ ଶାନ୍ତିଲତା ସ୍ୱାଇଁ, ସୁଜାତା ପୁରୋହିତ, ଲକ୍ଷ୍ମୀ ପ୍ରଧାନ, ଲଳିତ ଲୁହା, ଗୋକୁଳି ରାଉତ, ବାବୁଲୁ ମିଶ୍ର, ବାପି ପଣ୍ଡା, ଜିତୁ ଲାମା, ବାବୁ ବାରିକ, ବିଭିଷଣ ବେସର, ତ୍ରିଲୋଚନ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଡିଭାଇଡରରେ ପିଟି ହେଲା ବାଇକ୍, ୨ ମୃତ

ସମ୍ବଲପୁର,୩୦।୧୦(ବ୍ୟୁରୋ)
ସମ୍ବଲପୁର ଜିଲା ଅଇଁଠାପାଲି ଛକରେ ମଙ୍ଗଳବାର ସଡକ ଦୁର୍ଘଟଣା ଘଟିଛି। ଡିଭାଇଡରରେ ପିଟି ହୋଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଲପଙ୍ଗା ଗ୍ରାମର ପିଣ୍ଟୁ ସାହୁ (୨୪), ରିଙ୍କୁ ପ୍ରଧାନ (୨୩)ଙ୍କ ଜୀବନ ଯାଇଛି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ସଦର ଡାକ୍ତରଖାନା ପଠାଇଛି। ବୁର୍ଲା ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣେ ସମ୍ପର୍କୀୟଙ୍କୁ ରାତ୍ରି ସେବା ଯୋଗାଇଦେବାକୁ ବାଇକ ଯୋଗେ ରିଙ୍କୁ ଓ ପିଣ୍ଟୁ ଘରୁ ବାହାରିଥିଲେ। ଅଇଁଠାପାଲି ଛକରେ ରାସ୍ତାକଡରେ ଥିବା ଡିଭାଇଡରରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ପିଣ୍ଟୁ ଓ ଜିଲା ସଦର ଡାକ୍ତରଖାନାରେ ରିଙ୍କୁଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ପରିବାର ଲୋକେ ଜିଲା ସଦର ଡାକ୍ତରଖାନାରେ ପହଞ୍ଚିଥିଲେ।

# ପଞ୍ଚାୟତବାସୀଙ୍କ ସମସ୍ୟା ଉପରେ ଆଲୋଚନା

ସମ୍ବଲପୁର,୩୦।୧୦(ବ୍ୟୁରୋ)
ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତ କେନ୍ଦୁଘାଟି ଗ୍ରାମରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଡାକଡେରା ଛକଠାରେ ରେଢାଖୋଲ ବିଧାୟକ ରୋହିତ ପୁଜାରୀଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସେଠାରୁ ପଦଯାତ୍ରା ବାହାରି କେନ୍ଦୁଘାଟି ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ। ଯୁଯୁମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଗ୍ରାମବାସୀ ପଞ୍ଚାୟତର ସମସ୍ୟା ବିଷୟରେ ବିଧାୟକଙ୍କୁ ଜଣାଇଥିଲେ। ଏଥିରେ ପର୍ଯ୍ୟାୟ କ୍ରମେ ସମାଧାନ ଲାଗି ପଦକ୍ଷେପ ନିଆଯିବ ବୋଲି ବିଧାୟକ ଭରସା ଦେଇଥିଲେ। ଏଥି ସହ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଅବଗତ କରିଥିଲେ। ଜୟନ୍ତପୁର ପଞ୍ଚାୟତରେ ୪ ବର୍ଷରେ ଅନେକ ଉନ୍ନୟନ ମୂଳକ କାମ ହୋଇଛି। ଅଧୁରା କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରାଯିବ। ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଏଣୁ ଦଳୀୟ କର୍ମୀଙ୍କ ଦାୟିତ୍ୱ ବଢ଼ିଛି। ଦଳକୁ ତୃଣମୂଳସ୍ତରରୁ ମଜଭୁତ କର। ସରକାରଙ୍କ ସଫଳତା ଓ କେନ୍ଦ୍ର ସରକାରଙ୍କ ବିଫଳତା ଲୋକଙ୍କୁ ଜଣାଅ। ଏହି ନିର୍ବାଚନରେ ମହିଳା କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ସକ୍ରିୟ ହୋଇ ଦଳ ପାଇଁ କାମ କରନ୍ତୁ। ନିର୍ବାଚନରେ ପୁନର୍ବାର ବିଜେଡିର ବିଜୟ ସୁନିଶ୍ଚିତ କରିବାକୁ ସେ କହିଥିଲେ। ଏହି ଅବସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ସାହୁ, ଜିଲା ମହିଳା ସଭାପତି ଉଷା ପ୍ରଧାନ, କବିତା ପୁରୋହିତ ଉଦ୍‌ବୋଧନ ଦେଇଥିଲେ। ଗଣେଷ ତାଣ୍ଡିଆ, ଜୟନାରାୟଣ ସାହୁ,ନାରାୟଣ ସାହୁ,ନେତ୍ର ମହନ୍ତ, କୁନୁ ବାରିକ, ଦୁତି ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଜୟନ୍ତପୁରରେ ବିଜେଡିର ପଦଯାତ୍ରା**
- ପର୍ଯ୍ୟାୟ କ୍ରମେ ସମାଧାନର ପ୍ରତିଶ୍ରୁତି
- ଲୋକାଭିମୁଖୀ ଯୋଜନା ଉପରେ ସଚେତନତା
- ଯୋଗଦେଲେ ଅନ୍ୟ ଦଳର ୪୬ କର୍ମୀ



ସମ୍ବଲପୁର ଜିଲା ଜୟନ୍ତପୁର ପଞ୍ଚାୟତ କେନ୍ଦୁଘାଟିରେ ବିଜେଡିର ପଦଯାତ୍ରା ।

### ପଞ୍ଚଶାସନୀ ବ୍ରାହ୍ମଣ ସମାଜର ବୈଠକ

ସମ୍ବଲପୁର,୩୦।୧୦(ବ୍ୟୁରୋ)
ପଞ୍ଚଶାସନୀ ବ୍ରାହ୍ମଣ ସମାଜର କାର୍ଯ୍ୟକାରୀ କମିଟି ବୈଠକ ସମ୍ବଲପୁର ଗୋପାଳଜୀ ମଠଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଡିସେମ୍ବର ୩୦ ତାରିଖ ଲଇଡା ନିକଟସ୍ଥ ରେଙ୍ଗାଲୋଇ ଗ୍ରାମରେ ହେବାକୁ ଥିବା ବାର୍ଷିକ ଅଧିବେଶନ ସମ୍ପର୍କରେ ସଭ୍ୟମାନେ ଆଲୋଚନା କରିଥିଲେ। ସମାବେଶରେ ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସଭ୍ୟମାନେ ସାମିଲ ହେବେ । ଏଥିସହ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ମାନିତ କରାଯିବ। ସେହିପରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ମହନ୍ତ ହୃଷିକେଶ ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଶିବ ପ୍ରସାଦ ତ୍ରିପାଠୀ, କୃଷ୍ଣଚନ୍ଦ୍ର ପତି, ସରୋଜ କୁମାର ଧର, ଅଭୟ କୁମାର ନାୟକ, ପ୍ରସନ୍ନ କୁମାର ବିଶ୍ୱାଳ, ଲକ୍ଷଣ କୁମାର ବେହେରା, ହୃଷିକେଶ ନାଥ, ପ୍ରଶନ୍ନ କୁମାର କର ଓ ଚତୁର୍ଭୁଜ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସାଧାରଣ ସମ୍ପାଦକ ମୀନକେତନ ନାଥ ବିବରଣୀ ଉପସ୍ଥାପନ କରିଥିଲେ।

## ସଂକ୍ଷେପରେ

### ଭାଜପାର ନଗର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

**ଦେବଗଡ଼,୩୦।୧୦(ସ୍ୱ.ପ୍ର.)**-ଦେବଗଡ଼ ନଗର ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ନଗର ମଣ୍ଡଳ ସଭାପତି ରମଣୀ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ଜିଲା ସଭାପତି ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ଆସନ୍ତା ନିର୍ବାଚନ ପୂର୍ବରୁ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଜିଲାର ୩ ବ୍ଲକ ସମେତ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦେବଗଡ଼ ପୌର ପରିଷଦ ବର୍ତ୍ତମାନ ଦୁର୍ନୀତିର ଗନ୍ତାଘର ପାଲଟିଛି। ଏଥିରେ ତଳିଆ କର୍ମଚାରୀଙ୍କଠାରୁ ଆରମ୍ଭ ଅଧିକାରୀ ତଥା ଠିକାଦାରମାନଙ୍କ ସମ୍ପୃକ୍ତି ରହିଛି ବୋଲି ଅଭିଯୋଗ କରାଯାଇଥିଲା। ଏହାକୁ ନେଇ ଆଗାମୀ ଦିନରେ ଦଳ ଆନ୍ଦୋଳନ କରିବ ବୋଲି ସ୍ଥିର କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଚିକାନ୍ତ ଦାଶ, ଅମୀୟ ମିଶ୍ର, ପ୍ରୀତିପରମିତା ବେହେରା, ସନ୍ତୋଷ ଭୁତିଆ, ରାଜେନ୍ଦ୍ର ଆଚାର୍ଯ୍ୟ, ଚନ୍ଦ୍ରଶେଖର ମହାପାତ୍ର, ପଞ୍ଚାନନ ଆଚାର୍ଯ୍ୟଙ୍କ ସମେତ ନଗର ମଣ୍ଡଳର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଆଇନସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ

**ଦେବଗଡ଼,୩୦।୧୦(ସ୍ୱ.ପ୍ର.)**-ଜିଲା କୋର୍ଟ ପରିସରରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏହାର ଅଧକ୍ଷ ରାଜେନ୍ଦ୍ର କୁମାର ତୋଷଙ୍କ ଅଧକ୍ଷତାରେ ମଙ୍ଗଳବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରାଧିକରଣ ସଦସ୍ୟା, ସଦସ୍ୟ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଇତିଶ୍ରୀ ମାଳବିକା ଭୂୟାଁ, ଏସ୍‌ପି ଅନୁପମା ଜେମ୍ସ, ଡା. ମନୋଜ କୁମାର ଉପାଧ୍ୟାୟ, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୀଡ଼ିତାଙ୍କ କ୍ଷତିପୂରଣ ମାମଲାର ବିଚାର କରାଯାଇଥିଲା। ଜଣେ ପୀଡ଼ିତାଙ୍କୁ ଭିସିଏ କେସ୍ ନଂ-୨୪/୧୮ରେ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଛି। ସେହିପରି ପୂର୍ବରୁ ଫଇସଲା ହୋଇଥିବା ଭିସିଏ କେସ୍ ନଂ-୧୮/୧୭, ୫/୧୭ ଏବଂ ୧୬/୧୬ର କ୍ଷତିପୂରଣ ବାବଦ ମୋଟ ୩ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।





ଆଡ୍‌ସ ଗ୍ରାମପଞ୍ଚାୟତର କ୍ଷତିଗ୍ରସ୍ତ ଧାନ କିଆରି ଓ ହାତୀପଲ ବୁଲୁଛନ୍ତି।

# ଆଡସ୍ ଗ୍ରାମପଞ୍ଚାୟତ ଅଞ୍ଚଳରେ ହାତୀ ଆତଙ୍କ

**ରିଆମାଳ, ୩୦।୧୦ (ଡି.ଏନ.ଏ.)**

ରିଆମାଳ ବ୍ଲକର ଆଡ୍‌ସ ଗ୍ରାମପଞ୍ଚାୟତରେ ଅନ୍ଧାରୀ ପୁଡ଼ାପଡ଼ା, ଆଡ୍‌ସ, ସିଆରିଆ, ରାମପାଲି ଗ୍ରାମଗୁଡ଼ିକରେ ସୋମବାର ୧୪ଟି ହାତୀ ପ୍ରାୟ ୧୦ଏକର ଧାନ ଫସଲ ଖାଇ ନଷ୍ଟ କରିଥିବା ରିଆମାଳ ବନପାଳ ସାମସୁନ୍ଦର ବେହେରା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଆଜକୁ ପ୍ରାୟ ୧୩ଦିନ ଧରି ଏହି ହାତୀପଲ ବଡ଼ରମା କରିଡ଼ରୁ ଆସି ଉକ୍ତ ଗ୍ରାମଗୁଡ଼ିକର ଧାନକିଆରି ନଷ୍ଟ କରିଛନ୍ତି। ଏହି ହାତୀପଲରେ ୭ଟି ମାଈ ହାତୀ, ୬ଟି ଛୁଆହାତୀ ଏବଂ ଗୋଟିଏ ଦନ୍ତା ହାତୀ ଥିବା ବନ ବିଭାଗ ସ୍ପଷ୍ଟ କରିଛନ୍ତି। ଯେଉଁ ଚାଷୀମାନଙ୍କ ଧାନ କିଆରି ନଷ୍ଟ ହୋଇଛି, ସେମାନେ ବନ ବିଭାଗ ଅଫିସରେ କୌଣସି ଦରଖାସ୍ତ କରି ନ ଥିବା ବନ ବିଭାଗ ସୂଚନା ଦେଇଛନ୍ତି। କ୍ଷୟକ୍ଷତି ହୋଇଥିବା ଚାଷୀମାନେ ବନ ବିଭାଗ ଅଫିସରେ ଦରଖାସ୍ତ କଲେ ଏହାର ତଦନ୍ତ କରି ଚାଷୀଙ୍କୁ ଆବଶ୍ୟକ କ୍ଷତି ପୂରଣ ମିଳିବ ବୋଲି ବନପାଳ ପ୍ରକାଶ କରିଛନ୍ତି।




ଦାବିପତ୍ର ପ୍ରଦାନ କରିବାକୁ ମହିଳାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ଦେବଗଡ଼,୩୦।୧୦(ସ୍ୱ.ପ୍ର.)**

ସାମାଜିକ ସୁରକ୍ଷା ସହ ଭତ୍ତା ବୃଦ୍ଧି ଦାବିରେ ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ଦେବଗଡ଼ ଶାଖା ପକ୍ଷରୁ ମଙ୍ଗଳବାର ରିଆମାଳ ବ୍ଲକ ଆଡ଼ସ ପଞ୍ଚାୟତ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପଞ୍ଚାୟତର ୭ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୧୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ, ବେକାର ଯୁବତୀଯୁବକଙ୍କୁ କର୍ମନିଯୁକ୍ତି, ୫ ହଜାର ଟଙ୍କା ବେକାରୀ ଭତ୍ତା ପ୍ରଦାନ ଦାବିରେ ଏକ ଶୋଭାଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସରପଞ୍ଚ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ଆନ୍ଦୋଳନ ସଚିବ ଡୋଳାକର ଭୋଇ, ଉପ ସଭାପତି ରାଜକିଶୋର ସାହୁ, ନିରାକାର ପ୍ରଧାନ, ରାମସିଂ ମୁଣ୍ଡା, ସାମାଜିକ କର୍ମୀ ଅବନୀ ଦେହୁରୀଙ୍କ ସମେତ ଅନ୍ୟ ସଦସ୍ୟ ଏଥିରେ ସାମିଲ ଥିଲେ।

## ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

**ପାଇକମାଲ ୩୦।୧୦(ଡି.ଏନ୍.ଏ.)**

ଦୁର୍ନୀତିକୁ ବିରୋଧ କରି ବରଗଡ଼ ଜିଲା ପାଇକମାଲ ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାର ପାଇକମାଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପାଇକମାଲ ଧର୍ମଶାଳାଠାରୁ ଭାଜପା କର୍ମୀଙ୍କ ସହ ଶତାଧିକା ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଶ୍ଳୋଗାନ ଦେବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ଏହି ଅବସରରେ ଏଥିରେ ବିଧାୟକଙ୍କ ପ୍ରତିନିଧି ସରୋଜ ସାମଲଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ଅଧକ୍ଷ ମୁକ୍ତା ସାହୁ, ଜିଲା ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଅଗ୍ରୱାଲ, ଜିଲା ସମ୍ପାଦକ ଶ୍ରୀକାନ୍ତ ପାଣିଗ୍ରାହୀ, ବିଧାନ ସଭା ପ୍ରଭାରୀ ସପନ ବେହେରା, ପଦ୍ମପୁର ବ୍ଲକ ଅଧକ୍ଷ କୁମରମଣି ନାୟକ, ଜିଲା ପରିଷଦ ସଭ୍ୟା ରମଳା ଲୁହାର, ଯୁବ ମୋର୍ଚ୍ଚା ସଭାପତି ପ୍ରିତେଶ ବହିଦାର, ମଣ୍ଡଳ ସଭାପତି ସୌମିତ୍ରୀ ପଧାନ, ସୁବାସ ରଣା, ହରିହର ସାହୁ, ରାହାସ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ରହି ନବୀନ ସରକାରଙ୍କ ଉପରେ ବର୍ଷି ଥିଲେ।

# ନୂଆପଡ଼ା ଗ୍ରାମପଞ୍ଚାୟତବାସୀଙ୍କ ଗଣଧାରଣା ଦ୍ୱିତୀୟ ଦିନରେ

**ରିଆମାଳ, ୩୦।୧୦ (ଡି.ଏନ.ଏ.)**

ସୋମବାରଠାରୁ ନୂଆପଡ଼ାବାସୀ ରିଆମାଳ ବ୍ଲକ ସମ୍ମୁଖରେ କରିଥିବା ଗଣଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରକାଶଥାଉ କି, ରିଆମାଳ ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମକୁ ଚଳିତ ତ୍ରିସ୍ତରୀୟ ନିର୍ବାଚନ ପୂର୍ବରୁ ଦେବଗଡ଼ ଜିଲା ପ୍ରଶାସନ ନୂତନ ଗ୍ରାମପଞ୍ଚାୟତ ଭାବେ ଘୋଷଣା କରିଥିଲେ। ତା'ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହୋଇଥିଲା। ଉକ୍ତ ଗ୍ରାମପଞ୍ଚାୟତ ନୂଆପଡ଼ା ଓ ଆଉଁଳି ଗ୍ରାମକୁ ନେଇ ଗଠିତ। ନିର୍ବାଚନ ପରେ ପଞ୍ଚାୟତ କାର୍ଯ୍ୟାଳୟର ସ୍ଥାୟୀ ସ୍ଥାନ ପାଇଁ ଦୁଇ ଗ୍ରାମ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଦୁଇ ଗ୍ରାମ ହାଇକୋର୍ଟର ଦ୍ୱାରସ୍ଥ ମଧ ହୋଇଥିଲେ। ସାତଦିନ ଭିତରେ ଆଉଁଳି ଗ୍ରାମରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପାଇଁ ସ୍ଥାୟୀ ସ୍ଥାନ ନିରୂପଣ କରାଯାଇ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାରମ୍ଭ ହେବା ମାତ୍ରେ ଗ୍ରାମପଞ୍ଚାୟତର ନାମ ଅନୁସାରେ କାହିଁକି ନୂଆପଡ଼ା ଗ୍ରାମର ଏରିଆରେ କାହିଁକି ସ୍ଥାନ ନିରୂପଣ କରାଗଲା ନାହିଁ ବୋଲି ଗ୍ରାମବାସୀ ଦେବଗଡ଼ ଜିଲାପାଳଙ୍କଠାରେ ଦ୍ୱାରସ୍ଥ ହୋଇଥିଲେ। ଏ ବାବଦରେ ଜିଲା ପ୍ରଶାସନ କର୍ଣ୍ଣପାତ ନ କରିବାରୁ ସୋମବାରଠାରୁ ନୂଆପଡ଼ା ଗ୍ରାମବାସୀ ଦୁଇଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ରିଆମାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି। ଗଣଧାରଣାକୁ କୌଣସି ପ୍ରଶାସନ ବର୍ତ୍ତମାନ ସୁଦ୍ଧା ଆସି ନାହାନ୍ତି।




ବିଜେଡି ଜନସମ୍ପର୍କର ପଦଯାତ୍ରାରେ ଯୋଗଦେଇଥିବା ଦଳୀୟ କର୍ମକର୍ତ୍ତା ଓ କର୍ମୀ।

# ରିଆମାଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଦେବଗଡ଼,୩୦।୧୦(ସ୍ୱ.ପ୍ର.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଗୁଣ୍ଡିଆପାଳି ଓ ତାବଡ଼ା ପଞ୍ଚାୟତର ବିଭନ୍ନ ଗ୍ରାମରେ ବିଜେଡି ପକ୍ଷରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିଜେଡି ଜିଲା ସଭାପତି ସୁଧୀର କପରଦାରଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ସଭା କରାଯାଇଥିଲା। ଏଥିରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ପାଦକ ଇଂ ବିଷ୍ଣୁପ୍ରସାଦ ଅମାତ୍ୟ, ଚିତ୍ତରଞ୍ଜନ ପ୍ରଧାନ, ବିକାଶ ମିଶ୍ର, ବ୍ଲକ ସଭାପତି ଜ୍ଞାନେନ୍ଦ୍ର ବିଶ୍ୱାଳ, ଆଲୋକ ଅମାନ୍ତ, ପଞ୍ଜିଆ ଭୋଇ, ସୁନୀଲ ଦଳବେହେରା, ଅଜୟ ସାହୁ, ସତ୍ୟ ନାୟକ, ଅବୃତ ଗଡ଼ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ।



କଣ୍ଠେଲ ଯୁକ୍ତ ୨ ମହାବିଦ୍ୟାଳୟର ରେଡକ୍ରସ ୟୁନିଟ ତରଫରୁ ସେବା ଶିବିର।

# କଣ୍ଠେଲ ଯୁକ୍ତ ୨ ମହାବିଦ୍ୟାଳୟ ରେଡକ୍ରସ ୟୁନିଟର ସେବା ଶିବିର

**ବାରକୋଟ, ୩୦।୧୦ (ଡି.ଏନ.ଏ)**

କଣ୍ଠେଲ ଯୁକ୍ତ ୨ ମହାବିଦ୍ୟାଳୟର ରେଡକ୍ରସ ୟୁନିଟ ତରଫରୁ କଣ୍ଠେଲ ଗଜଲକ୍ଷ୍ମୀ ପୂଜା ସ୍ଥାନରେ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଯଥା ଡେଙ୍ଗୁରୋଗ ନିରାକରଣ ପାଇଁ ଲିଫଟେଲ ବଣ୍ଟନ, ଏଡସ ରୋଗ ସଚେତନତା, ରକ୍ତଦାନର ମହତ୍ତ୍ୱ ସହିତ ମୀନା ବଜାର ପଡିଆ ଅଞ୍ଚଳରେ ପଲିଥିନ ବର୍ଜନ ଅଭିଯାନ ସହିତ ରେଡକ୍ରସ, ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଫେଇ କରାଯାଇଥିଲା। ଏଥିରେ ଯୁକ୍ତ କଲେଜର ୫୦ ଜଣ ଛାତ୍ରୀଛାତ୍ରଙ୍କ ସହିତ ଅଧକ୍ଷା ରଞ୍ଜିତା ନନ୍ଦ, କାଉନସେଲର କପୁର ଚାନ୍ଦ ସାହୁ, ପିଇଟି ଧବଳେଶ୍ୱର ପଣ୍ଡା ତଥା ସହଯୋଗୀ ସାଥି ରମାକାନ୍ତ ଧଳ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ଅନ୍ୟତମ କର୍ମଚାରୀ ହରିହର ସାହୁ, ପ୍ରଶାନ୍ତ ସାମଲ, ପରିଚାଳନା ପରିଷଦ ସଦସ୍ୟ ଇଶ୍ୱର ଚନ୍ଦ୍ର ପ୍ରଧାନ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଅବକାରୀ ଚଢ଼ାଉ: ୨ ଗିରଫ

**ପଦ୍ମପୁର,୩୦।୧୦(ଡି.ଏନ୍.ଏ.)**

ପଦ୍ମପୁର ଅବକାରୀ ବିଭାଗ ପକ୍ଷରୁ ଚଡାଉ କରାଯାଇ ୧୨ ଲିଟର ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଦ୍ମପୁର ବଡପଡ଼ାର ଶିବ ଶଙ୍କର ସେଠ ଏବଂ କୃଷ୍ଣ ମାଝି। ମିଳିଥିବା ସୂଚନା ମୁତାବକ, ପଦ୍ମପୁର ଅଞ୍ଚଳରେ ବେଆଇନ ମଦ କାରବାର ହେଉଥିବା ନେଇ ଅଭିଯୋଗ ହେଉଥିଲା। ଏନେଇ ବରଗଡ଼ ଅବକାରୀ ଅଧିକ୍ଷକ ପ୍ରଦୀପ ରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପଦ୍ମପୁର ଅବକାରୀ ନିରୀକ୍ଷକ ରାଜେନ୍ଦ୍ର କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ରାମଚନ୍ଦ୍ର ତନ୍ତୀ, ଏଏସ୍‌ଆଇ ସୁରେଶ ଚନ୍ଦ୍ର ଭୋଇ, କନଷ୍ଟେବଲ କେନାଲୁ ଭୋଇ, ବିନୋଦ କୁମାର ର୍ତିକି, ତାରାକାନ୍ତି ଭୁଆ, ଡ୍ରାଇଭର କାକେଶ ସାହୁ ପ୍ରମୁଖ ଚଡାଉ କରିଥିଲେ। ଚଡାଉ ବେଳେ ଅଧିକାରୀମାନେ ପଦ୍ମପୁର-ସୋହେଲା ରାସ୍ତାରେ ଦୃତ ଗତିରେ ଯାଉଥିବା ଏକ ନମ୍ବର ବିହୀନ ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଅଧିକାରମାନେ ଯାଞ୍ଚ ବେଳେ ୧୨ ଲିଟର ମଦ ଜବତ କରିବା ସହ ଶିବ ଶଙ୍କର ଏବଂ କୃଷ୍ଣଙ୍କୁ ଧରିବାରେ ସଫଳ ହୋଇଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କଣାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ପାଇକମାଲ, ଝାରବନ୍ଧ ବ୍ଲକ ଅଞ୍ଚଳରେ ହାତୀ ଆତଙ୍କ

**ପାଇକମାଲ ୩୦।୧୦ (ଡି.ଏନ୍.ଏ.)**

- ଫ୍ରେଜରପୁର ଆଦର୍ଶ ବିଦ୍ୟାଳୟ ୨ଦିନ ଛୁଟି ଘୋଷଣା
- ବନ ବିଭାଗ ଏବଂ କୃଷକ ସଂଘର ଆଲୋଚନା ବିଫଳ
- ଆଜି କୃଷକ ସଂଘର ରାସ୍ତାରୋକୋ ଆନ୍ଦୋଳନ

ଗତ ୨ସପ୍ତାହ ହେଲା ପାଇକମାଲ, ଝାରବନ୍ଧ ବ୍ଲକ ଅଞ୍ଚଳରେ ହାତୀ ଆତଙ୍କ ଦେଖା ଦେଇଛି । ୭ଦିନ ମଧ୍ୟରେ ହାତୀ ଆକ୍ରମଣରେ ୨ବ୍ଲକର ୩ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ସନ୍ଧ୍ୟା ହେଲେ ଅଞ୍ଚଳରେ ଏକପ୍ରକାର ଭୟର ବାତାବରଣ ଖେଳିଯାଉଛି। ଲୋକେ ଘରୁ ବାହାରକୁ ବାହାରୁ ନାହାନ୍ତି। ଏନେଇ ବନ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ଦନ୍ତା ହାତୀଟି ଦଳରୁ ଅଲଗା ହୋଇ ଏପରି ଅଘଟଣ ଘଟାଉଥିବା ବେଳେ ଓ ଅନ୍ୟ ହାତୀମାନଙ୍କୁ ଛତିଶଗଡ଼ ଅଞ୍ଚଳକୁ ଘଉଡାଇ ଦିଆଯାଇଥିବା କହିଛନ୍ତି। ହାତୀ ଆତଙ୍କ ଯୋଗୁ ପାଇକମାଲ ବ୍ଲକ କେଛୋଦାଦର ପଞ୍ଚାୟତ ଫ୍ରେଜରପୁରରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ବରଗଡ଼ ଜିଲାପାଳ ମଙ୍ଗଳବାର ଓ ବୁଧବାର ୨ଦିନ ଛୁଟି ଘୋଷଣା କରିଛନ୍ତି।

ଏହି ଅବସରରେ ମଙ୍ଗଳବାର ବରତୁଣ୍ଡାଠାରେ ମାଣ୍ଡୋସିଲ କୃଷକ ସଂଘ ଏବଂ ବନବିଭାଗ ଅଧିକାରୀଙ୍କ ମଧ୍ୟରେ ହାତୀ ଉପଦ୍ରବ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସଂଘର କର୍ମକର୍ତ୍ତାମାନେ ବନ ବିଭାଗର ଅବହେଳା ଯୋଗୁ ଅଞ୍ଚଳର ୩ଜଣ ଚାଷୀଙ୍କ ଜୀବନ ଯାଇଥିବା ଅଭିଯୋଗ କରିଥିଲେ। ଏପରି କି ଶତାଧିକ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବା ଅଭିଯୋଗ କରାଯାଇଥିଲା। ବନ ବିଭାଗ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ହେଲେ ଆଲୋଚନାରେ ବନ ବିଭାଗ ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏନେଇ ବୁଧବାର ପାଇକମାଲ-ନୂଆପଡ଼ା ରାସ୍ତା ଅବରୋଧ କରାଯିବ ବୋଲି ନରସିଂହ ବନଛୋର କହିଛନ୍ତି। ଆଲୋଚନାରେ ଗିରିଶ ଚନ୍ଦ୍ର ଡନସନା, ରାଜୀନ୍ଦ୍ର ପ୍ରଧାନ, ବରତୁଣ୍ଡା ସରପଞ୍ଚ ଜୟନ୍ତୀ ପୁଟା, ପାଇକମାଲ ରେଞ୍ଜର କେ.ସି. ଦଳବେହେରା, ନୃସିଂହନାଥ ରେଞ୍ଜର ଧ୍ରୁବଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବରତୁଣ୍ଡାଠାରେ ମାଣ୍ଡୋସିଲ କୃଷକ ସଂଘ ଏବଂ ବନବିଭାଗ ଅଧିକାରୀଙ୍କ ମଧ୍ୟରେ ଆଲୋଚନା କରାଯାଉଛି।

# ମା'ଗଜଲକ୍ଷ୍ମୀଙ୍କ ଭସାଣି ଯାତ୍ରା



**ରିଆମାଳ, ୩୦।୧୦ (ଡି.ଏନ.ଏ.)**

ରିଆମାଳ ବସଷ୍ଟାଣ୍ଡଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାର ଭସାଣି ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ମା' ଗଜଲକ୍ଷ୍ମୀଙ୍କୁ ହରିବୋଲ, କୀର୍ତ୍ତନ, ନୃତ୍ୟଗୀତ ଶୋଭାଯାତ୍ରାରେ ନେଇ ରଜାବନ୍ଧଠାରେ ଭସାଇଥିଲେ। କମିଟିର ସଭାପତି ଅଧ୍ୟାପକ ଗୋବର୍ଦ୍ଧନ ବିଶ୍ୱାଳ, ସମ୍ପାଦକ ତୀର୍ଥବାସୀ ବିଶ୍ୱାଳ, କୋଷାଧ୍ୟକ୍ଷ ଶମ୍ଭୁଲାଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଉପଦେଷ୍ଟା ମଣ୍ଡଳୀ ବରୋଦା ପ୍ରସାଦ ଦେବ, ତ୍ରିଲୋଚନ ବେହେରା, ମଦନମୋହନ ବେହେରା ପ୍ରମୁଖ ସହଯୋଗିତା କରିଥିଲେ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ମିଶନ ସାହାସୀ କାର୍ଯ୍ୟକ୍ରମ

ସମ୍ବଲପୁର,୩୦।୧୦(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଧନୁପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମିଶନ ସାହାସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ସାଉଲିନ କୁମ୍ଫୁ ଉସୁ ଆସୋସିଏଶନ ମୁଖ୍ୟ ପ୍ରଶିକ୍ଷକ ସୁବାଶ ବେହେରା ମୁଖ୍ୟ ଅତିଥି, ରେଖା ଦେ, ନମିତା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଆତ୍ମ ସୁରକ୍ଷା ଓ ମାନସିକସ୍ତରରେ ସାହାସୀ ହେବାକୁ ପରାମର୍ଶ ଦେଇଥିଲେ । ଅର୍ଚ୍ଚନା ବାଗ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ଏବିଭିପି ରାଜ୍ୟ ସମ୍ପାଦକ ସ୍ୱାଗତ ଘଡେଇ, ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ପିଦାଞ୍ଜଳି ପାତ୍ର, ଚନ୍ଦ୍ରଶେଖର ପାତ୍ର, ସୁଦେଶ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରେଙ୍ଗାଲିରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ରେଙ୍ଗାଲି,୩୦।୧୦ (ଡି.ଏନ.ଏ.)

ରେଙ୍ଗାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟଠାରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମେ ମା' ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରେଙ୍ଗାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ସଭାପତିତ୍ୱ କରିଥିଲେ। ଏବିଇଓ ସୁରେନ୍ଦ୍ର ନାଥ ନାଏକ, ରୁକ୍ମଣ ପ୍ରଧାନ, ଶୁକଲାଲ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ମନୋଜ ନାଏକ, ସାବିତ୍ରି ପୁରୋହିତ ସଂଯୋଜନା କରିଥିଲେ। ଶେଷରେ ଜଗଦୀଶ ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନାଚ, ଗୀତ, ବକ୍ତୃତା, ପ୍ରବନ୍ଧ, ଡ୍ରଇଂ, ପେଟିଙ୍ଗ୍, ହସ୍ତଲିପି ଲିଖନ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା। କୃତୀ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରରେ ଯାଇ ପ୍ରତିଭା ପ୍ରଦର୍ଶନ କରିବେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକମାନେ ଦୁର୍ବିସହ ପରିସ୍ଥିତିରେ ମଧ୍ୟ ହାରି ନ ଯାଇ ଶିକ୍ଷାଦାନ କରିଥାନ୍ତି ବୋଲି କୁଆଁରମୈଲା ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମାମିନି ସାହୁ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ।




ସୁରଭି କାର୍ଯ୍ୟକ୍ରମରେ ନାଚ ଗୀତ ପ୍ରତିଯୋଗିତା।

# ଆଜି ହେବ ଧାନ ସଂଗ୍ରହ ବୈଠକ, ଚାଷୀଙ୍କୁ ଉପେକ୍ଷା

ସମ୍ବଲପୁର,୩୦।୧୦ (ବ୍ୟୁରୋ)

ସମ୍ବଲପୁର ଜିଲାରେ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ବୁଧବାର ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ସମବାୟ ଓ କୃଷି ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ଧାନ କିଣାବିକା ଉପରେ ସମୀକ୍ଷା କରିବେ। ଡିଆରଡିଏ ସମ୍ମିଳନୀ କକ୍ଷରେ ଆୟୋଜନ ହେବାକୁ ଥିବା ଏହି ବୈଠକରେ ଜିଲାପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ହେଲେ ଚାଷୀଙ୍କୁ ଅଣଦେଖା କରାଯାଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀଙ୍କ ସମସ୍ୟା ଓ ସୁବିଧା ପାଇଁ ଏହି ବୈଠକ ହୋଇଥାଏ। ଚାଷୀକୁ ନେଇ ଧାନ ସଂଗ୍ରହ ବଜାର ହୋଇଥାଏ । ଚାଷୀମାନେ ବଜାର ଓ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା ଓ ଅଭିଯୋଗ କରିଥାନ୍ତି । ମାତ୍ର ସେମାନଙ୍କୁ ବୈଠକକୁ ଡକାଯାଉ ନାହିଁ। କେବଳ ଜିଲାପ୍ରଶାସନ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀଙ୍କୁ ନେଇ ମନ୍ତ୍ରୀ ସମୀକ୍ଷା କରିବେ। ପ୍ରଶାସନିକ ଅଧିକାରୀ ନିଜ ଦୋଷ ଦୁର୍ବଳତାକୁ ଘୋଡାଇ ସବୁ ଠିକ ଚାଲିଥିବା ମନ୍ତ୍ରୀଙ୍କୁ ଜଣାଇବେ। ଏଣୁ ଏହି ବୈଠକ ଏକ ପ୍ରହସନ ବୋଲି ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି। ସେହପରି ଧାନ ସଂଗ୍ରହରେ ମିଲର୍ସଙ୍କ ଭୂମିକା ରହିଥିବା ବେଳେ ସେମାନଙ୍କୁ ମଧ୍ୟ ବୈଠକକୁ ଡକା ଯାଇ ନ ଥିବା ଜଣାପଡିଛି ।

# ଛାତ୍ରଙ୍କ ଆମରଣ ଅନଶନ

ସମ୍ବଲପୁର/ ବୁର୍ଲା, ୩୦।୧୦ (ବ୍ୟୁରୋ/ ଡି.ଏନ.ଏ.)

ସଂପ୍ରତି ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସୟୁ)ରେ ବିବିଧ କାର୍ଯ୍ୟକ୍ରମ ହେଉଛି। ଏଥିପାଇଁ ଛାତ୍ରମାନଙ୍କୁ ସାମିଲ କରାଯାଉନାହିଁ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ର ପ୍ରତିନିଧି ଚୟନ କରିବାକୁ ଦାବି ହୋଇଛି । ଏ ସଂକ୍ରାନ୍ତରେ ଛାତ୍ରମାନେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଛାତ୍ର ସଂସଦ ଚୟନ କରାଯିବ ନାହିଁ ବୋଲି କର୍ତ୍ତୃପକ୍ଷ ସ୍ପଷ୍ଟ କରିଥିଲେ। ଏଣୁ ମଙ୍ଗଳବାର ଅପରାହ୍ନ ୧ଟାରୁ ଛାତ୍ର ଦୀପକ ରଞ୍ଜନ ଦାଶ ବିଶ୍ୱବିଦ୍ୟାଳୟ ନୂତନ ପ୍ରଶାସନିକ କୋଠା ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେ ଆନ୍ଦୋଳନ ଜାରି ରଖିବେ କହିଛନ୍ତି।

# ଦୁର୍ନୀତି ନିବାରଣ ଶପଥ ପାଠ

ରେଢ଼ାଖୋଲ,୩୦।୧୦ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲଠାରେ ମଙ୍ଗଳବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ଶପଥ ପାଠ ହୋଇଛି। ଉପଜିଲାପାଳ ବିଶିକେସନ ଦେହୁରୀ କର୍ମଚାରୀମାନଙ୍କୁ ଶପଥପାଠ କରାଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହାରାଧନ ମେଣ୍ଡଲି ଯୋଗ ଦେଇଥିଲେ।



କର୍ମଚାରୀମାନଙ୍କୁ ଶପଥପାଠ କରାଉଛନ୍ତି ଉପଜିଲାପାଳ।

# ବ୍ଲକସ୍ତରୀୟ ସୁରଭି ଉଦ୍‌ଯାପିତ

ବାମରା,୩୦।୧୦ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ ମଙ୍ଗଳବାର ପାଳିତ ହୋଇଯାଇଛି। ବ୍ଲକର ୧୪ କ୍ଲଷ୍ଟରରୁ ୨୮୧ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ । ଗୁର୍ଲାସ୍ଥିତ ଉଚ୍ଚ ପ୍ରାଥମିକ କମଳାଦେବୀ ବିଦ୍ୟାଳୟ ଖେଳପଡ଼ିଆଠାରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ନାଟକ, ନୃତ୍ୟ, ଗୀତ ମାଧ୍ୟମରେ ମଧ୍ୟାହ୍ନ ଭୋଜନ ସଚେତନତା, ବିଦ୍ୟାଳୟ ନିରାପତ୍ତା, ସ୍ୱଚ୍ଛଭାରତ ଅଭିଯାନ ଓ ଆମ ବିଦ୍ୟାଳୟ ଯୋଜନା ବିଷୟରେ ସଚେତନ କରିଥିଲେ। ବ୍ଲକସ୍ତରୀୟ ବରିଷ୍ଠ ବର୍ଗ ପ୍ରତିଯୋଗିତାର କୁଇଜରେ କୁମାର ଛତ୍ରିଆ, ସ୍ମୃତିଲିଖନରେ ବର୍ଷା ମହାନନ୍ଦ, ବକ୍ତୃତାରେ ଭାରତୀ ନାଏକ, ଚିତ୍ରାଙ୍କନରେ ଲୁକେଶ ରାଣା, ପ୍ରବନ୍ଧରେ ସ୍ମୃତିସୁପ୍ରିୟା ଦେବ, ତର୍କରେ ନିକିତା ନାଏକ ଓ ଗୀତରେ ଶିଖା ଚାନ୍ଦ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବର୍ଗ କୁଇଜ ପ୍ରତିଯୋଗିତାରେ କ୍ଷିରୋଦିନୀ କିସାନ, ସ୍ମୃତିଲିଖନରେ ଜ୍ୟୋତ୍ସ୍ନା ଛତ୍ରିଆ, ବକ୍ତୃତାରେ ହର୍ଷ ବନଛୋର, ଚିତ୍ରାଙ୍କନ କିରଣ କାଲୋ, ହସ୍ତାକ୍ଷରରେ ବ୍ରଜେନ୍ଦ୍ର ଲାକ୍ରା ଓ ଗୀତରେ ପୁଷ୍ପାଞ୍ଜଳି କିସାନ ପ୍ରଥମ ହୋଇଥିଲେ। କଳା ଓ ହସ୍ତଶିଳ୍ପରେ ପ୍ରିୟଙ୍କା ଚୌରସିୟା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରିଥିବା ଦଳ ମଧ୍ୟରୁ ଗଡ଼ପୋଷ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, କେନ୍ଦୁପାଣି ଶକ୍ତିଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ବାମରାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଥିଲେ।

ଉଦ୍‌ଯାପନୀ ଉତ୍ସବରେ ବାଉଁଶଲକା ସରପଞ୍ଚ ରତନୀ ଛତ୍ରିଆ ମୁଖ୍ୟ ଅତିଥି, ସମିତି ସଭ୍ୟା ବନବାସୀ ଗୋପାଳ, ଏବିଇଓ ରମାକାନ୍ତ ମହାନନ୍ଦିଆ, କିଶୋର ଅର୍କ, ମହାବୀର ପ୍ରସାଦ ଖଣ୍ଡେଲୱାଲ, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଛତ୍ରିଆ ଓ ବସନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ଦେଇଥିଲେ। ସିଆରସି କିଶୋର ଗୋପାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଇଅନଙ୍ଗ ଦେବ, ପଙ୍କଜ ଜୟପୁରିଆ ଓ ଚନ୍ଦ୍ରଜିତ ଗୋପାଳ ବିଚାରକ ଦାୟିତ୍ୱ ତୁଲାଇଥିଲେ। ସୁଦିପ୍ତ ପଟେଲ ଧନ୍ୟବାଦ ଦେଇଥିଲେ। ଗୁର୍ଲା ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର, ପରିଚାଳନା କମିଟି ସମସ୍ତ ସିଆରପି, ଶିକ୍ଷୟତ୍ରୀ, ଶିକ୍ଷକଙ୍କ ସହ ସୁବୋଧ ପଟେଲ, ଅଶୋକ ପଟେଲ, ଧ୍ରୁବଚରଣ ରୋହିଦାସ, ଭବାନୀ ସେଠ, ସଞ୍ଜୟ ସାହୁ, ମିଲି ନାଏକ, ନଳିନୀ ରଣା, ଗୌରୀ ସା, ଡଲି ସଠ, ରଞ୍ଜିତା ମଣ୍ଡଳ, ମନୋଜ ପ୍ରସାଦ ଓ ସନ୍ତୋଷ କୁମାର ଦାସ ସହଯୋଗ କରିଥିଲେ । ଶିବଲାଲ ସା ପିଇଟି ଦାୟିତ୍ୱ ତୁଲାଇଥିଲେ ।

ରାଜ୍ୟ ବାସ୍କେଟ ବଲ ଦଳ

# ବିକାଶ ସ୍କୁଲର ୩ ଖେଳାଳି ସାମିଲ

ସମ୍ବଲପୁର,୩୦।୧୦ (ବ୍ୟୁରୋ)

୧୩ ବର୍ଷରୁ କମ୍ ଜାତୀୟ ସବଜୁନିୟର ବାସ୍କେଟ ବଲ ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଚୟନ କରାଯାଇଛି। ଏଥିରେ ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ କନସେପ୍ଟ ସ୍କୁଲର ୩ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି । ନଭେମ୍ବର ୪ ରୁ ୮ ତାରିଖ ପର୍ଯ୍ୟନ୍ତ କଟକ ବାରବାଟି ଷ୍ଟାଡିୟମରେ ହେବାକୁ ଥିବା ଶିବିରରେ ଅନୁପମ ପ୍ରଧାନ, ଆରୋନ ଇଲସନ୍ ଏକ୍କା ଓ ତନ୍ମୟା ସାହୁ ଯୋଗ ଦେବେ। ସେହିପରି ଆସନ୍ତା ନଭେମ୍ବର ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶରେ ହେବାକୁ ଥିବା ୪୫ତମ ସବ୍ ଜୁନିୟର ଜାତୀୟ ବାସ୍କେଟ ବଲ ପ୍ରତିଯୋଗିତାରେ ବିକାଶ ସ୍କୁଲର ୩ ଛାତ୍ରୀଛାତ୍ର ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏ ନେଇ କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବାଟଗାଁ, ସାହେବୀରେ ମଦ ବିରୋଧୀ ବୈଠକ

ନାକଟିଦେଉଳ,୩୦।୧୦ (ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ଏବଂ ସାହେବୀ ଗ୍ରାମପଞ୍ଚାୟତରେ ମଙ୍ଗଳବାର ମଦ ବିରୋଧୀ ମହିଳା ସମାବେଶ ଓ ବୈଠକ ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲ ଉପଖଣ୍ଡକୁ ସମ୍ପୂର୍ଣ୍ଣ ମଦମୁକ୍ତ ଅଞ୍ଚଳ ଘୋଷଣା ଦାବିରେ ରେଢ଼ାଖୋଲ ବିକାଶ ମଞ୍ଚ ପକ୍ଷରୁ ଆବାହକ ଲକ୍ଷ୍ମୀନାରାୟଣ ଖିଲାରୀଙ୍କ ନେତୃତ୍ୱରେ ବାଟଗାଁ ଖେଳ ପଡିଆଠାରେ ଏବଂ ସାହେବୀ ଗ୍ରାମଠାରେ ଗ୍ରାମ ପଞ୍ଚାୟତର ମହିଳାମାନଙ୍କୁ ନେଇ ବୈଠକ ହୋଇଥିଲା। ସେହିପରି ମଦ ବିରୋଧୀ ମହିଳା ସମାବେଶରେ ବାଟଗାଁ ଗ୍ରାମ ପଞ୍ଚାୟତର ସସ୍ମିତା ମହାନ୍ତି, ସଂଯୁକ୍ତା ଶତପଥି, ଆଳତୀ ସାହୁ, କଳ୍ପନା ମଞ୍ଜରୀ ଶତପଥି, ବିଶାଖା ନାଏକ ଏବଂ ସାହେବୀର ରଞ୍ଜୁଲତା ପ୍ରଧାନ, ରୀତାରାଣୀ ଦେହୁରୀ, ତ୍ରିପୁରା ସାହୁ, ଗୀତାଞ୍ଜଳି ମୁଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ମଦ ବିକ୍ରି ଯୋଗୁ ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ କରିଥିଲେ । ରେଢ଼ାଖୋଲ ଉପଖଣ୍ଡକୁ ମଦମୁକ୍ତ ଅଞ୍ଚଳ ଘୋଷଣା ଦାବିରେ ନଭେମ୍ବର ୨ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଅନଶନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।



ମଦ ବିରୋଧୀ ସମାବେଶରେ ଯୋଗ ଦେଇଥିବା ମହିଳାମାନେ।

# ଜିଲା ବାରିକ ସମାଜର ନୂଆଁଖାଇ

ସମ୍ବଲପୁର,୩୦।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ବାରିକ ସମାଜର ନୂଆଁଖାଇ କାର୍ଯ୍ୟକ୍ରମ ମଙ୍ଗଳବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ବିନୋଦ ପଶାୟତଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ନାରୀ ମୋର୍ଚ୍ଚା ସଭାପତି ଅନ୍ନପୂର୍ଣ୍ଣା ବାରିକ, କାର୍ଯ୍ୟକାରୀ ସଭାପତି ସନ୍ତୋଷ ବାରିକ, ଅନିରୁଦ୍ଧ ପଶାୟତ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ସଭ୍ୟମାନେ ସାମିଲ ହୋଇଥିଲେ।

ଏହି ଅବସରରେ ୪୦ ମହିଳା ଓ ପୁରୁଷ ରକ୍ତଦାନ କରିଥିଲେ। ଯୁଗ୍ମ ସଂଯୋଜକ ସମୀର ବାରିକ, ସମ୍ପାଦକ ନିରଞ୍ଜନ ପଶାୟତ, ଭରତ ଶର୍ମା, ଭରତ ନାଇ, ଜଗଦିଶ ପନୱାର, ମନୋଜ ବାରିକ, ସତ୍ୟବାନ ବାରିକ ପ୍ରମୁଖ କାଯରୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ବଲପୁର ରକ୍ତ ଭଣ୍ଡାର ଅଧିକାରୀ ଡା. ସୁରେନ୍ଦ୍ର ପଣ୍ଡା, ଟେକନିସିଆନ୍ ପ୍ରତାପ ସାହୁଙ୍କ ସମେତ ଉତ୍ସର୍ଗ, ସଣ୍ଡେ ଗ୍ରୁପ ଅନୁଷ୍ଠାନର ସଭ୍ୟମାନେ ସହଯୋଗ କରିଥିଲେ ।

# ଆଇସିୟୁ ଆମ୍ବୁଲାନ୍ସ ସେବା ଆରମ୍ଭ

ସମ୍ବଲପୁର,୩୦।୧୦ (ବ୍ୟୁରୋ)

ସୋସିଆଲ ଷ୍ଟାର କ୍ଲବ ପକ୍ଷରୁ ଅତ୍ୟାଧୁନିକ ଆଇସିୟୁ ଆମ୍ବୁଲାନ୍ସ ସେବା ମଙ୍ଗଳବାର ଗୋଲବଜାର ଛକଠାରେ ଆରମ୍ଭ ହୋଇଛି। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ଓ ଭୀମସାର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ। କ୍ଲବ ସଭାପତି ମାନସ ରଞ୍ଜନ ପାଢ଼ୀଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଉପଦେଷ୍ଟା ପ୍ରମୋଦ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଅତିଫ ଆଲାମ୍ ଧନ୍ୟବାଦ ଦେଇଥିଲେ। ମହମ୍ମଦ ମକବୁଲ, ମହାବୀର ମିଶ୍ର, ଶ୍ୟାମାକାନ୍ତ ବିଶି, ପ୍ରଭାତ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, କ୍ଲବର ସଭ୍ୟ ସୁଭ୍ରାଂଶୁ ଶେଖର ନାୟକଙ୍କ ଉଦ୍ୟମ କ୍ରମେ ପ୍ରାୟ ୩୦ଲକ୍ଷ ବ୍ୟୟ ଅଟକଳରେ ଏହି ଆମ୍ବୁଲାନ୍ସ କିଣା ହୋଇଛି । ଏଥିରେ ଜୀବନ ରକ୍ଷାକାରୀ ଯନ୍ତ୍ରପାତି ସହ ଟେକନିସିଆନ୍‌ମାନେ ଉପସ୍ଥିତ ରହିବେ। ଗୁରୁତର ରୋଗୀଙ୍କୁ ଉଚ୍ଚତର ଚିକିତ୍ସା ସକାଶେ କଟକ, ଭୁବନେଶ୍ୱର, ରାୟପୁର ଭଳି ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇପାରିବ ।




## ଦାଦାବଟି ମାଗି ୨ ଗିରଫ

ସମ୍ବଲପୁର,୩୦।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ପୋଲିସ ଦାଦାବଟି ମାଗୁଥିବା ଅଭିଯୋଗରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଯଶୋବନ୍ତ ବାଡା, ସୁମନ୍ତ କୁମାର ମହାନ୍ତି ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୨୨୫/୧୮)ରୁଜୁ ହୋଇଛି। ଅଭିଯୋଗ କ୍ରମେ ମାଝିପାଲି ଗ୍ରାମରେ ଚାୱଲା କନଷ୍ଟ୍ରକଶନ କମ୍ପାନୀ ପକ୍ଷରୁ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ କାମ ଚାଲିଛି । ଅଭିଯୁକ୍ତଦ୍ୱୟ ଉକ୍ତ କାର୍ଯ୍ୟସ୍ଥଳକୁ ଯାଇ ସୁପରଭାଇଜର ମଳୟ କୁମାର ସାହୁଙ୍କୁ ଟଙ୍କା ମାଗିଥିଲେ ।

# ବିଷପିଇ ଜୀବନ ହାରିଲେ ଯୁବଚାଷୀ

ବରଗଡ଼ ଅଫିସ୍/ବୁର୍ଲା,୩୦।୧୦

ବରଗଡ଼ ଜିଲା ଅତାବିରା ଥାନା ଲୁରୁପାଲି ଗ୍ରାମର ଜଣେ ଯୁବଚାଷୀ ଅଶୋକ ମେହେର(୪୦)ଙ୍କ ମଙ୍ଗଳବାର ଚିକିତ୍ସାଧିନ ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଫସଲ କ୍ଷତି ଏବଂ ଋଣବୋଝ ଚିନ୍ତାରେ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ମୃତକଙ୍କ ଭାଇ ବାବୁଲାଲ ଅଭିଯୋଗ କରିଛନ୍ତି । ଏ ନେଇ ବୁର୍ଲା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯୨୦/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ମିଳିଥିବା ସୂଚନା ମୁତାବକ, ଲୁରୁପାଲି ଗ୍ରାମର ନିରଞ୍ଜନ ମେହେରଙ୍କ ପୁଅ ଅଶୋକ ସାଢ଼େ ୩ ଏକର ଜମି ଭାଗରେ ନେଇ ଧାନ ଚାଷ କରିଥିଲେ। ଏଥିପାଇଁ ସେ ୧ଲକ୍ଷ ଟଙ୍କାରୁ ଅଧିକ ହାତ ଉଧାରୀ ନେଇ ଖର୍ଚ୍ଚରେ କରିଥିଲେ । ତେବେ ଚକଡ଼ା ସମେତ ବିଭିନ୍ନ ରୋଗପୋକରେ ଧାନ ଫସଲ ଉଜୁଡ଼ି ଯାଇଥିଲା । ଫଳରେ ସେ ଋଣ ପରିଶୋଧ ଚିନ୍ତାରେ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ୧୬ତାରିଖରେ ଅଶୋକ ପରିବାର ଲୋକଙ୍କ ଅନୁପସ୍ଥିତିରେ ଘରେ ଥିବା କୀଟନାଶକ ପିଇ ଗୁରୁତର ହୋଇ ପଡିଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

# ଅସ୍ପୃଶ୍ୟତା ହିନ୍ଦୁ ଧର୍ମ ବିରୋଧୀ

ସମ୍ବଲପୁର,୩୦।୧୦(ବ୍ୟୁରୋ)

ଅସ୍ପୃଶ୍ୟତା ହିନ୍ଦୁ ଧର୍ମ ବିରୋଧୀ ଅଟେ। ଏହା ଧର୍ମାନୁମୋଦିତ ନୁହେଁ । ଏହି ବିକୃତ ଧାରଣାକୁ ଲୋପ କରିବାକୁ ଦୀର୍ଘବର୍ଷ ହେବ ସମାଜ ସଂସ୍କାର କାର୍ଯ୍ୟ ଜାରି ରହିଛି। ଗୁରୁନାନକ, ଆଚାର୍ଯ୍ୟ ରାମନୁଜ, ବସବେଶ୍ୱର, ଶଙ୍କର ଦେବ, ସ୍ୱାମୀ ଦୟାନନ୍ଦ, ନାରାୟଣ ଗୁରୁ, ଗାନ୍ଧୀଜୀ, ବୀର ସାବରକର୍, ବାବା ସାହେବ ଅମ୍ବେଦକର ଭଳି ଅନେକ ମହାପୁରୁଷ ହିନ୍ଦୁ ସମାଜର ମସ୍ତକରୁ ଏହି କଳଙ୍କ ଲିଭାଇବା ଲାଗି ଅବିରତ ଜନଜାଗରଣ ଓ ଆନ୍ଦୋଳନ କରି ଆସିଛନ୍ତି । ଏଣୁ ଅସ୍ପୃଶ୍ୟତାର ମୂଳୋତ୍ପାଟନ ଦାୟିତ୍ୱ ବିଶ୍ୱ ହିନ୍ଦୁ ପରିଷଦର ସାମାଜିକ ସମରସତା ବିଭାଗ ହାତକୁ ନେଇଛନ୍ତି । ମଙ୍ଗଳବାର ସମ୍ବଲପୁର ଭିଏସଏସ ମାର୍ଗସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସମ୍ପାଦକ ତଥା ଅଖିଳ ଭାରତୀୟ ସମରସତା ପ୍ରମୁଖ ଦେୱଜୀ ରାୱତ୍ ଏହା କହିଛନ୍ତି । ସେ ଆହୁରି କହିଥିଲେ ଯେ, ଗ୍ରାମାଞ୍ଚଳରେ କୂଅ, ମନ୍ଦିର, ଶ୍ମଶାନ ସମସ୍ତଙ୍କୁ ଉପଲବ୍ଧ ହେଉନାହିଁ । ଉଚ୍ଚ ଜାତିର ଜନସାଧାରଣ ନିଜ ଜାତି ଲୋକଙ୍କୁ ବାରଣ କରୁଛନ୍ତି । ଏହା ସମାଜ ପାଇଁ ଶୁଭଙ୍କର ନୁହେଁ। ବିଶ୍ୱ ହିନ୍ଦୁ ପରିଷଦ ଏହି ଅସ୍ପୃଶ୍ୟତାକୁ ବିରୋଧ କରୁଛି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସମ୍ପାଦକ ସତ୍ୟନାରାୟଣ ପଣ୍ଡା, ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ, ପ୍ରାନ୍ତ ସହସମ୍ପାଦକ ରାଜୀବ ଶତପଥି ସାମାଜିକ ସମରସତା ଅଭିଯାନ ଉପରେ ସୂଚନା ଦେଇଥିଲେ।



ମଙ୍ଗଳବାର ସମ୍ବଲପୁରରେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସମ୍ପାଦକ ଦେୱଜୀ ରାୱତ ସାମାଜିକ ସମରସତା ଅଭିଯାନ ଉପରେ ସୂଚନା ଦେଇଥିଲେ ।



ଚିକିତ୍ସା ବେଳେ ୧୦୦ଜଣ ରୋଗୀଙ୍କୁ ହତ୍ୟା କରିଥିବା କଥାକୁ ଜର୍ମାନୀର ଜଣେ ପୁରୁଷ ନର୍ସ କୋର୍ଟରେ ସ୍ୱୀକାର କରିଛନ୍ତି। ୪୧ ବର୍ଷୀୟ ନାଇଲସ୍ ହେଜେଲେ ଏକ ଦଶନ୍ଧି ହେବ ଜେଲରେ ଆଜୀବନ ଦଣ୍ଡାଦେଶ କାଟୁଛନ୍ତି। ମଙ୍ଗଳବାର ଓଲଡେନ୍‌ବର୍ଗ ସ୍ଥିତ ଏକ କୋର୍ଟରେ ହାଜର ହୋଇ ସେ କହିଥିଲେ, ୧୯୯୯ରୁ ୨୦୦୫ ମଧ୍ୟରେ ସେ ଦୁଇଟି ହସ୍ପିଟାଲର ୧୦୦ ରୁ ଅଧିକ ରୋଗୀଙ୍କୁ ମାରିଛନ୍ତି।



## ସଂକ୍ଷେପରେ

### ଶାହାବୁଦ୍ଦିନଙ୍କୁ ଆଜୀବନ କାରାଦଣ୍ଡ କାଏମ



**ନୂଆଦିଲ୍ଲୀ,୩୦।୧୦:** ବିହାରର ନେତା ତଥା ପୂର୍ବତନ ଆର୍‌ଜେଡି ଏମ୍‌ପି ମହମ୍ମଦ୍ ଶାହାବୁଦ୍ଦିନ୍‌ଙ୍କୁ ଲାଗିଛି ଶକ୍ତ ଧକ୍କା। ଦୁଇଭାଇ ସତୀଶ ଏବଂ ଗିରିଶ ରୋଶନଙ୍କ ହତ୍ୟା ମାମଲାରେ ତାଙ୍କୁ ମିଳିଥିବା ଆଜୀବନ କାରାଦଣ୍ଡାଦେଶକୁ ସୁପ୍ରିମ୍‌କୋର୍ଟ କାଏମ୍ ରଖିଛନ୍ତି। ୨୦୦୪ରେ ସିୱାନରେ ଏହି ଡବଲ ମର୍ଡର ଘଟଣା ଘଟିଥିଲା। ହତ୍ୟାକାଣ୍ଡର ପ୍ରତ୍ୟକ୍ଷଦର୍ଶୀ ଥିଲେ ଦୁଇ ମୃତକଙ୍କ ଭାଇ ରାଜୀବ ରୋଶନ। ୨୦୧୪ ଜୁନ୍ ୬ରେ ଡନ୍ ଶାହାବୁଦ୍ଦିନ୍‌ଙ୍କ ବିରୋଧରେ ସାକ୍ଷ୍ୟ ଦେବାକୁ ଯାଉଥିବାବେଳେ ତାଙ୍କୁ ମଧ ଏସିଡ୍ ମାଡ଼ ହୋଇଥିଲା। ଶାହାବୁଦ୍ଦିନ୍‌ଙ୍କ ଗୁଣ୍ଡାମାନେ ରାଜୀବଙ୍କୁ ହତ୍ୟା କରିଥିଲେ। ଏହି ମାମଲାରେ ତଳକୋର୍ଟ ଶାହାବୁଦ୍ଦିନ୍ ଓ ଅନ୍ୟ ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.କେ. କୌଲ୍ ଏବଂ କେ.ଏମ୍. ଯୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ଶାହାବୁଦ୍ଦିନ୍ ଓ ଅନ୍ୟ ଦୋଷୀଙ୍କ ଆବେଦନ ଖାରଜ କରିବା ସହ ତଳକୋର୍ଟଙ୍କ ଦଣ୍ଡବିଧାନ କାଏମ ରଖିଛନ୍ତି। ତଳକୋର୍ଟକୁ ସାକ୍ଷ୍ୟ ଦେବାକୁ ଯିବାବେଳେ ରାଜୀବଙ୍କୁ କାହିଁକି ହତ୍ୟା କରାଗଲା ଏବଂ ଏହି ଆକ୍ରମଣର ମାଷ୍ଟରମାଇଣ୍ଡ କିଏ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏଭଳି ଜଘନ୍ୟ କାଣ୍ଡ ଭିଆଇଥିବା ଦୋଷୀଙ୍କୁ ଦୁଇ ଭାଇଙ୍କ ହତ୍ୟା ଅଭିଯୋଗରେ ତଳକୋର୍ଟଙ୍କ ଦଣ୍ଡାଦେଶକୁ ସର୍ବୋଚ୍ଚ ନ୍ୟାୟାଳୟ ଠିକ୍ ବୋଲି ସୂଚିତ କରିଛନ୍ତି।

### ସାମୂହିକ ଛୁଟିରେ ଯାଇ ଚାକିରିରୁ ବିଦା ହେଲେ ୨୩୬ ଇଞ୍ଜିନିୟର

**ନୂଆଦିଲ୍ଲୀ,୩୦।୧୦:** ଅଟୋ ପାର୍ଟ୍ସ ତିଆରି କରୁଥିବା ପୁଣେର ଏକ କମ୍ପାନୀ ଜେଡ୍‌ଏଫ୍ ଷ୍ଟିୟରିଂ ଗିୟର ଏକାସଙ୍ଗରେ ୨୩୬ ଇଞ୍ଜିନିୟରଙ୍କୁ ଚାକିରିରୁ ବିଦା କରିଦେଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଦେଇଥିବା ସୂଚନାରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସେମାନେ ବିନାନୁମତିରେ ସାମୂହିକ ଛୁଟି ନେଇଥିଲେ। ହଠାତ୍ ସାମୂହିକ ଛୁଟି ନେବାର କାରଣ ସମ୍ପର୍କରେ ଖୋଳତାଡ ବେଳେ ସେମାନଙ୍କ ତ୍ରୁଟିପୂର୍ଣ୍ଣ ଆଚରଣ ସମ୍ପର୍କରେ ଜଣାପଡିଥିଲା। ଏହାପରେ ସେମାନଙ୍କୁ ଚାକିରିରୁ ବିଦା କରିବା ଲାଗି କମ୍ପାନୀ ନିଷ୍ପତ୍ତି ନେଇଥିଲା। ତେବେ ସମ୍ପୃକ୍ତ ଇଞ୍ଜିନିୟରଙ୍କୁ ବହିଷ୍କାର କରିବା ପୂର୍ବରୁ ସେମାନଙ୍କ ସହ କମ୍ପାନୀର ଏକାଧିକଥର ଆଲୋଚନା ହୋଇଥିଲେ ହେଁ ଏହା ବିଫଳ ହୋଇଥିଲା।

### ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ମାମଲାରେ ଏନ୍‌ଆଇଏର ଚଢାଉ

**ଶ୍ରୀନଗର, ୩୦।୧୦(ପି.ଟି.):** ଆତଙ୍କବାଦୀ ସଙ୍ଗଠନକୁ ଅର୍ଥ ଯୋଗାଣ ମାମଲାରେ ଜାତୀୟ ତଦନ୍ତକାରୀ ଏଜେନ୍ସି(ଏନ୍‌ଆଇଏ) ହିଜବୁଲ ମୁଜାହିଦ୍ଦିନ ସମର୍ଥକ ଏବଂ ବ୍ୟବସାୟୀ ନାସିର ସାଫି ମୀରଙ୍କ ଘରେ ମଙ୍ଗଳବାର ଚଢାଉ କରିଛି। ଲାଲବଜାର ଅଞ୍ଚଳରେ ଥିବା ତାଙ୍କ ବାସ ଭବନ ସହିତ ୩ ଟି ସ୍ଥାନରେ ଚଢାଉ ହୋଇଛି। ୪୮ ବର୍ଷୀୟ ମୀର ଫେରାର ଥିବା ବେଳେ ଦୁବାଇରୁ ହୁରିୟାତ ନେତାଙ୍କୁ ଅର୍ଥ ଯୋଗାଉଛନ୍ତି। ଏନେଇ ୧୦ ମାସ ତଳେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ମଙ୍ଗଳବାର ଏହି ଚଢାଉ ହୋଇଛି। ଏନ୍‌ଆଇଏ ଟିମ୍ ସହିତ ଜମ୍ମୁ-କଶ୍ମୀର ପୋଲିସ ଏବଂ ଅର୍ଦ୍ଧସାମରିକ ବଳ ମିଳିତ ଭାବରେ ଏହି ଚଢାଉ କରିଥିଲେ। ମୀରଙ୍କୁ ୨୦୦୬ରେ ଗିରଫ କରାଯାଇଥିବା ବେଳେ ୫୫ ଲକ୍ଷର ନଗଦ ଟଙ୍କା ଏବଂ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା।

■ ୨ ମାସରେ ୧ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଗଣା ଚିକିତ୍ସା ଦେବା ପ୍ରସଙ୍ଗ

# ମିଛୁଆ ରାଧୁଆ ଉପାଖ୍ୟାନ କହିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ଗ୍ରହଣ ନ କରି ନିଜସ୍ୱ ବିଜୁ ସ୍ୱାସ୍ଥ୍ୟ ଯୋଜନା ରାଜ୍ୟରେ ଲାଗୁ କରିଛନ୍ତି। ଏହି ଯୋଜନା ଗତ ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ଏକ କୋଟି ଲୋକ ଚିକିତ୍ସା ପାଇସାରିଥିବା ରାଜ୍ୟ ସରକାର କହୁଛନ୍ତି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ସରକାରଙ୍କ ଏହି ତଥ୍ୟ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ ଅଭିଯୋଗ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ଦୁଇ ମାସରେ ୧କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଦେବା କଥା କହିବା ମିଛୁଆ ରାଧୁଆ ଉପାଖ୍ୟାନ। ଲୋକଙ୍କୁ ସବୁଦିନ ପାଇଁ ସରକାର ବୋକା ବନାଇ ପାରିବେ ନାହିଁ। ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରି ପ୍ରଧାନ ପ୍ରଶ୍ନ କରିଛନ୍ତି ଯେ, ୨୦୧୭-୧୮ ଅର୍ଥନୈତିକ ସର୍ଭେ ରିପୋର୍ଟରେ ବର୍ଷସାରା ରାଜ୍ୟର ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ୧କୋଟି ଲୋକ ଆସୁ ନ ଥିବା ବେଳେ ୨ମାସରେ ୧କୋଟି୧୦ ଲକ୍ଷ ଲୋକ କେଉଁଠୁ ଆସିଲେ। ଯଦି ଜ୍ୱର, କାଶ ଭଳି ସାମାନ୍ୟ ରୋଗକୁ ନେଇ ହିସାବ ଦେବେ ତାହାହେଲେ କ'ଣ କୁହାଯିବ। ଏହି ମୌଳିକ ସେବାକୁ ରି-ପ୍ୟାକେଜିଂ କରି ଯଦି ସ୍ୱାସ୍ଥ୍ୟସେବା କଥା କହିବେ ତାହାହେଲେ ମୁଖ୍ୟମନ୍ତ୍ରୀ ନବୀନ



ପଟ୍ଟନାୟକ ଓଡିଶାର ଲୋକଙ୍କୁ ଠକୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ରାଗରଖି ଓଡିଆ ଲୋକଙ୍କୁ ଆୟୁଷ୍ମାନ ଭାରତ ଯୋଜନାର ସୁବିଧାରୁ ବଞ୍ଚିତ କରନ୍ତୁ ନାହିଁ। ରାଜନୀତିକୁ ତା' ବାଟରେ ରଖନ୍ତୁ, ମିଛୁଆ ରାଧୁଆ ନ ହୋଇ ଓଡିଆ ଲୋକଙ୍କ ସେବାପାଇଁ ଦାୟିତ୍ୱ ନେବାକୁ ପ୍ରଧାନ ନିବେଦନ କରିଛନ୍ତି।

ରାଜ୍ୟ ସରକାରଙ୍କ ୨୦୧୭-୧୮ ଇକୋନମିକ୍ ସର୍ଭେକୁ ଉଦ୍ଧୃତ କରି ପ୍ରଧାନ କହିଛନ୍ତି ଯେ, ୨୦୦୯-୧୦ରେ ୧ଲକ୍ଷ ଲୋକଙ୍କ ପାଇଁ ୧୧ଡାକ୍ତର ଥିଲେ, ଯାହା ୨୦୧୪-୧୫ ସୁଦ୍ଧା ୯କୁ ଖସିଆସିଛି। ସେହିପରି ଓଡିଶାରେ ୨ଟି ବେଡ୍‌ରେ ୩ଜଣ ରୋଗୀ ରହୁଛନ୍ତି। ଓଡିଶାର ୮୧୯୩ ଉପକେନ୍ଦ୍ରର ଆବଶ୍ୟକତା ଥିବାବେଳେ ଆଜି ଦିନରେ ୬୬୮୮ଟି ଅଛି। ରାଜ୍ୟର ୩୦ ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରୁ ମାତ୍ର ୧୨ଟିରେ ଆଇସିୟୁ ବ୍ୟବସ୍ଥା ଅଛି। ୧୧୨ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜୁଳି ସଂଯୋଗ ନାହିଁ। ପ୍ରଥମ ମାସରେ ନବଜାତକ ମୃତ୍ୟୁରେ ଓଡିଶା ଦେଶରେ ୧ନମ୍ବର। ସେହିପରି ପ୍ରଥମ ବର୍ଷରେ ନବଜାତକ ମୃତ୍ୟୁରେ ୨ନମ୍ବର ଓ ୫ବର୍ଷରୁ କମ୍ ଶିଶୁ ମୃତ୍ୟୁହାରରେ ଓଡିଶା ୩ ନମ୍ବର ସ୍ଥାନରେ ରହିଛି। ରାଜ୍ୟର ୨୫ ଜିଲାରେ ୧୫ପ୍ରତିଶତ କମ୍ ଓଜନ ଓ କମ୍ ଉଚ୍ଚତା, କୁପୋଷଣର ଶିଶୁ ଜନ୍ମ ହେଉଛନ୍ତି। ଏହା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାର ମାପକାଠି ଓ ନମୁନା ବୋଲି ପ୍ରଧାନ କହିଛନ୍ତି। ଆୟୁଷ୍ମାନ ଯୋଜନା ଲାଗୁକଲେ ମୋଦିଙ୍କ ବିଶ୍ୱସନୀୟତା ଅଧିକ ବଢିବ ବୋଲି ରାଜ୍ୟର ଶାସକ ଦଳ ମନରେ ଭୟ ଅଛି। ମୋଦି ଗତ ମାସରେ ଓଡିଶା ଆସିଥିଲେ। ଓଡିଶାର ସାଢେ ୪ କୋଟି ଲୋକଙ୍କୁ ସେବା ଯୋଗାଇବା ପାଇଁ ନିବେଦନ କଲେ, ମାତ୍ର ମୁଖ୍ୟମନ୍ତ୍ରୀ ତାହାକୁ ଅଗ୍ରାହ୍ୟ କଲେ ବୋଲି ପ୍ରଧାନ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ୧କୋଟିରୁ ଅଧିକ ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ଯୋଗାଯାଇଛି। ଗୋଟିଏ ବ୍ୟକ୍ତି ଦୁଇଥର କିମ୍ବା ୩ଥର ଯାଇ ସରକାରୀ କିମ୍ବା ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥାଇପାରନ୍ତି। ଆମେ ଅଗଷ୍ଟ ୧୫ରୁ ଆଜି ମଧ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏକ କୋଟି ଲୋକଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେଇଛୁ। କେନ୍ଦ୍ରମନ୍ତ୍ରୀଙ୍କ କଥାର କୌଣସି ଯଥାର୍ଥତା ନାହିଁ ବୋଲି ସେ କହିଛନ୍ତି।

## ଆଜି ଲୋକାର୍ପଣ ହେବ ଏକତା ପ୍ରତିମୂର୍ତ୍ତି

**ଅହମ୍ମଦାବାଦ,୩୦।୧୦(ପି.ଟି.)**

ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ମହାନ୍ ଜନନାୟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ସମ୍ମାନ ଜଣାଇବାକୁ ଯାଇ ତାଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ବୁଧବାର ଉନ୍ମୋଚନ ହେବାକୁ ଯାଉଛି। ଏହାକୁ 'ଷ୍ଟାଚୁ ଅଫ୍ ୟୁନିଟି' ଅର୍ଥାତ୍ ଏକତା ପ୍ରତିମୂର୍ତ୍ତି ଭାବେ ପରିଗଣିତ କରାଯାଇଛି।



୧୮୨ ମିଟର ବିଶିଷ୍ଟ ଏହି ବିଶାଳ ପ୍ରତିମୂର୍ତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକାର୍ପଣ କରିବେ। ଏହା ହେବ ବିଶ୍ୱର ସର୍ବବୃହତ୍ ପ୍ରତିମୂର୍ତ୍ତି, ଯାହାକି ଷ୍ଟାଚୁ ଅଫ୍ ଲିବର୍ଟିଠାରୁ ଦୁଇଗୁଣା ଅଧିକ ଉଚ୍ଚ। ନର୍ମଦା ଜିଲାର ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ଥିବା ସାଧୁ ବେଟ୍‌ରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଟେଲଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଛି।

■ ତେଜୁଛି ଅଯୋଧ୍ୟା ବିବାଦ: ବର୍ଷିଲେ ଅନିଲ ଭିଜ୍

# 'ସୁପ୍ରିମକୋର୍ଟ ମହାନ୍'

**ଚଣ୍ଡିଗଡ଼/ଲକ୍ଷ୍ନୌ/ନୂଆଦିଲ୍ଲୀ,୩୦।୧୦(ପି.ଟି.)**

**ବିଳମ୍ବରେ ମିଳୁଥିବା ନ୍ୟାୟ ଗ୍ରହଣୀୟ ନୁହେଁ: ଆଦିତ୍ୟନାଥ**

ଅଯୋଧ୍ୟା ମାମଲାର ତ୍ୱରିତ୍ ଫଇସଲା ପାଇଁ ହିନ୍ଦୁ ସଙ୍ଗଠନ, ଭାଜପା ଓ ଆର୍‌ଏସ୍‌ଏସ୍ ପକ୍ଷରୁ ଦୃଢ଼ଦାବି ହେଉଛି। ଏତିକିବେଳେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ଘୁଞ୍ଚାଇଦେଇଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ହେଉଛି। ଶୁଣାଣି ତାରିଖ ଆସନ୍ତା ଜାନୁୟାରୀରେ ସ୍ଥିର ହେବ ବୋଲି ନିଷ୍ପତ୍ତି ହେବା ପରେ ସର୍ବୋଚ୍ଚ ଅଦାଲତଙ୍କ ଉପରେ ମଙ୍ଗଳବାର ପ୍ରବଳ ବର୍ଷିଛନ୍ତି ହରିୟାଣା ମନ୍ତ୍ରୀ ଅନିଲ ଭିଜ୍। ସୁପ୍ରିମକୋର୍ଟ ମହାନ। ବମ୍ବେ ସିରିଜ ବିସ୍ଫୋରଣ ଘଟଣାରେ ୟାକୁବ ମେମନ୍‌ଙ୍କୁ ଫାଶୀକୁ ନେଇ ରାତିଅଧିଆ ଶୁଣାଣି କରିପାରୁଥିବାବେଳେ ଅଯୋଧ୍ୟା ଜମି ବିବାଦର ସମାଧାନ ଦିଗରେ କୋର୍ଟ ତତ୍ପରତା ଦେଖାଉନାହାନ୍ତି ବୋଲି ଅନିଲ ଟୁଇଟ୍ କରିଛନ୍ତି। ସେହିପରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ବିଳମ୍ବରେ ମିଳୁଥିବା ନ୍ୟାୟ ଗ୍ରହଣୀୟ ନୁହେଁ। ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ତୁଟାଇବା ଲାଗି କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଆଣନ୍ତୁ ବୋଲି ସମଗ୍ର ଦେଶବାସୀ ଚାହୁଁଥିବା ଅନିଲ ଭିଜ କହିଛନ୍ତି। ତାଙ୍କ ଟୁଇଟ୍ ପରେ ଆଦିତ୍ୟନାଥ ମଧ୍ୟ ଏକ ଟୁଇଟ୍ କରିଛନ୍ତି। ଅଯୋଧ୍ୟାର ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ଦୀର୍ଘଦିନ ହେଲା ଅମୀମାଂସିତ ହୋଇରହିଛି। ଶାନ୍ତି ଓ ଭାଇଚାରା ପ୍ରତିଷ୍ଠା ପାଇଁ ଯଥାଶୀଘ୍ର ଏହାର ସମାଧାନ ହେବା ଉଚିତ ବୋଲି ସେ ଲେଖିଛନ୍ତି। ସେହିପରି ଅଯୋଧ୍ୟା ବିବାଦ ସଂକ୍ରାନ୍ତରେ ସ୍ୱତନ୍ତ୍ର ଆଇନ ଅଣାଯାଉ ବୋଲି ମଙ୍ଗଳବାର ଦାବି ଦୋହରାଇଛି ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)। ତେବେ ଆଇନ ବିଶେଷଜ୍ଞମାନେ ଅଧ୍ୟାଦେଶ ଦାବିକୁ ସମର୍ଥନ କରୁନାହାନ୍ତି। ଅନିଲ ଭିଜ୍ ସୁପ୍ରିମକୋର୍ଟଙ୍କୁ ତାଚ୍ଛଲ୍ୟ କରିବା ପରେ ଚର୍ଚ୍ଚା ଜୋର ଧରିଛି। ତେବେ ସେ ବିବାଦୀୟ ମନ୍ତବ୍ୟ ଦେବା ନୂଆ କଥା ନୁହେଁ। କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀଙ୍କୁ ସେ ନିପା ଭାଇରସ୍ ସହ ତୁଳନା କରିଥିଲେ। ସେହିପରି ଗୋମାଂସ ବିନା ବଞ୍ଚିପାରୁ ନ ଥିବା ଲୋକେ ହରିୟାଣାକୁ ପ୍ରବେଶ ନ କରନ୍ତୁ ବୋଲି ସେ କହିଥିଲେ।

# ନୀଳଗିରିକୁ ପଶିଲେ ୩୫ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡ ହାତୀ

**ସଜନାଗଡ଼/ନୀଳଗିରି, ୩୦।୧୦(ଡି.ଏନ.ଏ.)**

■ ଆଗରେ ବାଟ କଢ଼ାଉଛି ଦନ୍ତା, ଦଳରେ ୪ ଛୁଆ ହାତୀ
■ ଚଲାପଥରେ ଉଜାଡ଼ିଲେ ବ୍ୟାପକ ଧାନ ଫସଲ
■ ବନାଞ୍ଚଳବାସୀ ଆତଙ୍କିତ

ଝାଡଖଣ୍ଡ ଜଙ୍ଗଲରୁ ଚାଲି ଆସିଥିବା ୩୫ରୁ ଊର୍ଦ୍ଧ୍ୱ ହାତୀ ମଙ୍ଗଳବାର ଭୋର ସମୟରେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳକୁ ପ୍ରବେଶ କରି ଆତଙ୍କ ଖେଳାଇଛନ୍ତି। ଆଗରେ ଦନ୍ତାହାତୀ ଏହି ପଲକୁ ବାଟ କଢାଇ ଆଣୁଛନ୍ତି। ଦଳରେ ୪ଟି ଛୁଆହାତୀ ରହିଛନ୍ତି। ସେମାନେ ଆସିବା ବାଟରେ ଧାନ ଫସଲର ବ୍ୟାପକ କ୍ଷତି ଘଟାଇଛନ୍ତି। ସେମାନେ ଝାଡଖଣ୍ଡର ଦଲମା ଜଙ୍ଗଲରୁ ବାହାରି ମୟୂରଭଞ୍ଜ ଜିଲା ଦେଇ ଚଲାପଥରେ ନୀଳଗିରି ବନାଞ୍ଚଳକୁ ଆସିବା ବାଟରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ସୂଚନା ମିଳିଛି। ମାସେ ଆଗରୁ କେତେକ ହାତୀପଲ ନୀଳଗିରି ବନାଞ୍ଚଳକୁ ଆସି ଏଠାରୁ ଫେରି ଯାଇଥିଲେ। ଏବେ ନୀଳଗିରି ବନାଞ୍ଚଳକୁ ପଶିଥବବା ହାତୀପଲଙ୍କ ସୁରକ୍ଷା ଲାଗି ଚଲାପଥ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରି ଦିଆଯାଇଛି। ଏହା ବନାଞ୍ଚଳବାସୀଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ଚାଷ ଜମିରେ ହାତୀପଲ ପଶି ଦଳିଚକଟି ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି।

ଦଲମା ଜଙ୍ଗଲରୁ ଦଳବଦ୍ଧ ହୋଇ ଚାଲିଆସିଥିବା ହାତୀପଲ ସୋମବାର ମୟୂରଭଞ୍ଜର ନଡ଼ପୁର ଦେଇ ବାଲେଶ୍ୱରର ନୀଳଗିରି ରେଞ୍ଜକୁ ପଶିଥିଲେ। ସେମାନେ ଏହି ରେଞ୍ଜ ଅଧୀନ ପୁଦାଳ, କାଠପାଳ, ଦୁର୍ଗାଦେବୀ, ପାଟଣା, ଅଯୋଧ୍ୟା ରାସ୍ତା ଦେଇ ମଙ୍ଗଳବାର ଗୋପାଳପୁର ସଂରକ୍ଷିତ ଜଙ୍ଗଲକୁ ପଶିଥିବା ସୂଚନା ମିଳିଛି। ଗୋପାଳପୁର ଜଙ୍ଗଲକୁ ଲାଗିଥିବା ଚାଷଜମିରେ ମଙ୍ଗଳବାର କେତେକ ହାତୀ ପଶି ଧାନ ଖାଉଥିବା ଦେଖିବାକୁ ମିଳିଥିଲା। ଏହି ହାତୀପଲ ଏବେ ତିନିକୋଶିଆ ଜଙ୍ଗଲକୁ ମୁହାଁଉଥିବା ଜଣାପଡିଛି। ଏ ନେଇ ଗୋପାଳପୁର ଏବଂ ତିନିକୋଶିଆ ଜଙ୍ଗଲକୁ ଲାଗିଥିବା ଭଉଁରିଆବାଡ଼, ଜାମୁଡ଼ିହା, ନରଣପୁର, ସଜନାଗଡ଼, ତେଲିପାଳ ଆଦି ପଞ୍ଚାୟତର ବାସିନ୍ଦା ଅଧିକ ଆତଙ୍କିତ ଅବସ୍ଥାରେ ରହିଛନ୍ତି।



ନୀଳଗିରି ଅଞ୍ଚଳକୁ ପ୍ରବେଶ କରିଥିବା ଝାଡ଼ଖଣ୍ଡ ହାତୀପଲ।

■ ଏଫ୍‌ଏସ୍‌ଡିସି ବୈଠକରେ ନଗଦ ସଙ୍କଟ ଆଲୋଚନା

## ଅର୍ଥ ଯୋଗାଇବାକୁ ଆର୍‌ବିଆଇର ପ୍ରତିଶ୍ରୁତି

**ନୂଆଦିଲ୍ଲୀ,୩୦।୧୦**

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏଫ୍‌ଏସ୍‌ଡିସିର ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏନ୍‌ବିଏଫ୍‌ସି କମ୍ପାନୀଗୁଡିକ ନଗଦ ସଙ୍କଟର ସାମ୍ନା କରୁଥିବାରୁ ଏହାର ସମାଧାନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଫାଇନାନ୍ସିଆଲ ଷ୍ଟାବିଲିଟି ଆଣ୍ଡ ଡେଭଲପ୍‌ମେଣ୍ଟ କାଉନସିଲ(ଏଫ୍‌ଏସ୍‌ଡିସି)ର ବୈଠକରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲ, ସେବି ଅଧ୍ୟକ୍ଷ ତଥା ଅନ୍ୟ ନିୟନ୍ତ୍ରକ ପିଏଫଆର୍‌ଡିଏ, ଆଇଆର୍‌ଡିଏ, ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ପଟେଲ କହିଥିଲେ ଯେ, ଏନ୍‌ବିଏଫ୍‌ସିରେ ନଗଦ ସଙ୍କଟ ସେତେଟା ଗୁରୁତର ନୁହେଁ। ଏହାକୁ ଅତିଶୟ ଭାବେ ଚିତ୍ରଣ କରାଯାଉଛି। ରିଜର୍ଭ ବ୍ୟାଙ୍କ ନଗଦ ଯୋଗାଣକୁ ପ୍ରାଧାନ୍ୟ ଦେବ। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କକୁ ସ୍ୱାୟତ୍ତତା ଦେବା ନେଇ ବିରଲ ଆଚାର୍ଯ୍ୟଙ୍କ ବିବୃତି ପରେ ଏଫ୍‌ଏସ୍‌ଡିସିର ବୈଠକ ବସିବା ବିଶେଷ ଗୁରୁତ୍ୱ ବହନ କରେ। ଅତୀତ ଭଳି ଏହି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କର ୪ ଜଣ ଡେପୁଟି ଗଭର୍ନର ମଧ୍ୟ ଉପସ୍ଥିତ ଥିଲେ। ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି ଯେ, ଅର୍ଥନୀତିରେ ନଗଦ ସଙ୍କଟ ନାହିଁ ବୋଲି ପଟେଲ ଦୋହରାଇଛନ୍ତି। ତେବେ କେତେକ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳୁଛି ବୋଲି ସେ ସ୍ୱୀକାର କରିଛନ୍ତି।

# ଆଜି ଭାଜପା ପ୍ରତିନିଧି ଦଳର ସାତକୋଶିଆ ଗସ୍ତ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

ସୁନ୍ଦରୀ ବାଘ ଆକ୍ରମଣକୁ ନେଇ ସାତକୋଶିଆ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳର ବର୍ତ୍ତମାନ ସ୍ଥିତି ପରଖିବାକୁ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ସାତକୋଶିଆ ଗସ୍ତ କରିବ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।

ସମୀର କହିଛନ୍ତି ଯେ, ସୁନ୍ଦରୀ ଆକ୍ରମଣରେ ଦୁଇଟି ନିରୀହ ଜୀବନ ଯିବାପରେ ମଧ ପ୍ରଶାସନ ବାଘୁଣିକୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅନ୍ୟପଟେ ରାଜ୍ୟ ସରକାର ଏବଂ ଜଙ୍ଗଲ ପରିବେଶ ବିଭାଗ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସ୍ଥାନୀୟ ବାସିନ୍ଦାଙ୍କୁ ବାଘ ମୁହଁକୁ ଠେଲି ଦେଇଛନ୍ତି। ସାଧାରଣ ଲୋକଙ୍କ ପ୍ରତିବାଦ ସ୍ୱରକୁ ଚାପିବା ପାଇଁ ପୋଲିସ ପ୍ରଶାସନ ରାଜନୈତିକ ପ୍ରତିହିଂସା ପରାୟଣ ହୋଇ ଭାଜପା ଅନୁଗୋଳ ଜିଲା ସଭାପତି ଭାଗିରଥୀ ପ୍ରଧାନଙ୍କ ସମେତ ସାଧାରଣ ଲୋକଙ୍କୁ ଗିରଫ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମହାନ୍ତି ଅଭିଯୋଗ କରିଛନ୍ତି। ସାତକୋଶିଆ ଅଞ୍ଚଳରେ ବସବାସ କରୁଥିବା ସ୍ଥାନୀୟ ବାସିନ୍ଦା ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏହାକୁ ଗୁରୁତ୍ୱ ଦେଇ ବୁଧବାର ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରତିନିଧୀ ଦଳ ସାତକୋଶିଆ ଗସ୍ତ କରି ସରଜମିନ ତଦନ୍ତ କରିବ। ପ୍ରତିନିଧୀ ଦଳରେ ଭାଜପା ଉପ ସଭାପତି ସମୀର ମହାନ୍ତି, ପୂର୍ବତନ ଏମ୍‌ପି ରୁଦ୍ର ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଓ ଦିଲୀପ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଅନୁଗୁଳ ଜିଲା ପ୍ରଭାରୀ ଜଗନ୍ନାଥ ପ୍ରଧାନ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ସାତକୋଶିଆ ପରିଦର୍ଶନ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରି ରାଜ୍ୟ ସଭାପତିଙ୍କୁ ଏକ ରିପୋର୍ଟ ପ୍ରଦାନ କରିବେ ବୋଲି ମହାନ୍ତି ସୂଚନା ଦେଇଛନ୍ତି।

■ ମୁଜାଫରପୁର ଆଶ୍ରୟଗୃହ ମାମଲା

## ବ୍ରଜେଶ ଠାକୁର ଯିବେ ପଟିଆଲା ଜେଲ୍

**ନୂଆଦିଲ୍ଲୀ, ୩୦।୧୦(ପି.ଟି.)**

ମୁଜାଫରପୁର ଆଶ୍ରୟଗୃହ ଯୌନ ଶୋଷଣ ମାମଲାର ମୁଖ୍ୟ ଅଭିଯୁକ୍ତ ବ୍ରଜେଶ ଠାକୁରଙ୍କୁ ବିହାର ଭାଗଲପୁର ଜେଲ୍‌ରୁ କଡା ସୁରକ୍ଷାବ୍ୟବସ୍ଥା ଥିବା ପଞ୍ଜାବର ପଟିଆଲା ଜେଲ୍‌କୁ ସ୍ଥାନାନ୍ତର କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ପକ୍ଷରୁ କୋର୍ଟରେ କୁହାଯାଇଥିଲା ବ୍ରଜେଶ ଜଣେ ପ୍ରଭାବଶାଳୀ ବ୍ୟକ୍ତି। ଜେଲ ଭିତରେ ତାଙ୍କ ପାଖରୁ ମୋବାଇଲ ଫୋନ୍ ଜବତ କରାଯାଇଛି। ସେଥିପାଇଁ ତାଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରାଯାଉ। ସେଭଳି ଏହି ମାମଲାରେ ପୂର୍ବତନ ମନ୍ତ୍ରୀ ମଞ୍ଜୁ ବର୍ମାଙ୍କୁ କାହିଁକି ଗିରଫ କରାଯାଇ ନାହିଁ ବୋଲି ବିହାର ପୋଲିସକୁ ସୁପ୍ରିମକୋର୍ଟ ପ୍ରଶ୍ନ ପଚାରିଛନ୍ତି। ଜଷ୍ଟିସ୍ ଏମ୍.ବି ଲୋକୁର, ଏସ୍.ଏ ନଜିର ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ।

■ ଆଇନଜୀବୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା

# ହାଇକୋର୍ଟ ପରିସରରେ ୨୫ ପ୍ଲାଟୁନ ଫୋର୍ସ ମୁତୟନ

**କଟକ ଅଫିସ୍, ୩୦।୧୦**

**ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ: ପୋଲିସ କମିଶନର**

ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନେଇ ଆଇନଜୀବୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ସୋମବାର ବିଜେଡି ଲିଗାଲ ସେଲ୍‌ର ଆଇନଜୀବୀମାନେ କାର୍ଯ୍ୟରେ ଯୋଗଦେବାକୁ କୋର୍ଟ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରିବାରୁ ହାଇକୋର୍ଟ ବାର ଆସୋସିଏଶନର ଅନ୍ୟ ଆଇନଜୀବୀମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ୫ ଜଣ ଆଇନଜୀବୀଙ୍କ ସମେତ ଜଣେ ଯୁବକ ଏବଂ ଜଣେ ପୋଲିସ କନ୍‌ଷ୍ଟେବଳ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଚାଲିଥିବାବେଳେ ମଙ୍ଗଳବାର ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ହାଇକୋର୍ଟ ପରିସରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରଯାଇଛି। ମୋଟ ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆବଶ୍ୟକ ପଡିଲେ ଓଏସ୍‌ଏପି ଏବଂ ଏପିଆର ଫୋର୍ସ ମୁତୟନ କରାଯିବ। ତେବେ ସୋମବାର ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ଘଟଣାରେ ଦୁଇଟି ମାମଲା ରୁଜୁ କରାଯାଇଥିବାବେଳେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଦୋଷୀଙ୍କୁ ଚିହ୍ନଟ କରାଯିବ। ଅନ୍ୟପକ୍ଷରେ ହାଇକୋର୍ଟ ପରିସରରେ ପୋଲିସ ପ୍ରବେଶକୁ ନେଇ କେତେଜଣ ଆଇନଜୀବୀ ଆପତ୍ତି ଉଠାଇଥିବା ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେଇ କମିଶନର କହିଛନ୍ତି, ହାଇକୋର୍ଟରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ହାଇକୋର୍ଟ ରେଜିଷ୍ଟ୍ରାର ପୋଲିସକୁ ଜଣାଇଥିଲେ। ସୋମବାର ହାଇକୋର୍ଟ ପରିସରରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାରୁ ପୋଲିସ ହାଇକୋର୍ଟ ଭିତରକୁ ପଶିବାକୁ ବାଧ ହୋଇଥିଲା। ଯଦି ଭବିଷ୍ୟତରେ ବିଶୃଙ୍ଖଳା ଦେଖାଦିଏ ତେବେ ପୋଲିସର କର୍ତ୍ତବ୍ୟ ଅନୁସାରେ ଏଥିରେ ହସ୍ତକ୍ଷେପ କରାଯିବ ବୋଲି କମିଶନର କହିଛନ୍ତି।

# ପିସିସି କର୍ମକର୍ତ୍ତାମାନଙ୍କୁ ଜିଲା ସଙ୍ଗଠନ ଦାୟିତ୍ୱ ବଣ୍ଟନ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

ତୃଣମୂଳସ୍ତରରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ କରିବା ଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ପିସିସି କର୍ମକର୍ତ୍ତାମାଙ୍କ ମଧ୍ୟରେ ଜିଲା ଏବଂ ବିଭିନ୍ନ ସାଙ୍ଗଠନିକଦାୟିତ୍ୱ ବଣ୍ଟନ କରିଛନ୍ତି। ପିସିସି ଉପସଭାପତି ଅନନ୍ତ ପ୍ରସାଦ ସେଠୀଙ୍କୁ ଶୃଙ୍ଖଳାଗତ କମିଟି ଆବାହକ, ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) କାର୍ଯ୍ୟକ୍ରମ, ଆକାଉଣ୍ଟସ, ପ୍ରଦେଶ ନିର୍ବାଚନ ପ୍ରସ୍ତୁତି ଏବଂ ପ୍ରଚାର କମିଟି ସଦସ୍ୟ ଭାବେ ଦାୟିତ୍ୱ ପାଇଛନ୍ତି। ପିସିସି ଉପସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ ଢେଙ୍କାନାଳ ଜିଲା ସହ ସ୍ୱାଧିନତା ସଂଗ୍ରାମୀ ବିଭାଗ, କଳା ଏବଂ ସଂସ୍କୃତି ବିଭାଗ ଓ ସେବାଦଳ ସଙ୍ଗଠନ ଦାୟିତ୍ୱ ଦିଆଯାଇଛି। ବିଜୟଲକ୍ଷ୍ମୀ ସାହୁଙ୍କୁ ପୁରୀ ଜିଲା ସହ ପଞ୍ଚାୟତିରାଜ ଦାୟିତ୍ୱ ଦିଆଯାଇଛି। ସଦନ ନାୟକଙ୍କୁ ରାୟଗଡା ଜିଲା ସହ ଅବସରପ୍ରାପ୍ତ ସାମରିକ ବିଭାଗ ଓ ପେନସନ, ସନ୍ତୋଷ ସିଂ ସାଲୁଜାଙ୍କୁ ସମ୍ବଲପୁର ଓ ସୁନ୍ଦରଗଡ ଜିଲା, ରାଧାକାନ୍ତ ଦିଗଲଙ୍କୁ ସୁବର୍ଣ୍ଣପୁର ଜିଲା, ଗଣେଶ୍ୱର ବେହେରାଙ୍କୁ ଜଗତସିଂହପୁର ଜିଲା, ଦେବାଶିଷ ପଟ୍ଟନାୟକଙ୍କୁ ବାଲେଶ୍ୱର ଜିଲା, ଅମରନାଥ ପ୍ରଧାନଙ୍କୁ ପିସିସି ସଭାପତି ସହ ସମ୍ପୃକ୍ତ କରାଯାଇଛି। ସେହିପରି କୈଳାଶ ଆଚାର୍ଯ୍ୟଙ୍କୁ କଳା ଓ ସଂସ୍କୃତି, ଶିକ୍ଷକ କଂଗ୍ରେସ, ବୁଦ୍ଧିଜିବୀ ବିଭାଗ, ଶିବାନନ୍ଦ ରାୟଙ୍କୁ ଯାଜପୁର ଜିଲା ସହ ନିର୍ବାଚନ କମିଶନ ଏବଂ ଆଇନ ପ୍ରକୋଷ୍ଠ ଦାୟିତ୍ୱ, ଶୁଭେନ୍ଦୁ ମହାନ୍ତିଙ୍କୁ ଗଞ୍ଜାମ, ନକୁଳ ନାୟକଙ୍କୁ କୋରାପୁଟ, ସସ୍ମିତା ବେହେରାଙ୍କୁ ବୌଦ୍ଧ, କିଶୋର ପଟେଲଙ୍କୁ ବଲାଙ୍ଗୀର ଜିଲା ସହ ଅର୍ଥ ଦାୟିତ୍ୱ, ସତ୍ୟପ୍ରକାଶ ନାୟକଙ୍କୁ ମିଡିଆ ଓ କମ୍ୟୁନିକେସନ ବିଭାଗ ଦାୟିତ୍ୱ ମିଳିଛି। ସେହିପରି ଅନ୍ୟ ଜିଲାଗୁଡିକ ପାଇଁ ବିଭିନ୍ନ ନେତାଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କୁ ପ୍ରୋଟୋକଲ ଦାୟିତ୍ୱ, ବିସ୍ମୟ ମହାପାତ୍ରଙ୍କୁ ମୋ ବୁଥ୍ ମୋ ଗୌରବ, ପ୍ରୋଜେକ୍ଟ ଶକ୍ତି ଓ ଡାଟା ଆନାଲିସିସ୍ ଦାୟିତ୍ୱ ମିଳିଛି। ପ୍ରଦେଶ କଂଗ୍ରେସ ଉପସଭାପତି ଓ ସାଧାରଣ ସମ୍ପାଦକ ସହିତ ସମ୍ପାଦକମାନଙ୍କୁ ମଧ୍ୟ ବିଭିନ୍ନ ଜିଲା ଓ ସଙ୍ଗଠନ ଦାୟିତ୍ୱ ଦିଆଯାଇଛି ବୋଲି ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦାସ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।



ଏନ୍‌ଡିଏ ସରକାର ପ୍ରଯୁକ୍ତିବିଦ୍ୟାକୁ ସାମାଜିକ ନ୍ୟାୟ, ସଶକ୍ତୀକରଣ ଓ ସ୍ୱଚ୍ଛତାର ଏକ ମାଧ୍ୟମରେ ପରିଣତ କରିଛନ୍ତି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ଭାରତରେ ଇଟାଲୀ ପ୍ରଧାନମନ୍ତ୍ରୀ
## ମୋଦି-କୋଣ୍ଟେ ଆଲୋଚନା



**ନୂଆଦିଲ୍ଲୀ,୩୦।୧୦(ପି.ଟି.):** ଭାରତ ଗସ୍ତରେ ଆସିଥିବା ଇଟାଲୀ ପ୍ରଧାନମନ୍ତ୍ରୀ ଜିଉସେପେ କୋଣ୍ଟେ ନୂଆଦିଲ୍ଲୀରେ ମଙ୍ଗଳବାର ତାଙ୍କ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ବାଣିଜ୍ୟ ଓ ପୁଞ୍ଜିନିବେଶରେ ସହଯୋଗ ବୃଦ୍ଧି ଆଦି କ୍ଷେତ୍ର ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। କୋଣ୍ଟେ ନୂଆଦିଲ୍ଲୀରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ (ଡିଏସ୍‌ଟି) ଏବଂ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଭାରତ-ଇଟାଲୀ ସମ୍ମିଳନୀର ୨୪ତମ ସଂସ୍କରଣରେ କୋଣ୍ଟେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ୮୦୦ ଫୁଟ ଉପରୁ ଖସି
## କେରଳୀ ଦମ୍ପତିଙ୍କ ମୃତ୍ୟୁ



**ନ୍ୟୁୟର୍କ,୩୦।୧୦(ପି.ଟି.):** ଆମେରିକାସ୍ଥିତ କାଲିଫର୍ନିଆର ୟୋସେମାଇଟ୍ ଜାତୀୟ ଉଦ୍ୟାନରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଭାରତୀୟ ଦମ୍ପତି ୮୦୦ ଫୁଟ ଉଚ୍ଚରୁ ତଳକୁ ଖସିପଡ଼ିଛନ୍ତି। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି। କେରଳର ବିଷ୍ଣୁ ବିଶ୍ୱନାଥ (୨୯) ଆମେରିକାର ସାନ୍ ଫ୍ରାନ୍‌ସିସ୍କୋରେ ସିଷ୍ଟମ୍ ଇଞ୍ଜିନିୟର ଭାବେ କାମ କରୁଥିଲେ। ସେ ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀ ମୂର୍ତ୍ତି (୩୦) ନିକଟରେ ୟୋସେମାଇଟ୍ ପାର୍କ ବୁଲିବାକୁ ଯାଇଥିବାବେଳେ ଟାଫ୍ଟ ପଏଣ୍ଟରୁ ୮୦୦ ଫୁଟ ତଳକୁ ଖସିପଡ଼ିଥିଲେ। ପୋଲିସ ପାହାଡ଼ ତଳୁ ଉଭୟଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଚଳିତବର୍ଷ ଏହି ସ୍ଥାନରୁ ଖସିପଡ଼ି ୧୦ ଜଣଙ୍କ ମୃତ୍ୟୁ ଘଟିସାରିଲାଣି।

### ମାଲେଗାଓଁ ବିସ୍ଫୋରଣ ମାମଲା
## ପୁରୋହିତ, ସାଧ୍ୱୀଙ୍କ ନାଁରେ ଚାର୍ଜଫ୍ରେମ୍

**ମୁମ୍ବାଇ,୩୦।୧୦(ପି.ଟି.):** ୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ମଙ୍ଗଳବାର ଲ୍ୟୁଟ୍‌ନାଣ୍ଟ କଲୋନେଲ ପ୍ରସାଦ ପୁରୋହିତ, ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ଏବଂ ଅନ୍ୟ ୫ ଜଣଙ୍କ ନାଁରେ ଚାର୍ଜଫ୍ରେମ୍ ହୋଇଛି। ଏମାନଙ୍କ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପ, ଅପରାଧିକ ଷଡ଼ଯନ୍ତ୍ର, ହତ୍ୟା ଓ ଅନ୍ୟାନ୍ୟ ସଙ୍ଗିନ ଅଭିଯୋଗ ରହିଛି। ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଏବଂ ଆଇପିସିର ବିଭିନ୍ନ ଦଫା ଅନୁଯାୟୀ ୭ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରାଯାଇଛି। ଏମାନେ ଏବେ ବିଚାରର ସମ୍ମୁଖୀନ ହେବେ ବୋଲି ମୁମ୍ବାଇସ୍ଥିତ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟର ବିଚାରପତି ବିନୋଦ ପଦଲକର କହିଛନ୍ତି। ନଭେମ୍ବର ୨ରୁ ମାମଲାର ଶୁଣାଣି ଆରମ୍ଭ ହେବ।

### [ଇତିହାସର ଆଇନାରେ]
## ଅକ୍ଟୋବର ୩୧ର ପ୍ରମୁଖ ଘଟଣା

୧୯୮୪ ଅକ୍ଟୋବର ୩୧ରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା। ତାଙ୍କର ଦୁଇ ଅଙ୍ଗରକ୍ଷୀ ବେଅନ୍ତ ସିଂ ଏବଂ ସତୱନ୍ତ ସିଂ ଇନ୍ଦିରାଙ୍କୁ ତାଙ୍କ ବାସଭବନ ବାହାରେ ୩୦ ରାଉଣ୍ଡ ଗୁଳିକରି ହତ୍ୟା କରିଥିଲେ।

୨୦୧୫ ଅକ୍ଟୋବର ୩୧ରେ ଋଷିଆନ୍ ଏୟାରଲାଇନ୍ସର ମେଟ୍ରୋଜେଟ୍ ବିମାନ ୯୨୬୮ରେ ବିସ୍ଫୋରଣ ଘଟିଥିଲା। ଏଥିରେ ୨୨୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଉତ୍ତର ସିନାଇ ପେନିନ୍‌ସୁଲାରେ ଏହି ବିସ୍ଫୋରଣ ହୋଇଥିଲା।

### ୧୮ ଆସନରେ ବିଧାନସଭା ନିର୍ବାଚନକୁ ୧୩ ଦିନ
# ଛତିଶଗଡ଼ରେ ଲାଲ ଆତଙ୍କ

**ରାୟପୁର/ନୂଆଦିଲ୍ଲୀ,୩୦।୧୦**

ଛତିଶଗଡ଼ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୧୩ ଦିନ ବାକି ଥିବାବେଳେ ପଡ଼ୋଶୀ ରାଜ୍ୟରେ ଦେଖାଦେଇଛି ଲାଲ ଆତଙ୍କ। ମାଓବାଦୀମାନେ କେତେବେଳେ ନିର୍ବାଚନ ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରୁଛନ୍ତି ତ ଆଉ କେତେବେଳେ ଖବର ସଂଗ୍ରହ ପାଇଁ ଯାଇଥିବା ଟିମ୍‌କୁ ଆକ୍ରମଣ କରୁଛନ୍ତି। ଏହି କ୍ରମରେ ୪ ଦିନ ମଧ୍ୟରେ ମାଓବାଦୀଙ୍କ ଗୁଳିମାଡ଼ରେ ୨ ଓଡ଼ିଆଙ୍କ ସମେତ ୫ ଜଣଙ୍କ ପ୍ରାଣହାନି ଘଟିଲାଣି। ପୋଲିସ ପ୍ରଶାସନ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା କହୁଥିବାବେଳେ ମାଓବାଦୀଙ୍କ ସଂହାରଲୀଳା ରାଜ୍ୟର ଭାଜପା ସରକାରଙ୍କ ବିଫଳତାକୁ ପଦାରେ ପକାଇଛି। ମୁଖ୍ୟମନ୍ତ୍ରୀ ରମଣ ସିଂ କ୍ଷମତାରେ ରହିବାର ନୈତିକତା ହରାଇଥିବା ଦର୍ଶାଇ ତାଙ୍କର ଇସ୍ତଫା ଦାବି କରିଛି କଂଗ୍ରେସ। ମିଳିଥିବା ସୂଚନାନୁସାରେ, ସୁରକ୍ଷା



ବଳକୁ ଘେରିବା ପାଇଁ ମାଓବାଦୀମାନେ ନାନା ଉପାୟ ଅବଲମ୍ବନ କରୁଛନ୍ତି। କେତେବେଳେ ଆଇଇଡି ତ ଆଉ କେତେବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ଯବାନଙ୍କ ମୁଣ୍ଡ ନେବା ପାଇଁ ସେମାନେ ରଚିଛନ୍ତି ସାଂଘାତିକ ଷଡ଼ଯନ୍ତ୍ର। ମଙ୍ଗଳବାର ଏହାର ଏକ ଝଲକ ଦେଖିବାକୁ ମିଳିଛି ଦାନ୍ତେୱାଡ଼ା ଜିଲା ଅରନ୍‌ପୁର ଅଞ୍ଚଳରେ। ଅରନ୍‌ପୁର ଥାନାରୁ ନିଲୱାୟା ଗ୍ରାମ ଅଭିମୁଖେ ଯାଉଥିବାବେଳେ ମାଓବାଦୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଦୂରଦର୍ଶନର ଏକ ଟିମ୍ ଓ ସେମାନଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନେ। ଜଙ୍ଗଲରେ ଲୁଚିଥିବା ଶତାଧିକ ମାଓବାଦୀ ସେମାନଙ୍କ ବାଟ ଓଗାଳିଥିଲେ। ମାଓବାଦୀମାନେ ରାସ୍ତାରେ ସେମାନଙ୍କ ଗାଡ଼ିକୁ ଅଟକାଇ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ସହ ୨ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ୩ ମାଓବାଦୀ ନିହତ ହୋଇଥିବା ଆଶଙ୍କା କରାଯାଉଛି। ମାଓବାଦୀମାନେ ସେହି ବାଟ ଦେଇ ଯିବାକୁ ଥିବା ସିଆର୍‌ପିଏଫ୍ ପାଟ୍ରୋଲିଂ ଟିମ୍‌କୁ ଟାର୍ଗେଟ କରିବାକୁ ଅପେକ୍ଷାରତ ଥିବାବେଳେ ଦିଲ୍ଲୀରୁ ଆସିଥିବା ଦୂରଦର୍ଶନ ଟିମ୍ ଦୁର୍ଭାଗ୍ୟବଶତଃ ଆକ୍ରମଣର ଶିକାର ହୋଇଥିବା ଛତିଶଗଡ଼ ପୋଲିସର ସ୍ପେଶାଲ ଡିଜି ଡି.ଏମ୍. ଅୱସ୍ଥି କହିଛନ୍ତି।

**ରକ୍ତମୁଖା ମାଓବାଦୀ**

- ଜବାବୀ କାର୍ଯ୍ୟାନୁଷ୍ଠାନରେ ୩ ମାଓବାଦୀଙ୍କ ମୃତ୍ୟୁ
- ଲାଲ ବାହିନୀ ଦେଇଛି ଭୋଟ ବର୍ଜନ ଆହ୍ୱାନ
- ରମଣ ସିଂଙ୍କ ଇସ୍ତଫା ଦାବି କଲା କଂଗ୍ରେସ

## ପୋଲିସ ପ୍ରଶାସନକୁ ଚ୍ୟାଲେଞ୍ଜ

**ରାୟପୁର,୩୦।୧୦:** ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମାଓବାଦୀ ପ୍ରଭାବିତ ଅଞ୍ଚଳର ୧୮ ଆସନରେ ନଭେମ୍ବର ୧୨ ଓ ଅନ୍ୟ ୭୨ ନିର୍ବାଚନମଣ୍ଡଳୀରେ ୨୦ ତାରିଖରେ ଭୋଟଗ୍ରହଣ କରାଯିବ ବୋଲି ପୂର୍ବରୁ ନିର୍ବାଚନ କମିଶନ (ଇସି) ଘୋଷଣା କରିଛନ୍ତି। ବସ୍ତର, କଙ୍କେର ସୁକ୍‌ମା,



ବିଜାପୁର, ଦାନ୍ତେୱାଡ଼ା, ନାରାୟଣପୁର, କୋଣ୍ଡାଗାଓଁ ଓ ରାଜନନ୍ଦଗାଓଁ ଜିଲାର ୧୮ ଆସନରେ ସୁରୁଖୁରୁରେ ମତଦାନ କରାଇବା ଏବେ ପୋଲିସ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। କାରଣ ଏହି ଜିଲାଗୁଡ଼ିକରେ ମାଓବାଦୀଙ୍କ ପ୍ରଭାବ ସର୍ବାଧିକ। ଏଥିଯୋଗୁ ଏଠାରେ ଭୋଟ ବର୍ଜନ କରିବାକୁ ମାଓବାଦୀମାନେ ପୂର୍ବରୁ ଲୋକଙ୍କୁ ଆହ୍ୱାନ ଦେଇସାରିଛନ୍ତି। ଏହାକୁ ଅବଜ୍ଞା କଲେ ପରିଣତି ଭୋଗିବେ ବୋଲି ମଧ୍ୟ ମାଓବାଦୀମାନେ ଧମକ ଦେଇଛନ୍ତି। ମାଓବାଦୀଙ୍କ ଚେତାବନୀକୁ ବେଖାତିର କରି ୧୮ ଆସନରେ ନିର୍ବାଚନ କରାଯାଉଥିବାରୁ ଆଗକୁ ମତଦାନ ଯାଏ ୧୩ ଦିନ ମଧ୍ୟରେ ସେମାନେ ଆହୁରି ଏକାଧିକ ସଂହାରଲୀଳା ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ୪ ଦିନ ମଧ୍ୟରେ ଏହା ହେଉଛି ମାଓବାଦୀଙ୍କ ଦ୍ୱିତୀୟ ଆକ୍ରମଣ। ଶନିବାର ମାଓବାଦୀଙ୍କ ଆକ୍ରମଣରେ ଛତିଶଗଡ଼ର ବିଜାପୁର ଜିଲାରେ ଜଣେ ଓଡ଼ିଆଙ୍କ ସମେତ ୪ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ।



"ବିଧାନସଭା ନିର୍ବାଚନ ପୂର୍ବରୁ ଛତିଶଗଡ଼ରେ ବାରମ୍ବାର ମାଓବାଦୀଙ୍କ ଆକ୍ରମଣ ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ଅକ୍ଷମ ଓ ଅଯୋଗ୍ୟ ରମଣ ସିଂ ସରକାର କ୍ଷମତାରେ ରହିବାର ନୈତିକତା ହରାଇଛନ୍ତି।

**–ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର**

### ଦୀପାବଳିରେ ବାଣ ଫୁଟାଇବା ନେଇ କଟକଣା
## ନିର୍ଦ୍ଧାରିତ ସମୟରେ ପରିବର୍ତ୍ତନ ଆଣିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୧୦(ପି.ଟି.)**

ପ୍ରଦୂଷଣ ପ୍ରାଣନାଶକାରୀ ସାଜିଥିବାରୁ ଦୀପାବଳି ଓ ଅନ୍ୟ ଉତ୍ସବରେ ବାଣ ଫୁଟାଇବା ନେଇ ସୁପ୍ରିମକୋର୍ଟ ଲଗାଇଥିବା କଟକଣାରେ ମଙ୍ଗଳବାର ପରିବର୍ତ୍ତନ ଆଣିଛନ୍ତି। ରାତି ୮ରୁ ୧୦ଟା ମଧ୍ୟରେ ବାଣ ଫୁଟାଯାଇପାରିବ ବୋଲି ଅଦାଲତ ସମୟ ନିର୍ଘଣ୍ଟ କରିଥିଲେ। କିନ୍ତୁ ଏବେ ନିର୍ଦ୍ଦିଷ୍ଟ ଭାବେ ସେହି ସମୟରେ କଟକଣା ଲାଗୁ ହେବ ନାହିଁ। ରାଜ୍ୟ ସରକାର ଚାହିଁଲେ ନିଜ ହିସାବରେ ସମୟ ନିର୍ଦ୍ଧାରଣ କରିପାରିବେ। ତେବେ ଯେତେବେଳେ ହେଉନା କାହିଁକି ୨ ଘଣ୍ଟା ଭିତରେ ବାଣ ଫୁଟାଯାଇପାରିବ ବୋଲି ସଦ୍ୟ ରାୟରେ ସୁପ୍ରିମକୋର୍ଟ କହିଛନ୍ତି। ଅକ୍ଟୋବର ୨୩ରେ ସର୍ବୋଚ୍ଚ ଅଦାଲତ ଦୀପାବଳି ଉତ୍ସବ ନେଇ ନିର୍ଦ୍ଦେଶନାମା ଜାରି କରିବା ପରେ ତାମିଲନାଡୁ ସରକାର ଏହାକୁ ଚ୍ୟାଲେଞ୍ଜ କରି ଆବେଦନ କରିଥିଲେ। ଦୀପାବଳି ଦିନ ସକାଳେ ତାମିଲନାଡୁବାସୀ ବାଣ ଫୁଟାଇ ଆଲୋକର ପର୍ବ ପାଳନ କରିବାକୁ ଚାହୁଁଥିବାରୁ କୋର୍ଟ ଅନୁମତି ପ୍ରଦାନ କରନ୍ତୁ ବୋଲି ଆବେଦନରେ ଦର୍ଶାଯାଇଥିଲା। ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାକୁ ଗ୍ରହଣ କରିବା ସହ ଉପରୋକ୍ତ ରାୟ ଦେଇଛନ୍ତି। ତେବେ 'ସବୁଜ ବାଣ' ଫୁଟାଇବା ଲାଗି ଦିଆଯାଇଥିବା ନିର୍ଦ୍ଦେଶ କେବଳ ଦିଲ୍ଲୀ-ଏନ୍‌ସିଆର ପାଇଁ ପ୍ରଯୁଜ୍ୟ ବୋଲି ଅଦାଲତ କହିଛନ୍ତି। ପଣ୍ଡିଚେରିରେ ସକାଳେ ବାଣ ଫୁଟାଇବାକୁ ଜଣେ ଆଇନଜୀବୀ ଅନୁମତି ମାଗିଥିଲେ। ପ୍ରକାଶ ଯେ, ଖ୍ରୀଷ୍ଟମାସ ଏବଂ ନୂଆବର୍ଷରେ ରାତି ୧୧ଟା ୫୫ରୁ ୧୨ଟା ୩୦ ପର୍ଯ୍ୟନ୍ତ ଲୋକେ ବାଣ ଫୁଟାଇପାରିବେ ବୋଲି ଅକ୍ଟୋବର ୨୩ ରାୟରେ ସୁପ୍ରିମକୋର୍ଟ କହିଛନ୍ତି।

**୨ ଘଣ୍ଟାରେ ସୀମିତ**



## ରାହୁଲଙ୍କ ନାଁରେ ମାନହାନି ମକଦ୍ଦମା କଲେ ଚୌହାନଙ୍କ ପୁଅ

**ଭୋପାଳ/ଇନ୍ଦୋର,୩୦।୧୦(ପି.ଟି.)**

ନଭେମ୍ବର ୨୮ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ମଧ୍ୟପ୍ରଦେଶରେ ଏବେ ବାତାବରଣ ଉଷ୍ମ ରହିଛି। ଭାଜପାକୁ ପୁନଃ କ୍ଷମତାସୀନ କରିବା ଲାଗି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଉଦ୍ୟମ ଚଳାଇଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ଘନ ଘନ ପ୍ରଚାର ଚଳାଇଛନ୍ତି। କଂଗ୍ରେସ ମୁଖ୍ୟ ରାଜ୍ୟ ସରକାରଙ୍କ ବିଫଳତା ବଖାଣିବା ସହ ପାନାମା ପେପର୍ସ ଦୁର୍ନୀତିରେ ଚୌହାନଙ୍କ ପୁଅ କାର୍ତ୍ତିକୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣିଛନ୍ତି। ଝାବୁଆରେ ସୋମବାର ରାହୁଲ ଏଭଳି ବିବାଦୀୟ ମନ୍ତବ୍ୟ ଦେବା ପରେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି କାର୍ତ୍ତିକୀ। ମଙ୍ଗଳବାର



ସେ ରାହୁଲଙ୍କ ନାଁରେ ମାନହାନି ମକଦ୍ଦମା କରିଛନ୍ତି। ଅତିରିକ୍ତ ଜିଲା ଜଜ୍‌ଙ୍କ ସ୍ୱତନ୍ତ୍ର କୋର୍ଟରେ ଦାଏର କରିଥିବା ମକଦ୍ଦମାରେ କାର୍ତ୍ତିକୀ ଦର୍ଶାଇଛନ୍ତି ଯେ, ତାଙ୍କୁ ବଦନାମ କରିବା ପାଇଁ ରାହୁଲ ଜାଣିଶୁଣି ଏଭଳି ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷେ ରାହୁଲ କହିଛନ୍ତି, ଭାଜପା ନେତାମାନେ ଏତେମାତ୍ରାରେ ଦୁର୍ନୀତିରେ ଲିପ୍ତ ଯେ ସେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।

## ଫୁର୍‌ସତ

## ପୃଥିବୀର ବାଦଲ ଉପଗ୍ରହ

**ଲଣ୍ଡନ:** ୧୯୬୧ରେ ପୃଥିବୀଠାରୁ ୪ଲକ୍ଷ କିଲୋମିଟର ଦୂରରେ ଠାବ କରାଯାଇଥିବା ଦୁଇଟି ଧୂସର-ବାଦଲଯୁକ୍ତ ଉପଗ୍ରହ ସମ୍ପର୍କରେ ବୈଜ୍ଞାନିକମାନେ ନିଶ୍ଚିତ ହୋଇଛନ୍ତି। ଏହି ଦୁଇଟି ଉପଗ୍ରହକୁ ପୋଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ କାଜିମିର୍ଜ କୋର୍ଡିଲେୱସ୍କିଙ୍କ ନାମାନୁସାରେ ନାମିତ କରାଯାଇଛି। ଅତି ଅସ୍ପଷ୍ଟ ଦେଖାଯାଉଥିବାରୁ ସେଗୁଡ଼ିକର ସ୍ଥିତି ବିବଦମାନ ହୋଇ ରହିଛି ବୋଲି ହଙ୍ଗେରିସ୍ଥିତ ଇୟଟଭସ୍ ଲୋରାଣ୍ଡ ୟୁନିଭର୍ସିଟିର ଗବେଷକମାନେ କହିଛନ୍ତି। ଏ ସଂପର୍କିତ ବିବରଣୀ ରୟାଲ ଆଷ୍ଟ୍ରୋନୋମିକାଲ୍ ସୋସାଇଟିର ମନ୍ଥଲି ନୋଟିସେସ୍ ଜର୍ନାଲ୍‌ରେ ପ୍ରକାଶ ପାଇଛି।

## ରେକର୍ଡ ଦୂରତାରେ ସୋଲାର ପ୍ରୋବ୍

**ୱାଶିଂଟନ୍:** ପାର୍କର ସୋଲାର ପ୍ରୋବ୍ ଅକ୍ଟୋବର ୨୯ ସୁଦ୍ଧା ସୂର୍ଯ୍ୟଙ୍କ ପୃଷ୍ଠଭୂମିଠାରୁ ରେକର୍ଡ ମାତ୍ର ୨୬.୫୫ ନିୟୁତ ମାଇଲ୍ ଦୂରତାରେ ପହଞ୍ଚିପାରିଛି। ପୂର୍ବରୁ କୌଣସି ଅନୁସନ୍ଧାନକାରୀ ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟଙ୍କ ଏତେ ନିକଟତର ହୋଇ ନ ଥିଲା ବୋଲି ନାସା ବୈଜ୍ଞାନିକ ଟିମ୍ ପ୍ରକାଶ କରିଛି। ନାସାର ଐତିହାସିକ ପାର୍କର ସୋଲାର ପ୍ରୋବ୍ ସୂର୍ଯ୍ୟ ଅଭିମୁଖେ ଗତିଶୀଳ। ଏହା ସୂର୍ଯ୍ୟର ତେଜୋଦୀପ୍ତ



ମଣ୍ଡଳର ରହସ୍ୟ ଅନୁସନ୍ଧାନ କରିବ। ୧୯୭୬ ଏପ୍ରିଲରେ ଜର୍ମାନ-ଆମେରିକାନ୍ ହିଲିୟସ୍ ୨ ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହୋଇଥିଲେ ହେଁ ବର୍ତ୍ତମାନ ସୋଲାର ପ୍ରୋବ୍ ପୂର୍ବ ରେକର୍ଡକୁ ଭଙ୍ଗ କରିପାରିଛି। ସୋଲାର ପ୍ରୋବ୍ ୨୦୨୪ରେ ସୂର୍ଯ୍ୟଙ୍କଠାରୁ ୩.୮୩ ନିୟୁତ ମାଇଲ୍ ଦୂରତାରେ ରହି ଅନୁସନ୍ଧାନ କାର୍ଯ୍ୟ ଚାଲୁରଖିବ ବୋଲି ବୈଜ୍ଞାନିକ ଆଣ୍ଡି ଡ୍ରାଏଜମ୍ୟାନ୍ ପ୍ରକାଶ କରିଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୦ | ୧୯.୧ |
| ଚାନ୍ଦବାଲି | ୨୫.୫ | ୨୨.୦ |
| କଟକ | ୨୭.୦ | ୧୯.୮ |
| ପାରାଦ୍ୱୀପ | ୨୬.୨ | ୨୨.୨ |
| ଭୁବନେଶ୍ୱର | ୨୮.୮ | ୨୧.୫ |
| ଗୋପାଳପୁର | ୩୧.୪ | ୨୧.୭ |
| ପୁରୀ | ୨୯.୪ | ୨୨.୬ |
| ଅନୁଗୋଳ | ୨୮.୯ | ୧୮.୦ |
| ବାରିପଦା | ୨୭.୬ | ୨୧.୬ |
| ଝାରସୁଗୁଡ଼ା | ୩୧.୦୧୯.୪ | |
| କେନ୍ଦୁଝର | ୨୫.୧ | ୧୭.୬ |
| ସମ୍ବଲପୁର | ୩୧.୬ | ୧୯.୮ |
| ସୁନ୍ଦରଗଡ଼ | ୩୨.୦ | --- |
| ହୀରାକୁଦ | ୩୨.୭ | ୨୧.୧ |
| ତାଳଚେର | ୩୩.୩ | ୧୯.୪ |
| ଭବାନୀପାଟଣା | ୨୯.୦ | ୧୭.୦ |
| ବଲାଙ୍ଗୀର | ୩୧.୬ | ୧୯.୫ |
| କୋରାପୁଟ | --- | ୧୪.୬ |
| ଫୁଲବାଣୀ | ୨୭.୫ | ୧୫.୦ |
| ଟିଟିଲାଗଡ଼ | ୩୦.୫ | ୧୭.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୧.୪ | ୧୮.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଲବଣ ଉତ୍ପାଦନର ପ୍ରାଚୀନ ସ୍ଥଳ

**ନ୍ୟୁୟର୍କ:** ନୃତତ୍ତ୍ୱବିତ୍‌ମାନେ ଏକ ଲବଣ ଉତ୍ପାଦନସ୍ଥଳ ଠାବ କରିଛନ୍ତି। ପ୍ରାଚୀନ ମାୟାନ୍ ସଭ୍ୟତାର ଅଧିବାସୀମାନେ ଏଠାରେ ଲୁଣ ଉତ୍ପାଦନ କରୁଥିଲେ ବୋଲି ବିଶ୍ୱାସ କରାଯାଏ। ୧୦୦୦ରୁ ଅଧିକ ବର୍ଷ ତଳେ ଏଠାରେ ଲୁଣ ଉତ୍ପାଦନ ସହିତ ବ୍ୟବସାୟ କରାଯାଉଥିବା ପ୍ରମାଣ ମିଳୁଛି।

କେନ୍ଦ୍ରୀୟ ଆମେରିକାର ବେଲିଜ୍‌ଠାରେ ଠାବ କରାଯାଇଥିବା ଉକ୍ତ କାର୍ଯ୍ୟସ୍ଥଳକୁ 'ପାଇନ୍ସ କ୍ରିକ୍ ସଲ୍ଟ ୱାର୍କସ' ନାମରେ ନାମିତ କରାଯାଇଛି। ଏଠାରେ କେତେକ ପଥର ଜିନିଷ ଦେଖିବାକୁ ମିଳିଛି। ପ୍ରାଚୀନ ମାୟା ସଭ୍ୟତାର ଲୋକେ ଏଠାରେ ପ୍ରଚୁର ପରିମାଣର ଲୁଣ ଉତ୍ପାଦନ କରୁଥିଲେ। ସେମାନେ ମଧ୍ୟ ମାଛ ଓ ମାଂସରେ ଲୁଣ ଦେଇ ଏହାକୁ ସାଇତି ରଖୁଥିଲେ। ଏଠାରୁ ମିଳିଥିବା କିଛି ପଥର ନିର୍ମିତ ଧାରୁଆ ଅସ୍ତ୍ର ମାଛମାଂସ କାଟିବା



ପାଇଁ ବ୍ୟବହାର କରାଯାଉଥିଲା। ଆମେରିକାସ୍ଥିତ ଲୁଇଜିଆନା ଷ୍ଟେଟ୍ ୟୁନିଭର୍ସିଟିର ପ୍ରଫେସର ତଥା ଏହି ଅଧ୍ୟୟନର ପ୍ରମୁଖ ଲେଖକ ହିଦର ମ୍ୟାକ୍‌କିଲପ୍ ଏହା ପ୍ରକାଶ କରିଛନ୍ତି।

ଲୁଣ ଉତ୍ପାଦନ ଅଞ୍ଚଳ ୩ ବର୍ଗମାଇଲ୍ ଅଞ୍ଚଳକୁ ବ୍ୟାପି ରହିଥିଲା। ଏହାର ଚାରିପାଖରେ ଥିଲା ଲୁଣା ଜଙ୍ଗଲ। ସମୁଦ୍ରପତ୍ତନ ବୃଦ୍ଧିପାଇବା ଫଳରେ ଲବଣାକ୍ତ ହ୍ରଦ ପୋତିହୋଇ ପଡିଛି। ଲୁଣପାଣିକୁ ଶିଝାଇ ସେଥିରୁ ଲୁଣ ଉତ୍ପାଦନ କରାଯାଉଥିଲା। ଲୁଣକୁ ମାଟିପାତ୍ରରେ ଗଚ୍ଛିତ ରଖାଯିବା ସହିତ ସେଗୁଡ଼ିକ ପରିବହନ କରି ଅନ୍ୟତ୍ର ବିକ୍ରି କରାଯାଉଥିଲା। ଏ ସମ୍ପର୍କିତ ଅଧ୍ୟୟନ ଜର୍ନାଲ ପିଏନ୍‌ଏଏସ୍‌ରେ ପ୍ରକାଶ ପାଇଛି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

### ସ୍ୱାଫ୍ ଫୁଟ୍‌ବଲରୁ ଓହରିଲା ଭାରତ

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.):** ସାଉଥ୍ ଓ୍ୱେଷ୍ଟ ଏସିଆନ ଫୁଟ୍‌ବଲ ଫେଡେରେଶନ (ସ୍ୱାଫ୍) ଟୁର୍ଣ୍ଣାମେଣ୍ଟରୁ ଭାରତ ବ୍ୟତୀତ ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) ଅନ୍ତର୍ଗତ ଅନ୍ୟ ୬ଟି ଦେଶ ଓହରିଯାଇଛନ୍ତି। ଏହି ଦେଶଗୁଡ଼ିକ ହେଲେ ବାଂଲାଦେଶ, ନେପାଳ, ଭୁଟାନ, ମାଳଦ୍ୱୀପ, ଶ୍ରୀଲଙ୍କା ଓ ପାକିସ୍ତାନ। ମଙ୍ଗଳବାର ମାଲେସିଆର କୁଆଲାଲମ୍ପୁରଠାରେ ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) କଂଗ୍ରେସ ଆରମ୍ଭ ହୋଇଛି। ଏସିଆନ ଫୁଟ୍‌ବଲ କନଫେଡେରେଶନ ସଭାପତି ଶେଖ ସଲମନ ଅଲ୍ ଖଲିଫାଙ୍କ ପ୍ରତି ସମର୍ଥନ ଜଣାଇ ସାଫ୍ ଦେଶଗୁଡ଼ିକ ଏହି ନିଷ୍ପତ୍ତି ନେଇଛନ୍ତି। ବୁଧବାର ଏଏଫ୍‌ସି କଂଗ୍ରେସର ଦ୍ୱିତୀୟ ଦିନ ଅବସରରେ ୫ଟି ଆଞ୍ଚଳିକ ଫେଡେରେଶନ ବିଧିବଦ୍ଧ ସ୍ୱୀକୃତି ପାଇବାର ଅଛି। ସୂଚନାଯୋଗ୍ୟ, ସ୍ୱାଫ୍ ଗତ ଅଗଷ୍ଟରେ ଗଠିତ ହୋଇଛି। ଏଥିରେ ୧୪ଟି ସଦସ୍ୟ ଦେଶ ରହିଛନ୍ତି। ସୌଦି ଆରବ ଫୁଟ୍‌ବଲ ସଂଘର ପୂର୍ବତନ ଆଦେଲ ଇଜାଜ୍ ଏହାର ମୁଖ୍ୟ ରହିଥିବାବେଳେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଉପସଭାପତି ସୁବ୍ରତ ଦତ୍ତ ଏହି ନୂଆ ଆଞ୍ଚଳିକ ଫୁଟ୍‌ବଲ ସଂଘର ଉପ ସଭାପତି ରହିଛନ୍ତି। ଏହାର ପ୍ରଥମ ସାଧାରଣ ବୈଠକ ସୌଦି ଆରବର ଜେଦ୍ଦାଠାରେ ଅନୁଷ୍ଠିତ ହୋଇଯାଇଛି। ଏଆଇଏଫ୍‌ଏଫ୍‌ର ଜଣେ ଅଫିସିଆଲଙ୍କ କହିବା ଅନୁସାରେ ୨୦୧୯ ଏପ୍ରିଲରେ ଏଏଫ୍‌ସିର ନିର୍ବାଚନ ହେବ। ଅଲ୍ ଖଲିଫାଙ୍କ ବିରୋଧରେ ନିର୍ବାଚନ ଲଢ଼ିବା ପାଇଁ ଇଜାଜ ଯୋଜନା କରିଛନ୍ତି। ସାଫ୍ ଦେଶଗୁଡ଼ିକ ସ୍ୱାଫ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ଏହାର ମୁଖ୍ୟ କାରଣ ବୋଲି ସେ କହିଛନ୍ତି।

### ଷ୍ଟମ୍ପିଂରେ ନିଜ ରେକର୍ଡ ଭାଙ୍ଗିଲେ ଧୋନୀ

**ମୁମ୍ବାଇ, ୩୦।୧୦:** ସ୍ଥାନୀୟ ବାବୋର୍ନ ଷ୍ଟାଡିୟମରେ ସୋମବାର ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ୪ର୍ଥ ଦିନିକିଆ ମ୍ୟାଚ୍‌ରେ ଭାରତ ୨୨୪ ରନର ବୃହତ ବ୍ୟବଧାନରେ ବିଜୟୀ ହୋଇଥିଲା। ରନ ବ୍ୟବଧାନ ଦୃଷ୍ଟିରୁ ଦିନିକିଆ କ୍ରିକେଟ ଇତିହାସରେ ଭାରତର ଏହା ୩ୟ ସର୍ବବୃହତ୍ ବିଜୟ। ମ୍ୟାଚ୍‌ରେ ରୋହିତ୍ ଶର୍ମା (୧୬୨) ଓ ଅମ୍ବାତି ରାୟୁଡୁ (୧୦୦)ଙ୍କ ଶତକ ବଳରେ ୫ ଉଇକେଟ୍‌ରେ ୩୭୭ ରନ କରିଥିଲା। ଜବାବରେ ଭ୍ରମଣକାରୀ ଓ୍ୱେଷ୍ଟଇଣ୍ଡିଜ ୧୫୩ ରନରେ ସୀମିତ ରହିଥିଲା। ଧୋନୀ ଏହି ମ୍ୟାଚ୍‌ରେ ଷ୍ଟମ୍ପିଂରେ ଏକ ନୂତନ ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ଦ୍ରୁତବେଗରେ ଷ୍ଟମ୍ପିଂ କରି ଧୋନୀ ପୂର୍ବରୁ ନିଜ ନାମରେ ରହିଥିବା ପୂର୍ବ ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। ମ୍ୟାଚ୍‌ର ୨୮ତମ ଓଭରରେ ରବୀନ୍ଦ୍ର ଜାଡେଜାଙ୍କ ବଲରେ କେମୋ ପଲ୍ ଷ୍ଟମ୍ପିଂ ହୋଇ ୯ମ ଖେଳାଳିଭାବେ ଆଉଟ୍ ହୋଇଥିଲେ। ଜାଡେଜାଙ୍କ ଫ୍ଲାଇଟେଡ୍ ବଲକୁ ଖେଳିବାକୁ ଯାଇ ପଲ୍ କ୍ରିଜ ବାହାରକୁ ଚାଲିଯାଇ ମିସ୍ କରିଥିଲେ। ଉଇକେଟ୍ ପଛରେ ଥିବା ଭେଟେରାନ ଧୋନୀ କାଳବିଳମ୍ବ ନ କରି ମାତ୍ର ୦.୦୮ ସେକେଣ୍ଡରେ ବେଲ୍‌କୁ ପକାଇ ପଲ୍‌ଙ୍କୁ ପ୍ୟାଭିଲିୟନ ଫେରାଇ ଦେଇଥିଲେ। ପୂର୍ବରୁ ବିଶ୍ୱର ସବୁଠାରୁ ଦ୍ରୁତତମ ଷ୍ଟମ୍ପିଂ ଧୋନୀଙ୍କ ନାମରେ ରହିଥିଲା। ୨୦୧୬ରେ ମେଲବର୍ନ କ୍ରିକେଟ୍ ଗ୍ରାଉଣ୍ଡରେ ଜାଡେଜାଙ୍କ ବଲରେ ଜର୍ଜ ବେଲିଙ୍କୁ ଷ୍ଟମ୍ପିଂ କରି ଧୋନୀ ଏହି ରେକର୍ଡର ଅଧିକାରୀ ହୋଇଥିଲେ।

### ଘୋଷାଲ ତୃତୀୟ ରାଉଣ୍ଡରେ

**ଦୋହା, ୩୦।୧୦ (ପି.ଟି.):** ଭାରତର ଷ୍ଟାର ସ୍କ୍ୱାଶ ଖେଳାଳି ସୌରଭ ଗାଙ୍ଗୁଲି ତାଙ୍କ ଏସିଆନ ଗେମ୍ସ ପରାଜୟର ପ୍ରତିଶୋଧ ନେବା ସହ କାତାର କ୍ଲାସିକ୍ ଗଲ୍ଡ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ଘୋଷାଲ ୧୧-୨, ୧୧-୩, ୧୧-୫ରେ ହଂକଂର ଲିଓ ଆଉଙ୍କୁ ହରାଇ ଦେଇଛନ୍ତି। ତୃତୀୟ ରାଉଣ୍ଡରେ ସେ ଦ୍ୱିତୀୟ ସିଡ୍ ତଥା ଇଜିପ୍ଟର ଅଲି ଫରାଗଙ୍କୁ ଭେଟିବେ। ଅଗଷ୍ଟରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସର ସେମିଫାଇନାଲରେ ଘୋସାଲ ହଂକଂ ଖେଳାଳିଙ୍କ ନିକଟରୁ ହାରିଯାଇଥିଲେ।



“ଚଳିତବର୍ଷ ଘରୋଇ କ୍ରିକେଟ ସିଜନରେ ବାରମ୍ବାର ନିୟମ ପରିବର୍ତ୍ତନ କରାଯିବା ଖେଳ ପାଇଁ ଭଲ ଲକ୍ଷଣ ନୁହେଁ।
**–ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ**



“ଇଂଲଣ୍ଡରେ ହେବାକୁଥିବା ୨୦୧୯ ବିଶ୍ୱକପ୍‌ରେ ଏମ୍.ଏସ୍. ଧୋନୀଙ୍କ ପରାମର୍ଶ ଓ ଅଭିଜ୍ଞତା ବିରାଟ କୋହଲିଙ୍କ ପାଇଁ ବିଶେଷ ସହାୟକ ହେବ।
**–ସୁନୀଲ ଗାଭାସ୍କର, କ୍ରିକେଟ କିମ୍ବଦନ୍ତୀ**

# କ୍ରୀଡ଼ା, ସାହିତ୍ୟର ହେବ ମହାମିଳନ

**ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି)**

ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ପାଇଁ କ୍ଷେତ୍ର ପ୍ରସ୍ତୁତ। ଏଠାରେ ହେବ କ୍ରୀଡ଼ା ଓ ସାହିତ୍ୟର ମହାମିଳନ। ତେଣୁ ଭୁବନେଶ୍ୱର ଉପରେ ଏବେ ସମସ୍ତଙ୍କ ନଜର। ଦେଶ, ବିଦେଶର ଅନେକ ପ୍ରତିଷ୍ଠିତ ଖେଳାଳି, ସାହିତ୍ୟିକ, ଖେଳ ସାମ୍ବାଦିକ, ଲେଖକ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଗୋଟିଏ ମଞ୍ଚରେ ସେମାନଙ୍କ ଭାବାବେଗ ବ୍ୟକ୍ତ କରିବେ। ହୋଟେଲ ମେ ଫେୟାରରେ ନଭେମ୍ବର ୨ ଓ ୩ ତାରିଖରେ ଆୟୋଜନ ହେବ ଏହି ମେଗା କାର୍ଯ୍ୟକ୍ରମ। କ୍ରୀଡ଼ା ମହୋତ୍ସବରେ ବକ୍ତାମାନେ ସେମାନଙ୍କ ବହୁମୂଲ୍ୟ କାର୍ଯ୍ୟ, କୃତିତ୍ୱ, ସଫଳତା ଓ ଦୃଷ୍ଟିକୋଣ ସମ୍ପର୍କରେ ବର୍ଣ୍ଣନା କରିବେ। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଯାଉଛି ହକି




ବିଶ୍ୱକପ୍। ହକି ମହାକୁମ୍ଭ ଆୟୋଜନ ହେବାର ମାତ୍ର କିଛି ସପ୍ତାହ ପୂର୍ବରୁ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଭୁବନେଶ୍ୱରରେ ଖେଳ, ସାହିତ୍ୟ, ସଂସ୍କୃତିର ଏକ ଭିନ୍ନ ମାହୋଲ ସୃଷ୍ଟି କରିବ କହିଲେ ଅତ୍ୟୁକ୍ତି ହେବନାହିଁ।

ନଭେମ୍ବର ୨ ପୂର୍ବାହ୍ନ ୧୦ଟା ୪୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଉତ୍ସବକୁ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ଅବସରରେ ‘ହକି ବାଇଟ୍ସ’ର ପ୍ରଚ୍ଛଦ ପୃଷ୍ଠା ଉନ୍ମୋଚନ କରାଯିବ। କ୍ରୀଡ଼ା ସଚିବ ବିଶାଲ ଦେବ ସ୍ୱାଗତ ଭାଷଣ ଦେବା ପରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବେ ପୂର୍ବତନ ଅଷ୍ଟ୍ରେଲୀୟ ସନ୍ତରଣକାରୀ ଷ୍ଟିଫାନି ରାଇସ ଓ ଇମର୍ଜିଂ ସ୍ପୋର୍ଟ୍ସ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ତଥା ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ର। ଏହାପରେ ‘କ୍ରୀଡ଼ା ରାଜଧାନୀ ପଥରେ ଭୁବନେଶ୍ୱର’ ଶୀର୍ଷକରେ ଆଲୋଚନା ହେବ। ଏଥିରେ ଅଂଶଗ୍ରହଣ କରିବେ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଡିଜି ନୀଳମ କପୁର, ବିଶାଲ ଦେବ। କାର୍ଯ୍ୟକ୍ରମର ସଂଯୋଜନା କରିବେ ଶିରିନ। ଅପରାହ୍ନ ୧୨ଟା ୧୫ରେ ‘ଦି ଡେଥ୍ ଅଫ୍ ଦି ଟେଷ୍ଟ ଫାଷ୍ଟ ବୋଲର’ ଶୀର୍ଷକ ଆଲୋଚନାରେ ନିଜର ମତ ରଖିବେ ପୂର୍ବତନ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜେଫେରି ରବର୍ଟ ଥମ୍ପସନ। ସର୍ବାକାଳୀନ ଦ୍ରୁତତମ ବୋଲରର ମାନ୍ୟତା ପାଇଥିବା ଥମ୍ପସନ କ୍ରିକେଟ ଜଗତରେ ଜେଫ୍ ଥମ୍ପସନ ବା ‘ଥୋମୋ’ ରୂପେ ବେଶ୍ ଜଣାଶୁଣା ଥିଲେ। କିମ୍ବଦନ୍ତୀ ଦ୍ରୁତ ବୋଲର ଡେନିସ ଲିଲିଙ୍କର ସେ ଓପନିଂ ପାର୍ଟନର ଥିଲେ। ଟେଷ୍ଟ କ୍ରିକେଟ ଇତିହାସରେ ଏହି ଯୋଡିଙ୍କୁ ସବୁଠାରୁ ବିପଜ୍ଜନକ ବିବେଚନା କରାଯାଉଥିଲା। ଅଷ୍ଟ୍ରେଲିଆ ନ୍ୟୁ ସାଉଥ ଓ୍ୱେଲ୍ସର ଗ୍ରୀନାକ୍ରେରେ ୧୯୫୦ ଅଗଷ୍ଟ ୧୬ ତାରିଖରେ ଜନ୍ମଗ୍ରହଣ କରିଥିବା ଥମ୍ପସନ ଜଣେ ଡାହାଣହାତୀ ଫାଷ୍ଟ ବୋଲର ଥିଲେ। ସେ ୧୯୭୨ ଡିସେମ୍ବର ୨୯ ତାରିଖରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ଥମ୍ପସନ ୫୧ଟି ଟେଷ୍ଟ ଓ ୫୦ ଦିନିକିଆ ଖେଳି ଯଥାକ୍ରମେ ୨୦୦ ଓ ୫୦ ଉଇକେଟ ହାସଲ କରିଥିଲେ। ସଫଳତା ଅପେକ୍ଷା ଦ୍ରୁତଗତିରେ ବୋଲିଂ ପାଇଁ ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ଅପରାହ୍ନ ୨ଟାରେ ‘ସେକ୍ସପିୟର ଦି କୋଚ୍’ ଶୀର୍ଷକ ଆଲୋଚନାରେ ଭାଗନେବେ ଅଷ୍ଟ୍ରେଲିଆର ପୂର୍ବତନ ହକି ଖେଳାଳି, କୋଚ୍ ଏବଂ ରାଜନେତା ରିକ୍ ଚାର୍ଲ୍‌ସୱର୍ଥ। ଅରୂପ ଘୋଷ କାର୍ଯ୍ୟକ୍ରମର ସଂଯୋଜନା କରିବେ। ଏହାପରେ ‘‘ଓ୍ୱାର୍ଲ୍ଡ କପ୍ ୨୦୧୮’କୁ ନେଇ ପୂର୍ବାନୁମାନ କରିବେ ପୂର୍ବତନ ଭାରତୀୟ ହକି ଅଧିନାୟକ ବାସୁଦେବନ ବାସ୍କରନ, ଧନରାଜ ପିଲ୍ଲେ, ଦିଲୀପ ତିର୍କୀ ଓ ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭମୋର। ‘ଦି ଧୋନୀ ଟଚ୍’ ପୁସ୍ତକ ଉପରେ ଆଲୋଚନା ଅବସରରେ ମହେନ୍ଦ୍ର ସିଂ ଧୋନୀଙ୍କ ସଫଳତାର ରହସ୍ୟ ଉପରେ ମତ ରଖିବେ ଏହାର ରଚୟିତା ଭାରତ ସୁନ୍ଦରେଶନ। ଏହାପରେ ‘ପରିସଂଖ୍ୟାନ କେବେ ଭୁଲ ନୁହେଁ’ ଉପରେ ଆଲୋକପାତ କରିବେ ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା। ‘ହାଇପରଆଣ୍ଡ୍ରୋଜେନିଜମ୍, ଗୋଟିଏ ଶବ୍ଦ, ଅନେକ ମତ’ ଆଲୋଚନାଚକ୍ରରେ ଭାଗନେବେ ଅଷ୍ଟ୍ରେଲିଆର ମିଡିଲ ଡିଷ୍ଟାନ୍ସ ରନର ମେଡ୍‌ଲିନ ପେପ୍, ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ ଏବଂ ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପି ଶଙ୍କର ମଦୁରାଇ। ଦ୍ୱିତୀୟ ଦିବସ ଅର୍ଥାତ୍ ନଭେମ୍ବର ୩ ପୂର୍ବାହ୍ନ ୧୦ଟାରେ ‘ଧର୍ମନିରପେକ୍ଷତା ଏବଂ କ୍ରିକେଟର’ ଶୀର୍ଷକରେ ନିଜ ଅନୁଭୂତି ବର୍ଣ୍ଣନା କରିବେ ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ। ‘ଇତିହାସରେ କଳୁଷିତ ରେସ୍‌ର ୩୦ ବର୍ଷ ପୂର୍ତ୍ତି’ ଆଲୋଚନା ଉପରେ ନିଜର ମତ ରଖିବେ ଜାମାଇକା ଜନ୍ମିତ କାନାଡ଼ିଆନ ଧାବକ ବେନ୍ ଜନସନ ଓ ପୂର୍ବତନ ସ୍କଟଲାଣ୍ଡ ସାଇକ୍ଲିଷ୍ଟ, ଜର୍ନାଲିଷ୍ଟ ଏବଂ ଲେଖକ ରିଚାର୍ଡ ମୁର୍। ୧୯୮୮ ସିଓଲ ଅଲିମ୍ପିକ୍ସର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିବା ଜନସନ ପରେ ଡୋପଟେଷ୍ଟରେ ଧରା ପଡ଼ିବାରୁ ପଦକ ହରାଇଥିଲେ। ମାତ୍ର ସେତେବେଳେ ତାଙ୍କ ଲ୍ୟାବ୍ ରିପୋର୍ଟ ଟ୍ୟାମ୍ପରିଂ କରାଯାଇଥିଲା ବୋଲି ପରବର୍ତ୍ତୀ ସମୟରେ ଜଣା ପଡ଼ିବାରୁ ଚହଳ ସୃଷ୍ଟି କରିଥିଲା। ଏହାପରେ ପୂର୍ବତନ ବ୍ରାଜିଲିଆନ ଆକ୍ରମଣାତ୍ମକ ମିଡ୍ ଫିଲ୍ଡର ସକ୍ରେଟିସଙ୍କ ଉପରେ ରଚିତ ପୁସ୍ତକ ‘ଡକ୍ଟର ସକ୍ରେଟିସ’ ଉପରେ ଆଲୋଚନା କରିବେ ବ୍ରାଜିଲିଆନ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆଣ୍ଡ୍ର୍ୟୁ ଡୋୱିନ। ‘ଡକ୍ଟର ସକ୍ରେଟିସ’ ରଚନାର ଯଥାର୍ଥତା ସେ ଏଠାରେ ପ୍ରତିପାଦନ କରିବେ। ମଧ୍ୟାହ୍ନ ୧୨ଟା ୧୫ରେ ହେବାକୁଥିବା ‘କୁସ୍ତିର ଐତିହ୍ୟ’ ଆଲୋଚନାରେ ଭାଗନେବେ ଭାରତର ଦୁଇ ପ୍ରତିଷ୍ଠିତ ରେସ୍‌ଲର ଯୋଗେଶ୍ୱର ଦତ୍ତ ଓ ଭିନେଶ ଫୋଗତ। ଅପରାହ୍ନରେ ଭାରତୀୟ ମହିଳା ଜିମ୍ନାଷ୍ଟ ଦୀପା କର୍ମକାରଙ୍କ ଉପରେ ରଚିତ ପୁସ୍ତକ ‘ଦି ସ୍ମଲ ଓ୍ୱଣ୍ଡର’ ଉନ୍ମୋଚନ କରାଯିବ। ଏହି ପୁସ୍ତକ ଉପରେ ଆଲୋଚନା କରିବେ ଦୀପା କର୍ମକାର, ତାଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦୀ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଜର୍ନାଲିଷ୍ଟ ଦିଗ୍‌ବିଜୟ ସିଂ ଦେଓ ଏବଂ ବିମଳ ମୋହନ। ଅପରାହ୍ନ ୨ଟା ୩୦ ରେ ‘ଦି ସ୍ପିୟରମ୍ୟାନ’ ଶୀର୍ଷକ ଆଲୋଚନାରେ ନିଜର ମତ ରଖିବେ ଭାରତୀୟ ଜାଭେଲିନ ତାରକା ନୀରଜ ଚୋପ୍ରା। ଏହାପରେ ଷ୍ଟାଫାନି ରାଇସ–‘ଦି ମେକିଂ ଅଫ ଆନ୍ ଅଲିମ୍ପିକ୍ ଚାମ୍ପିୟନ’ ଉପରେ ନିଜେ ରାଇସ ମତବ୍ୟକ୍ତ କରିବେ। ଅପରାହ୍ନ ୪ଟାରେ ‘ଗାର୍ଡିଆନ୍ସ ଅଫ୍ ଦି ଫେଥ୍–ସେଭିଂ ଟେଷ୍ଟ କ୍ରିକେଟ’ ଆଲୋଚନାରେ ଭାଗନେବେ ଭାରତୀୟ କ୍ରିକେଟର ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ। ଅପରାହ୍ନ ୫ଟା ୩୦ରେ ଧନ୍ୟବାଦ ଅର୍ପଣ ପରେ ଉଦ୍‌ଯାପିତ ହେବ ଏହି ଖେଳ ଓ ସାହିତ୍ୟର ଆସର।



ବେନ୍ ଜନ୍‌ସନ୍



ଜେଫ୍ ଥମ୍ପସନ



ଆଣ୍ଡ୍ର୍ୟୁ ଡୋୱିନ



ରିଚାର୍ଡ ମୁର



ଷ୍ଟେଫିନା ରାଇସ୍

### ପୁତ୍ର ସନ୍ତାନର ଜନନୀ ହେଲେ ସାନିଆ

ସାଧାରଣ ପରିଚାଳକ (ଏଚ୍‌ଆର୍)-ଇଆର୍ ଭାରତୀୟ ବିମାନବନ୍ଦର ପ୍ରାଧିକରଣ ପୂର୍ବାଞ୍ଚଳ, କୋଲକାତା - ୭୦୦୦୫୨

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

URGENTLY REQUIRED
Bhumisree Consultancy & Marketing (P) Ltd.
Our client DRDA, Mayurbhanj, Govt. of Odisha has urgently requied following manpower for its time bound project on outsourcing basis. So interested candidate may send their all testimonial with Bio-data, experience detail by Speed Post/ Courier/mail/ By hand within 7 days. Shortlisted candidates will call for interview.

| PESA under RGSA Scheme | | DPRC under RGSA Scheme | |
|---|---|---|---|
| Positions (No. of Posts) | Monthly Remuneration | Positions (No. of Posts) | Monthly Remuneration |
| District PESA Coordinatior (1 No.) | 20,000.00 | Faculty (1 No.) | 20,000.00 |
| Block PESA Coordinators (26 Nos.) | 10,000.00 | Support Staff (1 No.) | 10,000.00 |
| Gram Sabha Mobiliser (404 No.) | 1000.00 | Assistant (1 No.) | 8000.00 |

→The above remuneration including both share of EPF & ESIC except remuneration of Gram Sabha Mobilizer. For detail eligibility, qualification, experience, age limit & remuneration structure visit our website www.bhumisreenaukri.com.
Regd. Office Address: 725(P), Kartik Palace, Lane-6, B.M. Nagar, Gandamunda, Bhubaneswar- 751030, Odisha, Ph: 0674-2352042, Email Id: bcmplnaukri@gmail.com. * T & C apply.

## ସଂକ୍ଷେପରେ

### ଆଜିଠାରୁ ଏସ୍‌ବିଆଇ ଏଟିଏମ୍‌ରୁ କାଢ଼ି ହେବ ୨୦ ହଜାର

**ନୂଆଦିଲ୍ଲୀ,୩୦-୧୦:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କିଛି ଗ୍ରାହକ ବୁଧବାର ଠାରୁ ଏହାର ଏଟିଏମ୍‌ରୁ ଦିନକୁ ସର୍ବାଧିକ ୨୦ ହଜାର ଟଙ୍କା କାଢ଼ିପାରିବେ। ସେମାନଙ୍କ ପାଇଁ ଟଙ୍କା ଉଠାଣ ସୀମାକୁ ଅଧା କରିଦିଆଯାଇଛି। କ୍ଲାସିକ୍ ଓ ମାଇଷ୍ଟ୍ରୋ ଡେବିଟ୍ କାର୍ଡଧାରୀଙ୍କ ଲାଗି ଏହି ନୂଆ କଟକଣା ଲାଗୁ ହେବ। ବଡ଼ ସଂଖ୍ୟାରେ ଗ୍ରାହକଙ୍କ ନିକଟରେ ଉକ୍ତ ଦୁଇପ୍ରକାର କାର୍ଡ ରହିଥିବାରୁ ସେମାନେ ଅସୁବିଧାରେ ପଡିବା ନିଶ୍ଚିତ। ତେବେ ଅନ୍ୟ ପ୍ରକାର କାର୍ଡ ରଖିଥିବା ଗ୍ରାହକଙ୍କ ପାଇଁ କୌଣସି କଟକଣା ଲାଗୁ କରାଯାଇନି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏବେ ଏଟିଏମ୍‌ରୁ ପ୍ରତି କାର୍ଡରେ ହାରାହାରି ୨୦ ହଜାର ଟଙ୍କା ଉଠାଣ ହେଉଛି। ଏଭଳି ବ୍ୟବସ୍ଥା ଦ୍ୱାରା ଜାଲିଆତି, ଠକେଇକୁ ଅନେକାଂଶରେ ରୋକିହେବ। ଏହାଛଡା ଡିଜିଟାଲ କାରବାରକୁ ପ୍ରୋତ୍ସାହନ ମିଳିବ।

### କେନ୍ଦ୍ର-ରାଜ୍ୟ ବାଣ୍ଟିନେଲେ ୩୨ହଜାର କୋଟିର ଆଇଜିଏସ୍‌ଟି

**ନୂଆଦିଲ୍ଲୀ,୩୦-୧୦:** ଜିଏସ୍‌ଟି ଅଧୀନରେ ଆଇଜିଏସ୍‌ଟି ବାବଦରେ ଅକ୍ଟୋବରରେ ସଂଗ୍ରହ ହୋଇଥିବା ୩୨ ହଜାର କୋଟି ଟଙ୍କାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାଣ୍ଟି ନେଇଛନ୍ତି। ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ରାଜ୍ୟଗୁଡିକୁ ୧୫ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଜିଏସ୍‌ଟି ବାବଦରେ ଅକ୍ଟୋବରରେ ସଂଗୃହୀତ ରାଜସ୍ୱ ବାବଦ ତଥ୍ୟକୁ ନଭେମ୍ବର ପହିଲାରେ ପ୍ରକାଶ କରାଯିବ। ସୂଚନାଥାଉ କି, ଆଇଜିଏସ୍‌ଟି ବାବଦରେ ସେପ୍ଟେମ୍ବରରେ ୨୯ହଜାର କୋଟି ଟଙ୍କା, ଅଗଷ୍ଟରେ ୧୨ହଜାର କୋଟି ଟଙ୍କା, ଜୁନ୍‌ରେ ୫୦ ହଜାର କୋଟି ଟଙ୍କା ଏବଂ ଫେବୃୟାରୀରେ ୩୫ ହଜାର କୋଟି ଟଙ୍କା ଭାଗବଣ୍ଟା ହୋଇଥିଲା। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ଜିଏସ୍‌ଟି ବାବଦରେ ମାସକୁ ୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। କିନ୍ତୁ ବାସ୍ତବରେ ମେ'ରେ ୯୪,୦୧୬ କୋଟି ଟଙ୍କା, ଜୁନ୍‌ରେ ୯୫,୬୧୦ କୋଟି ଟଙ୍କା, ଜୁଲାଇରେ ୯୬,୪୮୩ କୋଟି ଟଙ୍କା, ଅଗଷ୍ଟରେ ୯୩,୯୬୦ କୋଟି ଟଙ୍କା ଏବଂ ସେପ୍ଟେମ୍ବରରେ ୯୪,୪୪୨ କୋଟି ଟଙ୍କା ସଂଗ୍ରହ ହୋଇଥିଲା।

### କୋଲ୍ ଇଣ୍ଡିଆର ବିକ୍ରି ହେବ ୩% ଅଂଶଧନ

**ନୂଆଦିଲ୍ଲୀ,୩୦-୧୦:** କେନ୍ଦ୍ର ସରକାର ୨୬୬ ଟଙ୍କା ଶେୟାର ମୂଲ୍ୟରେ ଖୋଲା ପ୍ରସ୍ତାବ ଜରିଆରେ ରାଷ୍ଟ୍ରାୟତ୍ତ କୋଲ୍ ଇଣ୍ଡିଆର ୩% ଅର୍ଥାତ୍ ୧୮.୬୨ କୋଟି ଶେୟାର ବିକ୍ରି କରିବେ। ବୁଧବାର ଓ ଗୁରୁବାର ଏହି ଶେୟାର ବିକ୍ରି କରାଯିବ ବୋଲି କମ୍ପାନୀ ପକ୍ଷରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇ ଦିଆଯାଇଛି। କୋଲ୍ ଇଣ୍ଡିଆରେ କେନ୍ଦ୍ର ସରକାରଙ୍କ ୭୮.୩% ଅଂଶଧନ ରହିଛି। ସେହିପରି ଗ୍ରୀନ ସୁ ଅପ୍‌ସନ ଜରିଆରେ ଆହୁରି ୬% ଅର୍ଥାତ୍ ୩୭.୨୪ କୋଟି ଅଂଶଧନ ବିକ୍ରି କରାଯିବ। ସୂଚନାଥାଉ କି, ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ସୂଚନା ମିଳିବା ମାତ୍ରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ କୋଲ୍ ଇଣ୍ଡିଆ ଶେୟାର ଦର ବଢ଼ିଥିଲା। ମଙ୍ଗଳବାର ୨୭୫.୮୫ଟଙ୍କାରେ କୋଲ୍ ଇଣ୍ଡିଆ ଶେୟାର ବିକ୍ରି ବନ୍ଦ ହୋଇଥିଲା।

### ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌କୁ ବିକ୍ରି ଲାଗି ସରକାରଙ୍କ ବିଚାର

**ନୂଆଦିଲ୍ଲୀ,୩୦-୧୦:** ଢାଞ୍ଚାଗତ ନିର୍ମାଣ କ୍ଷେତ୍ରରେ ଋଣ ଦେଇ ସ୍ୱୟଂ ଏବେ ଋଣରେ ବୁଡିଯାଇଥିବା ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ୍ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ(ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)କୁ ବିକ୍ରି କରିଦେବା ଲାଗି କେନ୍ଦ୍ର ସରକାର ବିଚାର କରୁଛନ୍ତି। କାରଣ ଏହା ଉପରେ ଏବେ ବିଭିନ୍ନ ବ୍ୟାଙ୍କ ତଥା ଆର୍ଥିକ ପ୍ରତିଷ୍ଠାନର ଋଣର ପରିମାଣ ପ୍ରାୟ ୧୨୬୦ କୋଟି ଡଲାରରେ ପହଞ୍ଚିଗଲାଣି। ନବନିଯୁକ୍ତ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ ବୋର୍ଡ ବୁଧବାର ଏ ସଂକ୍ରାନ୍ତରେ ଦେବାଳିଆ ଅଦାଲତରେ ଏକ ଯୋଜନା ଉପସ୍ଥାପନ କରିବ ବୋଲି ଜଣାପଡିଛି। ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ କୌଣସି ଏକ ନିବେଶକଙ୍କୁ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସକୁ ବିକ୍ରି କରିଦେବାକୁ ବୋର୍ଡ ପ୍ରସ୍ତାବ ଦେବ। ତେବେ ବୋର୍ଡ ନିକଟରେ ଅନ୍ୟ ଏକ ବିକଳ୍ପ ରହିଛି। ତଦନୁଯାୟୀ ବ୍ୟବସାୟ ଅନୁଯାୟୀ କମ୍ପାନୀକୁ ଭାଗ ଭାଗ କରିଦିଆଯିବ। ଏହାଦ୍ୱାରା ଗ୍ରୁପ୍‌କୁ ସମ୍ପୂର୍ଣ୍ଣ ବିକ୍ରିରୁ ରୋକି ହେବ। ନିବେଶକଙ୍କ ଭରସା ବଜାୟ ରଖିବା ଏବେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସର ମୁଖ୍ୟ ଉଦ୍ଦେଶ୍ୟ। ଇତିମଧ୍ୟରେ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ୍ ପକ୍ଷରୁ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ ସଙ୍କଟର ଯାଞ୍ଚ ଆରମ୍ଭ ହୋଇଛି।

> ଉଦ୍ୟୋଗ ବିକାଶ ଦ୍ୱାରା ସଙ୍ଗଠିତ କ୍ଷେତ୍ରଗୁଡିକରେ ନିଯୁକ୍ତି ସୃଷ୍ଟି ଦିଗରେ ଧ୍ୟାନ ଦେବାର ବିଶେଷ ଆବଶ୍ୟକତା ରହିଛି।
> – ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ



> ଆଧାର ଭିତ୍ତିକ ସେବାଗୁଡିକୁ ପ୍ରୋତ୍ସାହିତ କରିବା ଲାଗି ଆଧାର ସେବା କେନ୍ଦ୍ରରେ ପଞ୍ଜୀକରଣ ଏବଂ ନବୀକରଣ ସୁବିଧାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ।
> – ଅଜୟ ଭୂଷଣ ପାଣ୍ଡେ, ସିଇଓ, ୟୁଆଇଡିଏଆଇ



### ଆର୍‌ବିଆଇ ସହ ବିବାଦ

# କେନ୍ଦ୍ର ପାଇଁ ଅଣ୍ଟାଭିଡ଼ିଲେ ଜେଟ୍‌ଲୀ

**ରିଜର୍ଭ ବ୍ୟାଙ୍କ ଉପରେ ବର୍ଷିଲେ ଅର୍ଥମନ୍ତ୍ରୀ**

- ୨୦୦୮-୨୦୧୪ ମଧ୍ୟରେ ନିର୍ବିଚାରରେ ଋଣ ଦିଆଗଲା
- ପଦକ୍ଷେପ ନେଲାନି ଆର୍‌ବିଆଇ
- ବର୍ଷକ ଭିତରେ ୩୧% ଋଣ ଦେଲେ ବ୍ୟାଙ୍କ

**ନୂଆଦିଲ୍ଲୀ,୩୦-୧୦**

ବିଭିନ୍ନ ଆର୍ଥିକ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମତଭେଦ ଏବେ ହାଟରେ ପଡି ଦାଣ୍ଡରେ ଗଡୁଛି। ଗଭର୍ନର ଉର୍ଜିତ ପଟେଲ ବସ୍ତୁତଃ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା କରୁଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାର କ୍ଷୁବ୍ଧ। ସରକାର ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାରେ ହସ୍ତକ୍ଷେପ କରିବା ବନ୍ଦ କରନ୍ତୁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ ବକ୍ତବ୍ୟ ପରେ ଏବେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ସରକାରଙ୍କ ପକ୍ଷରୁ ଆର୍‌ବିଆଇର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇବା ସହ ବେଶ୍ ବର୍ଷିଛନ୍ତି। ବ୍ୟାଙ୍କଗୁଡିକ ୨୦୦୮ରୁ ୨୦୧୪ ମଧ୍ୟରେ ନିର୍ବିଚାର ଭାବେ ଋଣ ଦେଉଥିବା ବେଳେ ଆର୍‌ବିଆଇ ଏହାକୁ ଅଣଦେଖା କରିଥିଲା ବୋଲି ଜେଟ୍‌ଲୀ ଅଭିଯୋଗ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ଢିଲା ମନୋଭାବ କାରଣରୁ ଆଜି ଅନାଦାୟ ଋଣ(ଏନ୍‌ପିଏ) ସମସ୍ୟା ମୁଣ୍ଡ ଟେକିଛି ବୋଲି ସେ କହିଛନ୍ତି।

ୟୁଏସ ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରଶିପ୍ ଫୋରମ ପକ୍ଷରୁ ଆୟୋଜିତ ଇଣ୍ଡିଆ ଲିଡରଶିପ୍ ସମିଟ୍‌ରେ ଯୋଗଦେବା ପରେ ଖବରଦାତାଙ୍କୁ ଜେଟ୍‌ଲୀ କହିଛନ୍ତି ଯେ, ବିଶ୍ୱରେ ଆର୍ଥିକ ସଙ୍କଟ ଦେଖା ଦେବା ପରେ ୨୦୦୮ରୁ ୨୦୧୪ ମଧ୍ୟରେ ଅର୍ଥନୀତିର କୃତ୍ରିମ ଅଭିବୃଦ୍ଧି ଦର୍ଶାଇବା ଲାଗି ବ୍ୟାଙ୍କଗୁଡିକୁ ନିର୍ବିଚାର ଭାବେ ଋଣ ଦେବାକୁ ଉପା ସରକାର ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରି ସେମାନେ ବ୍ୟାପକ ହାରରେ ଋଣ ପ୍ରଦାନ କରୁଥିବା ବେଳେ ରିଜର୍ଭ ବ୍ୟାଙ୍କ ଏହାକୁ ଅଣଦେଖା କଲା। ଦେଶରେ ସାଧାରଣତଃ ବର୍ଷକ ଭିତରେ ହାରାହାରି ୧୪ ପ୍ରତିଶତ ହାରରେ ଋଣ ପରିମାଣ ବଢ଼ିଥାଏ। କିନ୍ତୁ ତତ୍କାଳୀନ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଯୋଗୁ ବର୍ଷକ ଭିତରେ ଋଣ ପ୍ରଦାନ ପରିମାଣରେ ୩୧% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଉଲ୍ଲେଖଥାଉ କି, ବିରଲ ଆଚାର୍ଯ୍ୟ ଶୁକ୍ରବାର ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଯେ, ବ୍ୟାଙ୍କଗୁଡିକର ଆକାଉଣ୍ଟକୁ ସଜାଡିବା ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱ ଦେଉଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଯେପରି ନିୟମ ପାଳନ ପ୍ରତି ସଜାଗ ରହିବେ ସେଥିଲାଗି ରିଜର୍ଭ ବ୍ୟାଙ୍କକୁ ଅଧିକ କ୍ଷମତା ଦେବା ଆବଶ୍ୟକ ବୋଲି ସେ ଯୁକ୍ତି ବାଢ଼ିଥିଲେ। ବ୍ୟାପକ ସ୍ତରରେ ବୃହତ ଆର୍ଥିକ ସ୍ଥିରତା ଲାଗି ଆର୍‌ବିଆଇକୁ ଅଧିକ ସ୍ୱାୟତ୍ତତା ମିଳିବା ଜରୁରୀ ବୋଲି ସେ କହିଥିଲେ। ତେବେ ଜେଟ୍‌ଲୀ ମତାମତ ଦେବା ବେଳେ ଆର୍‌ବିଆଇ ଏବଂ ତାଙ୍କ ମନ୍ତ୍ରଣାଳୟ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ କିଛି ଉଲ୍ଲେଖ କରି ନ ଥିଲେ। ପୂର୍ବରୁ ଏ ସମ୍ପର୍କରେ ସେ ଉଲ୍ଲେଖ କରି ସାରିଥିଲେ। ସେତେବେଳେ ସେ କହିଥିଲେ ଯେ, କୌଣସି ତ୍ରୁଟି ପାଇଁ ରାଜନୈତିକ ନେତାଙ୍କୁ ସମାଲୋଚନା କରାଯାଏ। କିନ୍ତୁ ନିୟନ୍ତ୍ରକ ସହଜରେ ଖସି ଯାଆନ୍ତି। ଏବେ ଏନଡିଏ ସରକାର ଅମଳରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯିବା ଯୋଗୁ ରାଜସ୍ୱ ଆଦାୟରେ ବେଶ୍ ଉନ୍ନତି ପରିଲକ୍ଷିତ ହୋଇଛି। ୨୦୧୪ରୁ ୨୦୧୯ ମଧ୍ୟରେ ଟିକସଦାତାଙ୍କ ସଂଖ୍ୟା ଦ୍ୱିଗୁଣ ହେବ ବୋଲି ସେ ଅନୁମାନ କରୁଥିବା ଅର୍ଥମନ୍ତ୍ରୀ କହିଛନ୍ତି। ୨୦୧୪ରେ ଏନଡିଏ ସରକାର କ୍ଷମତାକୁ ଆସିଲା ବେଳେ ଟିକସଦାତାଙ୍କ ସଂଖ୍ୟା ୩.୮ କୋଟି ଥିଲା। ଏବେ ଏହା ବୃଦ୍ଧି ପାଇ ୬.୮ କୋଟିରେ ପହଞ୍ଚିଲାଣି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସଂଖ୍ୟା ୭.୫ରୁ ୭.୮ କୋଟିରେ ପହଞ୍ଚିବା ଆଶା କରାଯାଉଛି ବୋଲି ଜେଟ୍‌ଲୀ କହିଛନ୍ତି।



## ଗଭର୍ନରଙ୍କ କାର୍ଯ୍ୟରେ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ଖପ୍ପା

ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କ କାର୍ଯ୍ୟଶୈଳୀ ନେଇ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ଅସନ୍ତୁଷ୍ଟ। ଅନାଦାୟ ଋଣ ସମାଧାନ ଲାଗି ଗଭର୍ନରଙ୍କ କଠୋର ମନୋଭାବକୁ ଶୀର୍ଷ ବ୍ୟାଙ୍କ ଅଧିକାରୀ ନାପସନ୍ଦ କରୁଛନ୍ତି। କାରଣ ଏହାଦ୍ୱାରା ବ୍ୟାଙ୍କଗୁଡିକ ପାଇଁ ବ୍ୟବସାୟ କରିବା କଷ୍ଟକର ହୋଇପଡିଲାଣି। ତେବେ ପଟେଲଙ୍କ ଘନିଷ୍ଠ ସହଯୋଗୀମାନେ ଏହି ଅଭିଯୋଗକୁ ଖଣ୍ଡନ କରୁଛନ୍ତି। ବ୍ୟାଙ୍କିଙ୍ଗ ଉଦ୍ୟୋଗକୁ ସଫାସୁତୁରା ପାଇଁ ଉର୍ଜିତ କାର୍ଯ୍ୟ କରୁଥିବା ବେଳେ ଏହାକୁ ବିରୋଧ କରାଯାଉଛି। ଏହାଛଡା ଉର୍ଜିତ ବରିଷ୍ଠ ବ୍ୟାଙ୍କ ଅଧିକାରୀଙ୍କୁ ଭେଟିବାକୁ ଚାହୁଁନାହାନ୍ତି ବୋଲି ବହୁ ବ୍ୟାଙ୍କର ଅଧ୍ୟକ୍ଷ ଏବଂ ସିଇଓମାନେ ଅଭିଯୋଗ କରିଛନ୍ତି। ରଘୁରାମ ରାଜନଙ୍କ ପର୍ଯ୍ୟନ୍ତ ସେମାନେ ଗଭର୍ନରଙ୍କୁ ପ୍ରାୟତଃ ଭେଟୁଥିଲେ ଏବଂ ଦେଶର ଆର୍ଥିକ ପରିସ୍ଥିତି ନେଇ ଆଲୋଚନା କରୁଥିଲେ ବୋଲି ଶୀର୍ଷ ବ୍ୟାଙ୍କ ଅଧିକାରୀମାନେ ମତପ୍ରକାଶ କରିଛନ୍ତି। ଏହି କାରଣରୁ ସରକାର ଆର୍‌ବିଆଇ ବୋର୍ଡରେ ମ୍ୟୁଚୁଆଲ ଫଣ୍ଡ, ମାନଫାକ୍ଚରିଂ ଉଦ୍ୟୋଗର ପ୍ରତିନିଧିଙ୍କୁ ପଠାଇବାକୁ ବାଧ୍ୟ ହୋଇଛନ୍ତି। ଉଦ୍ୟୋଗର ଅଭିଯୋଗ ଯେ, କେନ୍ଦ୍ରୀୟ ବ୍ୟାଙ୍କ ସେମାନଙ୍କ ଦ୍ୱାରା ଉଠାଯାଉଥିବା ପ୍ରସଙ୍ଗ ଉପରେ ଆଦୌ ଧ୍ୟାନ ଦେଉନାହାନ୍ତି। ଫଳରେ ସେମାନେ ନିଜର ଅସୁବିଧାର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରସ୍ଥ ହେବାକୁ ବାଧ୍ୟ ହେଉଛନ୍ତି।

## ନଗଦ ସଙ୍କଟକୁ ଆର୍‌ବିଆଇର ଅଣଦେଖା ଅଭିଯୋଗ

ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ଆର୍ଥିକ ସଙ୍କଟ ଦେଖାଦେବା ପରେ ଶେୟାର ବଜାରରେ ଭୟର ସଞ୍ଚାର ହେଲା। ନିବେଶକମାନେ ଶେୟାର ବିକ୍ରି କଲେ। ଫଳରେ ବଜାରରେ ନଗଦ ସଙ୍କଟ ଗଭୀର ହେଲା। ଏନ୍‌ବିଏଫସି ଉଦ୍ୟୋଗ ନଗଦ ସଙ୍କଟ ଦୂର ଲାଗି ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଲୋଡିଲେ। କିନ୍ତୁ କେନ୍ଦ୍ରୀୟ ବ୍ୟାଙ୍କ ନିରୁତ୍ତର ରହିବା ପରିସ୍ଥିତିକୁ ଭୟାନକ କରିଛି। ଜଣେ ବ୍ୟାଙ୍କ ଟ୍ରେଜେରି ମୁଖ୍ୟ କହିଛନ୍ତି ଯେ, ପଟେଲ ଓ ତାଙ୍କ ଡେପୁଟିମାନେ ସରକାର କିମ୍ବା ଅନ୍ୟ ପ୍ରତିନିଧିଙ୍କୁ ଭେଟୁ ନାହାନ୍ତି। ଏହାଛଡା ସରକାର ଓ ଆର୍‌ବିଆଇ ମଧ୍ୟରେ ବୈଠକ ପ୍ରାୟ ବସୁନି। ଫଳରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ପ୍ରାୟତଃ ବନ୍ଦ ହୋଇଗଲାଣି। ଏହା ବଜାର ଲାଗି ଶୁଭସଙ୍କେତ ନୁହେଁ।

# ୟୁନିୟନ ବ୍ୟାଙ୍କର ଆର୍ଥିକ ଫଳାଫଳ ଘୋଷଣା

**ଭୁବନେଶ୍ୱର,୩୦-୧୦**




ୟୁନିୟନ ବ୍ୟାଙ୍କ ପକ୍ଷରୁ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସ ତଥା ଚଳିତ ବର୍ଷର ପ୍ରଥମ ୬ ମାସର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫଳାଫଳକୁ ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟରଙ୍କଠାରୁ ଅନୁମୋଦନ ମିଳିଥିବା ଜଣାପଡିଛି। ଏହି ସମୟରେ ବ୍ୟାଙ୍କର ଗ୍ଲୋବାଲ ବିଜନେସରେ ୩.୧% ବୃଦ୍ଧି ଘଟିଛି। ସେହିଭଳି ଘରୋଇ ବାଣିଜ୍ୟ ୬.୫% ବୃଦ୍ଧି ହୋଇଛି। ସେପ୍ଟେମ୍ବରରେ ବ୍ୟାଙ୍କର ଜମା କ୍ଷେତ୍ରରେ ୩.୪% ଅଭିବୃଦ୍ଧି ହୋଇଛି। ସେହିଭଳି ସଞ୍ଚୟ ଜମାରେ ୧୦.୧% ବୃଦ୍ଧି, ଗ୍ଲୋବାଲ ଅଗ୍ରିମ କ୍ଷେତ୍ରରେ ୨.୮% ବୃଦ୍ଧି, ଘରୋଇ ଅଗ୍ରିମରେ ୯.୦% ବୃଦ୍ଧି ଘଟିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ସେପ୍ଟେମ୍ବରରେ ଶେଷ ହୋଇଥିବା ତ୍ରୈମାସରେ ନେଟ୍ ସୁଧ ଆୟରେ ୭.୫% ବୃଦ୍ଧି ଘଟିଛି। ଜୁଲାଇ-ସେପ୍ଟେମ୍ବରରେ ପରିଚାଳନା ଲାଭ ୧୭୭୨ କୋଟି ଟଙ୍କା ଛୁଇଁଛି। ଏହି ସମୟରେ ବ୍ୟାଙ୍କର ନେଟ୍ ଲାଭରେ ୧୩୯ କୋଟି ଟଙ୍କା ବୃଦ୍ଧି ଘଟିଛି। ଗ୍ଲୋବାଲ ନେଟ୍ ଇଣ୍ଟେରେଷ୍ଟ ମାର୍ଜିନ ୨.୧୮% ବଢ଼ିଛି। କଷ୍ଟମର ସେବାକୁ ଉନ୍ନତ କରିବା ଲାଗି ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଡିଜିଟାଲ ପ୍ରଡକ୍ଟ ଶୁଭାରମ୍ଭ ଘୋଷଣା ହୋଇଛି।

# କ୍ରମାଗତ ୧୩ ଦିନ ଲାଗି ତୈଳ ଦର ହ୍ରାସ

**ନୂଆଦିଲ୍ଲୀ,୩୦-୧୦**

କ୍ରମାଗତ ଭାବେ ୧୩ ଦିନ ଲାଗି ତୈଳ ଦରରେ ହ୍ରାସ ଘଟିଛି। ଏହା ଫଳରେ ଗ୍ରାହକଙ୍କ ପାଇଁ ଏହା ସାମାନ୍ୟ ଆଶ୍ୱସ୍ତି ଆଣିଛି। ନୂଆଦିଲ୍ଲୀରେ ସୋମବାର ତୁଳନାରେ ମଙ୍ଗଳବାର ପେଟ୍ରୋଲ ଏବଂ ଡିଜେଲ ଦର ଯଥାକ୍ରମେ-୨୦ ପଇସା ଏବଂ ୭ ପଇସା ହ୍ରାସ ଘଟିଛି। ଏହି ସମୟରେ ପେଟ୍ରୋଲ ଏବଂ ଡିଜେଲ ଦର ଲିଟର ପିଛା ଯଥାକ୍ରମେ- ୭୯.୫୫ ଏବଂ ୭୩.୭୮ ଟଙ୍କା ରହିଛି। ସେହିଭଳି ମୁମ୍ବାଇରେ ପେଟ୍ରୋଲ ଓ ଡିଜେଲ ଦର ଯଥାକ୍ରମେ-୮୫,୦୪ ଟଙ୍କା ଏବଂ ୭୭.୩୨ ଟଙ୍କା ରହିଛି। ସେଠାରେ ପେଟ୍ରୋଲ ୨୦ ପଇସା ଏବଂ ଡିଜେଲ ୮ ପଇସା ହ୍ରାସ ହୋଇଛି। ଏହା ପୂର୍ବରୁ ଗତ କିଛି ଦିନ ଲଗାତର ଭାବେ ଇନ୍ଧନ ଦର ଅହେତୁକ ଭାବେ ବୃଦ୍ଧି ହେବା ଯୋଗୁ ଏହା ଲୋକଙ୍କ ପ୍ରଭାବିତ କରିଥିଲା। ସରକାର ଇନ୍ଧନ ଉପରେ ୧.୫୦ ଟଙ୍କା ଉତ୍ପାଦ ଟିକସ ହ୍ରାସ କରିବା ପରେ ଏହାର ଦର ଲିଟରପିଛା ମୋଟ ୨.୫୦ ଟଙ୍କା ହ୍ରାସ ଘଟିଥିଲା। ସେହିଭଳି ଓଡିଶା କଥା ବିଚାରକୁ ନେଲେ ଭୁବନେଶ୍ୱରରେ ପେଟ୍ରୋଲ ତୁଳନାରେ ଡିଜେଲ ଦର ଏବେ ମଧ୍ୟ ଉଚ୍ଚରେ ରହିଛି। ପେଟ୍ରୋଲ ଏବଂ ଡିଜେଲ ଦର ୮୦ଟଙ୍କାରୁ ତଳକୁ ଖସିଥିବା ଜଣା ପଡିଛି। ଭୁବନେଶ୍ୱରରେ ପେଟ୍ରୋଲ ୭୮.୪୦ ଟଙ୍କା ଏବଂ ଡିଜେଲ ୭୯.୧୭ ଟଙ୍କାରେ ବିକ୍ରି ହେଉଛି।



### ପେଟ୍ରୋଲ, ଡିଜେଲ ଉପରେ ଜିଏସ୍‌ଟି ପ୍ରସଙ୍ଗକୁ ବିଚାର କରୁଛି କେନ୍ଦ୍ର

**ନୂଆଦିଲ୍ଲୀ,୩୦-୧୦:** ପେଟ୍ରୋଲ, ଡିଜେଲ ଦର ଉଚ୍ଚରେ ରହୁଥିବା ଫଳରେ ଏହା ଦ୍ୱାରା ଲୋକମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ପେଟ୍ରୋଲ,ଡିଜେଲକୁ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ପରିସରରେ ଆଣିବା ଲାଗି କେନ୍ଦ୍ର ସରକାର ବିଚାର କରୁଥିବା ଜଣାପଡିଛି। ଏ ନେଇ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ରାମଦାସ ଅଥାୱ୍ଲେ ମଙ୍ଗଳବାର ସୂଚନା ଦେଇଛନ୍ତି। ପେଟ୍ରୋଲ-ଡିଜେଲ ଉପରେ ଜିଏସ୍‌ଟି ଲାଗୁ ହେଲେ ଏହାର ଦାମ୍ ୨୦-୩୦ ଟଙ୍କା ହ୍ରାସ ହେବ। ଏହା ଦ୍ୱାରା ସାଧାରଣ ଲୋକମାନେ ବିଶେଷ ଭାବେ ଉପକୃତ ହେବେ ବୋଲି ସେ କହିଛନ୍ତି।

# ଟିଭିଏସ୍‌ର ନୂଆ ଶୋରୁମ୍



**ଝରିଗା,୩୦-୧୦(ସ୍ୱ.ପ୍ର.)**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ଟିଭିଏସ୍ ପକ୍ଷରୁ ଏହାର ନୂଆ ଶୋ'ରୁମ୍ ଓମ୍ ପବନ ଟିଭିଏସ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦର ମହକୁମାରେ ଶୁଭାରମ୍ଭ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ତଥା ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ମୋହନ ପ୍ରଧାନୀ, ଛବିଲାଲ ପ୍ରଧାନୀ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲ୍ଲା ପରିଷଦ ସଭ୍ୟ ମୋହନ ପ୍ରଧାନୀ, ଟିକଚାନ୍ଦ ମାଝୀ, ସଂଜୟ ଲେଙ୍କା, ପ୍ରଦୀପ ପଟ୍ଟନାୟକ, ସମ୍ବାରୁ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏଲ୍‌ଜି ପକ୍ଷରୁ ଦୀପାବଳି ଅଫର

**ଭୁବନେଶ୍ୱର,୩୦-୧୦**

ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ଦୀପାବଳି ଉପଲକ୍ଷେ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହାର ବିସ୍ତୃତ ବର୍ଗର ଉତ୍ପାଦ ଶୃଙ୍ଖଳା ଉପରେ ଏହି ଅଫର ପ୍ରଦାନ କରୁଛି। 'ନୟେ ଇଣ୍ଡିଆ କି ଦିୱାଲୀ' ନାମରେ କମ୍ପାନୀ ଏକ କ୍ୟାମ୍ପେନ ମଧ୍ୟ ଆରମ୍ଭ କରିଛି। ଗ୍ରାହକଙ୍କ ଜୀବନକୁ ସୁଗମ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କମ୍ପାନୀ ସୂଚନା ଦେଇଛି। ଏହି ଅଫର ଅନ୍ତର୍ଗତ ଗ୍ରାହକଙ୍କୁ ବଛାବଛା ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ଉପରେ ୧୭.୫% କ୍ୟାଶବ୍ୟାକ ସୁବିଧା ଦେଉଥିବା କମ୍ପାନୀ କହିଛି। ସେହିଭଳି ପ୍ରଡକ୍ଟ ଉପରେ ବର୍ଦ୍ଧିତ ୱାରେଣ୍ଟି, ଆକର୍ଷଣୀୟ ଇଏମ୍ଆଇ ସୁବିଧା ରହିଛି। ଫ୍ଲାଟ ପ୍ୟାନେଲ ଟିଭି, ବଛାବଛା ୟୁଏଚ୍‌ଡି ମଡେଲ ସମେତ ଅନ୍ୟ କେତେକ ବର୍ଗର ଇଲେକଟ୍ରୋନିକ୍ସ ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର ରହିଥିବା କମ୍ପାନୀ ସୂଚନା ଦେଇଛି। ବିଭିନ୍ନ ଆକର୍ଷଣୀୟ ଅଫର ପ୍ରଦାନ ଦ୍ୱାରା ଗ୍ରାହକ ସନ୍ତୁଷ୍ଟି ଦିଗରେ କାର୍ଯ୍ୟ କରୁଛୁ ବୋଲି ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ କିମ୍ କି ୱାନ୍ ସୂଚନା ଦେଇଛନ୍ତି।

# ପୂର୍ବତଟ ରେଳପଥର ସତର୍କତା ସଚେତନତା ସପ୍ତାହ




**ଭୁବନେଶ୍ୱର,୩୦-୧୦**

ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହାର ପ୍ରାରମ୍ଭିକ ଦିବସରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ ରେଲୱେ କର୍ମଚାରୀ ତଥା ଅଧିକାରୀଙ୍କୁ ଶପଥ ପାଠ କରାଇଛନ୍ତି। ଦେଶର ଆର୍ଥିକ, ରାଜନୈତିକ, ସାମାଜିକ ପ୍ରଗତି ଲାଗି ଭ୍ରଷ୍ଟାଚାରକୁ ରୋକିବାକୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହା ଆସନ୍ତା ୩ ତାରିଖ ଯାଏ ଚାଲିବ। ସାଧାରଣ ଜୀବନରେ ସ୍ୱଚ୍ଛତା ଅବଲମ୍ବନ କରାଯିବା ଲାଗି ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମମାନ ଏହି ଅବସରରେ ଆୟୋଜନ କରାଯାଉଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ବ୍ୟାନର, ପୋଷ୍ଟର ବ୍ୟବହାର ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି। ସେହିଭଳି ପଥପ୍ରାନ୍ତ ନାଟକ ଦ୍ୱାରା ରେଳ ବ୍ୟବହାରକାରୀ ଏବଂ କର୍ମଚାରୀଙ୍କୁ ସଚେତନ କରାଯାଉଛି। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା, ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପମହାପ୍ରବନ୍ଧକ ହେମନ୍ତ କୁମାର ଦତ୍ତଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ।


OFFICE OF THE ADDITIONAL DISTRICT URBAN PUBLIC HEALTH OFFICER, NUHM-BRAHMAPUR

**National Health Mission, Odisha**
**Department of Health & Family welfare**
**Government of Odisha**

**TENDER CALL NOTICE**

No. 03 of 2018/19 Date : 29.10.18

Sealed tenders (Percentage rate) in conformity with DTCN are invited from the "D" / "C" class contractors registered with the State Govt. for execution of works under CHS NUHM Berhampur as detailed below. The tender document for the work can be downloaded from the official website (http://www.ganjam.nic.in). The downloaded tender document must be accompanied with a non-refundable Demand Draft for Cost of tender paper amounting Rs. 2000.00 per set for below Rs. 5.00 Lakhs drawn from any nationalized Bank payable at Berhampur in favour of the CHS NUHM A/C BeMC BERHAMPUR. The tender paper duly signed by the Contractors should be accmpanied with photo copy of valid GSTIN, PAN card, Registrationcertificate and requisite EMD in shape of Demand Draft drawn in favour of "CHS NUHM A/C Be MC BERHAMPUR" payable at "Berhampur" from any Nationalized Bank. The tender will be received upto Dt. 12.11.2018 till 5P.M. at O/O Addl. District Urban Public Health Officer, Berhampur through Registered / Speed Post only and opened on Dt. 13.11.2018 at 11A.M. at Office of the Addl. District Urban Public Health Officer, Berhampur in presence of the tenderers or their authorized representatives. All bidders shall have to submit an affidavit in support of authenticity of documents / credentials. Abnormally, less quoted tenderers will have to deposit the differential cost prior to issue of work order in shape of Demand Draft in favour of "CHS NUHM A/C BeMC Berhampur". The envelope containing the bid documents must be superscribed as "Bid for the Civil works under CHS NUHM, Berhampur. The authority reserves the right to reject any or all tenders without assigning any reason thereof.

| Sl. No. | Name of the Work | Estimated Cost (in Rs.) | EMD @1% (in Rs.) | Cost of Tender Paper (in Rs.) | Period of Completion |
|---|---|---|---|---|---|
| 1 | Establishment of DDC at UPHC's Berhmapur | Rs. 4,24,836.00 | Rs. 4,248.00 | Rs. 2000.00 | Two Months |

**Sd./- ADUPHO (Nodal Officer NUHM)**
**Berhampur Municipal Corporation, Berhampur, Ganjam, Pin - 76002**

କ୍ୟାରିବିୟାନ ଓ ଆଫଗାନିସ୍ତାନ ପ୍ରିମିୟର ଲିଗ୍‌ରେ ଖେଳିସାରିବା ପରେ ଜାତୀୟ ଦଳରେ ଯୋଗ ଦେବା ପରିବାରକୁ ଫେରିବା ଭଳି ମନେହେଉଛି ।

**-କଲିନ ମୁନ୍‌ରୋ, ନ୍ୟୁଜିଲାଣ୍ଡ କ୍ରିକେଟର**



ବଲ୍ ଟ୍ୟାମ୍ପରିଂ ମାମଲାରେ ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କ ବିରୋଧରେ ଲାଗୁ କରାଯାଇଥିବା ବାସନ୍ଦ ଦଣ୍ଡର ପୁନଃ ସମୀକ୍ଷା କରାଯିବା ଉଚିତ ।

**-ଡାରେନ ଲେମ୍ୟାନ, ପୂର୍ବତନ ଅଷ୍ଟ୍ରେଲିଆ କୋଚ୍**



# କୁସ୍ତି ଯୋଦ୍ଧା ଯୋଗେଶ୍ୱର



**ଭୁବନେଶ୍ୱର, ୩୦।୧୦ (କ୍ରୀଡ଼ା ପ୍ରତିନିଧି):** ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ଅନ୍ୟତମ ଆକର୍ଷଣ ରହିବେ ଭାରତର ତାରକା କୁସ୍ତି ଯୋଦ୍ଧା ଯୋଗେଶ୍ୱର ଦତ୍ତ। ସେ କୁସ୍ତିର ଇତିହାସ ଉପରେ ତାଙ୍କର ମତ ରଖିବେ। ଏସିଆର ସର୍ବପ୍ରଥମ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ନଭେମ୍ବର ୨ ଓ ୩ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ଦେଶର ଯୁବପିଢ଼ି ପାଇଁ ଅଭିଜ୍ଞ ରେସଲର ଯୋଗେଶ୍ୱର ପ୍ରେରଣାର ଉତ୍ସ ବନିଯାଇଛନ୍ତି। ସାଧାରଣ ପରିବାରରୁ ଆସିଥିଲେ ମଧ୍ୟ ନିଜର ଅଧ୍ୟବସାୟ, କଠିନ ପରିଶ୍ରମ ଓ ଅଦମ୍ୟ ଇଚ୍ଛା ବଳରେ ବିଶ୍ୱ କ୍ରୀଡ଼ାରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଅବଶ୍ୟ ଯୋଗେଶ୍ୱର ଏବେ କ୍ୟାରିୟରର ଅନ୍ତିମ ପର୍ଯ୍ୟାୟରେ ପଦାର୍ପଣ କରିଛନ୍ତି। ହରିୟାଣାର ସୋନିପତ୍‌ରେ ଜନ୍ମଗ୍ରହଣ କରିଥିବା ଯୋଗେଶ୍ୱର ୩୫ ବର୍ଷରେ ପଦାର୍ପଣ କରିଛନ୍ତି। ୫ ଫୁଟ ୬ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ରେସଲର ଭାରତ ପାଇଁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ସେ ପୁରୁଷ ୬୦ କେ.ଜି. ଫ୍ରିଷ୍ଟାଇଲ ବର୍ଗରେ ଏହି ପଦକ ହାସଲ କରି ଅଲିମ୍ପିକ୍ସରେ ଭାରତର ପଦକ ଅଭିଯାନକୁ ଜୋରଦାର କରିଥିଲେ। ଏଥି ସହିତ ସେ କେ.ଡି. ଯାଦବ (୧୯୫୨) ଓ ସୁଶୀଲ କୁମାର (୨୦୦୮, ୨୦୧୨)ଙ୍କ ପରେ ତୃତୀୟ ଭାରତୀୟ ରେସଲର ଭାବେ ଅଲିମ୍ପିକ୍ସ ପଦକ ହାସଲ କରିବାର ଗୌରବ ଅର୍ଜନ କରିଥିଲେ। ୨୦୧୩ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ଭାରତ ସରକାର ସମ୍ମାନିତ କରିଥିଲେ। ଅସାଧାରଣ ସଫଳତା ହାସଲ କରି ସେ ନିଜକୁ ଏକ ବିଶ୍ୱସ୍ତରୀୟ ରେସଲର ରୂପେ ପ୍ରତିଷ୍ଠିତ କରି ପାରିଥିଲେ। ୨୦୦୬ରେ ପିତାଙ୍କ ଦେହାନ୍ତ ହେବାର ମାତ୍ର ୯ ଦିନ ପରେ ସେ ବିମାନରେ କାତାର ରାଜଧାନୀ ଦୋହାରେ ପହଞ୍ଚିଥିଲେ ଓ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିଥିଲେ। ଆଣ୍ଠୁ ଆଘାତ ସମସ୍ୟା ସତ୍ତ୍ୱେ ସବୁ ଶାରୀରିକ ସମସ୍ୟା ଓ ଭାବପ୍ରବଣତାକୁ ପଛରେ ପକାଇ ୬୦ କେ.ଜି. ବର୍ଗରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ୨୦୧୦ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ବିଭିନ୍ନ ସମସ୍ୟା ସତ୍ତ୍ୱେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ସେ ୨୦୧୪ ଏସିଆନ ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ୨୦୦୮ ଓ ୨୦୧୨ ଏସିଆନ୍ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସେ ସର୍ବାଧିକ ସଫଳତା ଅର୍ଜନ କରିଥିଲେ। ଏହି ଇଭେଣ୍ଟରେ ଯୋଗେଶ୍ୱର ୩ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ୨୦୦୩, ୨୦୦୫ ଓ ୨୦୦୭ ସଂସ୍କରଣରେ ସେ ସ୍ୱର୍ଣ୍ଣ ଓ ୨୦୦୫ ଗ୍ରୀକୋ- ରୋମାନ ୬୦ କେ.ଜି. ବର୍ଗରେ ରୌପ୍ୟ ଓ ୨୦୦୭ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସେ ରୌପ୍ୟ ପଦକ ଜିତିଥିଲେ। କ୍ରୀଡ଼ାରେ ଅସାଧାରଣ କୃତିତ୍ୱ ପାଇଁ ତାଙ୍କୁ ୨୦୧୨ରେ ଭାରତ ସରକାର ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପ୍ରଦାନ କରିଥିଲେ। ୨୦୧୩ରେ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା। କ୍ରୀଡ଼ାବିତ୍ ହିସାବରେ ଯୋଗେଶ୍ୱରଙ୍କ ସଫଳତା ଓ ବ୍ୟକ୍ତିତ୍ୱ ଆଗାମୀ ପିଢ଼ି ପାଇଁ ପ୍ରେରଣା ଦାୟକ।

EKAMRA SPORTS LITERARY FESTIVAL 2018

# ବାରବାଟୀରେ ଉଦ୍‌ଘାଟନୀ, ଉଦ୍‌ଯାପନୀ ପାଇଁ ଦାବି

**କଟକ ଅଫିସ, ୩୦।୧୦:** ଆସନ୍ତା ନଭେମ୍ବର ୨୮ରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ ପୁରୁଷ ହକି ବିଶ୍ୱକପ୍ । ତେବେ ଏହି ଅନ୍ତର୍ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ କଟକର ବାରବାଟୀ ଷ୍ଟାଡିୟମରେ କରିବାକୁ ଦାବି କରିଛି ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂ (ଓଏଆର୍‌ଏସ୍)। ରାଜ୍ୟ କ୍ରୀଡ଼ାର ରାଜଧାନୀ ଭାବେ ପରିଚିତ କଟକରେ ଏହି ଉତ୍ସବ କରାଗଲେ ଅଧିକ ମାତ୍ରାରେ ଦର୍ଶକ ଉପସ୍ଥିତ ରହିପାରିବେ। କଳିଙ୍ଗ ଷ୍ଟାଡିୟମ ତୁଳନାରେ ବାରବାଟୀରେ ସିଟ୍ ସଂଖ୍ୟା ଅଧିକ ରହିଛି। ଏହାଛଡ଼ା ହଜାର ବର୍ଷର ଏହି ଐତିହାସିକ ସହରକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଉତ୍ସବ ଆୟୋଜନ କରିବା ଦିଗରେ ଦୃଷ୍ଟି ଦେବାକୁ ଆସୋସିଏଶନ ସଭାପତି ବିନୋଦ ଦାସ ଦାବି କରିଛନ୍ତି।

## ଶହୀଦ ବିଭୀଷଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ବୀରମହାରାଜପୁର, ଉଲୁଣ୍ଡା ଟାଇଟଲ ମୁକାବିଲା

**ଅମରପାଲି/ ବୀରମହାରାଜପୁର, ୩୦।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପଣ୍ଡିଆପାଲିଠାରେ ଚାଲିଥିବା ନବମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଭୟ ସେମିଫାଇନାଲରେ ଯଥାକ୍ରମେ ବୀରମହାରାଜପୁର ଓ ଉଲୁଣ୍ଡା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ପ୍ରଥମ ସେମିଫାଇନାଲ ପାନସିଆଲ ଓ ବୀରମହାରାଜପୁର ମଧ୍ୟରେ ହୋଇଥିଲା। ପାନସିଆଲି ଦଳ ଟସ୍ ଜିଣି ବୀରମହାରାଜପୁରକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ବୀରମହାରାଜପୁର ଦଳ ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୧୨୫ରନ ସଂଗ୍ରହ କରିଥିଲା। ଜବାବରେ ପାନସିଆଲ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୮୮ ରନ କରି ପରାସ୍ତ ହୋଇଥିଲା। ବୀରମହାରାଜପୁରର ବିଶାଳ ୩୨ ବଲରୁ ୬୯ ରନ ସଂଗ୍ରହ କରି ଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ଉଲୁଣ୍ଡା ଓ ନ୍ୟୁଷ୍ଟାର ସୋନପୁର ମଧ୍ୟରେ ହୋଇଥିଲା। ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୩୦ ରନ କରିଥିଲା। ଜବାବରେ ଉଲୁଣ୍ଡା ଦଳ ଆବଶ୍ୟକ ରନକୁ ପିଣ୍ଟୁଙ୍କ ୨୨ବଲରୁ ୩୮ ରନ ସହାୟତାରେ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପିଣ୍ଟୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳଗୁଡ଼ିକୁ ଗିରୀଶ, ଶିବ, ସୁବ୍ରତ ଓ ବିଜୟ ପରିଚାଳନା କରିଥିବା ବେଳେ ବିକାଶ ସ୍କୋରିଂ ଏବଂ ବୃନ୍ଦାବନ ଓ ପିଣ୍ଟୁ ଧାରାବିବରଣୀ ପ୍ରଦାନ କରିଥିଲେ। ବୁଧବାର ବୀରମହାରାଜପୁର ଓ ଉଲୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

# ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନିମନ୍ତେ ରାଜ୍ୟ ଦଳ ଘୋଷିତ

**କଟକ ଅଫିସ, ୩୦।୧୦**

ବିଡ଼ାନାସୀ ଗ୍ରାଉଣ୍ଡରେ ଆସନ୍ତା ୨ରୁ ୪ ତାରିଖ ପର୍ଯ୍ୟନ୍ତ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା-ଆସାମ ବିପକ୍ଷ ମ୍ୟାଚ୍ ଖେଳାଯିବ। ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ବେଙ୍ଗଲ ଠାରୁ ପରାସ୍ତ ହୋଇଥିବା ବେଳେ ଝାଡ଼ଖଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମ ଇନିଂସ୍‌ରେ ପଛୁଆ ରହି ଦଳ ପଏଣ୍ଟ ହରାଇଥିଲା। ତେବେ ଆସାମ ବିପକ୍ଷ ମ୍ୟାଚ୍ ନିମନ୍ତେ ମଙ୍ଗଳବାର ରାଜ୍ୟ ଦଳ ଘୋଷଣା କରାଯାଇଛି । **ଘୋଷିତ ଦଳ:** ସୂର୍ଯ୍ୟ ମହାପାତ୍ର (ଅଧିନାୟକ), ପ୍ରିନ୍ସ ସଙ୍କେତ ବେହେରା (ଉପଅଧିନାୟକ), ବିଶ୍ୱ ବିଭବ ମୁଦୁଲି, ବିଶ୍ୱଜିତ ପାତ୍ର, ବଭାଂଶୁ ଶେଖର ରାୟ, ରମେଶ ମେଲକା, ଦିନେଶ କୁମାର ମାଝୀ(ଉଇକେଟ କିପର), ଆଶୁତୋଷ ସାହୁ, ଆଶୁତୋଷ ଛୁରିଆ, ଶୋଭନ ଦେବ ବେହେରା, ସାଇ ଶୁଭମ, ଆଶୁତୋଷ ସାମଲ, ଅଂଶୁମାନ ବେଜ, ଶ୍ରେଷ୍ଠ ସିଂ, ପି. ଶଶାଙ୍କ । କୋଚ୍- କେ.ଭି ପ୍ରସାଦ, ଦିନେଶ କୁମାର ସାହୁ-ଫିଜିଓ, ଏସ୍.ଆର୍ ରାୟ-ଟ୍ରେନର, ସୁବ୍ରତ ବେହେରା-ନିରୀକ୍ଷକ, ବୀରେନ୍ଦ୍ର କୁମାର ବେହେରା-ମ୍ୟାନେଜର।

# ତୃତୀୟ ପରାଜୟ ସହ ଓଡ଼ିଶା ବାଦ୍

**କଟକ ଅଫିସ, ୩୦।୧୦**

ବିଜୟୱାଡାରେ ଚାଲିଥିବା ୧୯ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପରଲିଗ ପର୍ଯ୍ୟାୟରେ ଓଡ଼ିଶା ଲଗାତାର ତୃତୀୟ ପରାଜୟ ସହ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି । ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ହିମାଚଳପ୍ରଦେଶଠାରୁ ହାରିଛି । ପୂର୍ବ ଦୁଇଟି ମ୍ୟାଚ୍‌ରେ ଦଳ ପଞ୍ଜାବ ଓ ଉତ୍ତରପ୍ରଦେଶଠାରୁ ପରାସ୍ତ ହୋଇଥିବା ବେଳେ ସୁପରଲିଗ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି। ଏହି ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ଗୁରୁବାର ଆସାମକୁ ଭେଟିବ । ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିବା ବେଳେ କୌଣସି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲେ । ୩୫ରନ୍‌ରେ ଦଳର ୪ଟି ଉଇକେଟ ପତନ ଘଟିଥିବା ବେଳେ ନିର୍ଦ୍ଧାରିତ ୨୦ ଓଭରରେ ଦଳ ୯ ଉଇକେଟ ହରାଇ ମାତ୍ର ୬୯ରନ୍ କରିଥିଲା। ଜି.ଏମ. ଅଳକାନନ୍ଦା ସର୍ବାଧିକ ୧୩ରନ୍ କରିଥିଲେ। ହିମାଚଳପ୍ରଦେଶ ପକ୍ଷରୁ ପି.ଜି. କାହଲୁନ ଓ ଏନ୍. ଏମ. ଚୌହ୍ୱାନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୭୦ରନ୍‌ର ବିଜୟ ଲକ୍ଷ୍ୟକୁ ୫ ଉଇକେଟ ହରାଇ ହିମାଚଳପ୍ରଦେଶ ହାସଲ କରିଛି । ସୋନାଲ ଠାକୁର ସର୍ବାଧିକ ୨୭ରନ୍ କରିଥିବା ବେଳେ ଓଡ଼ିଶା ପକ୍ଷରୁ ସୋନାଲୀ ହେମ୍ବ୍ରମ ୨ଟି ଉଇକେଟ ପାଇଥିଲେ।

## ପ୍ରଶାସକ କମିଟି ଷ୍ଟାଟସ ରିପୋର୍ଟ

# ୭ ରାଜ୍ୟ ଆସୋସିଏଶନ ବିଫଳ

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.):** ପ୍ରଶାସକ କମିଟି (ସିଓଏ) ସୁପ୍ରିମକୋର୍ଟଙ୍କ ନିକଟରେ ଏହାର ୧୦ମ ଷ୍ଟାଟସ ରିପୋର୍ଟ ଦାଖଲ କରିଛି। ୭ରାଜ୍ୟ ଆସୋସିଏଶନ ସେମାନଙ୍କର ଆଦେଶ ପାଳନ ପ୍ରମାଣପତ୍ର ଦାଖଲ କରିବାରେ ବିଫଳ ହୋଇଛନ୍ତି। ସେଗୁଡ଼ିକ ହେଲା ହରିୟାଣା, ହିମାଚଳ, ଗୁଜରାଟ, କର୍ନାଟକ, ମେଘାଳୟ, ନାଗାଲାଣ୍ଡ ଓ ଅରୁଣାଞ୍ଚଳ। ଅଗଷ୍ଟ ୯ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଆଂଶିକ ଭାବେ କାର୍ଯ୍ୟକାରୀ କରିଥିବା ରାଜ୍ୟ ଆସୋସିଏଶନଗୁଡ଼ିକ ହେଲେ ତାମିଲନାଡୁ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଗୋଆ, ମହାରାଷ୍ଟ୍ର, ବିହାର, ବେଙ୍ଗଲ, ଛତିଶଗଡ଼, ମଣିପୁର ଓ ବିଦର୍ଭ। ଆଦେଶ ପାଳନ କରିଥିବା ଆସୋସିଏଶନଗୁଡ଼ିକ ମଧ୍ୟରେ ରହିଛନ୍ତି ମିଜୋରାମ, ପୁଡୁଚେରୀ, ଦିଲ୍ଲୀ, ହାଇଦ୍ରାବାଦ, ଜମ୍ମୁ କଶ୍ମୀର, କେରଳ, ମୁମ୍ବାଇ, ଓଡ଼ିଶା, ପଞ୍ଜାବ ରାଜସ୍ଥାନ, ସୌରାଷ୍ଟ୍ର, ସିକ୍କିମ, ତ୍ରିପୁରା ଓ ଉତ୍ତର ପ୍ରଦେଶ।

# ନେଦରଲାଣ୍ଡ ଦଳ

**ହକି ବିଶ୍ୱକପ୍**



**ଆଉ ୨୬ ଦିନ**

ଭୁବନେଶ୍ୱରରେ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ୍ ପାଇଁ ନେଦରଲାଣ୍ଡ ଦଳ ଘୋଷିତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଏହି ମେଗା ପ୍ରତିଯୋଗିତା ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ''ଆମେ ପେସାଦାର ଆଥ୍‌ଲେଟ ଏବଂ ଚାମ୍ପିୟନ ହେବା ଲକ୍ଷ୍ୟରେ ହିଁ ବିଶ୍ୱକପ୍ ଖେଳିବୁ। ମାତ୍ର ଏହି ମନୋଭାବ ନେଇ ଯେ କେବଳ ଆମେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବୁ ତା' ନୁହେଁ, ଟାଇଟଲ ଜିତିବା ସମସ୍ତ ଦଳର ସ୍ୱପ୍ନ। ଅଂଶଗ୍ରହଣ କରୁଥିବା ସମସ୍ତ ଦଳ ଶକ୍ତିଶାଳୀ ହୋଇଥିବାରୁ ମୁକାବିଲା ଜୋର୍‌ଦାର ହେବ। ତେବେ ଆମେ ପୂର୍ବ ସଂସ୍କରଣଗୁଡ଼ିକ ଅପେକ୍ଷା ଏଥର ଉନ୍ନତ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବୁ। ଦକ୍ଷତା, କୌଶଳରେ ଆମେ ଉଭୟ ଶାରୀରିକ ଓ ମାନସିକ ଦୃଢ଼ତା ଦେଖାଇବୁ। ଆମେ ଯଦି ତାହା କରିପାରିବୁ, ତେବେ ନିଶ୍ଚିତ ଟାଇଟଲ ଦାବିଦାର ହୋଇପାରିବୁ'' ବୋଲି ନେଦରଲାଣ୍ଡ ମୁଖ୍ୟ କୋଚ୍ ମ୍ୟାକ୍ସ କାଲଡାସ ପ୍ରକାଶ କରିଛନ୍ତି। ଗତ ସଂସ୍କରଣର ଆୟୋଜକ ଅଷ୍ଟ୍ରେଲିଆ ନିକଟରୁ ହାରି ରନର୍ସଅପ୍ ରହିଥିବା ନେଦରଲାଣ୍ଡ ଏଥର ପୁଲ୍-ଡି'ରେ ଜର୍ମାନୀ, ମାଲେସିଆ ଓ ପାକିସ୍ତାନ ସହିତ ସ୍ଥାନ ପାଇଛି। ଡିସେମ୍ବର ୧ରେ ମାଲେସିଆ ବିପକ୍ଷରେ ଖେଳି ଦଳ ଅଭିଯାନ ଆରମ୍ଭ କରିବ। **ନେଦରଲାଣ୍ଡ ଦଳ:** ଗୋଲ୍‌କିପର: ପିର୍‌ମିନ ବ୍ଲାକ, ସାମ୍ ଭାନ ଡର୍ଭେନ। **ଡିଫେଣ୍ଡର:** ମିଙ୍କ୍ ଭାନ୍ ଡର୍ ୱିର୍ଡେନ, ସାଣ୍ଡର ବାର୍ଟ, ସାଣ୍ଡର ଡି ୱିଜିନ୍, ଫ୍ଲୋରିସ ଓର୍ଟେଲବୋଏର, ଗ୍ଲେନ ସ୍କୁରମ୍ୟାନ, ଲାର୍ସ ବାଲ୍‌କ। **ମିଡ୍‌ଫିଲର:** ସେଭ୍ ଭାନ୍ ଆସ୍, ବିଲି ବାକର, ଭାଲେଣ୍ଟିନ ଭର୍ଗା, ରବର୍ଟ କେମ୍ପରମ୍ୟାନ, ଜୋନାସ୍ ଡି ଜିଅସ୍। ଫରୱାର୍ଡ: ମିର୍‌କୋ ପ୍ରୁୟସର, ଜେରୋନ୍ ହେର୍ଟଜବର୍ଗର, ବବ୍ ଡି ଭୁଗ୍ଡ, ଥିଏରୀ ବ୍ରିଙ୍କମ୍ୟାନ ଓ ଥିଜସ୍ ଭାନ ଡାମ୍। **ରିଜର୍ଭ ଖେଳାଳି:** ଜୋରିଟ କ୍ରୁନ, ଜୋଏପ ଡି ମୋଲ। ମୁଖ୍ୟ କୋଚ୍: ମ୍ୟାକ୍ସ କାଲ୍‌ଡାସ୍।



ନେଦରଲାଣ୍ଡର ମୁଖ୍ୟ ହକି କୋଚ୍ ମ୍ୟାକ୍ସ କାଲ୍‌ଡାସ୍

DALDS - 155



**ରାଷ୍ଟ୍ରୀୟ ସଂକଳ୍ପ ଦିବସ**
**ରାଜ୍ୟସ୍ତରୀୟ ସମାରୋହ**
ତା.୩୧.୧୦.୨୦୧୮

**ସାଧାରଣ ସଭା**

ସମୟ - ସନ୍ଧ୍ୟା ୫ ଘଟିକା
ସ୍ଥାନ- ଜୟଦେବ ଭବନ

**ମୁଖ୍ୟ ଅତିଥି**

ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ
ମାନ୍ୟବର ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ

**ମୁଖ୍ୟବକ୍ତା**

ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର
ବିଶିଷ୍ଟ ଶିକ୍ଷାବିତ୍

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

ସଭା ପରେ ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ମୁକୁଳ ବାରିକ୍, ଚନ୍ଦନ କୁମାର ଜେନା, ହିମାଂଶୁ ବେଉରା, ଅବନ୍ତିକା ପଟ୍ଟନାୟକ, ଗୀତାଞ୍ଜଳି ସ୍ୱାଇଁ ଓ ନିହାରିକା ମେହେରଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ସଂକଳ୍ପ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ

15001/13/0349/1819



Sabyasachi Mishra
Actor




#PlasticFreeOdisha
ଧରିତ୍ରୀ DHARITRI
TEAM


**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



# ଭଇଁଷାପାଲି ପର୍ଯ୍ୟନ୍ତ ସରିଲା ସ୍ପିଡ୍ ଟ୍ରାଏଲ

**ବଲାଙ୍ଗୀର ଅଫିସ, ୩୦।୧୦**

ବଲାଙ୍ଗୀର-ଖୋର୍ଦ୍ଧା ରେଳପଥର ବଲାଙ୍ଗୀର ପଟରୁ ଟ୍ରେନ୍ ଗଡ଼ିବା ସମୟ ପାଖେଇ ଆସିଛି। ବଲାଙ୍ଗୀର ରେଳ ଷ୍ଟେଶନରୁ ପ୍ରାୟ ୧୫ କିଲୋମିଟର ଦୂର ଭଇଁଷାପାଲି ପର୍ଯ୍ୟନ୍ତ ସମାପ୍ତ ହୋଇଥିବା ରେଳଧାରଣାର ଚୂଡ଼ାନ୍ତ ନିରୀକ୍ଷଣ କରିବାକୁ ବେଙ୍ଗାଲୁରୁରୁ ଆସିଥିବା ଦକ୍ଷିଣ ସର୍କଲ ରେଳ ସୁରକ୍ଷା ଆୟୁକ୍ତ (ସିଆର୍‌ଏସ୍) କେ.ଏ. ମନୋହରନ ମଙ୍ଗଳବାର ବଲାଙ୍ଗୀର ପହଞ୍ଚି ଭଇଁଷାପାଲି ପର୍ଯ୍ୟନ୍ତ ନବନିର୍ମିତ ରେଳଧାରଣା ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ କରିଛନ୍ତି। ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇଥିବା ଚୂଡ଼ାନ୍ତ ନିରୀକ୍ଷଣ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ମଙ୍ଗଳବାର ସକାଳୁ ସିଆର୍‌ଏସ୍ ସ୍ପେଶାଲ ଟ୍ରେନ୍ ବଲାଙ୍ଗୀର ରେଳ ଷ୍ଟେଶନରେ ପହଞ୍ଚିଥିଲା। ସିଆର୍‌ଏସ୍ ମନୋହରନ୍‌ଙ୍କ ସହ ସମ୍ବଲପୁର ଡିଆର୍‌ଏମ୍ ଜୟଦୀପ ଗୁପ୍ତା, ରେଲୱେ ପ୍ରଶାସନିକ ଅଧିକାରୀ ଆର୍.ଏସ୍. ଦୁବେ ଓ ଅନ୍ୟ ଅଧିକାରୀ ବଲାଙ୍ଗୀର ରେଳ ଷ୍ଟେଶନ ନିକଟରେ ପୂଜାର୍ଚ୍ଚନା କରିବା ପରେ ଟ୍ରାଏଲ ଟ୍ରେନ୍ ବଲାଙ୍ଗୀର-ଖୋର୍ଦ୍ଧା ରେଳପଥର ଭଇଁଷାପାଲି ପର୍ଯ୍ୟନ୍ତ ଚାଲିଥିଲା। ଏହି ଟ୍ରେନ୍ ଗଡ଼ିବା ପରେ ରେଳ ସୁରକ୍ଷା ଆୟୁକ୍ତ ମନୋହରନ ଓ ତାଙ୍କ ଟିମ୍ ବିଭିନ୍ନ ସ୍ଥାନରେ ରେଳଧାରଣା ପରୀକ୍ଷା ନିରୀକ୍ଷା କରିଥିଲେ। ତିଆରି ହୋଇଥିବା ୧୫.୬ କିମି ରେଳଧାରଣାରେ ରେଳ ଚଳାଚଳ କରିବା ଯୋଗ୍ୟ ହୋଇଛି କି ନାହିଁ ସେ ପରୀକ୍ଷା କରିଥିଲେ। ବିଭିନ୍ନ ସ୍ଥାନରେ ରେଳଧାରଣାଗୁଡ଼ିକର ରିଡିଂ ନେଇ ଭଇଁଷାପାଲି ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଅପରାହ୍ଣ ପ୍ରାୟ ୫ଟାରେ ସ୍ପିଡ୍ ଟ୍ରାଏଲ କରାଯାଇଥିଲା। ତେବେ ସିଆରଏସ୍ ସ୍ପେଶାଲ ଟ୍ରେନ୍‌ର ସ୍ପିଡ୍ ଟ୍ରାଏଲ ସମ୍ପୂର୍ଣ୍ଣ ସଫଳ ହୋଇଥିବା ଜଣାପଡ଼ିଛି। ସ୍ପିଡ୍ ଟ୍ରାଏଲ ପରେ ସିଆର୍‌ଏସ୍ ମନୋହରନ ଫେରିଯାଇଛନ୍ତି। ଦିନେ ଦୁଇଦିନ ମଧ୍ୟରେ ସେ ଅଥରାଇଜେଶନ୍ ଦେବେ ବୋଲି ଜଣାପଡ଼ିଛି। ଏହାପରେ ଯେ କୌଣସି ସମୟରେ ଏହି ରେଲୱେ ଟ୍ରାକ୍‌ରେ ବଲାଙ୍ଗୀରରୁ ଭଇଁଷାପାଲି ପର୍ଯ୍ୟନ୍ତ ରେଳ ଚଳାଚଳ ସମ୍ଭବ ହୋଇପାରିବ ବୋଲି ସୂଚନା ଦିଆଯାଇଛି। ସମ୍ବଲପୁର ଡିଆର୍‌ଏମ୍ ଗୁପ୍ତା ଗଣମାଧ୍ୟମକୁ ସୂଚନା ଦେଇ ସିଆର୍‌ଏସ୍‌ଙ୍କଠାରୁ ଅଥରାଇଜେଶନ ପାଇବା ପରେ ଏହି ରେଳଧାରଣାରେ ଖୁବଶୀଘ୍ର



ବଲାଙ୍ଗୀର-ଭଇଁଷାପାଲି ରେଳଧାରଣାରେ ଗଡ଼ିଥିବା ସିଆର୍‌ଏସ୍ ସ୍ପେଶାଲ ଟ୍ରେନ୍।

## ବଲାଙ୍ଗୀର-ଖୋର୍ଦ୍ଧା ରେଳପଥ

### ରେଳ ସୁରକ୍ଷା ଆୟୁକ୍ତ କଲେ ଚୂଡ଼ାନ୍ତ ନିରୀକ୍ଷଣ

ବଲାଙ୍ଗୀରରୁ ଭଇଁଷାପାଲି ପର୍ଯ୍ୟନ୍ତ ଏକ ପାସେଞ୍ଜର ଟ୍ରେନ୍ ଚଳାଯିବ ବୋଲି କହିଥିଲେ। ତେବେ ଭଇଁଷାପାଲିରୁ ସୋନପୁର ଓ ବୌଦ୍ଧ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହୋଇ ନ ଥିବାରୁ ଏ ପର୍ଯ୍ୟନ୍ତ ରେଳଧାରଣା ତିଆରି ହୋଇପାରିନାହିଁ। ଜମି ଅଧିଗ୍ରହଣ ସରିବା ପରେ ଦୁଇବର୍ଷ ମଧ୍ୟରେ ରେଳ ଚଳାଚଳ ସମ୍ଭବ ହୋଇପାରିବ ବୋଲି ରେଳ ପ୍ରଶାସନିକ ଅଧିକାରୀ ଦୁବେ ସୂଚନା ଦେଇଥିଲେ। ବଲାଙ୍ଗୀର-ଭଇଁଷାପାଲି ରେଳଧାରଣାର ଚୂଡ଼ାନ୍ତ ନିରୀକ୍ଷଣ ଅବସରରେ ବଲାଙ୍ଗୀର ଆକ୍ସନ କମିଟି ସଦସ୍ୟମାନେ ସିଆର୍‌ଏସ୍ ମନୋହରନ, ଡିଆର୍‌ଏମ୍ ଗୁପ୍ତା ଓ ଅନ୍ୟ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘଦିନରୁ ବଲାଙ୍ଗୀରବାସୀ ବଲାଙ୍ଗୀର-ଖୋର୍ଦ୍ଧା ରେଳ ଚଳାଚଳ ଦାବି କରିଆସୁଥିଲେ। ଏହି ଦାବି ସମ୍ପୂର୍ଣ୍ଣ ପୂରଣ ହୋଇ ନ ଥିଲେ ମଧ୍ୟ ଏହି ରେଳପଥର ୧୫ କିମି ଭଇଁଷାପାଲି ପର୍ଯ୍ୟନ୍ତ ରେଳଧାରଣା ସମ୍ପୂର୍ଣ୍ଣ ହେବା ଓ ଏଥିରେ ରେଳ ଚଳାଚଳ ପାଇଁ ଚୂଡ଼ାନ୍ତ ନିରୀକ୍ଷଣ କରାଯାଉଥିବାରୁ ଖୁସି ପ୍ରକାଶ କରିଥିଲେ। ଆକ୍ସନ କମିଟି ଆବାହକ ଗୋପାଲଜୀ ପାଣିଗ୍ରାହୀ, ଉପସଭାପତି ମୁନା ପଟ୍ଟନାୟକ, ଗିରୀଶ ସିଂଦେଓ, ବିନୋଦ କାଲସାଲ, ରିଲୁ ରଥ, ଗୋବିନ୍ଦ ଶତପଥୀ ଓ ଅନ୍ୟମାନେ ଉପସ୍ଥିତ ରହି ରେଳ ଅଧିକାରୀମାନଙ୍କୁ ସମ୍ମାନିତ କରିଥିଲେ।

## ସେଲ୍‌ଫି କର୍ଣ୍ଣର



@ ହରେକୃଷ୍ଣ



@ ଲକି



@ ଶିବୁ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ପୁଅ ମିଶି କରିବ ଚାଷ**
**ପର ଆଶରାରେ ସରବନାଶ**
**ଭାଇ ଭାଇ ମିଳି କରିଲେ କୃଷି**
**ଅବଶ୍ୟ ବହୁତ ପ୍ରାଣୀଙ୍କି ପୋଷି ।**

ଘରଲୋକଙ୍କ ସହ ମିଳିମିଶି ଚାଷ କଲେ କୃଷିର ଉନ୍ନତି ଘଟିଥାଏ। ଫସଲରୁ ଭଲ ଆମଦାନୀ ମିଳିବା ସହ ପରିବାର ପ୍ରତିପୋଷଣ କରିବା ସମ୍ଭବପର ହୋଇଥାଏ। ପରନ୍ତୁ ପର ଉପରେ ନିର୍ଭର କରି ବସି ରହିଲେ ଅନେକ ସମୟରେ ଲାଭ ବଦଳରେ ଅଧିକ କ୍ଷତି ସହିବାକୁ ପଡ଼ିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବାଟରେ ଯାଉଛି କମାର**
**ଲୁହା ପଜେଇଦେ ଆମର ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶାଥାଏ ତାଙ୍କୁ ଦେଖିବାମାତ୍ରେ କିଛି ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍‌ଫୁଲ୍ଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଇପ୍‌ସିତ କାର୍ଯ୍ୟ କରାଇଦେବା ଲାଗି ଜିଗର କରିଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଚରିତ୍ର ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବାଘମୃତ୍ୟୁ ଘଟଣା: ଟେର୍ ପାଉନି ବନ ବିଭାଗ

**ବରଗଡ଼ ଅଫିସ୍/ ଭଟଲି, ୩୦।୧୦ (ଡି.ଏନ୍.ଏ)**

ଡେବ୍ରିଗଡ଼ ଅଭୟାରଣ୍ୟର ପାଦଦେଶ ଅର୍ଥାତ୍ ବରଗଡ଼ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରୁ ବାଘର ପଚା ମୃତଦେହ ଉଦ୍ଧାର ଘଟଣାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି । ଜଙ୍ଗଲ ବିଭାଗ ଏହାକୁ ନେଇ ତଦନ୍ତ ଜାରି ରଖିଥିବା କହୁଥିଲେ ହେଁ ଏପର୍ଯ୍ୟନ୍ତ ବାଘ ଶିକାର ଘଟଣାରେ ଠୋସ୍ ସଫଳତା ପାଇ ପାରି ନାହିଁ। ଏହି ଘଟଣାରେ ବନ୍ୟପ୍ରାଣୀ ତଥା ବନବିଭାଗର ଅପାରଗତା ପଦାରେ ପଡି ଥିବାବେଳେ ବିଭାଗ ପକ୍ଷରୁ କାହାରି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଅନ୍ୟପଟେ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଅଭିଯୋଗ କରୁଛନ୍ତି । ଘଟଣାସ୍ଥଳ ନିକଟରୁ କେବଳ ୪ଟି ନଖ ଓ ୨ଟି ଭାର ଜବତ୍ ହୋଇଥିବା ବିଭାଗୀୟ ଅଧିକାରୀମାନେ କହୁଛନ୍ତି । ମାତ୍ର ତାହା ସମ୍ପୃକ୍ତ ମୃତବାଘର ନା ଅନ୍ୟ କାହାର ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ଅନ୍ୟପକ୍ଷେ ଶିକାରୀମାନେ ଯଦି ମୃତବାଘର ନଖ କାଢ଼ିଛନ୍ତି, ତାକୁ ଘଟଣାସ୍ଥଳରେ କାହିଁକି ଛାଡ଼ି ଯିବେ ଏବଂ ମୃତଦେହ ଉଦ୍ଧାର ଦିନ ତାହା ଉପସ୍ଥିତ ଲୋକଙ୍କ ନଜରରେ କିପରି ପଡିଲା ନାହଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ମୃତବାଘଟି ଡେବ୍ରିଗଡ଼ ଅଭୟାରଣ୍ୟରେ ରହିଥିବା ଏକମାତ୍ର ମହାବଳ ବାଘ ବୋଲି ବିଭିନ୍ନ ମହଲରେ ସନ୍ଦେହ କରାଯାଉ ଥିବାବେଳେ ବନ୍ୟପ୍ରାଣୀ ବିଭାଗ ତାହା ମାନିବାକୁ ନାରାଜ ଏବଂ ଖୋଦ୍ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ତାହା କଲରାପତରିଆ ବାଘ ବୋଲି କହିଛନ୍ତି।

ତେବେ ଏ ସମ୍ପର୍କରେ ବରଗଡ଼ ଡିଏଫଓ ଅଭୟ କୁମାର ଦଳେଇ କହିଛନ୍ତି, ବ୍ୟବଚ୍ଛେଦ ପରେ ମୃତବାଘର ନମୁନାକୁ ପରୀକ୍ଷା ପାଇଁ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ ଡେରାଡୁନ ଏବଂ ବେଙ୍ଗାଲୁରୁ ସ୍ଥିତ ନ୍ୟାଶନାଲ ଟାଇଗର କନ୍‌ଜରଭେଶନ ଅଥରିଟିକୁ ପଠାଯାଇଥିବା କହିଛନ୍ତି । ସେହିପରି ଏହି ଘଟଣାର ତଦନ୍ତ ପାଇଁ ଏସିଏଫ ମଦନଲାଲ ଶର୍ମାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି ଏବଂ ସେହି ଟିମ୍ ତଦନ୍ତ ରିପୋର୍ଟ ଦେବା ପରେ ଯାହାକିଛି କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଘଟଣାର ତଦନ୍ତ କରୁଥିବା ଏସିଏଫ ଶର୍ମା କହିଛନ୍ତି, ଘଟଣାସ୍ଥଳ ନିକଟରୁ ୪ଟି ବାଘନଖ ଓ ୨ଟି ଭାର ଜବତ୍ ହୋଇଛି । ତଦନ୍ତରେ ଆଉକିଛି ଅଧିକ ଜଣାପଡ଼ି ନ ଥିବା ସେ ପ୍ରକାଶ କରିଛନ୍ତି।

ଧରିତ୍ରୀ DHARITRI
**Puja Quiz- 2018**
Quiz No.17

**Main Sponsor** TVS
**Co-Sponsors** CENTRAL, Nikon

☑ Tick mark the box which is correct

୧. ଭାରତକୁ କେବେ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ରୂପେ ଘୋଷଣା କରାଗଲା ?
କ. ୧୯୭୫ ☐ ଖ. ୧୯୭୬ ☐ ଗ. ୧୯୭୭ ☐ ଘ. କେଉଁଟି ନୁହେଁ ☐
୨. ଇନସୁଲିନ୍‌ର ଉଦ୍ଭାବକ କିଏ ?
କ. ଏଚ୍.ସି. ଅରଷ୍ଟେଡ ☐ ଖ. ଫ୍ରେଡରିକ ଗ୍ରାଣ୍ଟ ବ୍ୟାଣ୍ଟିଙ୍ଗ ☐ ଗ. ଉଇଲିୟମ ହେନ୍‌ରୀ ପରକିନ୍ସ ☐ ଘ. କେଉଁଟି ନୁହେଁ ☐
୩. ଟାଇ ରାଇଟର କିଏ ଉଦ୍ଭାବନ କରିଥିଲେ ?
କ. ଅଷ୍ଟିନ ବର୍ଟ୍ ☐ ଖ. ହେନ୍‌ରୀ ମିଲ ☐ ଗ. ହାନସନ୍ ☐ ଘ. କେଉଁଟି ନୁହେଁ ☐
୪. କିଏ ସତୀଦାହ ପ୍ରଥା ଉଚ୍ଛେଦ କରିଥିଲେ ?
କ. ଲର୍ଡ କ୍ଲାଇବ ☐ ଖ. ଲର୍ଡ କର୍ଜନ ☐ ଗ. ଲର୍ଡ ବେଣ୍ଟିକ ☐ ଘ. କେଉଁଟି ନୁହେଁ ☐
୫. ମହାକାଶର ଉଜ୍ଜଳତମ ଗ୍ରହ କିଏ ?
କ. ମଙ୍ଗଳ ☐ ଖ. ଶୁକ୍ର ☐ ଗ. ବୃହସ୍ପତି ☐ ଘ. କେଉଁଟି ନୁହେଁ ☐

Participant's Name:..................................................
Address:..................................................
..................................................
Education ..................................................
Mobile..................................................Age:..........
E-mail:..................................................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

**Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,**
**Consolation Prizes : Gift Vouchers from CENTRAL, Digital Cameras from NIKON**
**Cut this coupon and send it to the following address:**
**DHARITRI Puja Quiz No. 17**
**B-15, Industrial Estate, Rasulgarh, Bhubaneswar-10**












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ




**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. Accessories shown in the picture are not a part of the standard equipment. Product shown in the picture may vary from actual product available in market. **Conditions apply.

BEST DEAL HONDA Buy. Sell. Exchange | ALWAYS WEAR HELMET WHILE RIDING | Also available: Annual Maintenance Contract** Road Side Assistance** Engine Health Assurance**

Follow us on

**Honda Exclusive Authorized Dealerships: ATTABIRA:** TS Motors - 06682-221001, 9178653139, T.S. Honda - 9178653139, 9438771477; **BARGARH:** Aashirbad Honda - 06646-246066, 9438024339; **BARPALI:** Abhishek Honda - 9437056675; **BELPAHAR:** Bharat Honda - 8018157547; **BHAWANIPATNA:** Mahesh Honda - 9437938985, 06670-235633; **BOLANGIR:** Amarnath Honda - 06652-233155, 8895258555; **BRAJRAJNAGAR:** JaiswaL Honda - 977747788; **JHARSUGUDA:** Gajraj Honda - 9337645411; **JUNAGARH:** Jaga Janani Honda - 9583794900; **KHARIAR ROAD (NUAPADA):** Ambika Honda - 06678-222949, 9737643030; **KUCHINDA:** Krishna Honda - 06642-220346, 7894277470; **PADAMPUR:** Bindhyabasini Honda - 9437051078, 9937788078; **RAJGANGPUR:** Naisha Honda - 7008614081, 06624220051; **RAJKHARIAR:** Shree Shyamji Honda- 9178999997; **RENGALI:** BP Honda - 7377777362; **ROURKELA:** Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; **SAMBALPUR:** Jas Honda - 0663-2115817, 9238364199; **SONEPUR:** Meher Honda - 09937771704, 06654220200; **SUNDARGARH:** MaaSamaleswari Honda - 9938198641, 8984873500; **TITLAGARH:** Tanishta Honda - 09437037314.

**For Bulk/Institutional enquiries, please write us at: institutionalsales@honda2wheelersindia.com**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୧ ଅକ୍ଟୋବର, ୨୦୧୮



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନୋପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ତାଲିମ ଚୟନ ନିଯୁକ୍ତି ଶିବିର

**ଉଲୁଣ୍ଡା, ୩୦।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପୁରୁଣା ଆରଆଇ ପରିସରରେ ବ୍ଲକସ୍ତରୀୟ ତାଲିମ, ଚୟନ ଓ ନିଯୁକ୍ତି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ଜୀବିକା ମିଶନ ଉଲୁଣ୍ଡା ଅଧୀନରେ ପରିଚାଳିତ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ତାଲିମ, ଚୟନ ଓ ନିଯୁକ୍ତି ଶିବିରକୁ ବିଡିଓ ରୁନୁ ଲାକ୍ରା ଉଦ୍‌ଘାଟନ କରି ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଜିଲା ପ୍ରକଳ୍ପ ସଂଯୋଜକ ଯୁବରାଜ ସାହୁ, ଏପିଡି ଶୈବାଳିନୀ ପଟ୍ଟନାୟକ, ଜିଲ୍ଲା ସଂଯୋଜକ ବିଶ୍ୱମ୍ଭର ପରିଡା ଯୋଗଦେଇ ଯୋଜନା ଉପରେ ମନ୍ତବ୍ୟ ରଖିଥିଲେ। ଶିବିରରେ ୧୨ଟି ସ୍ୱିକୃତୀପ୍ରାପ୍ତ ତାଲିମ ପ୍ରତିଷ୍ଠାନ ଯୋଗଦେଇ ୨୫୩ ପ୍ରାର୍ଥୀଙ୍କୁ ତାଲିମ ପାଇଁ ଚୟନ କରିଥିଲେ। ଶିବିରରେ ଗ୍ରାମାଞ୍ଚଳର ବହୁ ଚାକିରୀ ଆଶାୟୀ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ବ୍ଲକ ପ୍ରକଳ୍ପ ସଂଯୋଜକ ରଞ୍ଜନ କୁମାର ସ୍ୱାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଭିନ୍ନ ପଞ୍ଚାୟତର ସିଆରପି, ଏମବିକେ ଓ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ହୋସ୍ ଉଡ଼ାଉଛି ଚକଡ଼ା

**ସିଂଘିଯୁବା, ୩୦।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ ଚକଡା ପୋକର ପ୍ରାଦୃଭାବ ଦେଖାଦେଇଛି। ଶହଶହ ଏକର ଚାଷଜମିର ଫସଲ ଚକଡା ପୋକ ଉପଦ୍ରବରେ ଶେଷ ହେବାକୁ ବସିଲାଣି। ଯେତେ ଔଷଧ ସିଞ୍ଚନ କଲେ ମଧ୍ୟ ଏହାକୁ ଆୟତ୍ତ କରାଯାଇ ପାରୁନାହିଁ। ଏସବୁ ଦେଖି ଚଳିତ ବର୍ଷ ଅନୁକୂଳ ପାଗ ଥିବାରୁ ଅଧିକ ଅମଳ କରିବାର ଆଶା ରଖିଥିବା ଚାଷୀ ହତାଶ ହୋଇଯାଇଛି। ଏହି ପରିସ୍ଥିତିରେ ସ୍ଥାନୀୟ କୃଷି ବିଭାଗ ଯେତିକି ତତ୍ପରତା ଦେଖାଇବା କଥା ତାହା କରୁଥିଲା ଭଳି ମନେ ହେଉନାହିଁ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ବିନିକା କୃଷି ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ପ୍ରାୟ ୧୮,୮୧୦ ହେକ୍ଟର ଜମିରେ ଧାନଚାଷ ହୋଇଛି। ସେଥିରୁ ପ୍ରାୟ ୩,୮୪୦ ହେକ୍ଟର ଜମି ଚକଡା ପୋକଦ୍ୱାରା ସଂକ୍ରମିତ ହୋଇଥିବା କୁହାଯାଉଛି । ବିଶେଷ ପ୍ରଭାବିତ ପଞ୍ଚାୟତଗୁଡିକ ହେଲା ବାବୁପାଲି, ସିଂଘିଯୁବା, ବାଙ୍କିଘିର୍ଡି ଓ ଏନଏସି ଅଞ୍ଚଳର ଗୁଲାପଡା, ଡବଲା ଓ ରହେଲା। ଏତେ ସବୁ ପରେ ମଧ୍ୟ ଅବଧି ସୁଦ୍ଧା ମାତ୍ର ୫ଶହ ଚାଷୀଙ୍କୁ ୫୬୫ଲିଟର କୀଟନାଶକ କୃଷିବିଭାଗ ପକ୍ଷରୁ ଯୋଗାଇ ଦିଆଯାଇ ପାରିଛି। ବିନିକା ଅଞ୍ଚଳରେ ୧୫ହଜାରରୁ ଉର୍ଦ୍ଧ୍ୱ ଚାଷୀ ଧାନଚାଷ ଉପରେ ନିର୍ଭର କରୁଥିବା ବେଳେ ମାତ୍ର ୫ଶହ ଚାଷୀଙ୍କୁ କୀଟନାଶକ ଯୋଗାଇ ଦିଆଯିବାକୁ ନେଇ ବିନିକା କୃଷି ବିଭାଗର ପାରିବାରପଣିଆ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ବିନିକା କୃଷିବିଭାଗ ପାଖରେ ଓସିନ, ପାନିସାମାଇଟ୍ ପ୍ରଭୃତି ଔଷଧ ସେପ୍ଟେମ୍ବର ମାସରୁ ମହଜୁଦ୍ ରହିଥିଲେ ମଧ୍ୟ ଠିକଣା ସମୟରେ ଏହା ଚାଷୀଙ୍କ ପାଖରେ ପହଞ୍ଚି ନ ପାରିବାରୁ ଆଜି ଏହି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଚାଷୀ ମହଲରେ ଅଭିଯୋଗ ହୋଇଛି। ଏହି ପରିସ୍ଥିତିରେ ଯଥାଶୀଘ୍ର ବ୍ଲକ କୃଷି ବିଭାଗ ତତ୍ପରତା ପ୍ରକାଶ କରି ଚକଡା ପ୍ରଭାବିତ ଚାଷୀଙ୍କୁ ବୈଷୟିକ ପରାର୍ମା ସାଙ୍ଗକୁ କୀଟନାଶକ ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବିନିକା କୃଷି ଅଧିକାରୀ ଲୋଚନ ମାଝୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସବୁ ଚାଷୀଙ୍କୁ ପୂର୍ଣ୍ଣମାତ୍ରାରେ ଔଷଧ ଯୋଗାଇବା ସମ୍ଭବ ନୁହେଁ। ତେବେ ଚକଡା ପୋକ ନିୟନ୍ତ୍ରଣ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଉଛି। ଯେଉଁ ଚାଷୀଙ୍କର ଫସଲ ଚକଡା ଦ୍ୱାରା ଆକ୍ରାନ୍ତ ହୋଇଛି ଜଣାଇଲେ କୃଷି ବିଭାଗ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ସହଯୋଗ କରିବ ବୋଲି ସେ କହିଛନ୍ତି।



ଧାନଫସଲରେ ଔଷଧ ସିଞ୍ଚନ କରାଯାଉଛି।

**ବିନିକା ବ୍ଲକ**
- କୃଷି ବିଭାଗର ସହାୟତା କାମକୁ ନୁହେଁ
- ମାତ୍ର ୫ଶହ ଚାଷୀଙ୍କୁ ମିଳିଛି କୀଟନାଶକ
- ଫସଲ କ୍ଷତି ଆଶଙ୍କାରେ ଚାଷୀ



ସୁବଳୟା ପଞ୍ଚାୟତରେ ରାସନକାର୍ଡ ବଣ୍ଟନ କରାଯାଉଛି ।

## ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ

**ଅମରପାଲି, ୩୦।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ୧୦୦ଜଣ ହିତାଧିକାରୀଙ୍କୁ ମଙ୍ଗଳବାର ରାଶନ କାର୍ଡ ବଣ୍ଟନ କରାଯାଇଛି। ଓଡିଶା ରାଜ୍ୟ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ୨୦୧୮ ଅନୁଯାୟୀ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ସୁବଳୟା ପଞ୍ଚାୟତର ସରପଞ୍ଚ ଲିଲି ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଡ ସମେତ ଚାଉଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରୁବାବୁ ଚୌଧୁରୀ, ଯୋଗାଣ ସହାୟକ ଭରତ ଖମାରୀ ଉପସ୍ଥିତ ରହି ଏହି କାର୍ଡ ବଣ୍ଟନ କରିଛନ୍ତି। ଯେଉଁ ହିତାଧିକାରୀମାନେ ଏହି ଯୋଜନାରୁ ବାଦ୍ ପଡିଛନ୍ତି ପର୍ଯ୍ୟାୟକ୍ରମେ ସେମାନଙ୍କୁ ସାମିଲ କରାଯିବ ବୋଲି ସରପଞ୍ଚ ପାତ୍ର ପ୍ରକାଶ କରିଛନ୍ତି ।

ସୁବର୍ଣ୍ଣପୁରରେ ବିଶ୍ୱ ମିତବ୍ୟୟିତା ଦିବସ

## ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଅପରିହାର୍ଯ୍ୟ

**ସୋନପୁର,୩୦।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଓ ସଞ୍ଚୟ ରଥ କଚେରୀ ଛକ ଠାରୁ ବାହାରି ସହର ପରିକ୍ରମା କରିଥିଲା। ଜିଲାପାଳ ମଧୁସୂଦନ ମିଶ୍ର ଏହି ଶୋଭାଯାତ୍ରା ଓ ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ଟାଉନ ହଲଠାରେ ପହଞ୍ଚିବା ପରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମିଶ୍ର ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟକ୍ତିର ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଏକାନ୍ତ ଅପରିହାର୍ଯ୍ୟ । ଅନାବଶ୍ୟକ ଖର୍ଚ୍ଚକୁ ଯଥା ସମ୍ଭବ କମାଇ ବଳକା ଅର୍ଥକୁ ସୁରକ୍ଷିତ ଭାବେ ସଞ୍ଚୟ କଲେ ତାହା ଅର୍ଥନୈତିକ ଅଭିବୃଦ୍ଧିରେ ସହାୟତା ହୋଇଥାଏ। ଏ ଦୃଷ୍ଟିରୁ ଡାକଘର ତଥା ବ୍ୟାଙ୍କ ମାଧ୍ୟମରେ ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ବହନ କରେ। ବାଳିକାଙ୍କ ପାଇଁ ସୁକନ୍ୟା ସମୃଦ୍ଧି ଯୋଜନା ଏକ ବରଦାନ ବୋଲି ଜିଲାପାଳ କହିଥିଲେ। ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସକ୍ରିୟ ଅଂଶଗ୍ରହଣ କରି ନିଜର ଆର୍ଥିକ ଅବସ୍ଥାକୁ ସୁରକ୍ଷିତ କରିବା ସଙ୍ଗେ ସଙ୍ଗେ ରାଜ୍ୟ ଓ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ଏବେ ଠୁ ସଞ୍ଚୟ କରିବାକୁ ଦାଶ ବୁଝାଇଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ମିଶ୍ର ସରକାରଙ୍କ ସ୍ୱଳ୍ପ ସଞ୍ଚୟ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଶୋଭାଯାତ୍ରାରେ ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ଦାଶ, ସହକାରୀ ଜିଲାପାଳ ଆର୍ତ୍ତତ୍ରାଣ ଥାଟି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଡାକ ବିଭାଗର ଏଜେଣ୍ଟମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଶୋଭାଯାତ୍ରାକୁ ଜିଲାପାଳ ପାତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

## ରାଜ୍ୟ ସମବାୟ ବିଭାଗ ସଚିବଙ୍କ ବିନିକା ଗସ୍ତ

**ସିଂଘିଯୁବା,୩୦।୧୦(ଡି.ଏନ୍.ଏ.)**

ରାଜ୍ୟ ସମବାୟ ବିଭାଗର ସଚିବ ତଥା ନୋଡ଼ାଲ ଅଫିସର ରଞ୍ଜନା ଚୋପ୍ରା ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପରିପେକ୍ଷୀରେ ବିନିକା ପ୍ରାଥମିକ କୃଷି ସେବା ସମବାୟ କାର୍ଯ୍ୟାଳୟକୁ ଆସି ଚାଷୀଙ୍କୁ କୃଷି ସେବା ସମବାୟ ସମିତିରୁ ଠିକ୍ ଭାବେରଣ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ୟାକ୍ସଗୁଡ଼ିକରେ କମ୍ପ୍ୟୁଟରୀକରଣ ବ୍ୟବସ୍ଥା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚାଷୀଙ୍କୁ କୃଷିଋଣ ଟଙ୍କା ଠିକ ସମୟରେ ସମବାୟ ବ୍ୟାଙ୍କ ପଇଠ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ସଚିବ ଏହାର ସ୍ଥାୟୀ ସମାଧାନ କରିବାକୁ ଜିଲା ପ୍ରଶାସନ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁରୂପଭାବେ ଧାନ ବିକ୍ରି ଟଙ୍କା କାଳ ବିଳମ୍ବ ନ କରି ପ୍ରଦାନ କରିବାକୁ କହିଥିଲେ। ଏହି ଅବସରରେ ବଲାଙ୍ଗୀର ଜିଲା ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ଡ଼ିଆରସିଏସ୍ ବଙ୍କିମଚନ୍ଦ୍ର ମୁନ, ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ସୁବର୍ଣ୍ଣପୁର ଜିଲା ଗ୍ରାମ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ, ଏଆରସିଏସ୍ ଭୀମସେନ ସାହୁ, ବିନିକା ପ୍ୟାକ୍ସ ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ପ୍ରଶାନ୍ତ ନାୟକ, ବିନିକା ଓକିଲ ସଂଘ ସଭାପତି ତଥା ପ୍ୟାକ୍ସ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଦାଶ, କୃଷ୍ଣଚନ୍ଦ୍ର ଦାସ, ପ୍ରକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

■ ଦୀପାବଳି ପାଇଁ ବାଣ ବିକ୍ରି, ଫୁଟାଇବା ଉପରେ କଟକଣା

## ରାତିରେ ୨ ଘଣ୍ଟା ଫୁଟିବ ବାଣ : ଏସ୍‌ପି



ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ମିଳିତ ବୈଠକରେ ଏସ୍‌ପି, ଉପଜିଲାପାଳ ଏବଂ ବରିଷ୍ଠ ଅଧିକାରୀ ବୃନ୍ଦ ।

**ସୋନପୁର,୩୦।୧୦(ନି.ପ୍ର.)**

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ସୁବର୍ଣ୍ଣପୁର ଜିଲାରେ ପାଳନ କରାଯିବ। ଦୀପାବଳି ପାଇଁ ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ରହିବ। ଏଥିସହ ଦୀପାବଳୀ ରାତି ୮ଟାରୁ ୧୦ଟା ୨ ଘଣ୍ଟା ମଧ୍ୟରେ ହିଁ ବାଣ ଫୁଟାଇ ଜିଲାବାସୀ ଉତ୍ସବ ମନାଇ ପାରିବେ ବୋଲି ଏସ୍‌ପି ଦେବୀପ୍ରସାଦ ଦାଶ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲା ପୋଲିସ ମୁଖ୍ୟାଳୟରେ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ମିଳିତ ବୈଠକରେ ଜିଲା ସଦର ମହକୁମାର ରୟାଲ ପଡିଆରେ ହିଁ ଚଳିତ ବର୍ଷ ବାଣ ବିକ୍ରି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲାର ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଖୋଲାସ୍ଥାନରେ ବାଣ ବିକ୍ରି କରାଯିବ। ଲାଇସେନ୍ସ ପାଇଥିବା ବ୍ୟକ୍ତି ହିଁ କେବଳ ବାଣ ବିକ୍ରି କରିପାରିବେ। ଅନୁମତି ମିଳିଥିବା କମ୍ ନିର୍ଦ୍ଧାରିତ ଡେସିବିଲର ବାଣ ହିଁ ବଜାରରେ ବିକ୍ରି କରାଯିବ। ଶବ୍ଦ ଓ ଧୂଆଁର ଅନୁମତିଯୋଗ୍ୟ ସୀମା କେତେ ହେବ ତାହା ପେଟ୍ରୋଲିୟମ୍ ଓ ବିସ୍ଫୋରକ ନିରାପତ୍ତା ସଂଗଠନ(ପିଇଏସଓ) ସ୍ଥିର କରିବ। ସେହିପରି ଖ୍ରୀଷ୍ଟମାସ ଓ ନୂଆବର୍ଷ ପାଳନ ପାଇଁ ରାତି ୧୧ଟା୫୫ରୁ ୧୨ଟା୩୦ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯିବ। ସ୍ୱାସ୍ଥ୍ୟକେନ୍ଦ୍ର ଓ ଶିକ୍ଷାନୁଷ୍ଠାନ ନିକଟରେ ବାଣ ଫୁଟା ଯାଇ ପାରିବ ନାହିଁ। ନାଗରିକଙ୍କ ସ୍ୱାସ୍ଥ୍ୟଗତ ଅଧିକାର, ଉତ୍ସବ ଓ ବାଣ ବ୍ୟବସାୟୀଙ୍କ ଅଧିକାରକୁ ଧ୍ୟାନରେ ରଖି ଆଇନକୁ କଡାକଡି କରାଯିବ। ସବୁଜ ଦୀପାବଳି ତଥା ପରିବେଶ ପାଇଁ କମ୍ କ୍ଷତିକାରକ ହେବା ଭଳି ଆଲୋକର ପର୍ବକୁ ପାଳନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯିବ। ପୋଲିସ ପ୍ରଶାସନ ପକ୍ଷରୁ ଏନେଇ ଲିଫଲେଟ୍ ବଣ୍ଟନ କରାଯିବ ବୋଲି ସୂଚନା ଦିଆ ଯାଇଥିଲା। ବୈଠକରେ ଏସ୍‌ପି ଦାଶଙ୍କ ସମେତ ସୋନପୁର ଉପଜିଲାପାଳ ବଳାରାମ ମଲ୍ଲିକ, ବୀରମହାରାଜପୁର ଏସ୍‌ପି ସୁବ୍ରତ କୁମାର ବେହେରା, ଅତିରିକ୍ତ ଏସ୍‌ପି ରମେଶ କୁମାର ପାଣିଗ୍ରାହୀ, ଡିଏସପି ଆନନ୍ଦ ବର୍ଦ୍ଧନ ଗୁରୁ, ହେମସାଗର ନନ୍ଦ, ସୟଦ୍ ମୁଜିବୁର ରହେମାନ, ମନୋରଞ୍ଜନ ପଧାନ, ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା, ବୀରମହାରାଜପୁର ଏସଡିପିଓ ଧୀରଜ ଚୋପଦାର, ସୋନପୁର ଆଇଆଇସି ଚନ୍ଦ୍ରମୋହନ ସିଂ, ଡୁଙ୍ଗୁରିପାଲି ଆଇଆଇସି ଅମରେନ୍ଦ୍ର ଷାଣ୍ଡ, ତରଭା ଆଇଆଇସି ସୁରୁବାବୁ ଛତ୍ରିଆ, ବିନିକା ଆଇଆଇସି କଲ୍ୟାଣୀ ବେହେରା, ଉଲୁଣ୍ଡାର ରୀନା ବେହେରା, ବୀରମହାରାଜପୁରର କୁଶ ପାଣିଗ୍ରାହୀ, ସୁବଳୟାର ହେମନ୍ତ ରାଓ ଓ ରାମପୁରର କେ. ସି .ରାଉଳ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ସୁରଭୀ କାର୍ଯ୍ୟକ୍ରମ

**ସିଂଘିଯୁବା,୩୦।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକସ୍ତରୀୟ ସୁରଭୀ କାର୍ଯ୍ୟକ୍ରମ ମଙ୍ଗଳବାର ବିନିକା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ତହସିଲଦାର ଅଲେଖ ଘୁଟା ଉଦ୍‌ଘାଟନ କରିଥିଲେ। ବିଇଓ ଶଶୀଭୂଷଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ତହସିଲଦାର ଘୁଟା, ସିଂଘିଯୁବା ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଏବିଇଓ ସନ୍ତୋଷ ସାହୁ, ବିନିକା ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ହୋତା, ବିନିକା ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭୀ କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏବିଇଓ ବସନ୍ତ ଭୋଇ ଅତିଥି ପରିଚୟ, ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ସଭା ସଂଯୋଜନା କରିଥିଲେ। ସୁରଭୀ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଲଷ୍ଟର ଅଧିନରେ ଥିବା ଶିକ୍ଷାନୁଷ୍ଠାନ ମାନଙ୍କରୁ ୨୫୦ଜଣ ଛାତ୍ରୀଛାତ୍ର ତର୍କ, ବିତର୍କ, ସୃଜନଶୀଳ ଲିଖନ, କୁଇଜ. ଚିତ୍ରାଙ୍କନ, ପ୍ରବନ୍ଧ, ହସ୍ତଶିଳ୍ପ ଆଦି ପ୍ରତିଯୋଗିତାରେ ଭାଗନେଇଥିଲେ। ସେହିପରି ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ମଧ୍ୟ ପ୍ରତିଯୋଗୀତାରେ ଭାଗ ନେଇ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତାମାନଙ୍କରେ ପ୍ରତି ବିଭାଗରୁ ପ୍ରଥମ, ଦ୍ୱିତୀୟ କରି ମୋଟ ୩୬ ଜଣଙ୍କୁ ଚୟନ କରାଯାଇ ଜିଲାସ୍ତରୀୟ ସୁରଭୀ କାର୍ଯ୍ୟକ୍ରମକୁ ମନୋନୀତ କରାଯାଇଛି ।

ଉଦ୍‌ଯାପନୀ ସମାରୋହରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ ମୁଖ୍ୟ ଅତିଥି, ବିନିକା ସିଆରସିସି ସଂଘ ସଭାପତି ଜୟନାରାୟଣ ପୂଝାରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଭାଗନେଇଥିବା ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି କୃଷ୍ଣଚନ୍ଦ୍ର ସାହୁ, ଅନନ୍ତ ପଣ୍ଡା, ସୁନୀଲ ସେଠୀ, ବାସୁଦେବ ପାଣିଗ୍ରାହୀ, ହାରାଧନ ବାବୁ, ପ୍ରେମାନନ୍ଦ ଦାଶ, ପ୍ରଦୀପ ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ଼ ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।

ଭୋଟର ତାଳିକା ସଂକ୍ଷିପ୍ତ ସଂଶୋଧନର ସମୀକ୍ଷା

## ବୁଥ୍ ସ୍ତରୀୟ ଏଜେଣ୍ଟ ଦେବାକୁ ରାଜନୈତିକ ଦଳକୁ ଅପିଲ

**ସୋନପୁର, ୩୦।୧୦(ନି.ପ୍ର.)**

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟ ଜାରି ରହିଛି। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଥିବାରୁ ଏହି କାର୍ଯ୍ୟର ବିଶେଷ ଗୁରୁତ୍ୱ ରହିଛି । ଏହି ପରିପ୍ରେକ୍ଷିରେ ନିର୍ବାଚନ କମିସନ ସୁବର୍ଣ୍ଣପୁର ଜିଲା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ସଚିବ ବିଶାଲ ଗଗନଙ୍କୁ ନିଯୁକ୍ତ ଦେଇଛନ୍ତି । ସଚିବ ସୋମବାର ଜିଲା ଗସ୍ତରେ ଆସି ସଂଶୋଧନ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ପ୍ରଶାସନିକ ଅଧିକାରୀ, ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ। ସଂଶୋଧନ ସମୟରେ ଦିବ୍ୟାଙ୍ଗମାନଙ୍କୁ ପଞ୍ଜିକୃତ କରିବା ପାଇଁ ବିଶେଷ ଦୃଷ୍ଟି ଦେବାକୁ ପର୍ଯ୍ୟବେକ୍ଷକ ଗୁରୁତ୍ୱ ଦେଇଥିଲେ। ତାଙ୍କ ଦ୍ୱାରା ଦାଖଲ ହୋଇଥିବା ଫର୍ମ ନଂ ୬ର ଡାଟାବେସ୍‌ରେ ସ୍ୱତନ୍ତ୍ର ରୂପେ ଚିହ୍ନିତ କରିବା ପାଇଁ କହିଥିଲେ। କାରଣ ମତଦାନ ସମୟରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇ ପାରିବ ବୋଲି ଭାରତର ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ସେପ୍ଟେମ୍ବର ୧ ତାରିଖଠାରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ରହିଛି ।

ଭାରତର ନିର୍ବାଚନ ଆୟୋଗଙ୍କ ସୂଚୀ ଅନୁସାରେ ୨୦୧୯ ଜାନୁୟାରୀ ପହିଲା ସୁଦ୍ଧା ୧୮ବର୍ଷରେ ପହଞ୍ଚିଥିବା ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ମୃତ ଭୋଟରଙ୍କୁ ତାଲିକାରୁ ବାଦ ଦେବା ଓ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଜାନୁୟାରୀ ୧ତାରିଖ ଜାତୀୟ ମତଦାତା ଦିବସ ପାଳନ ଅବସରରେ ନୂତନ ରୂପେ ପଞ୍ଜିକୃତ ଯୁବ ମତଦାତାଙ୍କୁ ମତଦାତା ପରିଚୟ ପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯିବ ବୋଲି ସଚିବ କହିଥିଲେ। ପୂର୍ବରୁ ଜିଲାର ଦୁଇଟି ନିର୍ବାଚନମଣ୍ଡଳୀ ବୀରମହାରାଜପୁର ଓ ସୋନପୁର ମିଶି ୫୭୫ଟି ବୁଥ ରହିଥିଲା। ମୋଟ ୪ ଲକ୍ଷ ୪୨ ହଜାର ୪୭୦ ମତଦାତା ଥିଲେ । ଜିଲାର ଲୋକ ସଂଖ୍ୟା ବୃଦ୍ଧି ପାଇଥିବାରୁ ଚଳିତ ଥର ଅଧିକ ୧୧ଟି ବୁଥ୍ ବୃଦ୍ଧି କରାଯାଇଛି। ପୂର୍ବରୁ ୬୪-ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ୨୬୧ଟି ବୁଥ୍ ରହିଥିବା ବେଳେ ଅଧିକ ୬ଟି ବୁଥ୍ ଓ ୬୫-ସୋନପୁର ନିର୍ବାଚନମଣ୍ଡଳୀରେ ପୂର୍ବରୁ ୩୧୪ଟି ବୁଥ୍ ଥିବା ବେଳେ ଅଧିକ ୫ଟି ବୁଥ୍ କରାଯାଇଛି। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ ଜିଲାରେ ମୋଟ ୫୮୬ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ପ୍ରଶାସନ ପକ୍ଷରୁ ସମସ୍ତ ବୁଥ୍ ଚେକିଂ କାର୍ଯ୍ୟ ଆରମ୍ଭ ହୋଇ ଯାଇଥିବା ବେଳେ ପାନୀୟ ଜଳ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ଅଛି କି ନାହିଁ ତାହାର କଡାକଡି ଯାଞ୍ଚ ହେଉଛି ବୋଲି ସୂଚନା ଦିଆଯାଇଥିଲା। ତେବେ ଜିଲାର ମୋଟ ୫୮୬ଟି ବୁଥ୍ ମଧ୍ୟରୁ ୧୮୬ଟି ବୁଥ୍‌ରେ ଆଦୌ ର୍ୟାମ୍ପ୍ ନାହିଁ। ୮ଟି ର୍ୟାମ୍ପ ଭାଙ୍ଗିରୁଜି ଯାଇଛି। ସେଗୁଡିକର ମରାମତି ଆବଶ୍ୟକ। ସମ୍ପୃକ୍ତ ବୁଥ୍‌ଗୁଡିକରେ ନୂତନ ର୍ୟାମ୍ପ ନିର୍ମାଣ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି। ରାଜନୈତିକ ଦଳ ଗୁଡିକ ବୁଥ୍ ଲେଭେଲ ଏଜେଣ୍ଟ ନିଯୁକ୍ତ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ବିଜେଡି ଓ ଭାଜପା ପକ୍ଷରୁ କିଛି ଏଜେଣ୍ଟଙ୍କ ନାମ ଦିଆଯାଇଛି। ସୋନପୁର ନିର୍ବାଚନମଣ୍ଡଳୀରେ କୌଣସି ଦଳ ଏଜେଣ୍ଟ ଦେଇନାହାନ୍ତି। ତେଣୁ ଶୀଘ୍ର ଏଜେଣ୍ଟ ଦେବାକୁ ପର୍ଯ୍ୟବେକ୍ଷକ ବିଶାଲ ଗଗନ ସବୁ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଅପିଲ କରିଥିଲେ। ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ମୁକ୍ତେଶ୍ୱର ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ସରୋଜ କମ୍ପ, ଉପସଭାପତି କଇରୁ ସ୍ୱାଇଁ, କଂଗ୍ରେସ ଜିଲା ସଭାପତି ଶଙ୍କର ଦାଶ, ଟାଉନ ସଭାପତି ସୁଧୀର କୁମାର ପଣ୍ଡା, ଭାଜପାର ଦିଲ୍ଲିପ ପୂଜାହାରୀଙ୍କ ସମେତ ଜିଲାର ସମସ୍ତ ବିଡିଓ ତହସିଲଦାର, ଅତିରିକ୍ତ ତହସିଲଦାର, ମ୍ୟୁନିସିପାଲିଟି ଓ ଏନଏସି ଇଓ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ପର୍ଯ୍ୟବେକ୍ଷକ ସୋନପୁର ସହରର ଆଦର୍ଶ ସ୍କୁଲ ବୁଥ୍ ଓ ବ୍ଲକର ହରଡଖୋଲ ବୁଥ୍ ପରିଦର୍ଶନରେ ଯାଇଥିଲେ ।




ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ବିଶାଲ ଗଗନ, ଜିଲାପାଳ ମଧୁସୂଦନ ମିଶ୍ର ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ।



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ହାଇଦ୍ରାବାଦରେ ଦାଦନ ଶ୍ରମିକ ମୃତ

ବରଗଡ଼ ଅଫିସ୍,୩୦।୧୦: ବରଗଡ଼ ଜିଲାରେ ଦାଦନ ସମସ୍ୟା ଥମିବାର ନାଁ ନେଉ ନାହିଁ । ଜିଲାର ମରୁଡ଼ି ପ୍ରପୀଡ଼ିତ କୁହାଯାଉଥିବା ପଦ୍ମପୁର ଉପଖଣ୍ଡରେ କେବଳ ଏହି ସମସ୍ୟା ସୀମିତ ରହିଛି, ତାହା ନୁହେଁ। ଜିଲାର ହୀରାକୁଦ ଜଳସେଚିତ ବରଗଡ଼ ଉପଖଣ୍ଡରେ ମଧ ଦାଦନ ସମସ୍ୟା ଲାଗି ରହିଛି । ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ବରମକେଲା(ପରମାଣପୁର)ର ଜଣେ ଯୁବକ ବୁଲୁ ଗରିଆ(୨୮) ରାଜ୍ୟ ବାହାର ତଥା ହାଇଦ୍ରାବାଦର ଅନନ୍ତପୁର ଜିଲା ତାଡ଼ିପତ୍ରିକୁ କାମ କରିବାକୁ ଯାଇଥିବ ବେଳେ ସଡ଼କ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି । ତାଙ୍କ ମୃତ୍ୟୁ ଖବର ପ୍ରଘଟ ହେବା ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ପ୍ରକାଶ ଯେ, ଉପରୋକ୍ତ ଗ୍ରାମର ମଣି ଗରିଆଙ୍କ ପୁଅ ନିଜ କେତେଜଣ ସାଙ୍ଗସାଥୀଙ୍କ ସହିତ ଗତ କିଛିମାସ ତଳେ ହାଇଦ୍ରାବାଦକୁ କର୍ମ ଅନ୍ୱେଷଣରେ ଯାଇଥିଲେ। ସେଠାକାର ତାଡ଼ିପତ୍ରିରେ ରହିଥିବା ଏକ ମାର୍ବଲ କାରଖାନାରେ ସେମାନେ କାମ କରୁଥିଲେ । ଗତ ନୂଆଁଖାଇ ବେଳକୁ ବୁଲୁ ଘରକୁ ଆସିଥିଲେ ଏବଂ ନୂଆଁଖାଇ ପରେ ପୁଣି ସେଠାକୁ କାମ କରିବାକୁ ଯାଇଥିଲେ। ତେବେ ୨୮ତାରିଖ କାରଖାନା କାମରେ ସେ ଏକ ସ୍କୁଟିରେ ଯାଉଥିବାବେଳେ ତାଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା ଏବଂ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା । ମୃତ ଯୁବକଙ୍କ ସାଙ୍ଗସାଥୀମାନେ ଏନେଇ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଏହା ସହିତ ବୁଲୁଙ୍କ ମୃତଦେହ ଧରି ଗ୍ରାମକୁ ଫେରୁଥିବା ଜଣାପଡ଼ିଛି । ମଙ୍ଗଳବାର ରାତି ସୁଦ୍ଧା ମୃତାଦେହ ଗାଁରେ ପହଞ୍ଚିବ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଖବର ଲେଖାହେବା ସୁଦ୍ଧା(ରାତି ସାଢ଼େ ୮ଟା ପର୍ଯ୍ୟନ୍ତ) ମୃତଦେହ ଗାଁରେ ପହଞ୍ଚି ପାରି ନଥିବା ସୂଚନା ମିଳିଛି । ଅନ୍ୟପଟେ ବୁଲୁଙ୍କ ଶେଷ ଦର୍ଶନ କରିବା ପାଇଁ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଚାହିଁ ବସିଛନ୍ତି ।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ପଦ୍ମପୁର,୩୦।୧୦(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଢ଼େନ ଥାନା ଝାଙ୍କରପାଲିରୁ ଗତ ୨୭ତାରିଖରୁ ନିଖୋଜ ଥିବା ଯୁବକ ଜଗ ବାଗ(୩୫)ଙ୍କ ମୃତଦେହକୁ ସୋମବାର ଉଦ୍ଧାର କରାଯାଇଛି। ଏ ନେଇ ବୁଢ଼େନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୫/୧୮) ରୁଜୁ କରି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି । ପ୍ରକାଶ ଯେ, ଯୁବକଙ୍କ ମୃତଦେହ ପଦ୍ମପୁର-ପାଟଣାଗଡ଼ ରାସ୍ତାର ଝାଙ୍କରପାଲି ନିକଟ କୁମୁଡ଼ିନାଲାରେ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ । ଏହାପରେ ମୃତକଙ୍କ ମା ନିଦ୍ରା ପୋଲିସରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲା ରୁଜୁ କରି ଏହାର ତଦନ୍ତ କରୁଛି।

### କ୍ୟାମ୍ପ କୋର୍ଟ, ୬ ମୁକୁଳିଲେ

ବରଗଡ଼ ଅଫିସ୍,୩୦।୧୦: ବରଗଡ଼ ସବ୍‌ଜେଲରେ ସୋମବାରଠାରୁ କ୍ୟାମ୍ପ କୋର୍ଟ ଚାଲିଛି । ଜିଲାଜଜ୍ ସୁଦୀପ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଚାଲିଥିବା କ୍ୟାମ୍ପ କୋର୍ଟରେ ମଙ୍ଗଳବାର ସୁଦ୍ଧା ୬ବିଚାରାଧୀନ ବନ୍ଦୀ ଜେଲରୁ ମୁକ୍ତ ହୋଇଛନ୍ତି । ସୋମବାର ୫ଜଣ ଏବଂ ମଙ୍ଗଳବାର ଜଣେ ବିଚାରାଧୀନ ବନ୍ଦୀ ମୁକୁଳିଥିବା ସୂଚନା ମିଳିଛି । ସେମାନଙ୍କ ମଧ୍ରୁ ବରପାଲି କୋର୍ଟରେ ୪, ଅତାବିରା ଗ୍ରାମ୍ୟ ନ୍ୟାୟାଳୟରେ ଜଣେ ଏବଂ ବରଗଡ଼ ଏସଡ଼ିଜେଏମ କୋର୍ଟରେ ଜଣଙ୍କର ମାମଲା ବିଚାରଧୀନ ରହିଛି । କ୍ୟାମ୍ପ କୋର୍ଟ ପରିଚାଳନାରେ ବରଗଡ଼ ସବ୍‌ଜେଲ ଅଧୀକ୍ଷକ ନିଲୀମା କୁଲୁ ସହଯୋଗ କରିଥିଲେ ।

### ସେମିଫାଇନାଲରେ ୟୁନାଇଟେଡ୍ ସ୍ପୋର୍ଟ୍ସ

ବରଗଡ଼ ଅଫିସ୍,୩୦।୧୦: ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟ୍ସ ପ୍ରତିପକ୍ଷ ବ୍ରାହ୍ମଣୀପାଲିକୁ ୧-୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ୟୁନାଇଟେଡ୍ ସ୍ପୋର୍ଟ୍ସର ଶୁକ୍ରୁ ବେହେରା ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରତିପକ୍ଷ ଖେଳାଳିମାନେ ବାରମ୍ବା ସୁଯୋଗ ପାଇଥିଲେ ମଧ ମ୍ୟାଚ ଶେଷ ସୁଦ୍ଧା ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ନ ଥିଲେ। ସନ୍ତୋଷ ପ୍ରଧାନ, ଅଶ୍ୱିନୀ ମେହେର, ଚିତ୍ତ ପାଣ୍ଡେ, ନିରଞ୍ଜନ ମହାକୁର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ । ବୁଧବାର କଦଲୀପାଲି ଓ ବରଗାଁ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

# ନୈତିକତା ସ୍ତର ବଢ଼ିଲେ ଦୁର୍ନୀତି ହଟିବ

ବରଗଡ଼ ଅଫିସ୍,୩୦।୧୦

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଦୁର୍ନୀତି ଦୂରୀକରଣ, ନବଭାରତ ନିର୍ମାଣ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି, ଏସ୍‌ପି ମୁକେଶ କୁମାର ଭାମୁ ସମ୍ମାନିତ ଅତିଥି, ଆଡ଼ଭୋକେଟ୍ ଶରତ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ନୀତି ଦୂରୀକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରି ନୈତିକତାରସ୍ତର ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିଥିଲେ ।



ଆଲୋଚନାଚକ୍ରରେ ବରଗଡ଼ ଜିଲାପାଳ ବକ୍ତବ୍ୟ ରଖୁଛନ୍ତି।

ଛାତ୍ର ଜୀବନରୁ ଯଦି ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ସହିତ ସ୍ୱଚ୍ଛତା ଓ ସାଧୁତା ଉପରେ ଗୁରୁତ୍ୱ ଦିଆଯାଇ ପାରିବ, ତେବେ ସମାଜର ବିକାଶ ସହିତ ଦୁର୍ନୀତିକୁ ଦୂର କରାଯାଇ ପାରିବ ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା । ଦୁର୍ନୀତି ଆମ ବିକାଶରେ ବାଧକ, ଫଳରେ ବ୍ୟକ୍ତିତ୍ୱ ପରିବର୍ତ୍ତନ କରି ନିଜେ ସ୍ୱଚ୍ଛ ହେଲେ ସମାଜର ପ୍ରତ୍ୟେକସ୍ତରରୁ ଏହାକୁ ଦୂର କରାଯାଇ ପାରିବ ବୋଲି ଛାତ୍ରୀ ଓଜସ୍ୱିନୀ ବାରିକ, ବଂଶକା ଅଗ୍ରୱାଲ, ଲୋମା ସାହୁ ଏବଂ ଛାତ୍ର ଅକ୍ଷୟ ସାହୁ ତାଙ୍କ ଅଭିମତ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା ।

ସ୍କୁଲସ୍ତରୀୟ ଓଡ଼ିଆ ଡିବେଟ୍‌ରେ ଓଜସ୍ୱିନୀ ବାରିକ, ପୂଜାରାଣୀ ପଣ୍ଡା, ଜ୍ୟୋତିରଞ୍ଜନ ସାହୁ, ପ୍ରବନ୍ଧ ପ୍ରତିଯୋଗିତାରେ ମୋନାଲିସା ପଟେଲ, ସୁପ୍ରିୟା ସ୍ୱାଇଁ, ପ୍ରଜ୍ଞା ପରମିତା ପ୍ରଧାନ, ଇଂଲିଶ ଡିବେଟ୍‌ରେ ବଂଶିକା ଅଗ୍ରୱାଲ, ଦିବ୍ୟାଶ୍ରୀ ବିଜୟିନୀ ସାହୁ, ଲିପ୍‌ସା ପ୍ରଧାନ ଓ ଶିବାନୀ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି କଲେଜସ୍ତରୀୟ ଓଡ଼ିଆ ଡିବେଟ୍‌ରେ ଶଶାଙ୍କ ମାହାଣା, ତାପସ ରାୟ, ଅକ୍ଷୟ କୁମାର ସାହୁ, ଇଂଲିଶ ଡିବେଟ୍‌ରେ ଲୋମା ସାହୁ, ସୌମ୍ୟା ମହାନ୍ତି, ଅସ୍ମି ଅଗ୍ରୱାଲ, ଦୀକ୍ଷା ମଖିଜା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ମୁଖ୍ୟଅତିଥି ତ୍ରିପାଠୀ ସେମାନଙ୍କୁ ପୁରସ୍କୃତ କରିଥିଲେ। ବୈଠକରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ପଞ୍ଚାୟତ କଲେଜ, ମହିଳା କଲେଜ, ଟ୍ରଷ୍ଟଫଣ୍ଡ କଲେଜ ଏବଂ ଅନ୍ୟ ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବରପାଲି କାଳୀପୂଜା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବରପାଲି,୩୦।୧୦(ଡି.ଏନ.ଏ.)

ବରପାଲି ଶ୍ୟାମା ଛକରେ ଚଳିତ ବର୍ଷ ସାର୍ବଜନୀନ କାଳୀପୂଜାର ୫୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣଜୟନ୍ତୀ ଉତ୍ସବ ପାଳନ କରାଯିବା ନେଇ ସୋମବାର ରାତିରେ ସଭାପତି ପର୍ଶୁରାମ ଦାଶଙ୍କ ଅଧ୍ୟକ୍ଷତାରେ ଶ୍ୟାମ ମ୍ୟୁଜିକାଲସ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା କରାଯିବା ସହ ପୂଜା କାର୍ଯ୍ୟ, ସାଜସଜ୍ଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇଥିଲା। ଏପରି କି ୩ ଦିନ ଧରି ହେବାକୁ ଥିବା ପୂଜା ମହୋତ୍ସବରେ ୮ଲକ୍ଷ ଟଙ୍କା ବ୍ୟାୟ ଅଟକଳ ରହିଥିବା କୁହାଯାଇଥିଲା। ଉତ୍ସବରେ ବିରୋଧି ଦଳ ନେତା, ମନ୍ତ୍ରୀ ଓ ବିଧାୟକଙ୍କ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସଭାପତି ଦାଶ ପ୍ରକାଶ କରିଥିଲେ। ଉତ୍ସବର ୮ତାରିଖରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ ଏବଂ ଅଶ୍ୱିନୀ ଷଡଙ୍ଗୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ୯ ତାରିଖରେ ବିରୋଧି ଦଳ ନେତା ନରସିଂହ ମିଶ୍ର, ଝାରସୁଗୁଡ଼ା ବିଧାୟକ ନବ ଦାଶ ଏବଂ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ୧୦ ତାରିଖରେ ମନ୍ତ୍ରୀ ସୁଶାନ୍ତ ସିଂ, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ବିଧାୟିକା ରୀତା ସାହୁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଡ. ରାଧେଶ୍ୟାମ ଅଗ୍ରୱାଲ, ପର୍ଶୁ ଦାଶ, ଉମେଶ ଚନ୍ଦ୍ର ଦାଶ, ବୁଲୁ ସ୍ୱାଇଁ, ମୁନୁ ସ୍ୱାଇଁ, ଧିରେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ବ୍ଲକ ଅଫିସ ଘେରାଉ

ବରଗଡ଼ ଅଫିସ୍ / ସରଣ୍ଡା,୩୦।୧୦

ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ମଙ୍ଗଳବାର ବରଗଡ଼ ବ୍ଲକ ଅଫିସ ଘେରାଉ କରାଯାଇଥିଲା । ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ବିରୋଧ କରି ଭାଜପା ଏଭଳି ଆନ୍ଦୋଳନ କରିଥିଲା । ଏହି ପରିପ୍ରେକ୍ଷୀରେ ଭାଜପା କର୍ମୀମାନେ ସ୍ଥାନୀୟ ଲୋକମଣ୍ଡପ ପଡ଼ିଆରେ ସମବେତ ହୋଇଥିଲେ। ସେଠାରୁ ଏକ ରାଲିରେ ଦଳୀୟ କର୍ମୀମାନେ ବ୍ଲକ ଅଫିସ ଅଭିମୁଖେ ଆସିଥିଲେ । ସେମାନେ ବ୍ଲକ ଅଫିସ ପହଞ୍ଚିବା ପୂର୍ବରୁ ପୋଲିସ ବ୍ଲକ ଅଫିସର ମୁଖ୍ୟ ଫାଟକକୁ ବନ୍ଦ କରି ଦେଇଥିଲା । ଫଳରେ ଭାଜପା ନେତା, କର୍ମୀମାନେ ଫାଟକ ସମ୍ମୁଖରେ ବସି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ବ୍ଲକ ଅଫିସ ସମ୍ମୁଖ ରାସ୍ତା ଉପରେ ମଧ୍ୟ ସେମାନେ ବସି ରହିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଦଳର ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା ସୁରେଶ୍ୱର ଶତପଥୀ, ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ପ୍ରୀତମ ସିଂ, ଅବନୀକାନ୍ତ ପଣ୍ଡା, ନବକିଶୋର ପାଣିଗ୍ରାହୀ, ଡା. ସୁବଳ କର, କିଶୋର ଦାଶ, ଶଙ୍କର ଖାଲକୋ ପ୍ରମୁଖ ଉଦବୋଧନ ଦେଇ ରାଜ୍ୟ ସରକାର ପି.ସି କାରବାର, ଗୁଣ୍ଡାଗର୍ଦ୍ଦିରେ ମାତି ରହିଥିବା କହିଥିଲେ । ଉକ୍ତ କାଯର୍‌ୟକ୍ରମରେ ଯୁବନେତା ସୁବ୍ରତ ହୋତା, ଈଶ୍ୱର ବାଗ, ବିଜୟ ଦାଶ, ମୀନା ସରାଫ, ପୂଜା ମହାପାତ୍ର, ସୀମା ସିଂ, ଦୀପାଳୀ ପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ସେହିପରି ଅତାବିରାରେ ମଧ ଭାଜପା ପକ୍ଷରୁ ବ୍ଲକ ଅଫିସ ଘେରାଉ କରାଯାଇଥିଲା। ନଗର ସଭାପତି ସଞ୍ଜିବ ପରିଜାଙ୍କ ନେତୃତ୍ୱରେ ହୋଇଥିବା ଏହି କାଯର୍‌ୟକ୍ରମରେ ପୂର୍ବତନ ବିଧାୟକ କୁମର ବେହେରା, ବିଧାନସଭା ପ୍ରଭାରୀ ଅଶୋକ ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ଜିଲା ଉପସଭାପତି ଚିତ୍ତରଞ୍ଜନ ଭୋଇ, ରବିନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ଯୁବରାଜ ପ୍ରଧାନ, ବିଳାସିନୀ ମେହେର, ପ୍ରଭାତୀ ଭୋଇ, ଯୁବନେତା ଲିପସିତ ମିଶ୍ର, ଜିଲା କୃଷକ ମୋର୍ଚ୍ଚା ସଭାପତି ଦିବ୍ୟକିଶୋର ଭୋଇ, ପୁଷ୍ପାବତୀ ସେଟ, ସୁଶାନ୍ତ ମିଶ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।





ଭାଜପାର ବରଗଡ଼ ବ୍ଲକ ଅଫିସ ଘେରାଉରେ ଶିଶୁମାନେ ମଧ୍ୟ ସାମିଲ ହୋଇଛନ୍ତି (ବାମ)। ବରଗଡ଼ ବ୍ଲକ ଅଫିସ ଘେରାଉ ପାଇଁ ଭାଜପା କର୍ମୀମାନେ ରାଲିରେ ଯାଉଛନ୍ତି ।

■ବିଜେପୁର ବାଳିକା ଉଚ୍ଚ ବିଦ୍ୟାଳୟ ଅବ୍ୟବସ୍ଥା ଘଟଣା

# ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ବିଜେପୁର,୩୦।୧୦(ଡି.ଏନ୍.ଏ)

ବରଗଡ଼ ଜିଲା ବିଜେପୁର ଏନ୍‌ଏସି ସଦର ସରକାରୀ ବାଳିକା ହାଇସ୍କୁଲରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଥିଲା। ଅଭିଭାବକମାନଙ୍କ ସହ ଛାତ୍ରୀମାନେ ହୋଇ ସ୍କୁଲ ଫାଟକରେ ମଙ୍ଗଳବାର ତାଲା ପକାଇ ଧାରଣାରେ ବସିଥିଲେ। ଜିଲାପାଳ ଇନ୍ଦ୍ରମଣୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରାକର ଘଟଣା ସ୍ଥଳରେ ପହଞ୍ଚି ନିର୍ଭର ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ସାଢ଼େ ୪ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ବୁଧବାରଠାରୁ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ନିୟମିତ ଭାବରେ ନିଯୁକ୍ତ କରିବା ସହ ସପ୍ତାହକୁ ୩ ଦିନ ଜଣେ କ୍ଲାସିକାଲ ଶିକ୍ଷକ ଶିକ୍ଷାଦାନ କରିବେ। ବିଦ୍ୟାଳୟରେ ରହିଥିବା ପାନୀୟ ଜଳ ସମସ୍ୟାକୁ ମଧ ଯଥାଶୀଘ୍ର ସମାଧାନ କରାଯିବ। ପୂର୍ବରୁ ଏଠାରେ ନିଯୁକ୍ତ ଥିବା କିରାଣୀଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଫେରାଇ ନିଆଯିବ। ସ୍କୁଲ କୋଠାର ସୁବ୍ୟବସ୍ଥା ପାଇଁ ଆରଡି ବିଭାଗ ସହିତ ଯୋଗାଯୋଗ କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଦୌଲତ ଚନ୍ଦ୍ରାକର ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୋର୍ଡ ପରୀକ୍ଷା ସମୟରେ ପ୍ରିୟାପ୍ରୀତି ତୋଷଣ ନୀତି ଚାଲୁଥିବାରୁ ଚଳିତ ଶିକ୍ଷା ବର୍ଷରେ ବାଳିକା ହାଇସ୍କୁଲର ପରୀକ୍ଷା କେନ୍ଦ୍ର ଅନ୍ୟତ୍ର କରିବାକୁ ଛାତ୍ରୀମାନେ ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଏହି ସଦର ମହକୁମାରେ ରହିଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଶିକ୍ଷକଙ୍କୁ ନିଯୁକ୍ତ କରାଯାଉଥିବା ସ୍ଥଳେ ବ୍ଲକର ଏକମାତ୍ର ବାଳିକା ହାଇସ୍କୁଲ ପ୍ରତି ପ୍ରଶାସନର ଚରମ ଅବହେଳା ପାଇଁ ଅଭିଭାବକମାନେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପଦ୍ମନାଭ ସାମନ୍ତରାୟ, ବିଇଓ ରମାକାନ୍ତ ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ। ରବୀନ୍ଦ୍ର ପ୍ରଧାନ, ଦିଲୀପ ମାହାଣା, ବିଜୟ ବେଶ୍ରା, ସାଧୁ ମେହେର, ଲୋଚନ କୁଦେଇ ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ।

# ବିଷପିଇ ଜୀବନ ହାରିଲେ ଯୁବଚାଷୀ

ବରଗଡ଼ ଅଫିସ୍/ବୁର୍ଲା,୩୦।୧୦

ବରଗଡ଼ ଜିଲା ଅତାବିରା ଥାନା ଲୁରୁପାଲି ଗ୍ରାମର ଜଣେ ଯୁବଚାଷୀ ଅଶୋକ ମେହେର(୪୦)ଙ୍କ ମଙ୍ଗଳବାର ଚିକିତ୍ସାଧିନ ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଫସଲ କ୍ଷତି ଏବଂ ଋଣବୋଝ ଚିନ୍ତାରେ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ମୃତକଙ୍କ ଭାଇ ବାବୁଲାଲ ଅଭିଯୋଗ କରିଛନ୍ତି । ଏ ନେଇ ବୁର୍ଲା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯୨୦/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

ମିଳିଥିବା ସୂଚନା ମୁତାବକ, ଲୁରୁପାଲି ଗ୍ରାମର ନିରଞ୍ଜନ ମେହେରଙ୍କ ପୁଅ ଅଶୋକ ସାଢ଼େ ୩ ଏକର ଜମି ଭାଗରେ ନେଇ ଧାନ ଚାଷ କରିଥିଲେ। ଏଥିପାଇଁ ସେ ୧ଲକ୍ଷ ଟଙ୍କାରୁ ଅଧିକ ହାତ ଉଧାରୀ ନେଇ ଖର୍ଚ୍ଚରେ କରିଥିଲେ । ତେବେ ଚକଡ଼ା ସମେତ ବିଭିନ୍ନ ରୋଗପୋକରେ ଧାନ ଫସଲ ଉଜୁଡ଼ି ଯାଇଥିଲା । ଫଳରେ ସେ ଋଣ ପରିଶୋଧ ଚିନ୍ତାରେ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ୧୬ତାରିଖରେ ଅଶୋକ ପରିବାର ଲୋକଙ୍କ ଅନୁପସ୍ଥିତିରେ ଘରେ ଥିବା କୀଟନାଶକ ପିଇ ଗୁରୁତର ହୋଇ ପଡିଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

# ଭେଡ଼େନ ବ୍ଲକରେ ବିଜେଡିର ପଦଯାତ୍ରା

ଭେଡ଼େନ,୩୦।୧୦(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ବକଟି ପଞ୍ଚାୟତ ସେନାପତିଟିକ୍ରା ଗ୍ରାମରୁ ବକଟି ପର୍ଯ୍ୟନ୍ତ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ବକଟିରେ ପହଞ୍ଚିବା ପରେ ଯୁବ ବାହିନୀ ସଂଯୋଜକ ଅରବିନ୍ଦ ହୋତାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବରଗଡ଼ ଏମ୍‌ପି ପ୍ରଭାସ ସିଂ, ମାର୍କଫେଡ଼ ଅଧ୍ୟକ୍ଷ ବିଭୁଦତ୍ତ ପ୍ରଧାନ, ଭେଡ଼େନ ବ୍ଲକ ବିଜେଡ଼ି ସଭାପତି ତଥା ଆତ୍ମା କମିଟି ଅଧ୍ୟକ୍ଷ ହରିଶଙ୍କର ବେହେରା, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡୋଳାମଣି କ୍ଷେତି, ଜିଲାପରିଷଦ ସଭ୍ୟ ସୁବାସ ହୋତା, ପୂର୍ବତନ ସଭ୍ୟ ରଣଜିତ ଭୋଇ, ଏମ୍‌ପିଙ୍କ ପ୍ରତିନିଧି ତୁଷବନ୍ତ ବେହେରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଗୈନ୍ତିଆ ଓକିଲ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପଦଯାତ୍ରାରେ ବକଟି ତଥା ନିକଟବର୍ତ୍ତି ପଞ୍ଚାୟତର ବହୁ ମହିଳା ପୁରୁଷ ଯୋଗଦେଇଥିଲେ। ଏହି ଅବସରରେ ଛନାପତିଟିକ୍ରା ମା' ମେଟାକାନୀ କଲ୍ୟାଣ ମଣ୍ଡପ, ବକଟି ହାଇସ୍କୁଲର ନୂତନ ଶ୍ରେଣୀଗୃହ, ହରିଜନପଡ଼ା କରମସାନୀ ମଣ୍ଡପ, ମା' ସମଲେଶ୍ୱରୀ କଲ୍ୟାଣ ମଣ୍ଡପ, ମା' ମାହେଶ୍ୱରୀ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାସହ ଅଙ୍ଗନୱାଡ଼ି କେନ୍ଦ୍ରର ଲୋକାର୍ପଣ ହୋଇଥିଲ। ନାଗବାଚା ମନ୍ଦିର ନିର୍ମାଣ, ବନ୍ଧପଡ଼ା କମ୍ୟୁନିଟି ହଲ ନିର୍ମାଣ ପାଇଁ ଅର୍ଥ ଅନୁଦାନ ଘୋଷଣା କରାଯାଇଥିଲା।

# ଚିକିତ୍ସା ଲାଗି ପ୍ରିୟଙ୍କା ଯିବେ ଟାଟା ମେମୋରିଆଲ



ବରଗଡ଼ ଜିଲାପାଳ ପ୍ରିୟଙ୍କାର ବାପାକେ ଚିକିତ୍ସା ସାହାଯ୍ ବାବ୍‌ଦେ ଚେକ୍ ଦେଉଛନ୍।

ବରଗଡ଼ ଅଫିସ,୩୦।୧୦

ବରଗଡ଼ ଜିଲା ଗାଇସିଲେଟ ବ୍ଲକ୍ ବଇଦପାଲି ଗାଁର କାଞ୍ଚନୀ ଆର୍ ଧବଳେଶ୍ୱର ସାହୁକଁର କର୍କଟ ରୋଗ୍‌ରେ ପୀଡ଼ିତ୍ ଝି ପ୍ରିୟଙ୍କା(୮)କୁଁ ସହଯୋଗ୍‌ର ହାତ୍ ବଢ଼ିଛେ। ଚିକିତ୍ସା ଲାଗି ଜିଲା ପର୍‌ଶାସନ ଆର୍ କେତେ ସହୃଦ୍ ସ୍ୱେଚ୍ଛାସେବୀ ପ୍ରିୟଙ୍କାକୁଁ ସହଯୋଗର ହାତ୍ ବଢ଼େଇଛନ୍। ମଙ୍ଗଳବାର ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଚିକିତ୍ସା ସାହାଯ୍ ଲାଗି ପ୍ରିୟଙ୍କାକଁର ବାପା ଧବଳେଶ୍ୱରକୁଁ ୩୦ ହଜାର ଟଁକାର ଚେକ୍ ଦେଇଛନ୍। ସେନ୍‌ତା ସ୍ୱେଚ୍ଛାସେବୀ ଗୋବିନ୍ଦ ନାଗ ୧ ହଜାର, ଅଶୋକ ବେହେରା ୧୧୦୦ ଟଁକାର ସାହାଯ୍ ଦେଇଛନ୍। ଦିନାକେତ ଉତାରୁ ଚିକିତ୍ସା ଲାଗି ପ୍ରିୟଙ୍କାକେ ଧରି ପରିବାର ଲୋକ୍ ଟାଟା ମେମୋରିଆଲ ହାସ୍‌ପାତାଲକେ ଯିବେ ବଲି କହିଛନ୍।

ଖବର ହିସାବେ, ପ୍ରିୟଙ୍କାର ଭୁଜ୍‌ନି ଆଏଁଖିଥି ଗୁଟେ ଟ୍ୟୁମର ହେଇଥିଲା, ଯେନ୍‌ଥିରଲାଗି ଆଏଁଖ୍‌ଟା ଅସୁଆଭାବିକ୍ ଭାବେ ବଢୁଥିଲା। ଚିକିତ୍ସା ଲାଗି ପରିବାର ଲୋକ୍ ତାହାକୁ ଭୁବନେଶ୍ୱରର ଏଲ୍.ବି ପ୍ରସାଦ ଆଁଖି ଡାକ୍‌ତରଖାନାକେ ନେଇଥିଲେ, ସେଠାନେ ପ୍ରିୟଙ୍କାର ଆଏଁଖ୍ କର୍କଟ ରୋଗ୍‌ରେ ଆକ୍‌ରାଁତ ଥିବାର ଜାନ୍‌ବାକେ ପାଇଥିଲେ। ତା'ପରେ ପ୍ରିୟଙ୍କାକେ କଟକ ଆଚାର୍ଯ୍ୟ ହରିହର କ୍ୟାନସର ହାସ୍‌ପାତାଲରେ ଭର୍‌ତି କରିଥିଲେ। ହେଲେ ସେଠାନେ ଚିକିତ୍ସା କଲା ଉତାରୁ ବି ସୁଫଲ୍ ନାଇଁ ମିଲ୍‌ଲା। ଡାକ୍‌ତରମାନେ ପ୍ରିୟଙ୍କାର ଉଚ ଚିକିତ୍ସା ଲାଗି ପରାମର୍ଶ୍ ଦେଇଥିଲେ। ହେଲେ ଝି'ର ଉଚ ଚିକିତ୍ସା ଲାଗି ଟିଭି ମରାମତି କରି ନିଜର କୁଟୁମ୍ ପୁଷୁଥିବାର ଧବଳେଶ୍ୱରକୁଁ ଟଁକା ଯୁଗାଡ କରବାରେ ବହୁତ୍ ଭିଡ୍ ହେଇଥିଲା। ଯେନ୍‌ଥିରଲାଗି ସେ ଝି'ର ଚିକିତ୍ସା ସାହାଯ୍ ଲାଗି ଗଲା ୨୨ ତାରିଖ୍ ବରଗଡ଼ ଜିଲାପାଲକୁଁ ଫେରାଦ ହେଇଥିଲେ। ଇ ବାବ୍‌ଦେ ଗଲା ୨୩ ତାରିଖ୍ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଶିଶୁକନ୍ୟାର ଆଖିରେ କର୍କଟ' ଶିର୍‌ଷକ୍‌ରେ ଖବର ବାହାରିଥିଲା।

# ବ୍ଲକ ଭାଜପା ପକ୍ଷରୁ ବିଜେପୁର ବ୍ଲକ ଘେରାଉ

ବିଜେପୁର, ୩୦।୧୦ (ଡି.ଏନ.ଏ)

ଦୁର୍ନିତୀ, ଭ୍ରଷ୍ଟାଚାର, ପିସି କାରବାର ବନ୍ଦ ପ୍ରତିବାଦରେ ବରଗଡ ଜିଲା ବିଜେପୁର ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାର ବ୍ଲକ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ନେତା ଓ କର୍ମୀମାନେ ବିଜେପୁର ବରଗଡ ରାସ୍ତା ସ୍ଥିତ ଏକ ପେଟ୍ରୋଲ ପମ୍ପରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପୂର୍ବତନ ବିଧାୟକ ଅଶୋକ କୁମାର ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନତ କୁମାର ଗଡତିଆ, ଶକୁନ୍ତଳା ମହାପାତ୍ର, ପ୍ରଭାରୀ ସଞ୍ଜିବ ମହାପାତ୍ର, ଜିଲା ଉପସଭାପତି ପ୍ରବୀଣ ପାଣିଗ୍ରାହୀ, ମଣ୍ଡଳ ସଭାପତି ଯୋଗେନ୍ଦ୍ର ପଧାନ ଓ ଦିବାକର ଧରୁଆ, ହଳପାଣି ମାଝୀ ପ୍ରମୁଖ ପ୍ରତିବାଦ ସଭାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଅଚ୍ୟୁତା ନନ୍ଦ ଦାଶ ଏହି ପ୍ରତିବାଦ ସଭାକୁ ସଂଯୋଜନା କରିଥିଲେ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ୨ ଗିରଫ

ପଦ୍ମପୁର,୩୦।୧୦(ଡି.ଏନ୍.ଏ.)- ପଦ୍ମପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୨ ଲିଟର ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଦ୍ମପୁର ବଡପଡ଼ାର ଶିବ ଶଙ୍କର ସେଠ ଏବଂ କୃଷ୍ଣ ମାଝି। ମିଳିଥିବା ସୂଚନା ମୁତାବକ, ପଦ୍ମପୁର ଅଞ୍ଚଳରେ ବେଆଇନ ମଦ କାରବାର ହେଉଥିବା ନେଇ ଅଭିଯୋଗ ହେଉଥିଲା। ଏନେଇ ବରଗଡ଼ ଅବକାରୀ ଅଧିକ୍ଷକ ପ୍ରଦୀପ ରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପଦ୍ମପୁର ଅବକାରୀ ନିରୀକ୍ଷକ ରାଜେନ୍ଦ୍ର କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ରାମଚନ୍ଦ୍ର ତନ୍ତୀ, ଏଏସ୍‌ଆଇ ସୁରେଶ ଚନ୍ଦ୍ର ଭୋଇ, କନଷ୍ଟେବଲ କେନାଲୁ ଭୋଇ, ବିନୋଦ କୁମାର ତିର୍କି, ତାରାକାନ୍ତି ଭୁଆ, ଡ୍ରାଇଭର କାକେଶ ସାହୁ ପ୍ରମୁଖ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଅଧିକାରୀମାନେ ପଦ୍ମପୁର-ସୋହେଲା ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ଏକ ନମ୍ବର ବିହୀନ ଏକ ବାଇକ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଅଧିକାରମାନେ ଯାଞ୍ଚ ବେଳେ ୧୨ ଲିଟର ମଦ ଜବତ କରିବା ସହ ଶିବ ଶଙ୍କର ଏବଂ କୃଷ୍ଣଙ୍କୁ ଧରିବାରେ ସଫଳ ହୋଇଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କଣାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ପାଇକମାଲ, ଝାରବନ୍ଧ ବ୍ଲକ ଅଞ୍ଚଳରେ ହାତୀ ଆତଙ୍କ

**ପାଇକମାଲ ୩୦।୧୦ (ଡି.ଏନ୍.ଏ.)**

ଗତ ୨ସପ୍ତାହ ହେଲା ପାଇକମାଲ, ଝାରବନ୍ଧ ବ୍ଲକ ଅଞ୍ଚଳରେ ହାତୀ ଆତଙ୍କ ଦେଖା ଦେଇଛି । ୭ଦିନ ମଧ୍ୟରେ ହାତୀ ଆକ୍ରମଣରେ ୨ବ୍ଲକର ୩ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ସନ୍ଧ୍ୟା ହେଲେ ଅଞ୍ଚଳରେ ଏକପ୍ରକାର ଭୟର ବାତାବରଣ ଖେଳିଯାଉଛି। ଲୋକେ ଘରୁ ବାହାରକୁ ବାହାରୁ ନାହାନ୍ତି। ଏନେଇ ବନ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ଦନ୍ତା ହାତୀଟି ଦଳରୁ ଅଲଗା ହୋଇ ଏପରି ଅଘଟଣ ଘଟାଉଥିବା ବେଳେ ଓ ଅନ୍ୟ ହାତୀମାନଙ୍କୁ

- ଫ୍ରେଜରପୁର ଆଦର୍ଶ ବିଦ୍ୟାଳୟ ୨ଦିନ ଛୁଟି ଘୋଷଣା
- ବନ ବିଭାଗ ଏବଂ କୃଷକ ସଂଘର ଆଲୋଚନା ବିଫଳ
- ଆଜି କୃଷକ ସଂଘର ରାସ୍ତାରୋକୋ ଆନ୍ଦୋଳନ

ଛତିଶଗଡ଼ ଅଞ୍ଚଳକୁ ଘଉଡାଇ ଦିଆଯାଇଥିବା କହିଛନ୍ତି। ହାତୀ ଆତଙ୍କ ଯୋଗୁ ପାଇକମାଲ ବ୍ଲକ କେଛୋଦାଦର ପଞ୍ଚାୟତ ଫ୍ରେଜରପୁରରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ବରଗଡ଼ ଜିଲାପାଳ ମଙ୍ଗଳବାର ଓ ବୁଧବାର ୨ଦିନ ଛୁଟି ଘୋଷଣା କରିଛନ୍ତି।



ବରତୁଣ୍ଡାଠାରେ ମାଣ୍ଡୋସିଲ କୃଷକ ସଂଘ ଏବଂ ବନବିଭାଗ ଅଧିକାରୀଙ୍କ ମଧ୍ୟରେ ଆଲୋଚନା କରାଯାଉଛି।

ଏହି ଅବସରରେ ମଙ୍ଗଳବାର ବରତୁଣ୍ଡାଠାରେ ମାଣ୍ଡୋସିଲ କୃଷକ ସଂଘ ଏବଂ ବନବିଭାଗ ଅଧିକାରୀଙ୍କ ମଧ୍ୟରେ ହାତୀ ଉପଦ୍ରବ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସଂଘର କର୍ମକର୍ତ୍ତାମାନେ ବନ ବିଭାଗର ଅବହେଳା ଯୋଗୁ ଅଞ୍ଚଳର ୩ଜଣ ଚାଷୀଙ୍କ ଜୀବନ ଯାଇଥିବା ଅଭିଯୋଗ କରିଥିଲେ। ଏପରି କି ଶତାଧିକ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବା ଅଭିଯୋଗ କରାଯାଇଥିଲା। ବନ ବିଭାଗ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ହେଲେ ଆଲୋଚନାରେ ବନ ବିଭାଗ ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏନେଇ ବୁଧବାର ପାଇକମାଲ-ନୂଆପଡ଼ା ରାସ୍ତା ଅବରୋଧ କରାଯିବ ବୋଲି ନରସିଂହ ବନଛୋର କହିଛନ୍ତି। ଆଲୋଚନାରେ ଗିରିଶ ଚନ୍ଦ୍ର ଡନସନା, ରାଜୀନ୍ଦ୍ର ପ୍ରଧାନ, ବରତୁଣ୍ଡା ସରପଞ୍ଚ ଜୟନ୍ତୀ ପୁଟା, ପାଇକମାଲ ରେଞ୍ଜର କେ.ସି. ଦଳବେହେରା, ନୃସିଂହନାଥ ରେଞ୍ଜର ଧ୍ରୁବଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜବୋଡ଼ାସମ୍ବର ବ୍ଲକର ମହାସମନ୍ୱୟ ମେଳା

- ୬୭ ଗୋଟି ଗ୍ରୁପକୁ ୧କୋଟି ୬୭ ଲକ୍ଷ ଋଣ ମଞ୍ଜୁର

**ପଦ୍ମପୁର, ୩୦।୧୦ (ଡି.ଏନ୍.ଏ.)**

ଓଡ଼ିଶା ଜୀବିକା ମିଶନ ପଦ୍ମପୁର ଆନୁକୂଲ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ଏକ ମହାସମନ୍ୱୟ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜବୋଡାସମ୍ବର ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନୁ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପ୍ରକଳ୍ପ ପରିଚାଳକ ଶଙ୍କର ଚଳାନ, ଆର୍ଥିକ ପରାମର୍ଶ ଦାତା କିଶୋର ଚନ୍ଦ୍ର ପଣ୍ଡା, ୱାପି ଅଭିଶେକ କୁମାର, ହିନା ଶର୍ମା, ପିଏ ଝସକେତନ ବାରିକ, ଲଖମରା ଏସ୍‌ବିଆଇ ଶାଖା ଉପ ଶାଖା ପରିଚାଳକ ଅବିନାଶ କୁମାର ସେଠ, ପଦ୍ମପୁର ଶାଖା ପରିଚାଳକ ନଳିନୀ ପ୍ରିୟଦର୍ଶନୀ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବ୍ଲକ ଜିବିକା ସଂଯୋଜକ ନିତ୍ୟାନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆର୍ଥିକ ଅନ୍ତର୍ଭୁକ୍ତ ବିଭିନ୍ନ ଦିଗ ଏବଂ ଦଶସୂତ୍ରୀ କାର୍ଯ୍ୟକ୍ରମ ସମ୍ପର୍କରେ ଡିପିଏମ୍ ଚଳାନ ବୁଝାଇଥିଲେ। ସେହିପରି ଶାଖା ପରିଚାଳକ ବ୍ୟାଙ୍କ ଋଣ ନିୟମ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏସ୍‌ବିଆଇ ପଦ୍ମପୁର ଶାଖା ପକ୍ଷରୁ ୩୦ଟି ଏସ୍‌ଏଚ୍‌ଜି ଗ୍ରୁପକୁ ୫୧ ଲକ୍ଷ ୮୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିବା ବେଳେ ଏସ୍‌ବିଆଇ ଲଖମରା ଶାଖା ପକ୍ଷରୁ ୧୫ଟି ଗ୍ରୁପକୁ ୨୨ ଲକ୍ଷ ୫୦ ହଜାର ଟଙ୍କା ଏବଂ ଏସ୍‌ବିଆଇ ଦିପ୍ତିପୁର ଶାଖା ପକ୍ଷରୁ ୮ଟି ଗ୍ରୁପକୁ ୧୨ ଲକ୍ଷ ଟଙ୍କା, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଦହିତା ଶାଖା ପକ୍ଷରୁ ୯ଟି ଗ୍ରୁପକୁ ୧୩ ଲକ୍ଷ ୬୫ ହଜାର ଏବଂ ୟୁକୋ ବ୍ୟାଙ୍କ ପଦ୍ମପୁର ଶାଖା ପକ୍ଷରୁ ୫ଟି ଗ୍ରୁପକୁ ୬ଲକ୍ଷ ୫୦ ହଜାର ଟଙ୍କା ଋଣ ମଞ୍ଜୁରୀ କରାଯାଇଥିଲା। ଶେଷରେ ବିପିଏମ୍ ସତ୍ୟ କୁମ୍ଭାର ଧନ୍ୟବାଦ ଦେଇଥିଲେ।



ମହାସମନ୍ୱୟ ମେଳାରେ ଉପସ୍ଥିତ ମହିଳାମାନେ।

# ଦୁର୍ନୀତି ସଚେତନତା ରାଲି

**ପଦ୍ମପୁର,୩୦।୧୦ (ଡି.ଏନ୍.ଏ.)**

ପଦ୍ମପୁର ସହରରେ ମଙ୍ଗଳବାର ଦୁର୍ନୀତି ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ବରଗଡ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଆୟୋଜିତ ରାଲିକୁ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ରାଲି ରାଜବାଟି ପଡିଆରୁ ବାହାରି ବିଭିନ୍ନ ସ୍ଲୋଗାନ ସହ ଭେଉଁରିଆଛକକୁ ଯାଇଥିଲେ । ଏଥିରେ ଜେନିଥ, ଅଞ୍ଚଳ କଲେଜ ଓ ଜିଷ୍ଟ କଲେଜର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା, ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ବିରେନ୍ଦ୍ର ନାୟକ, ସହକାରୀ ଜିଲାପାଳ ଦୀପ୍ତିମୟୀ ଭୁଏ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପଦ୍ମପୁର ଥାନା ଆଇଆଇସି କେ.ପ୍ରିୟଙ୍କା ରାଉତରାୟ, ଭିଜିଲାନ୍ସ ଇନ୍ସପେକ୍ଟର ଅଭୟ କୁମାର ପଧାନ, ପୁନୀତା ବାଗେ ପ୍ରମୁଖଙ୍କ ସମେତ ଅନେକ ଯୋଗଦେଇଥିଲେ ।




ବରଗଡ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ବାହାରିଥିବା ସଚେତନତା ରାଲି।

## ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

**ପାଇକମାଲ ୩୦।୧୦(ଡି.ଏନ୍.ଏ.)**

ଦୁର୍ନୀତିକୁ ବିରୋଧ କରି ବରଗଡ଼ ଜିଲା ପାଇକମାଲ ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାର ପାଇକମାଲ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପାଇକମାଲ ଧର୍ମଶାଳାଠାରୁ ଭାଜପା କର୍ମୀଙ୍କ ସହ ଶତାଧିକା ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଶ୍ଲୋଗାନ ଦେବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ଏହି ଅବସରରେ ଏଥିରେ ବିଧାୟକଙ୍କ ପ୍ରତିନିଧି ସରୋଜ ସାମଲଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ଅଧ୍ୟକ୍ଷ ମୁକ୍ତା ସାହୁ, ଜିଲା ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଅଗ୍ରୱାଲ, ଜିଲା ସମ୍ପାଦକ ଶ୍ରୀକାନ୍ତ ପାଣିଗ୍ରାହୀ, ବିଧାନ ସଭା ପ୍ରଭାରୀ ସପନ ବେହେରା, ପଦ୍ମପୁର ବ୍ଲକ ଅଧ୍ୟକ୍ଷ କୁମରମଣି ନାୟକ, ଜିଲା ପରିଷଦ ସଭ୍ୟା ରମଳା ଲୁହାର, ଯୁବ ମୋର୍ଚ୍ଚା ସଭାପତି ପ୍ରିତେଶ ବହିଦାର, ମଣ୍ଡଳ ସଭାପତି ସୌମିତ୍ରୀ ପଧାନ, ସୁବାସ ରଣା, ହରିହର ସାହୁ, ରାହାସ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ରହି ନବୀନ ସରକାରଙ୍କ ଉପରେ ବର୍ଷି ଥିଲେ।

# ଢେଙ୍କିମୁଣ୍ଡା ଉଚ୍ଚବିଦ୍ୟାଳୟରୁ ଖୋଲିଲା ତାଲା

**ପାଇକମାଲ ୩୦।୧୦(ଡି.ଏନ୍.ଏ.)**

**ଶିକ୍ଷକ ନିଯୁକ୍ତି**

ପାଇକମାଲ ବ୍ଲକ କଂସଡା ପଞ୍ଚାୟତ ଢେଙ୍କିମୁଣ୍ଡା ଉଚ୍ଚବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଦାବି ନେଇ ଗ୍ରାମବାସୀ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଚୁଡାମଣି ବାରିକ ସୋମବାର ଅପରାହ୍ନରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟରେ ଶିକ୍ଷକ ଋଷଦେବ ରଣାଙ୍କୁ ନିଯୁକ୍ତି କରିଥିଲେ। ଏପରି କି ଆଗାମୀ ଦିନରେ ଅନ୍ୟ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବି କରି ଆନ୍ଦୋଳନରୁ ଉଠି ନ ଥିଲେ। ମଙ୍ଗଳବାର ମଧ୍ୟାହ୍ନ ସାଢେ ୧୨ଟାରେ ଶିକ୍ଷୟିତ୍ରୀ ହେମାଙ୍ଗିନୀ ବିଶ୍ୱାଳ ଓ ଶିକ୍ଷକ କ୍ଷୀରସାଗର ବରିହାଙ୍କୁ ନିଯୁକ୍ତି ଦେବାପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ। ପରେ ଅପରାହ୍ନରେ ପାଠ ପଢ଼ା ହୋଇଥିଲା। ଆଗାମୀ ଦିନରେ ବାକି ଖାଲିଥିବା ଶିକ୍ଷକ ପଦବୀ ପୂରଣ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ସୁଷମା ସାହୁ, ରୁକଧର ପାଣ୍ଡେ, କୁନା ପଧାନ, ଯୁଧିଷ୍ଠିର ସାହୁ ପ୍ରମୁଖଙ୍କ ସହ ଗାମବାସୀ ଚେତାବନୀ ଦେଇଛନ୍ତି।



ଶିକ୍ଷକ ନିଯୁକ୍ତି ପରେ ତାଲା ଖୋଲା ଯାଉଛି।

# ଗଣ୍ଡିଆପାଲିରେ ଏଲ୍‌ଇଡି ବଲ୍‌ବ ବଣ୍ଟନ

**ବିଜେପୁର,୩୦।୧୦ (ଡି.ଏନ.ଏ.)**

ବରଗଡ଼ ଜିଲା ବିଜେପୁର ବ୍ଲକ ଗଣ୍ଡିଆପାଲି ପଞ୍ଚାୟତରେ ଶକ୍ତି ସଞ୍ଚୟ ଯୋଜନାରେ ଏଲ୍‌ଇଡି ବଲବ୍ ବଣ୍ଟନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଆୟୋଜିତ ଏହି ସମାରୋହରେ ସରପଞ୍ଚ ନମିତା ଭୁକ୍ତା ଯୋଗଦେଇ ରାଶନ କାର୍ଡ ହିତାଧିକାରୀମାନଙ୍କୁ ମାଗଣାରେ ଦୁଇଟି ଲେଖାଏଁ ଏଲ୍‌ଇଡି ବଲବ ବିତରଣ କରିଥିଲେ । ପିଇଓ ଉମାକାନ୍ତ ସେଠ, ଯୋଗାଣ ସହାୟକ ଲିଙ୍ଗରାଜ ପୋଢ଼, ନାଏବ ସରପଞ୍ଚ ଅମୀୟ ନାଏକ, ମୁକୁନ୍ଦ କୁମ୍ଭାର, ପାତଳ ପଟେଲ, ଶୋଭାଗିନୀ ଅଦାବର ପ୍ରମୁଖ ୱାର୍ଡ ସଭ୍ୟାସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ବିନୋଦିନୀ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।




ସରପଞ୍ଚ ଜଣେ ହିତାଧିକାରୀଙ୍କୁ ଏଲଇଡି ବଲ୍ବ ବିତରଣ କରୁଛନ୍ତି।

## ଭେଡ଼େନ ବ୍ଲକସ୍ତରୀୟ କଳାକାର ସମ୍ମିଲନୀ

# ଯୋଗଦେଲେ ୫ହଜାରରୁ ଅଧିକା କଳାକାର

**ଭେଡ଼େନ,୩୦।୧୦(ଡି.ଏନ୍.ଏ.)**

ବରଗଡ ଜିଲା ଭେଡ଼େନର ପୁର୍‌ନା ହାଟପଦା ବିଜୟ ମଡପ୍‌ନେ ମଙ୍ଗଳବାର ବ୍ଲକସ୍ତରୀୟ କଳାକାର ସମ୍‌ମିଲନୀ ଅନୁଷ୍ଠିତ୍ ହେଇଯାଇଛେ। ଅଧାପକ୍ ତୁଷାରକାନ୍ତ ନାୟକଙ୍କର ସଂଯୋଜନା ଆର ସଭା ପରିଚାଳନାରେ ହେଇଥିବାର ସମାବେଶରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖିଆ କୁନୁଆଁ, ବରଗଡ ଏମ୍‌ପି ପ୍ରଭାସ ସିଂ, ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ, ଭେଡ଼େନ ବ୍ଲକ୍ ବିଜେଡି ସଭାପତି ହରିଶଙ୍କର ବେହେରା, ଭେଡ଼େନ ବ୍ଲକ୍ ଅଧ୍ୟକ୍ଷ ଡୋଳାମଣି କ୍ଷେତି, ଜିଲାପରିଷଦ ସଭ୍ୟ ସୁବାସ ହୋତା, ବ୍ଲକ୍ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ସଂଗୀତ ନାଟକ ଏକାଡେମି ସଦସ୍ୟ ଚୈତନ୍ୟ ପାଇକ, ଅତାବିରା ବ୍ଲକ୍ ଅଧ୍ୟକ୍ଷା ରୀତା ସାହୁ, ଭେଡ଼େନ ବିଡିଓ ମୁରଲିଧର ନାଏକ, ଜିଲା ପରିଷଦ ସଭ୍ୟା ମୀରା ବଘାର, ରାଜେନ୍ଦ୍ର ଅଗ୍ରୱାଲ ପର୍‌ମୁଖ ସମ୍ମାନିତ କୁନୁଆଁ ହିସାବେ ଯୋଗ୍ ଦେଇଥିଲେ। ଇ ଅବ୍‌ଛରରେ ମନ୍ତ୍ରୀ ଛୁରିଆ କଳାକାରମାନକୁ ସମ୍‌ମାନ ଜନେଇ ରାଏଜ୍ ସରକାରକଁର ଦୁଆରା କଳାକାର ଭତା ଦିଆଯିବାର ସଂଗେ କଳାକାର ସଂଘ ପଞ୍ଜୀକୃତ୍ କରାଯିବା ବଲି କହିଥିଲେ। ଏନ୍‌ତା କି ଗାଁମାନ୍‌କେ ଥିବାର ଭାଗବତ ଟୁଂଗିର ପୁନର୍‌ଉଧାର ଲାଗି ରାଏଜ୍ ସରକାର ଚେଷ୍‌ଟା ଚଲେଇଛନ୍ ବଲି ସେ ତାକର ଭାଷନ୍‌ରେ କହିଥିଲେ। ଇ ଅବ୍‌ଛରରେ ବ୍ଲକ୍‌ର ସବୁ ପଁନ୍‌ଚେତର ଝନେ ଝନେ ପୁର୍‌ଖା କଳାକାରକୁଁ ମାନପତର ଦେଇ ସନାମନା କରାଯାଇଥିଲା। ଇଥିରେ ବ୍ଲକ୍ କଳାକାର ସଂଘର ସଭାପତି ସାଗର ମହାକୁର, ଉପସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା, ସଂପାଦକ ଦାଶରଥି ହୋତା, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ପାଣିଗ୍ରାହୀ, ସହ ସଂପାଦକ ରାଜେନ୍ଦ୍ର ସେଠ, ସଂଯୋଜକ ଲଳିତ କୁମାର ଭୋଇ, ଗୁଣାକାର ଶତପଥୀ, କ୍ଷେତ୍ରମଣି ବାଗକଁର ସମେତ ସଂଘର ସବୁ କଳାକାର ଭାଗ୍ ନେଇଥିଲେ। ପହେଲାରୁ ସବୁ କଳାକାର ଆର୍ କୁନୁଆଁମାନେ ବ୍ଲକ୍ ଅଫିସ ପରିସରରୁ ଗଟେ ସାଂସ୍କୃତିକ ଶୋଭାଯାତ୍‌ରାରେ ବାହାରି ଭେଡ଼େନ ଗାଁ ଭାଉଁରେ ବୁଲି ସଭାଥଳରେ ପୁହୁଁଚିଥିଲେ। ଦୁଇପହର ବେଲି ହେଇଥିବାର ସଭାରେ ବ୍ଲକ୍‌ର ଭିନେ ଭିନେ ଗାଁରୁ ଆସିଥିବାର ୮୦ରୁ ଅଧିକା ସଂଚାର ସାଂସ୍କୃତିକ ନାଚ୍ ଦଲ୍, ସଁପର୍‌ଦା, ସଁକିର୍‌ତନ୍, କରମସାନି, ଘୁବ୍‌କୁଡ୍ଡୁ, ପାଲା, ଦାଶକାଠିଆ ଆଦି ପାରଂପରିକ୍ କଳା ଅଧିରାତି ତକ୍ ପରିବେଷନ୍ କରିଥିଲେ। କଳାକାରମାନ୍‌କଁର ସମାବେଶରେ ଗୁଟେ ସାଂସ୍କୃତିକ୍ ପରିବେଶ ସୁରୁଷ୍‌ଟି ହେଇଥିଲା।





ଭେଡ଼େନରେ କଳାକାର ସମାବେଶରେ କୁନୁଆଁମାନେ(ବାମ)। ସମାବେଶରେ ଯୋଗଦେଇଥିବାର କଳାକାରମାନେ।



ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ ଜନ୍ କ୍ରିଷୋଷ୍ଟୋମ୍



## ସଂକ୍ଷେପରେ

### ଚକଡା ପୋକ ପ୍ରାଦୁର୍ଭାବ, କାମ କରୁନି କୀଟନାଶକ

**ଡୁଙ୍ଗୁରିପାଲି,୩୦।୧୦(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ଚକଡା ପୋକର ପ୍ରାଦୁର୍ଭାବ ଦେଖାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ରାମପୁର ତହସିଲର ଅନ୍ଧାରିବାଞ୍ଜି, ଭିମଟିକିରା, ଗଜବନ୍ଧ, ବଡକର୍ଲେ, ବାଙ୍କିପାଲି, ଟାଙ୍ଗରକର୍ଲେ, ରାମପୁର, ମାୟାବର୍ହା, ପଣ୍ଡକିଟାଲ, ବୈଦୁପାଲି ପଞ୍ଚାୟତର ଅନେକ ଗ୍ରାମରେ ଚକଡା ପୋକ ଲାଗିଛି। କୀଟନାଶକ ଔଷଧ ୩ରୁ ୪ଥର ସିଞ୍ଚନ କଲା ପରେ ମଧ ପୋକ ମରୁନାହାନ୍ତି। ସରକାରୀ ଭାବରେ ମିଳୁଥିବା ଔଷଧ ଓ ବଜାରରେ ମିଳୁଥିବା କୀଟନାଶକ ଭେଜାଲ ଥିବା ସନ୍ଦେହ ପ୍ରକାଶ ପାଉଛି। କୃଷି ବିଭାଗ ତୁରନ୍ତ ନିଜ କର୍ମଚାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ କରି ଉପଯୁକ୍ତ ପରାମର୍ଶ ତଥା ଡୁଙ୍ଗୁରିପାଲି ଜିଲା କୃଷି ଅଧିକାରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲା କିଷାନ ସଂଘ ସଭାପତି ଦୀନବନ୍ଧୁ ଖମାରୀ ଲିଖିତ ଭାବରେ ଦାବି କରିଛନ୍ତି। ଏ ନେଇ ଜିଲା କୃଷି ଅଧିକାରୀ ଶ୍ରୀନିବାସ ମଲ୍ଲିକଙ୍କୁ ପଚାରିବାରୁ କହିଛନ୍ତି ଯେ, ଚାଷୀମାନେ କୃଷି କାର୍ଯ୍ୟାଳୟରେ ମିଳୁଥିବା ଔଷଧ କିଣିବାକୁ ଇଚ୍ଛା କରୁ ନ ଥିବାରୁ ଏହି ସମସ୍ୟା ଦେଖାଦେଇଛି। କୃଷି ବିଭାଗର ଭ୍ରାମ୍ୟମାଣ ଗାଡି ସବୁ ଅଞ୍ଚଳରେ ବୁଲୁଛି। ଆମକୁ ଏ ନେଇ ନିର୍ଦ୍ଦିଷ୍ଟଭାବେ କିଛି ଅଭିଯୋଗ କଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମଲ୍ଲିକ ପ୍ରକାଶ କରିଛନ୍ତି।

### ବିଧାୟକଙ୍କ କଲ୍ୟାଣ ମଣ୍ଡପ ପରିଦର୍ଶନ

**ବରଗଡ଼ ଅଫିସ୍,୩୦।୧୦:** ବରଗଡ଼ ନିକଟସ୍ଥ ବରମକେଲା ପଞ୍ଚାୟତ ଅନ୍ତର୍ଗତ ଯୋଗୀନ୍ଦ୍ରପୁରରେ ନବନିର୍ମିତ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟକୁ ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପରିଦର୍ଶନ କରିଥିଲେ। ବିଧାୟକଙ୍କ ଆଞ୍ଚଳିକ ଅନୁଦାନ ପାଣ୍ଠିରୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ବିଧାୟକ ଆଚାର୍ଯ୍ୟ ପରିଦର୍ଶନ କରି ସମୀକ୍ଷା କରିଥିଲେ। ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପନ୍ନ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ସହିତ ଦେବେନ ସାହୁ, ଚୌବର୍ଗ ସାହୁ, ବୃନ୍ଦାବନ ବାରିକ, ଅରବିନ୍ଦ ଦାଶ, ହରି ରଣା ପ୍ରମୁଖ ଉପସ୍ଥିତ ଥିଲେ।

### ଗୁରୁମାଙ୍କ ଦେହାନ୍ତରେ ଶୋକସଭା

**ମନମୁଣ୍ଡା,୩୦।୧୦(ଡି.ଏନ୍.ଏ.):** ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ କାର୍ଯ୍ୟରତ ଗୁରୁମା ସରିତବାଲା ମହାକୁଲଙ୍କ ପରଲୋକ ହୋଇଯାଇଛି। ଏନେଇ ଶିଶୁ ମନ୍ଦିର ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ସେବିକା, ସେବକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବଡମାଳୀଙ୍କ ଅଧକ୍ଷତାରେ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଗତ ଗୁରୁମାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ

# ମାନସିକତାରେ ପରିବର୍ତ୍ତନ ହେଲେ ଦୁର୍ନୀତି ହ୍ରାସ ପାଇବ

**ସୋନପୁର,୩୦।୧୦(ନି.ପ୍ର.)**




ଦୁର୍ନୀତି ନିବାରଣ ପାଇଁ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

- ଦୁର୍ନୀତି ବିରୋଧରେ କଲେ ଶପଥ ପାଠ
- ବାହାରିଲା ସଚେତନତା ଶୋଭାଯାତ୍ରା
- ନାନାବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ

ସୁବର୍ଣ୍ଣପୁର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଆଲୋଚନାଚକ୍ର ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧିରେ ପରିଣତ ହେଲାଣି। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିଲେ ଯାଇ ଦୁର୍ନୀତି ହ୍ରାସ ପାଇବ ବୋଲି କହିଥିଲେ। ଦେଶର ଆର୍ଥିକ ପ୍ରଗତି ତଥା ବିକାଶ ଧାରାର ଏହା ଏକ ମୁଖ୍ୟ ପ୍ରତିବନ୍ଧକ। ତେଣୁ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ହେଲେ ପ୍ରଶାସନିକ ଅଧିକାରୀଙ୍କ ନିଷ୍ଠା ସହିତ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଜିଲାପାଳ କହିଥିଲେ। ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦୁର୍ନୀତିର କାୟା କିଭଳି ସମାଜର ସବୁସ୍ତରରେ ବୃଦ୍ଧି ପାଇବାରେ ଲାଗିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଆମ ଦେଶରେ ଦୁର୍ନୀତି କାୟା ବିସ୍ତାର କରିଛି। ତଳସ୍ତରରୁ ଉପରିସ୍ଥ ଅଧିକାରୀଙ୍କ ପର୍ଯ୍ୟନ୍ତ ଏହା ଚାଲିଛି। ବ୍ୟାପକ ସଚେତନତା ଓ ସମ୍ମିଳିତ ଉଦ୍ୟମ ଫଳରେ ସମାଜକୁ ଦୁର୍ନୀତିମୁକ୍ତ କରାଯାଇ ପାରିବ ବୋଲି ଡ. ବହିଦାର ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆଇପିଆରଓ ଅଶୋକ କୁମାର ମିଶ୍ର, ଏସିଏଫଓ ସୁଶୀଲ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟାପକ ନୀଳାମ୍ବର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ ଦୁର୍ନୀତି ବିରୋଧରେ ସମସ୍ତେ ଶପଥ ପାଠ କରିଥିଲେ। ସୋନପୁର ଭିଜିଲାନ୍ସ ଡିଏସପି କାଦମ୍ବିନୀ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। ସଚେତନତା ସପ୍ତାହ ଉପଲକ୍ଷେ ପୂର୍ବରୁ ହାଇସ୍କୁଲ ଓ କଲେଜସ୍ତରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଓଡିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ବ୍ଲକ ଛକ ନିକଟରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସଭା କକ୍ଷରେ ପହଞ୍ଚିଥିଲେ।

## ବୌଦ୍ଧ ଉପଖଣ୍ଡ କାରାଗାରରେ କ୍ୟାମ୍ପ କୋର୍ଟ

**ବୌଦ୍ଧ,୩୦।୧୦(ସ୍ୱ.ପ୍ର.)**

ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବୌଦ୍ଧ ବିଚାର ବିଭାଗୀୟ ପକ୍ଷରୁ ମଙ୍ଗଳବାର ବୌଦ୍ଧ ସ୍ୱତନ୍ତ୍ର ଉପଖଣ୍ଡ କାରାଗାରରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଦୌରାଜଜ ଅରବିନ୍ଦ କୁମାର ଗୁରୁ, ଅତିରିକ୍ତ ଜିଲା ଦୌରାଜଜ ଗୌରିମାଳି ମହାରଣା, ସିଜେଏମ ପ୍ରଦୀପ୍ତ କୁମାର ସାହୁ, ରେଜିଷ୍ଟ୍ରାର ଦେବାଶିଷ ମହାନ୍ତି, ଏସ୍‌ଡିଜେଏମ ସୂର୍ଯ୍ୟ ମିଶ୍ର, ଆଇନ ପ୍ରାଧିକରଣ ସଚିବ ପ୍ରଭୁରାମ ଦାସ ଅଧିକାରୀ ଯୋଗ ଦେଇଥିଲେ। କ୍ୟାମ୍ପ କୋର୍ଟରେ ଏସ୍‌ଡିଜେଏମଙ୍କ ଅଦାଲତର ଏକ ମାମଲାର ଶୁଣାଣୀ କରି ଜଣେ ବିଚାରାଧିନ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଯାଇଥିଲା। କ୍ୟାମ୍ପ କୋର୍ଟ ସମୟରେ ଜେଲର କୁଳମଣୀ ବେହେରା, ସିଏସ୍‌ଆଇ ନିମାଁଇ ଚରଣ ମିଶ୍ର, ବୌଦ୍ଧ ଥାନା ଏସ୍‌ଆଇ ଲିସାରାଣୀ ସେଠୀଙ୍କ ସମେତ କୋର୍ଟ କର୍ମଚାରୀ ଓ ଜେଲ କର୍ମଚାରୀ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଚେସ୍ : ପୁରୀର ରାଜେଶ ନାଏକ ଚାମ୍ପିୟନ

**ବୌଦ୍ଧ,୩୦।୧୦ (ସ୍ୱ.ପ୍ର.)**

ରାଜ୍ୟ ଚେସ୍ ଆସୋସିଏଶନ ସହଯୋଗରେ ବୌଦ୍ଧଜିଲା ଚେସ ଆସୋସିଏଶନ ପକ୍ଷରୁ ବୌଦ୍ଧ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ୫୯ତମ ସିନିୟର ଫିଡେ ରେଟିଂ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଚସ୍ପତି ପ୍ରଦୀପ କୁମାର ଅମାତ ଏବଂ ସମ୍ମାନିତ ଅତିଥି ଭାବେ ଜିଲାପାଳ ସୀତାଂଶୁ କୁମାର ରାଉତ ଓ ପ୍ରକଳ୍ପ ନିର୍ଦ୍ଦେଶକ ରାଜନ୍ଦ୍ରେ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ଚେସ୍ ଆସୋସିଏଶନ ଉପସଭାପତି ରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଚେସ ଆସୋସିଏଶନ ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୀର୍ଘ ୪ଦିନ ଧରି ହୋଇଥିବା ଏହି ଚେସ ପ୍ରତିଯୋଗିତାରେ ରାଜ୍ୟର ୨୨ଟି ଜିଲାରୁ ୧୨୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରି ଖେଳରେ ଭାଗ ନେଇଥିଲେ। ପୁରୀର ରାଜେଶ ନାଏକ ଚାମ୍ପିୟନ ହୋଇଥିବା ବେଳେ, ପୁରୀର ବୈଭବ ମିଶ୍ର ଦ୍ୱିତୀୟ, ଖୋର୍ଦ୍ଧାର ରତ୍ନମ୍ବରା ବିଭାର ତୃତୀୟ ଓ କେନ୍ଦ୍ରାପଡ଼ାର ସ୍ୱାରକୀ ମହାନ୍ତି ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ଚାମ୍ପିୟନଙ୍କୁ ୮ ହଜାର ଟଙ୍କା ସହ ଟ୍ରଫି, ଦ୍ୱିତୀୟଙ୍କୁ ୫ ହଜାର ଟଙ୍କା ସହ ଟ୍ରଫି, ତୃତୀୟଙ୍କୁ ୪ ହଜାର ଟଙ୍କା ସହ ଟ୍ରଫି ଓ ଚତୁର୍ଥଙ୍କୁ ୩ ହଜାର ଟଙ୍କା ଓ ଟ୍ରଫି ସହ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ବରଗଡ଼ର ଦୃଷ୍ଟିହୀନ ଚେସ ଖେଳାଳିଙ୍କୁ ମଧ୍ୟ ଚେସ୍ ଆସୋସିଏଶନ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ପଞ୍ଚମ ସ୍ଥାନରେ ଖୋର୍ଦ୍ଧାର ରାକେଶ କୁମାର ନାଏକ, ଷଷ୍ଠ ସ୍ଥାନରେ କଟକର ରବିନ୍ଦ୍ର କୁମାର ଓଝା, ସପ୍ତମ ସ୍ଥାନରେ କିସ୍‌ର ମହିନ୍ଦ୍ର କାର୍ଜୀ, ଅଷ୍ଟମ ସ୍ଥାନରେ ପୋଷ୍ଟାଲର ମନୋଜ କୁମାର ପାଣିଗ୍ରାହୀ, ନବମ ସ୍ଥାନରେ ଢେଙ୍କାନାଳର ବିଶାଳ ପଟ୍ଟନାୟକ ଓ କିସ୍‌ର ତପନ ବଡମୁଣ୍ଡି ଦଶମ ସ୍ଥାନ ଅଧିକାର କରିଥିଲେ। ରାଜ୍ୟ ଚେସ ଆସୋସିଏଶନର କୋଷାଧ୍ୟକ୍ଷ ଜି.ସି. ମହାପାତ୍ର, ଚିଫ୍ ଆର୍ବିଟର ଭବେଶ ମହାନ୍ତି ଓ ଜିଲା ଚେସ ଆସୋସିଏଶନର ସଦସ୍ୟ ଯଦୁମଣି ପ୍ରଧାନ ଓ ଜିଲା କାର୍ଯ୍ୟକାରୀ ସଦସ୍ୟ ଗଜେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ ପରିଚାଳନ କରିଥିଲେ। ଏହି ପ୍ରତିଯୋଗିତାରେ ସର୍ବାଧିକ ସ୍କୋର କରିଥିବା ୪ଜଣ ପ୍ରତିଯୋଗୀ ଜମ୍ମୁଠାରେ ହେବାକୁଥିବା ଜାତୀୟ ଓପନ ଚେସ୍‌ରେ ଅଂଶଗ୍ରହଣ କରିବେ।




ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## ଶିଶୁର ବିକାଶରେ ଦେଶ ବିକଶିତ

**ବରଗଡ଼ ଅଫିସ୍,୩୦।୧୦**

ବରଗଡ଼ ସହରର ଖଜୁରଟିକ୍ରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲରେ ମଙ୍ଗଳବାର ବ୍ଲକସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଶିଶୁଙ୍କ ମଧ୍ୟରେ ରହିଥିବା ପ୍ରତିଭାର ବିକାଶ ହେଲେ ଦେଶ ବିକଶିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର, ପୌର ଉପାଧକ୍ଷା କଳ୍ପନା ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସିଆରସିସି ଅମୂଲ୍ୟ ସୁନା ସଂଯୋଜନା କରିଥିଲେ। ଏବିଇଓ ପ୍ରମୋଦ ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏବିଇଓ ସବିତା ପ୍ରଧାନ, ଅର୍ଜୁନ ପ୍ରଧାନ, ପ୍ରଧାନଶିକ୍ଷକ ମୁହୁରିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାଷଣ, ଚିତ୍ରାଙ୍କନ, ତର୍କ ଆଦି ପ୍ରତିଯୋଗିତା ହୋଇଥିଲା। ସିଆରସିସି ରକ୍ଷପାଳ ସାହୁ, ଅରବିନ୍ଦ ଗୁପ୍ତା, ତ୍ରିନାଥ ସାହୁ, ଅମୂଲ୍ୟ ଭୋଇ, କୃପାସିନ୍ଧୁ ଗଡ଼ତିଆ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ପରିଚାଳାନାରେ ପ୍ରମୋଦ ପ୍ରଧାନ, ଡଃ ଡୋଲାମଣି ଶଥପଥୀ, ପରିତୋଷ ପାଢ଼ୀ, ପଙ୍କଜିନୀ ଗୁରୁ, ମଞ୍ଜୁଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅଚ୍ୟୁତାନନ୍ଦ ସାହୁଙ୍କ ସ୍ମୃତିରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହାକୁମାଠାରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

## ଅଚ୍ୟୁତାନନ୍ଦ ସାହୁଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ବୀରମହାରାଜପୁର, ୩୦।୧୦(ଡି.ଏନ୍.ଏ.)**

ମାଓବାଦୀଙ୍କ ଗୁଳିରେ ପ୍ରାଣହରାଇଥିବା ଡିଡି ନ୍ୟୁଜ୍ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ସ୍ମୃତିରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହାକୁମାଠାରେ ମଙ୍ଗଳବାର କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଅଚ୍ୟୁତାନନ୍ଦ ବୀରମହାରାଜପୁରରେ ତାଙ୍କର ଶିକ୍ଷା ଗ୍ରହଣ କରିଥିଲେ ଏବଂ ତାଙ୍କ ପରିବାର ଏବେବି ଏଠାରେ ଅବସ୍ଥାନ କରୁଛନ୍ତି। ୨୦୦୦ ମସିହାରେ ବୀରମହାରାଜପୁର ସରକାରୀ ହାଇସ୍କୁଲରୁ ମାଟ୍ରିକ ପାସ୍ କରିଥିବା ଅଚ୍ୟୁତାନନ୍ଦଙ୍କ ସହପାଠୀ ତଥା ବନ୍ଧୁବର୍ଗ ଙ୍କ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଉପଖଣ୍ଡ ସାମ୍ବାଦିକ ସଂଘର ବହୁ ସଦସ୍ୟଙ୍କ ସହ ଶୁଭେଚ୍ଛୁ ତଥା ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ। ଜଗନ୍ନାଥ ମନ୍ଦିର ପରିସରରେ ନୀରବ ପ୍ରାର୍ଥନା କରାଯିବା ପରେ ଏହି ଶୋଭାଯାତ୍ରା ବସ୍ତି ପରିକ୍ରମା କରିଥିଲା। ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବିଶ୍ୱ ମିତବ୍ୟୟିତା ଦିବସରେ ସଚେତନତା ରାଲି

**ବୌଦ୍ଧ,୩୦।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ମିତବ୍ୟୟୀତା ଦିବସ ଅବସରରେ ମଙ୍ଗଳବାର ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟରୁ ବାହାରିଥିବା ସଚେତନ ରାଲିକୁ ଜିଲାପାଳ ସିତାଂଶୁ କୁମାର ରାଉତ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ସରକାରୀ ଅଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ମିତବ୍ୟୟୀ ଦିବସ ପାଳନ ଅବସରରରେ ଜିଲାପାଳ ମିଶ୍ର ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ଅନାବଶ୍ୟକ ବ୍ୟୟ ରୋକି ସେହି ଅର୍ଥକୁ କିପରି ସଞ୍ଚୟ କରାଯାଇପାରିବ ତାହା ଏହି ଦିବସ ପାଳନର ଉଦ୍ଦେଶ୍ୟ ବୋଲି ଉଲ୍ଲେଖ କରିବା ସହ ଏନେଇ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ରାଲି ମାଧ୍ୟମରେ ଜନସାଧାରଣଙ୍କୁ ସଞ୍ଚୟ ବିଷୟରେ ସଚେତନ କରାଯାଇ ପାରିବ ବୋଲି ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଶିଶିର କୁମାର ସାହୁ ପ୍ରକାଶ କରିଛନ୍ତି। ରାଲି ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟରୁ ବାହାରି ପୋଷ୍ଟଅଫିସ ଛକ, ଗାନ୍ଧୀ ଛକ, ଏନ୍‌ଏସି ଛକ ଦେଇ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାଏକ, ଡେପୁଟି କଲେକଟର ଖଦାଳ ପାତ୍ର, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ, ଯୁବରେଡକସ ସମ୍ପାଦକ ପ୍ରବୀର କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଜନସଚେତନତା ପାଇଁ ଏକ ସୁସଜ୍ଜିତ ରଥକୁ ଜିଲାପାଳ ଶୁଭାରମ୍ଭ କରିଥିଲେ।

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଜମି ଅଧିଗ୍ରହଣ ଦାବି

## ଭାଜପାର ବ୍ଲକ ଘେରାଉ

**ବୌଦ୍ଧ,୩୦।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା ସଭାପତି ସୌମିତ୍ରି ନାଏକଙ୍କ ନେତୃତ୍ୱରେ ନେତା ଓ କର୍ମୀ ରାଲିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଦଳୀୟ ନେତାମାନେ କେନ୍ଦ୍ର ସରାକାରଙ୍କ ଯୋଜନା ଉପରେ ଆଲୋକପାତ କରିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଜମି ଅଧିଗ୍ରହଣ କାର୍ଯ୍ୟ କରିବା ସହ ଅଧିକାରୀ ନିଯୁକ୍ତି ଦାବି କରିଥିଲେ। ଏହାସହ ବୌଦ୍ଧ ସହର ବାଇପାସ ରାସ୍ତାର ଜମି ଅଧିଗ୍ରହଣ କାର୍ଯ୍ୟ ପଡି ରହିଥିବା ଅଭିଯୋଗ କରିଥିଲେ। ଘେରାଉରେ ସୁଶାନ୍ତ ପ୍ରଧାନ, ସଚ୍ଚିଦାନନ୍ଦ ଦଲାଲ, ସୂର୍ଯ୍ୟନାରାୟଣ ମହାପାତ୍ର, ସୁଧାଂଶୁ ଡାଙ୍ଗ, ମନୋରଞ୍ଜନ ଦାସ, ରାକେଶ ତ୍ରିପାଠୀ, କହ୍ନେଇ ଚରଣ ଡାଙ୍ଗ, ଚିତ୍ତରଞ୍ଜନ ପାଣିଗ୍ରାହୀ, କମଳାକାନ୍ତ ପାଣ୍ଡେ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ଅମାତ, ସବିତା ନନ୍ଦ, ଯୁଗଳକିଶୋର ସାହୁ, ବିପ୍ରଚରଣ ମହାନ୍ତି, ନମିତାରାଣୀ ଦାସ, ସଞ୍ଜୁକ୍ତା ନାଏକ, ସରୋଜ ପ୍ରଧାନଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ।



ଆନ୍ଦୋଳନରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

୧୫ ମିନିଟ୍‌ରେ ସରିଲା ଡିଏଲପିସି ବୈଠକ

# ଧାର୍ଯ୍ୟ ହୋଇପାରିଲାନି ଖରିଫ ଧାନକିଣା ତାରିଖ

**ସୋନପୁର,୩୦।୧୦(ନି.ପ୍ର.)**

ଖରିଫ ଧାନ ସଂଗ୍ରହ ପାଇଁ ମଙ୍ଗଳବାର ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏଜେଣ୍ଡା ଅନୁଯାୟୀ ଧାନ କ୍ରୟ, ପ୍ରାଥମିକ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ମିଳିଥିବା ଟାର୍ଗେଟ୍, ଧାନକ୍ରୟ ସଂସ୍ଥା ଓ ଚାଷୀ ପଞ୍ଜିକରଣ ସମ୍ପର୍କରେ ଆଲୋଚନା ହେବାର ଥିଲା। ରାଜ୍ୟର ତୃତୀୟ ସର୍ବାଧିକ ଧାନ ଉତ୍ପାଦନ କରୁଥିବା ଏହି ଜିଲାରେ ଧାନ କ୍ରୟ ତାରିଖ ମଧ ଧାର୍ଯ୍ୟ ହୋଇଥାଆନ୍ତା। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ କୌଣସି ନିଷ୍ପତ୍ତି ନିଆଗଲାନି। ବୈଠକ ଚାଲିବାର ମାତ୍ର ୧୫ମିନିଟ୍ ମଧରେ ଶେଷ ହେଲା। ସମ୍ବଲପୁରରେ ବୁଧବାର ଉତ୍ତରାଞ୍ଚଳ ଆରଡିସି ସ୍ତରୀୟ ବୈଠକ ଅଛି। ଯୋଗାଣମନ୍ତ୍ରୀ ଓ ବିଭାଗୀୟ ସଚିବ ଏଥିରେ ଯୋଗେଦେବେ। ଏକର ପ୍ରତି ଜଳସେଚିତ ଓ ଅଣ ଜଳସେଚିତ ଅଞ୍ଚଳର ଚାଷୀ କେତେ କୁଇଣ୍ଟାଲ ଧାନ ବିକ୍ରି କରି ପାରିବେ ତାହା ସ୍ଥିର ହେବ। ତେଣୁ ପରେ ଏହି ବୈଠକ ହେବ, ଆଜି ସ୍ଥଗିତ ରହିଲା ବୋଲି ଜିଲାପାଳ ମିଶ୍ର ସୂଚନା ଦେଇଥିଲେ। ତେବେ ଏଥିନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅକ୍ଟୋବର ୧୫ତାରିଖରେ ଏହି ବୈଠକ ହେବା ନେଇ ପୂର୍ବରୁ ପ୍ରଶାସନ ପକ୍ଷରୁ ଚିଠି ହୋଇଥିଲା। ପରେ ତାହା ୩୦ ତାରିଖକୁ ପରିବର୍ତ୍ତନ ହେଲା। ଧାର୍ଯ୍ୟ ସମୟ ୧୧ଟା ପୂର୍ବରୁ ସମସ୍ତେ ବୈଠକସ୍ଥଳୀରେ ଉପସ୍ଥିତ ଥଲେ। ବିଳମ୍ବରେ ଆରମ୍ଭ ହୋଇ ପୁଣି ସ୍ଥଗିତ ରଖାଗଲା। ଏହି ବୈଠକରେ ସୋନପୁର ବିଧାୟକ ତଥା ରାଜ୍ୟ ଜଳସମ୍ପଦ, ନଗର ଉନ୍ନୟନ ଓ ଗୃହନିର୍ମାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମେତ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲାପାଳ ମଧୁସୂଦନ ମିଶ୍ର, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ଜିଲାର ସମସ୍ତ ତହସିଲଦାର, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ ଜେନା, ଜିଲା ଯୋଗାଣ ବିଭାଗର ସମସ୍ତ ଜିଲା, ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀ ସୋନପୁର ଏଆରସିଏସ ଭୀମସେନ ସାହୁ, ଡୁଙ୍ଗୁରୁପାଲି ଆରଏମସିର ସମ୍ପାଦକ ଉଦିତ୍ ବାବୁ, ବିଏମପୁର ଆରଏମସିର ସମ୍ପାଦକ ବନମାଳୀ ନାୟକ, ଚାଷୀ ପ୍ରତିନିଧି ସଜନ କୁମାର ପଣ୍ଡା, ପ୍ରକାଶ କୁମାର ହେତା ଓ ମିଲର୍ସ ପ୍ରତିନିଧି ଆନନ୍ଦ ବାବୁ, ମହାଜନ ସାହୁ ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଅନ୍ୟ ଜିଲାରେ ଡିଏଲପିସି ବୈଠକ ହୋଇ ଧାନ କିଣା ତାରିଖ ଧାର୍ଯ୍ୟ ହୋଇସାରିଛି। ଆରଡିସିସ୍ତରୀୟ ବୈଠକ ହେବ ବୋଲି ବହୁ ପୂର୍ବରୁ ପ୍ରଶାସନ ଅବଗତ ଅଛି। ଯଦି ବୈଠକକୁ ସ୍ଥଗିତ କରି ରଖିବାର ଥିଲା ତେବେ ପୂର୍ବରୁ ସୂଚନା ଦେଇଥିଲେ ରାଜ୍ୟର ବରିଷ୍ଠ ମନ୍ତ୍ରୀ, ଜିଲା ପରିଷଦ ଅଧକ୍ଷା ଓ ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ମୂଲ୍ୟବାନ ସମୟ ଅପଚୟ ହୋଇନଥାନ୍ତା। ତେଣୁ ଏଥିପ୍ରତି ଯତ୍ନବାନ ହେବାକୁ ସାଧାରଣରେ ମତପ୍ରକାଶ ପାଇଛି।




ଜିଲା ଧାନ ସଂଗ୍ରହ କମିଟି ବୈଠକରେ ଉପସ୍ଥିତ ମନ୍ତ୍ରୀ, ଜିଲା ପରିଷଦ ଅଧକ୍ଷା, ଜିଲାପାଳ ଓ ବିଭାଗୀୟ ଅଧିକାରୀ ବୃନ୍ଦ।



ଯାହା ଭୁଲରେ ହୋଇଯାଇଛି, ତାକୁ ସଂଶୋଧନ କରିଦେବା ହିଁ ମହତ୍ ଲୋକର ପରିଚୟ।
- ସେକ୍ସପିଅର



## ସଂକ୍ଷେପରେ

### ଏକଦିବସୀୟ ଫୁଟବଲ: କର୍ଲାଜରୀ ଚାମ୍ପିୟନ

**ଲୋଇସିଂହା,୩୦।୧୦(ଡି.ଏନ.ଏ):** ଆଗଲପୁର ବ୍ଲକ ବୁଦଲା, ରୋତ ଏବଂ ପଟୁଆପାଲି ଗ୍ରାମ ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବୁଦଲାପଞ୍ଚାୟତ ଅଧୀନ ମହଖଣ୍ଡ ଗ୍ରାମର ଖେଳପଡିଆଠାରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଠାରେ କର୍ଲାଜରୀ ବନାମ ବୁରୋମୁଣ୍ଡା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଏଥିରେ କର୍ଲାଜରୀ ଏକାଦଶ ବିଜୟୀହୋଇ ଚାମ୍ପିୟନ ହୋଇଥିଲା। ସେହିପରି ରୋତ ଏବଂ ଉପରବାହଲ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ରୋତ କଲେଜ ଖେଳ ପଡିଆଠାରେ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ଖେଳେ ରୋତ ଏବଂ ବକଟି ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ରୋତ ଏକାଦଶ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ସେହିପରି ପଟୁଆପାଲି ପଞ୍ଚାୟତର ଡୁମେରପାଲି ଗ୍ରାମର ଖେଳପଡିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ମନହୀରା ଏବଂ ସୁଜିଆ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ମନହୀରା ଦଳ ବିଜୟୀ ହୋଇଥିଲା। ବିଜୁ ଯୁବ ବାହନୀ ସଭାପତିମାନଙ୍କଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ।

ଏମ୍‌ଜିଏନ୍‌ଆରଇଜିଏସ ଜନଶୁଣାଣି ଶିବିର

# ବୃକ୍ଷରୋପଣ କାର୍ଯ୍ୟକ୍ରମ ଦିଗହରା

**ଦେଓଗାଁ,୩୦।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ମଙ୍ଗଳବାର ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶଙ୍କର ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱରରୁ ଓସାକର ସାମାଜିକ ସମୀକ୍ଷା ନିର୍ଦ୍ଦେଶକ ବିନୟ କୁମାର ଦାଶ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର,ଏମଜିଏନଆରଅଇଜିଏସ ସ୍ପେସାଲିଷ୍ଟ ସୁକାନ୍ତ ମହାପାତ୍ର, ଜିଲା ସାମାଜିକ ସମୀକ୍ଷିକା ବର୍ଷା ହରପାଲ ପ୍ରମୁଖ ଯୋଗଦେଇଥିଲେ । ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ବେହେରା ୨୦୧୭-୧୮ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଗ୍ରାମପଞ୍ଚାୟତ ଅଧିକାରୀ ନୀଳକଣ୍ଠ କାଲସାଏ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଚାର ପ୍ରସାର ସତ୍ତ୍ୱେ ହାତଗଣତି ଶ୍ରମିକ ଉପସ୍ଥିତିକୁ ନେଇ ଶିବିରରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ମୁଖ୍ୟ ଅତିଥି ନିର୍ଦ୍ଦେଶକ ଦାଶ ଏହି ଶିବିରର ଆୟୋଜନ ସଭାଗୃହରେ ନକରି ଏକ ଖୋଲା ଆକାଶ ତଳେ ବ୍ୟବସ୍ଥା କଲେ ଶ୍ରମିକଙ୍କ ଉପସ୍ଥିତି ବୃଦ୍ଧି ପାଇବ ବୋଲି ମତପ୍ରକାଶ କରିଥିଲେ । ଅଧିକାଂଶ ପଞ୍ଚାୟତରେ ବୃକ୍ଷରୋପଣ ହାତକୁ ନିଆଯାଇଥିଲେ ହେଁ କୌଣସି ସ୍ଥାନରେ ଗଛ ନାହିଁ ବୋଲି ବ୍ଲକ ସାମାଜିକ ସମୀକ୍ଷକ ଶ୍ରବଣ କୁମାର ପାଢ଼ୀ ଅଭିଯୋଗ ଉଠାଇଥିଲେ। ଏଥିସହ ପଞ୍ଚାୟତମାନଙ୍କରେ ୭ଟି ରେଜିଷ୍ଟର ମେଣ୍ଟେନାନ୍ସ କରାଯାଉନାହିଁ ବୋଲି ସେ ଅଭିଯୋଗ କରିଥିଲେ । ଏହାର ପ୍ରତି ଉତ୍ତରରେ ଉପରଝର ଇଓ ପ୍ରକାଶ ପନିକା ଓ ଗୌରଗୋଠ ଇଓ ଜନ୍ମେଜୟ ମାଝୀ ଦର୍ଶାଇଥିଲେ ଯେ, ଏମଜିଏନଆରଇଜିଏସ କାର୍ଯ୍ୟରେ ୭ଟି ରେଜିଷ୍ଟର ନିୟମିତ ଭାବେ ମଣ୍ଟେନାନ୍ସ କରିବା ପାଇଁ କୁହାଯାଉଛି। ହେଲେ ଜିଲାସ୍ତରରୁ ଗୋଟିଏ ଲେଖାଏଁ ରେଜିଷ୍ଟର ଦିଆଯାଇଛି । ଫଳରେ ତାହା ସମ୍ଭବପର ହୋଇପାରୁନାହିଁ। ରାସ୍ତାକଡ ମାନଙ୍କରେ ପଞ୍ଚାୟତ ତରଫରୁ ଏହି ଯୋଜନାରେ ବୃକ୍ଷରୋପଣ ହାତକୁ ନିଆଯାଇଛି। ହେଲେ ବୃକ୍ଷରୋପଣ ପରେ ତାର ଯତ୍ନ ନିଆଯାଇପାରୁ ନ ଥିବାରୁ ଗଛଗୁଡିକ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଯାଉଛି ବୋଲି ଦର୍ଶାଇଥିଲେ । ଫଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦିଗହରା ହେବା ସହ ଏକ ପ୍ରତିଶତ ମଧ୍ୟ ସୁଫଳ ମିଳି ପାରୁ ନ ଥିବା ନଜରକୁ ଆସିଥିଲା । ଅନେକ ଶ୍ରମିକଙ୍କୁ ଜବକାର୍ଡ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ଉଠିବା ପରେ ଏପିଓ ବ୍ଲକରେ ୧୧ ହଜାର ନୂତନ ଜବକାର୍ଡର ଆବଶ୍ୟକ ରହିଥିବା ଅଭିଯୋଗ କଲାପରେ ମାତ୍ର ୧୪ଶହ ନୂତନ କାର୍ଡ ଆସିଛି ବୋଲି କହିଥିଲେ। ସୂଚନା ଅନୁସାରେ ୨୦୧୭-୧୮ ବର୍ଷରେ ଦେଓଗାଁ ବ୍ଲକର ୨୬ଟି ପଞ୍ଚାୟତରେ ମୋଟ ୫୫୮୧ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୧୮୬୦ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥିମଧ୍ୟରୁ ୩୭୨୧ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏ ବାବଦକୁ ଲାଇନ ବିଭାଗ, ଗ୍ରାମପଞ୍ଚାୟତ ଓ ବ୍ଲକସ୍ତର ତଥା ପ୍ରଶାସନିକ ଖର୍ଚ୍ଚ ମୋଟ ୮କୋଟି ୪୫ ଲକ୍ଷ ୩୩ ହଜାର ଟଙ୍କା ଖର୍ଚ୍ଚହୋଇଛି । ୨୦ ହଜାର ୮୫୮ ଜଣ ଶ୍ରମିକଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିବା ବେଳେ ୯୯୫୭ ଜଣଙ୍କୁ କାମ ପ୍ରଦାନ କରାଯାଇଛି । ଏଥିରୁ ୨୩୭ ଜଣ ଶ୍ରମିକ ଶହେ ଦିନ କାମ ସମ୍ପୂର୍ଣ୍ଣ କରିଥିବା ସୂଚନା ଦିଆଯାଇଥିଲା । ଶେଷରେ ଏପିଓ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ସିପି ସଞ୍ଜୀବ କୁମାର ପଧାନ, ସମସ୍ତ ଯନ୍ତ୍ରୀ ତଥା କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।




ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥି।

**ଦେଓଗାଁ ବ୍ଲକ**
- ୨୦୮୫୮ ଶ୍ରମିକଙ୍କୁ ମିଳିଛି ଜବକାର୍ଡ
- କାମ ପାଇଛନ୍ତି ୯୯୫୭ ଜଣ
- ୨୩୭ ଶ୍ରମିକ ଶହେ ପାଇଛନ୍ତି ଶହେଦିନର କାମ

### ବ୍ଲକ ସ୍ତରୀୟ ତାଲିମ ଚୟନ ନିଯୁକ୍ତି ଶିବିର

**ଉଲୁଣ୍ଡା, ୩୦।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପୁରୁଣା ଆଇଆଇ ପରିସରରେ ବ୍ଲକସ୍ତରୀୟ ତାଲିମ, ଚୟନ ଓ ନିଯୁକ୍ତି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ଜୀବିକା ମିଶନ ଉଲୁଣ୍ଡା ଅଧୀନରେ ପରିଚାଳିତ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ତାଲିମ, ଚୟନ ଓ ନିଯୁକ୍ତି ଶିବିରକୁ ବିଡିଓ ରୁନୁ ଲାକ୍ରା ଉଦ୍‌ଘାଟନ କରି ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଜିଲା ପ୍ରକଳ୍ପ ସଂଯୋଜକ ଯୁବରାଜ ସାହୁ, ଏପିଡି ଶୈବାଳିନୀ ପଟ୍ଟନାୟକ, ଜିଲ୍ଲା ସଂଯୋଜକ ବିଶ୍ୱମ୍ଭର ପରିଡା ଯୋଗଦେଇ ଯୋଜନା ଉପରେ ମନ୍ତବ୍ୟ ରଖିଥିଲେ। ଶିବିରରେ ୧୨ଟି ସ୍ୱିକୃତୀପ୍ରାପ୍ତ ତାଲିମ ପ୍ରତିଷ୍ଠାନ ଯୋଗଦେଇ ୨୫୩ ପ୍ରାର୍ଥୀଙ୍କୁ ତାଲିମ ପାଇଁ ଚୟନ କରିଥିଲେ। ଶିବିରରେ ଗ୍ରାମାଞ୍ଚଳର ବହୁ ଚାକିରୀ ଆଶାୟୀ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ବ୍ଲକ ପ୍ରକଳ୍ପ ସଂଯୋଜକ ରଞ୍ଜନ କୁମାର ସ୍ୱାଇଁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଭିନ୍ନ ପଞ୍ଚାୟତର ସିଆରପି, ଏମବିକେ ଓ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଶିବିର ଆୟୋଜନରେ ସହଯୋଗ କରିଥିଲେ।

ଟିଟିଲାଗଡ଼ ଜିଲା ଗଠନ ଦାବି

## ୧ରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଟିଟିଲାଗଡ, ୩୦।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବିରେ ସ୍ଥାନୀୟ ଓକିଲ ସଂଘ କାର୍ଯ୍ୟ ବନ୍ଦ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମଙ୍ଗଳବାର ଓକିଲ ସଂଘର ଏକ ଜରୁରୀ ବୈଠକରେ ଏହା ସ୍ଥିର ହୋଇଛି। ସନ୍ଧ୍ୟାରେ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ପଙ୍କଜ ପାଢୀ, ସମ୍ପାଦକ ଲଳିତ ମୋହନ ତାଣ୍ଡିଙ୍କ ଉପସ୍ଥିତିରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘର ନିଷ୍ପତ୍ତି ନେଇ ସଭାପତି ସାହୁ ସୂଚନା ଦେଇଛନ୍ତି। ଟିଟିଲାଗଡ ଅଞ୍ଚଳର ବିକାଶ ପାଇଁ ଜିଲା ଦାବି ୧୯୯୨ରୁ ଆରମ୍ଭ ହୋଇ ୨୬ବର୍ଷ ଗଡିଯାଇଛି। ହେଲେ ପୂର୍ବ ସରକାର ତଥା ଗତ ୧୮ବର୍ଷ ଧରି ରାଜ୍ୟରେ ଗାଦିସୀନ ନବୀନ ପଟ୍ଟନାୟକ ସରକାର ଏହି ଦାବିକୁ ଉପେକ୍ଷା କରି ଚାଲିଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ଆବେଗକୁ ଦୃଷ୍ଟିରେ ରଖି ଓକିଲମାନେ ନିଜ ଦାୟିତ୍ୱ ନିର୍ବାହ ପୂର୍ବକ ଏଭଳି ଗୁରିତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏନେଇ ଆସନ୍ତା ୧ ତାରିଖଠାରୁ ଟିଟିଲାଗଡ ଜିଲା ଗଠନ ନ ହେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବନ୍ଦ ରଖିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସଭାପତି ସାହୁ ସୂଚନା ଦେଇଛନ୍ତି। ଏନେଇ ଓକିଲଙ୍କ ଆବଶ୍ୟକତା ରହିଥିବା ରେଜିଷ୍ଟ୍ରି, ତହସିଲ କାର୍ଯ୍ୟାଳୟ ତଥା କୋର୍ଟରେ ବିଭିନ୍ନ କେସର ଶୁଣାଣୀ କାର୍ଯ୍ୟ ସହ ଅଭିଯୁକ୍ତଙ୍କ ବେଲ ଆବେଦନ କାର୍ଯ୍ୟକୁ ମଧ୍ୟ ଆଇନଜୀବୀ ବର୍ଜନ କରିବେ ବୋଲି ସେ ସୂଚିତ କରିଛନ୍ତି। ଅପରପକ୍ଷରେ ଆସନ୍ତା ୧ ତାରିଖଠାରୁ ଜିଲା କ୍ରିୟାନୁଷ୍ଠାନ କମିଟି ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳୀନ ଧାରଣା ଦେବ ବୋଲି କମିଟି ସଦସ୍ୟ ବୀରେନ୍ଦ୍ର ବାଗ ସୂଚନା ଦେଇଛନ୍ତି। ଏହା ସହ ଆଗାମୀ ଦିନରେ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ, ପଦଯାତ୍ରା, ରାଜଧାନୀରେ ଧାରଣା ଆଦି ଆନ୍ଦୋଳନ ଜରିଆରେ ଜିଲା ଦାବିକୁ ଆହୁରି ପ୍ରଖର କରାଯିବ ବୋଲି କମିଟି କହିଛି। ଜିଲା ଦାବିକୁ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ତଥା ଭାଜପାର ସ୍ଥାନୀୟ ନେତୃବୃନ୍ଦ ମଧ୍ୟ ସମର୍ଥନ ଜାରି ରଖିଛନ୍ତି। ଏନେଇ ସମ୍ପ୍ରତି ଟିଟିଲାଗଡ ଉପଖଣ୍ଡରେ ଜନଆନ୍ଦୋଳନ ତୀବ୍ର ହେବାରେ ଲାଗିଥିବା ବେଳେ ସରକାର କେବେ ଟିଟିଲାଗଡ ଜିଲା ଘୋଷଣା କରିବେ ସେ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

## ଏକତା ସୂତ୍ରରେ ବାନ୍ଧି ରଖେ ନୂଆଁଖାଇ ଭେଟଘାଟ




ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବଙ୍ଗୋମୁଣ୍ଡା, ୩୦।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଖେଳପଡିଆରେ ନୂଆଁଖାଇ ଭେଟଘାଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆବାହକ ରାଷ୍ଟ୍ରପତି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନୂଆଁଖାଇ ଭେଟଘାଟ ଲୋକଙ୍କୁ ଏକତାର ସୂତ୍ରରେ ବାନ୍ଧିବାର ଏକ ଉପଯୁକ୍ତ ମଞ୍ଚ ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମାନୀତ ଅତିଥିଭାବେ ପ୍ୟାରେଲାଲ ଜାଙ୍ଗଡା, ଆଇନଜୀବୀ ଅଶୋକ ଦାସ, ଅନୀଲ ନାୟକ, କିଶୋର କୁମାର ଜୈନ, ପ୍ରଶାନ୍ତ ନାଏକ, ମଧୁସୂଦନ ମହାନନ୍ଦ, ସତ୍ୟନାରାୟଣ ଭୋଇ, ପରମାନନ୍ଦ ହାତୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅଞ୍ଚଳର ପ୍ରତିଭାବନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ମଞ୍ଚ ପରିଚାଳନା କରିଥିଲେ ନାରାୟଣ ମିଶ୍ର ଓ ରେଣୁରଞ୍ଜନ ବାଗ । ଏଥିପୂର୍ବରୁ ନଗର ପରିକ୍ରମା କରି ଗାଁର ଅଧିଷ୍ଠାତ୍ରୀ ଦେବୀ ଦ୍ୱାରସେନୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଆବାହକ ମନ୍ଦିରରେ ପୂଜ କରି ପୁଣି ନଗର ପରିକ୍ରମା କରି ମଂଚକୁ ଆସିଥିଲେ । ସଭାରେ ଅଧକ୍ଷତା କରିଥିଲେ ରାଷ୍ଟ୍ରପତି ବେହେରା।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ବଣ୍ଟନ

**ଖପ୍ରାଖୋଲ, ୩୦।୧୦(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚିହ୍ନଟ ହିତାଧିକାରୀଙ୍କ ରାଶନ କାର୍ଡ ବଣ୍ଟନ ସହ ଚାଉଳ ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପିଇଓ ଶ୍ରୀୟାବଲ୍ଲଭ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ କପିଳ ବୁଡେକ, ଜିଆରଏସ୍ ସତ୍ୟନାରାୟଣ ମେହେର, ପ୍ରଫୁଲ୍ଲ ମାଝୀ ପ୍ରମୁଖ ଉପସ୍ଥିତ ରହି ୬୦ ହିତାଧିକାରୀଙ୍କୁ କାର୍ଡ ଓ ଚାଉଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଯୋଗାଣ ସହାୟକ ପ୍ରକାଶ ଦାଶ ପରିଚାଳନା କରିଥିଲେ।

## ଷ୍ଟେଟବ୍ୟାଙ୍କର ଶାଖା ଖୋଲିବା ଦାବିରେ ଦସ୍ତଖତ ଅଭିଯାନ

**ଦେଓଗାଁ,୩୦।୧୦ (ଡି.ଏନ.ଏ .)**

ବଲାଙ୍ଗୀର ଜିଲା ସଦର ବ୍ଲକ ଭୂତିଆରବାହାଲରେ ଷ୍ଟେଟବ୍ୟାଙ୍କର ଏକ ଶାଖା ଖୋଲିବା ପାଇଁ ମଙ୍ଗଳବାର ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି । ବରିଷ୍ଠ ବିଜେପି ନେତା ଡ. ବାସୁଦେବ ପତି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ବିଜେଡି ନେତା ଶ୍ରୀବସ୍ତ ସାହୁ ଏହି ଅବସରରେ ଉପସ୍ଥିତ ଥିଲେ । ଭୂତିଆରବାହାଲ ସଦର ବ୍ଲକ ଓ ଦେଓଗାଁ ବ୍ଲକର ପେଣ୍ଠସ୍ଥଳ। ଏଠାରେ ଏକମାତ୍ର କିଓସ୍କ ବ୍ୟାଙ୍କ ସେବା ରହିଥିବାରୁ ଗ୍ରାମାଞ୍ଚଳର ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଆସୁଛି । ଗଣେଶ୍ୱର ଭୋଇ, ମନୋଜ ସାହୁ, ମୁନୁ ମାଝୀ, ଜଦୁମଣି ପଟେଲ, ପଞ୍ଚା ଭୋଇ, କ୍ଷିରୋଦ୍ର ଚୌଧୁରୀ,ସରୋଜ ପୁଟେଲ, ସଦାନନ୍ଦ ଭୋଇ, ସୁବୋଧ ଭୋଇ, ଗୋପାଳ ପୁଟେଲ, ଲିଙ୍ଗରାଜ ଭୋଇ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ ।



ଭୂତିଆରବାହାଲରେ ଷ୍ଟେଟବ୍ୟାଙ୍କର ଶାଖା ଖୋଲିବା ଦାବି ନେଇ ଦସ୍ତଖତ ଅଭିଯାନର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ।

## ବିଶ୍ୱ ମିତବ୍ୟୟିତା ଦିବସରେ ସଚେତନତା ରାଲି

**ବଲାଙ୍ଗୀର ଅଫିସ, ୩୦।୧୦**

ବଲାଙ୍ଗୀରରେ ଜିଲା ପ୍ରଶାସନ ଓ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ମଙ୍ଗଳବାର ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା । ରାଲିକୁ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ ପତାକା ଦେଖାଇ ଉଦ୍ଘାଟନ କରିଥିଲେ । ରାଲିଟି ଜିଲାପାଳ କାର୍ଯ୍ୟାଳୟଠାରୁ ପାଟଣା ହୋଟେଲ ଛକ, ସମଲେଶ୍ୱରୀ ମନ୍ଦିର, କୋଶଳ କଳାମଣ୍ଡଳ ରୋଡ, ଭାଗିରଥୀ ଛକ ଦେଇ ଜିଲାପାଳ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲା । ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାରେ ଅର୍ଥ ଜମା କରିବା ପରିବର୍ତ୍ତେ ଲୋକଙ୍କୁ ନିଜର କଷ୍ଟୋପାର୍ଜିତ ସମ୍ପତ୍ତିର ସୁରକ୍ଷିତ ସଞ୍ଚୟ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ସଞ୍ଚୟ ରଥ ଏବଂ ସଚେତନତା ରାଲିକୁ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ କୁମାର ଶତପଥି ପରିଚାଳନା କରିଥିଲେ । ଏଥିରେ ଜିଲାର ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର, ପାଟଣାଗଡ଼ ଏସ୍‌ଡିପିଆର୍‌ଓ ରୀତା ବଳିୟାରସିଂହ, ଜମାକାରୀ, ଏଜେଣ୍ଟ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଭାଗ ନେଇଥିଲେ। ଏହି ଅବସରରେ ଓଡ଼ିଆ ଭାଷାରେ ଏକ ସଚେତନତାଧର୍ମୀ ପ୍ରଚାରପତ୍ର ଉନ୍ମୋଚିତ ହୋଇଥିଲା ।



ବିଶ୍ୱ ମିତବ୍ୟୟିତା ଦିବସ ରାଲିକୁ ଏଡିଏମ୍ ପତାକା ଦେଖାଇ ଉଦ୍ଘାଟନ କରୁଛନ୍ତି।

ବଲାଙ୍ଗୀର ବାଇପାସ ରାସ୍ତା ଉପରେ ସମୀକ୍ଷା

## ଆନୁସଙ୍ଗିକ କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ

- ଜିଲାସ୍ତରୀୟ ଅଧିକାରୀଙ୍କ ସହ ନରସିଂହଙ୍କ ଆଲୋଚନା
- ଖାଲି ଜାଗାରେ ପାର୍କିଂଜୋନ ନିର୍ମାଣ ପାଇଁ ଗୁରୁତ୍ୱାରୋପ

**ବଲାଙ୍ଗୀର ଅଫିସ, ୩୦।୧୦**

ବଲାଙ୍ଗୀର ସହରର ବାଇପାସ୍ ରାସ୍ତା ନିର୍ମାଣର ଅଗ୍ରଗତି ସମ୍ପର୍କରେ ବଲାଙ୍ଗୀର ବିଧାୟକ ତଥା ରାଜ୍ୟ ବିଧାନସଭା ବିରୋଧୀଦଳ ନେତା ନରସିଂହ ମିଶ୍ର ମଙ୍ଗଳବାର ଅପରାହ୍ଣରେ ସ୍ଥାନୀୟ ସର୍କିଟ ହାଉସଠାରେ ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣର ଅଗ୍ରଗତି, ସହର ମଧ୍ୟରେ ଟ୍ରାଫିକ ସମସ୍ୟା, ବସ ଟର୍ମିନାଲ, ଟ୍ରକ ଟର୍ମିନାଲ, ଜମି ତଥା ବିଭିନ୍ନ ରାସ୍ତା କାମ ଉପରେ ସମୀକ୍ଷା କରାଯାଇଥିଲା । ସହରର ଜନସଂଖ୍ୟା ବୃଦ୍ଧି ହୋଇଥିବାବେଳେ ବାରମ୍ବାର ଦୁର୍ଘଟଣା ଘଟି ଜୀବନହାନୀ ଘଟୁଛି। ଏଭଳି ଦୁର୍ଘଟଣାକୁ ନେଇ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରୁଛନ୍ତି । ପ୍ରଶାସନ ଉପରେ ଲୋକେ ଆସ୍ଥା ତୁଟାଇବାକୁ ବସିଲେଣି । ଏଭଳି ଗୁରୁତର ସମସ୍ୟା ସବୁକୁ ନେଇ ବିଧାୟକ ମିଶ୍ର ମଙ୍ଗଳବାର ସମୀକ୍ଷା ଆଲୋଚନା କରିଥିଲେ। ଗତ ଅଗଷ୍ଟ ମାସ ୧୦ ତାରିଖ ପବ୍ଲିକ୍ ଆକାଉଣ୍ଟସ୍ କମିଟିରେ ବଲାଙ୍ଗୀର ବାଇପାସ ରାସ୍ତା ନେଇ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଏହି ବୈଠକ ପରେ ବାଇପାସ ନିର୍ମାଣ ଅଗ୍ରଗତି କେତେ ହୋଇଛି ବିଧାୟକ ମିଶ୍ର ଜାତୀୟ ରାଜପଥ ନିର୍ବାହୀଯନ୍ତ୍ରୀ ଅଶୋକ ପାଢୀଙ୍କୁ ପଚାରିଥିଲେ । ନିର୍ବାହୀ ଯନ୍ତ୍ରୀ ପାଢ଼ୀ କହିଥିଲେ ଯେ, ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଏଡିଜି ପାଖରେ ବାଇପାସ୍ ରାସ୍ତା ଫାଇଲ ରହିଛି । ଏହାପରେ ଡିଜି ଏବଂ ତା'ପରେ ସେକ୍ରେଟେରୀଙ୍କ ପାଖକୁ ଫାଇଲ ଅନୁମୋଦନ ପାଇଁ ଯିବ । ସେଠାରେ ଅନୁମୋଦନ ହେବା ପରେ ବାଇପାସ୍ ନିର୍ମାଣ ନେଇ ସେ ଟେଣ୍ଡର ଡାକିପାରିବେ ବୋଲି କହିଥିଲେ। ଗତ ପିଏସି ବୈଠକରେ ବିଭାଗୀୟ ଚିଫ୍ ଇଞ୍ଜିନିୟର ୬ ମାସ ଭିତରେ ସମସ୍ତ ଆନୁସଙ୍ଗିକ ଫାଇଲ କାମ ସରାଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି କଥା ଉଲ୍ଲେଖ କରି ବିଧାୟକ ମିଶ୍ର ବାଇପାସ ରାସ୍ତାର ଆନୁସଙ୍ଗିକ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବାଇପାସ୍ ରାସ୍ତା ଜମି ମୂଲ୍ୟାୟନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାର ପାଖକୁ ପଠାଯାଇଥିବା ଫାଇଲରେ କଣ୍ଟିଜେନ୍ସି ଖର୍ଚ୍ଚ ମୋଟ ବ୍ୟୟ ଅଟକଳର ୨୦ ପ୍ରତିଶତ ଥିବାରୁ ବ୍ୟୟ ଅଟକଳ ବହୁତ ବଢିଯାଇଥିଲା। ବର୍ତ୍ତମାନ କଣ୍ଟିଜେନ୍ସିଖର୍ଚ୍ଚ ୨ ପ୍ରତିଶତ କଲାପରେ ବ୍ୟୟ ଅଟକଳ ପରିମାଣ ୨୫ ରୁ ୨୮ କୋଟି ଟଙ୍କା କମିଯିବ ବୋଲି ସୂଚନା ଦିଆଯାଇଥିଲା । ବାଇପାସ୍ ରାସ୍ତା ସଂଶୋଧିତ ବ୍ୟୟ ଅଟକଳ ଅନୁମୋଦନ ହେବା ପରେ ରାସ୍ତା ନିର୍ମାଣ ଯେଭଳି ଆଉ ବିଳମ୍ବ ନହେବ ସେଥିପ୍ରତି ଧ୍ୟାନ ଦେଇ ସେତବେଳେ ପର୍ଯ୍ୟନ୍ତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବାକୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ତହସିଲଦାର ବାଇପାସ୍ ଜମିର ପ୍ରାପ୍ୟ ଦେବା ପାଇଁ ସମସ୍ତ ଆନୁସଙ୍ଗିକ କାଗଜପତ୍ର ପୂର୍ବରୁ ପ୍ରସ୍ତୁତ କରିରଖିଥିଲେ ସରକାରଙ୍କଠୁ ମଞ୍ଜୁରୀ ପାଇବା ପରେ ଅନଲାଇନ ପ୍ରାପ୍ୟ ପ୍ରଦାନ କରି ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିପାରିବେ ବୋଲି ନିର୍ବାହୀ ଯନ୍ତ୍ରୀ ପାଢ଼ୀ ଉତ୍ତର ରଖିଥିଲେ। ଏହି ଆଲୋଚନା ପରେ ସହରର ଟ୍ରାଫିକ ସମସ୍ୟା, ସହର ବାହାରକୁ ବସଷ୍ଟାଣ୍ଡ ଓ ଟ୍ରକ୍‌ଷ୍ଟାଣ୍ଡ ସ୍ଥାନାନ୍ତରଣ ଉପରେ ଆଲୋଚନା ହୋଇଥିଲା । ସହରର ବାହାରେ ଏନେଇ ଜାଗା ଖୋଜି ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ବିଧାୟକ ମିଶ୍ର ପ୍ରଶାସନିକ ଅଧିକାରୀଙ୍କୁ କହିଥିଲେ। ଆଲୋଚନାରେ ଜିଲାପାଳ ଅରିନ୍ଦମ୍ ଡାକୁଆ, ଉପଜିଲାପାଳ ଭୈରବ ସିଂ ପଟେଲ, ତହସିଲଦାର ଖୁବ୍ ଶୀଘ୍ର ଟ୍ରକ ଟର୍ମିନାଲ ପାଇଁ ସ୍ଥାନ ଚିହ୍ନଟ କରାଯିବ ବୋଲି କହିଥିଲେ । ସହର ମଧ୍ୟରେ ଥିବା ଟ୍ରାଫିକ୍ ଛକ, ଜିଲାପାଳା କାର୍ଯ୍ୟାଳୟ ସମ୍ମୁଖ, ରାଣୀବନ୍ଧ ଏବଂ ଶାରଦେଶ୍ୱରୀ ଆୟୁର୍ବେଦିକ ଚିକିତ୍ସାଳୟ (କବିରାଜଖାନା) ମଝିରେ ଥିବା ଖାଲିଜାଗାକୁ ଶୀଘ୍ର ପାର୍କିଂ ଜୋନରେ ପରିଣତ କରିବା ପାଇଁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ପଡିଲେ ଓଡିଶା ଭିତ୍ତିଭୂମି ଉନ୍ନୟନ ପାଣ୍ଠିରୁ ପଇସା ଆଣି ଉକ୍ତ ପାର୍କିଂ ଜୋନକୁ ଆଧୁନିକରଣ କରାଯିବ ବୋଲି ଆଲୋଚନା ହୋଇଥିଲା । ଦେଓଗାଁରେ ଥାନା ପ୍ରତିଷ୍ଠା ପାଇଁ ଥିବା ପ୍ରସ୍ତାବ କାହିଁକି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ ବୋଲି ସେ ପୋଲିସ ଅଧିକାରୀଙ୍କୁ ପଚାରିଥିଲେ। ବୈଠକରେ ବିଧାୟକ ପିଡି ଡିଆରଡିଏ ମହେଶ୍ୱର ସ୍ୱାଇଁ, ପୋଲିସ ଡିଏସପି ପ୍ରଶାନ୍ତ ପଟ୍ଟନାୟକ, ପିଡବ୍ଲୁଡି ଏସ୍‌ଇ ଉମେଶ ଚନ୍ଦ୍ର ମିଶ୍ର, ନିର୍ବାହୀଯନ୍ତ୍ରୀ ନଳିନୀକାନ୍ତ ଦାସ, ଏସ୍‌ଡିଓ ମନୋଜ ମହାନନ୍ଦ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ବନବିଭାଗ ଅଧିକାରୀ ବାବାଜୀ ରାଉଳ ଉପସ୍ଥିତ ଥିଲେ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

ଜୁନାଗଡ,୩୦।୧୦(ସ୍ୱ.ପ୍ର.)- କଳାହାଣ୍ଡି ଜିଲା ଜୁନାଗଡ ଥାନା ଜୁନାଗଡ ଶୁଣ୍ଡି ମଶାଣୀ ପାଖରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ବଣିଜରା ଗ୍ରାମର ବିପିନ ବିହାରୀ ମେହେର (୫୫)। ସେ କୌଣସି କାର୍ଯ୍ୟରେ ବ୍ରାହ୍ମଣୀଗୁଡାକୁ ଯାଇଥିଲେ। ବାଟରେ ମଶାଣୀ ପାଖରେ ଥିବା ନଳକୂପରେ ପାଣି ପିଇବା ପାଇଁ ଯାଇଥିବା ବେଳେ ପଡି ଯାଇଥିଲେ। ସେହି ରାସ୍ତା ଦେଇ ଯାଇଥିବା ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଜୁନାଗଡ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୦୧୮) ରୁଜୁ ହୋଇଛି।

### ପେଣ୍ଟର କୌଶଳ ପ୍ରଶିକ୍ଷଣ ଶିବିର

ଭବାନୀପାଟଣା, ୩୦।୧୦ (ଡି.ଏନ.ଏ.)- ଭାରତ ଅନ୍ୟତମ ରଙ୍ଗ ଉତ୍ପାଦନକାରୀ କମ୍ପାନୀ କନ୍‌ସାଇ ନେରୋଲେକ୍ ପେଣ୍ଟସ୍ ଲିମିଟେଡ୍ ପକ୍ଷରୁ ଭବାନୀପାଟଣାର ବ୍ୟବସାୟୀ ପ୍ରତିଷ୍ଠାନ ଶିବଶକ୍ତି କଲେକ୍‌ସନ୍ ସହଯୋଗରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଏକ 'ପେଣ୍ଟର କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । କନ୍‌ସାଇ ନେରୋଲେକ୍ ପେଣ୍ଟସ୍ ଲିମିଟେଡ୍‌ର ପଶ୍ଚିମ ଓଡିଶା ଏରିଆ ମ୍ୟାନେଜର ସଞ୍ଜିତ ମହାନ୍ତି ଓ ଶିବଶକ୍ତି କଲେକ୍‌ସନ୍‌ର ମୁଖ୍ୟ ଅନିଲ ଗୁପ୍ତାଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅଞ୍ଚଳର ଶତାଧିକ ରଙ୍ଗ ମିସ୍ତ୍ରୀ ଓ ରଙ୍ଗ କଣ୍ଟ୍ରାକ୍ଟର ଯୋଗଦେଇ ଜାପାନ ଟେକ୍‌ନୋଲୋଜିରେ ପ୍ରସ୍ତୁତ ରଙ୍ଗର ଗୁଣବର୍ତ୍ତା, ରଙ୍ଗ ଲଗା କୌଶଳ ଓ ଏହାର ଉଚିତ୍ ଉପଯୋଗ ସମ୍ପର୍କରେ ରଙ୍ଗ ଲଗା ମିସ୍ତ୍ରୀମାନେ ପ୍ରଶିକ୍ଷଣ ନେଇଥିଲେ । କମ୍ପାନୀର ସେଲ୍ସ ଅଫିସର ଅବିନାଶ ଶତପଥୀ ଏହି ରଙ୍ଗ ମିସ୍ତ୍ରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟବସାୟୀକ ନିୟମ ଅନୁଯାୟୀ ଅଧିକ ବ୍ୟବସାୟୀ କରିଥିବା ଶିବଶକ୍ତି କଲେକ୍‌ସନ୍‌ର ମୁଖ୍ୟ ଅନିଲ ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅଧିକ ରଙ୍ଗ କ୍ରୟ କରିଥିବା ମିସ୍ତ୍ରୀମାନଙ୍କୁ ପ୍ରଥମ ପୁରସ୍କାର ଭାବରେ ଏକ୍ସଏଲ୍ -୧୦୦ ଦୁଇ ଚକିଆ ଗାଡି, ଏଲ୍ଇଡି ଟିଭି ଓ ଅନ୍ୟାନ୍ୟ ପୁରସ୍କାରମାନ ପ୍ରଦାନ କରାଯାଇଥିଲା । ଶେଷରେ କମ୍ପାନୀ ପକ୍ଷରୁ ମିସ୍ ପ୍ରିୟାଙ୍କ ତତ୍ତ୍ୱାବଧାନରେ ଆସିଥିବା ସାଂସ୍କୃତିକ ଦଳ ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ସମସ୍ୟା ନ ସୁଧୁରିଲେ ଭୋଟ ବର୍ଜନ ନିଷ୍ପତ୍ତି

ନୂଆପଡା ଅଫିସ,୩୦।୧୦

ଦିନେ ବିବିଧ ସମସ୍ୟାରେ ସୁନାବେଡା ଅଭୟାରଣ୍ୟବାସୀନ୍ଦା ସଂଘର୍ଷ କରୁଥିବା ଜାଣି ମାଓବାଦୀମାନେ ପ୍ରଶାସନକୁ ଟାର୍ଗେଟ କରି ପଶି ଆସିଥିଲେ । ପରବର୍ତ୍ତି ସମୟରେ ପୋଲିସ ଏବଂ ଜିଲା ପ୍ରଶାସନ କଠିଣ ପରିଶ୍ରମ କରି ଗୋଟିଏ ପ୍ରକାର ସେଠିକାର ସମସ୍ୟା ସମାଧାନ କରିଥିଲେ। ଫଳରେ ଜନସାଧାରଣ ଏବଂ ପ୍ରଶାସନ ମଧ୍ୟରେ ଏକ ସମନ୍ୱୟ ଆସିଥିଲା । ହେଲେ ବର୍ତ୍ତମାନ ପୁଣି ଥରେ ବନ ବିଭାଗର ଦାଦାଗିରି ସାଙ୍ଗକୁ ସିବିଡିଏ ସଂସ୍ଥାର ଅପାରଗତା ଯୋଗୁ ଲୋକଙ୍କ ଅବସ୍ଥା ଯଥାପୂର୍ବଂ ତଥା ପରଂ ହୋଇଛି। ଏହାକୁ ନେଇ ଅଭୟାରଣ୍ୟବାସୀନ୍ଦା ବାରମ୍ବାର ବୈଠକ କରିବା ପରେ ଶେଷରେ ଦୀର୍ଘ ୭୦ କିମି ଦୂର ଦୁର୍ଗମ ରାସ୍ତା ଅତିକ୍ରମ କରି ନୂଆପଡା ଆସି ଜିଲାପାଳଙ୍କୁ ଭେଟି ଗୁହାରୀ କରିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ମଙ୍ଗଳବାର ପୂର୍ବାହ୍ନ ସୁନାବେଡା ସରପଞ୍ଚ ତିଲସିଂ ଭୁଞ୍ଜିଆ ଏବଂ ସମିତି ସଭ୍ୟ ପ୍ରତିନିଧି କାଳିଆ ପ୍ରଧାନଙ୍କ ନେତୃତ୍ୱରେ ୨୦ ଜଣିଆ ପ୍ରତିନିଧି ଦଳ ନୂଆପଡା ଆସି ଜିଲାପାଳ ଡା. ପୋମା ଟୁଡୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ। ଅଭୟାରଣ୍ୟ ମଧ୍ୟରେ ଗମନାଗମନ, ରୋଜଗାର, ବିଜୁଳୀ ସମସ୍ୟା ସହ ସିବିଡିଏ ସଂସ୍ଥାରେ ଚାଲିଥିବା ଅନିୟମିତତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ।

ସୂଚନାଯୋଗ୍ୟ ଯେ, ସୁନାବେଡା ଅଭୟାରଣ୍ୟ ଭିତରେ ସୁନାବେଡା

**ସୁନାବେଡ଼ା, ସୋସେଙ୍ଗ ଗ୍ରାମପଞ୍ଚାୟତ**

- ଅସନ୍ତୁଷ୍ଟ ସୁନାବେଡ଼ାବାସୀ ଜିଲାପାଳଙ୍କୁ ଭେଟିଲେ
- ସିବିଡିଏ ଅଧିକାରୀ ନିଯୁକ୍ତି ଦାବି

ଏବଂ ସୋସେଙ୍ଗ ଦୁଇଟି ଗ୍ରାମପଞ୍ଚାୟତ ରହିଛି। ଏଥିରେ ମୋଟ ୫୨ଟି ଛୋଟବଡ ବସତିରେ ୫ ହଜାର ପାରମ୍ପରିକ ଆଦିବାସୀ ବନବାସୀ ବାସ କରୁଛନ୍ତି। ସରକାର ଏହାକୁ ଏକ ଅଭୟାରଣ୍ୟର ମାନ୍ୟତା ଦେବା ଦିନଠାରୁ ଲୋକଙ୍କ ଜୀବନ ଜିବିକା ଏକ ପ୍ରକାର ଦୁର୍ବିସହ ହୋଇପଡିଛି। ଜିଲା ସଦର ମହକୁମାଠାରୁ ୭୦ କି.ମି. ଦୂର ଏବଂ କୋମନା ବ୍ଲକ କାର୍ଯ୍ୟାଳୟଠାରୁ ୪୦ କି.ମି. ଦୂର ରହିଛି। ଏଠାରେ ପୂର୍ବରୁ ଗମନାଗମନ ସକାଶେ ବନବିଭାଗ ତରଫରୁ ସବୁଦିନିଆ ରାସ୍ତା ନିର୍ମାଣ କରାଯାଇଥିଲା । ଦୀର୍ଘ ଦିନ ପରେ ବର୍ତ୍ତମାନ ସେସବୁ ଭାଙ୍ଗି ନାଳରେ ପରିଣତ ହେଲାଣି । ବର୍ତ୍ତମାନ ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ । ଓଲଟା ଏହି କାମ କରିବାକୁ ବନ ବିଭାଗ ତରଫରୁ ରୋକ ଲଗାଯାଉଛି । ଅନ୍ୟପଟେ ଏଠିକାର ଚକୋଟିଆ ଭୁଞ୍ଜିଆମାନଙ୍କ ଉନ୍ନୟ ସକାଶେ ସିବିଡିଏ ନାମକ ଏକ ସଂସ୍ଥାକୁ ସରକାର ନିୟୋଜିତ କରିଛନ୍ତି। ସରକାରଙ୍କ ତରଫରୁ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ବିଭାଗୀୟ ଅଧିକାରୀ ଚଞ୍ଚକତା କରି ହରିଲୁଟ ହେଉଥିବାରୁ ଲୋକଙ୍କ ଉନ୍ନତି ହୋଇପାରୁନାହିଁ । ବନ ବିଭାଗ ଉପରେ କାର୍ଯ୍ୟାନୁଷ୍ଠାନ କରିବା ସହ ସିବିଡିଏ ସଂସ୍ଥାରେ ପୂର୍ବରୁ ହିମାଂଶୁ ଶେଖର ମହାପାତ୍ର ନାମକ ଜଣେ ଅଧିକାରୀ ରହି ବହୁ ଉନ୍ନତିମୂଳକ କାମ କରିଥିଲେ ବୋଲି ତାଙ୍କୁ ପୁନଃ ନିଯୁକ୍ତି ଦେବାକୁ ଜିଲାପାଳଙ୍କୁ ଦାବି କରାଯାଇଛି। ବିଜୁଳୀ ସମସ୍ୟା ଦୂର କରିବାକୁ ତତ୍କାଳୀନ ଜିଲାପାଳ ଉଦ୍ୟମ କରିଥିଲେ। ବର୍ତ୍ତମାନ ବନଖଣ୍ଡ ଅଧିକାରୀ ଏହାକୁ ବନ୍ଦ କରିଦେଇଛନ୍ତି। ଏହାକୁ ତୁରନ୍ତ ହସ୍ତକ୍ଷେପ କରି ବିଜୁଳୀ ସଂଯୋଗ ଦେବାକୁ ଦାବି କରାଯାଇଛି । ଏସବୁ ଦାବିଗୁଡିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଜିଲାପାଳ ଏହା ଉପରେ ବିଚାର କରି କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।




ସୁନାବେଡା ଅଭୟାରଣ୍ୟବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକତ୍ର ହୋଇଛନ୍ତି ।

କଳମପୁର ବ୍ଲକର କୃଷି ଓ ଅନ୍ୟାନ୍ୟ ମୌଳିକ ସମସ୍ୟାର ସମାଧାନ ଦାବି

# ବ୍ଲକ ଅଫିସ୍ ଆଗରେ କଂଗ୍ରେସର ଗଣଧାରଣା, ବିକ୍ଷୋଭ

- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ପ୍ରଦାନ

ଭବାନୀପାଟଣା/ମଣ୍ଡଲ, ୩୦।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କଳମପୁର ବ୍ଲକ କଂଗ୍ରେସ ତରଫରୁ ମଙ୍ଗଳବାର ବ୍ଲକର ବିଭିନ୍ନ ସମସ୍ୟା ସମାଧାନ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ କରାଯାଇଛି । କଳମପୁର ଦୁର୍ଗା ମଣ୍ଡପରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ କଳମପୁର ଜୋନ ନଂ. ୨ର ସଭାପତି ବାୟା ନାଏକଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ହୋଇଥିଲା । ପୂର୍ବତନ କଳମପୁର ବ୍ଲକ ଅଧ୍ୟକ୍ଷ ବିପିନ ପ୍ରଧାନୀ, ପୂର୍ବତନ କଳମପୁର ସରପଞ୍ଚ ଚତୁର୍ଭୁଜ ପଣ୍ଡା, କଳମପୁର ବ୍ଲକ ଜୋନ ୧ର ସଭାପତି ପୀତାମ୍ବର ସାହୁ, ଧର୍ମଗଡ ପିସିସି ସଭ୍ୟ ଦିଗାମ୍ବର ଦୁରିଆ, କୃଷକ ସେଲ ସଭାପତି ଗଣେଶ ନାଗ, ଆଦିବାସୀ ସେଲ ସଭାପତି ଟିକଚନ ମାଝି, କଳମପୁର ୧ ଜୋନ ଉପସଭାପତି ପଦ୍ମକିଶୋର ନାଏକ, ଜନାରଧ ମାଝି, ଉଦିତ ରଣା, ଶ୍ୟାମ ନାଗ, କଳାକାହ୍ନୁ କଟା, ଜୁନାଗଡ ସେବା ଦଳ ସଭାପତି ଗୋକୁଳ ନାଗ, ଡମ୍ବରୁଧର ଦୁର୍ଗା, ପବିତ୍ର ବାଗ, କୁରୁକ୍ଷେତ୍ର ତାଣ୍ଡି, କେଶବ ଶବର ପ୍ରମୁଖ ଯୋଗଦେଇଥିଲେ। ନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାର କଳାହାଣ୍ଡି ଜିଲା ପ୍ରତି ବିଭିନ୍ନ କ୍ଷେତ୍ରରେ ଅବହେଳିତ କରୁଥିବାରୁ ସମାଲୋଚନା କରି ବର୍ଷିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ଦାବିପତ୍ର କଳମପୁର ବିଡିଓ ହେମସାଗର ଭୋଇଙ୍କୁ ପ୍ରଦାନ କରାଯାଇଥିଲା । ଦାବିଗୁଡ଼ିକ ମଧ୍ୟରେ ମୁଖୀଗୁଡା ଇନ୍ଦ୍ରାବତୀ ଡ୍ୟାମରୁ ବାହାରିଥିବା ଡାହାଣ ମୁଖ୍ୟ କେନାଲର ପୁନର୍ନିର୍ମାଣ, ୨୦୧୪ରୁ ପାଣି ଦେଉ ନ ଥିବାରୁ ଅଞ୍ଚଳର ମୋଟ ୨୭.୧.୯୫ ହେକ୍ଟର ଜମିରେ ଚାଷ ହୋଇ ପାରୁ ନ ଥିବାରୁ ଚାଷୀମାନେ ପ୍ରାୟ ୯୬୫ କୋଟିର କ୍ଷତି ସହିଛନ୍ତି, ଆସନ୍ତା ରବି ଋତୁ ପାଇଁ ଉକ୍ତ କେନାଲରେ ପାଣି ଛାଡିବା, ଚାଷୀମାନଙ୍କୁ କୃଷି ଋଣ ଛାଡ କରିବା, ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର କରିବା, ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଯୋଗାଇଦେବା, ଟେମରା ଓ ପାତ୍ରବସା ନଦୀ ଘାଟ ପୋଲ ନିର୍ମାଣ ତ୍ୱରାନ୍ୱିତ କରିବା, ଦୋଲକବନ୍ଧଠାରୁ ମାଠିଆ ପଡା ରାସ୍ତା ଆଦି କାମ ତ୍ୱରାନ୍ୱିତ କରିବା, ଟେମରାଠାରୁ ବଙ୍କପଲା ପର୍ଯ୍ୟନ୍ତ ହାତି ନଦୀର ଉଭୟ ପାର୍ଶ୍ୱରେ ଆଡି ବନ୍ଧ ବା ପଥର ସୋଲିଂ କରିବା, ସମସ୍ତ ନଦୀ କୂଳିଆ ଗାଁରେ ବନ୍ୟା ଆଶ୍ରୟସ୍ଥଳି ନିର୍ମାଣ କରିବା, କଳମପୁରଠାରେ ଏକ ସରକାରୀ ଯୁକ୍ତ ୨ ବିଜ୍ଞାନ କଲେଜ ଖୋଲିବା, ମଣ୍ଡଲ ଓ ବନ୍ଧକନାଠାରେ ଜାତୀୟ ବ୍ୟାଙ୍କ ପ୍ରତିଷ୍ଠା କରିବା ଦାବିଗୁଡିକ ଉଲ୍ଲେଖ କରାଯାଇଛି। ପ୍ରତିବାଦ ସଭାରେ କଂଗ୍ରେସ କମିଟି କର୍ମକର୍ତ୍ତା ଦଳୀୟ ନେତୃମଣ୍ଡଳୀ ତଥା ଅଞ୍ଚଳର ଚାଷୀ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା ଜୋନ ନଂ. ୧ର ସମ୍ପାଦକ ସୁଶାନ୍ତ ବିହାରି ପରିଚାଳନା କରିଥିଲେ। ଟିକଚନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କଳମପୁର ବ୍ଲକ ବିଭିନ୍ନ ଗ୍ରାମରୁ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ ।




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତାମାନେ ବିକ୍ଷୋଭ କରୁଛନ୍ତି ।

ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା, ସହାୟିକା ସଂଘ

# ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭବାନୀପାଟଣା,୩୦।୧୦ (ଡି.ଏନ.ଏ.)

**୬ ଦଫା ଦାବି**

କଳାହାଣ୍ଡି ଜିଲା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏଥିସହ ଜିଲାପାଳଙ୍କ ଜରିଆରେ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । କଳାହାଣ୍ଡି ଜିଲା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକ ସଂଘ ତରଫରୁ ୬ ଦଫା ଦାବି ନେଇ ସୋମବାର ଗୋଟିଏ ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ସଂଘ ସଭାପତି ନବ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାମାନେ ସ୍ଥାନୀୟ ଲାଲାବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଏକ ୬ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ୬ ଦାବି ମଧ୍ୟରେ ପାଚିକା ଓ ସହାକାରୀ ପାଚିକାମାନଙ୍କୁ ୬୦ ବର୍ଷ ଅବସର ନିୟମ ବାତିଲ କରାଯାଇ ୬୫ ବର୍ଷକୁ ବୃଦ୍ଧି, ପାଚିକା ଓ ସହକାରୀ ପାଚିକାମାନଙ୍କୁ ସର୍ବନିମ୍ନ ମାସିକ ୧୮ ହଜାର ଟଙ୍କା ଦରମା, ଇ.ପି.ଏଫ୍, ପେନ୍‌ସନ୍, ବୀମା ଆଦି ସାମାଜିକ ସୁରକ୍ଷା ଦେବା, ବର୍ଷକୁ ୨ ଖଣ୍ଡ ସୂତା ଶାଢୀ ପାଇଁ ୧୦୦୦ ଟଙ୍କା ପ୍ରଦାନ, ମାସକୁ ୧୦୦ ଟଙ୍କା ସଫେଇ ଭତ୍ତା ଆଦି ଦାବି ରହିଛି ।



ଜିଲାପାଳ ଅଫିସ ସମ୍ମୁଖରେ ମଧ୍ୟାହ୍ନଭୋଜନ ପାଚିକା, ସହାୟିକା ସଂଘ ବିକ୍ଷୋଭ କରୁଛନ୍ତି ।

ବିଶ୍ୱ ମିତବ୍ୟୟିତା ଦିବସରେ ସଚେତନତା

# ସଞ୍ଚୟ ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ

ନୂଆପଡା ଅଫିସ,୩୦।୧୦

**ଶୋଭାଯାତ୍ରାରେ ଜିଲାପାଳ, ଏସପି**

ଲୋକଙ୍କୁ ସଞ୍ଚୟ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଅଯଥା କାମରେ ବଦ ଖର୍ଚ୍ଚ ନ କରି ସଦବିନିଯୋଗ କରିବାକୁ ବିଶ୍ୱ ମିତବ୍ୟୟିତା ଦିବସରେ ସଚେତନ କରାଯାଇଛି । ମଙ୍ଗଳବାର ବିଶ୍ୱବ୍ୟାପି ମିତବ୍ୟୟୀତା ଦିବସ ପାଳନ କରାଯାଉଥିବା ବେଳେ ନୂଆପଡା ଜିଲା ସଦର ମହକୁମାରେ ଜିଲା ପ୍ରଶାସନ ଗୁରୁତ୍ୱର ସହ ପାଳନ କରିଥିଲା। ଏଥିରେ ଜିଲାପାଳ ଡା.ପୋମା ଟୁଡୁ ଏବଂ ଏସପି ସ୍ମିତ ପରମାର ଖୋଦ ସବୁ କାମ ଛାଡି ସଚେତନତା ସୃଷ୍ଟି କରିବାକୁ ଶୋଭାଯାତ୍ରାରେ ବୁଲି ବାର୍ତ୍ତା ଦେଇଥିଲେ। ପୂର୍ବାହ୍ନ ସାଢେ ୯ଟାରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମୁଖ୍ୟଅତିଥି, ଏସପି, ପିଡି ଡିଆରଡିଏ ବୃଷଭ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଯୋଗଦେଇଥିବା ସ୍ଥାନୀୟ ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ର, ସହରବାସୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସଚେତନତାର ବାର୍ତ୍ତା ଦେବା ସହ ଏହି ଉପଲକ୍ଷେ ଏକ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହା ପରେ ଏକ ସଚେତନତା ରାଲି ବାହାରିଥିଲା । ପ୍ରଥମ ଥର ପାଇଁ ଖୋଦ ଜିଲାପାଳ ଏବଂ ଏସପି ସବୁ କାମ ଛାଡି ସଚେତନତା ରାଲିରେ ସହର ପରିକ୍ରମା କରିଥିଲେ । ଏହି ଦୃଶ୍ୟ ବେଶ ପ୍ରଭାବଶାଳୀ ଥିଲା । ରାଜରାସ୍ତାରେ ଶତାଧିକ ଗାଡିମୋଟର ଅଟକି ରହିଥିବାବେଳେ ସମସ୍ତେ ଜିଲାପାଳଙ୍କ ରାଲିକୁ ଦେଖିଥିଲେ। ଏଥିରେ ଜିଲାର ବହୁ ଜିଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧିମାନେ ମଧ୍ୟ ସାମିଲ ଥିଲେ।



ଜିଲାପାଳ ଏବଂ ଏସପି ସଚେତନତା ରାଲିରେ ବୁଲୁଛନ୍ତି ।

ଭାଜପା ପକ୍ଷରୁ ନୂଆପଡ଼ା, ବୋଡ଼େନ ବ୍ଲକ ଘେରାଉ

# ଭ୍ରଷ୍ଟାଚାର ଉପରେ ବର୍ଷିଲେ ନେତା

ନୂଆପଡା ଅଫିସ/ବୋଡେନ, ୩୦।୧୦ (ଡି.ଏନ.ଏ.)

ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବର୍ତ୍ତମାନ ନୂଆପଡ଼ା ଜିଲାରେ ଭୟାବହ ମରୁଡି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ମରୁଡି ସମସ୍ୟା ସହ ଗତ ଦିନର ଇନପୁଟ ସବସିଡି, ବୀମା ଟଙ୍କା ହେଉ କି ଗରିବଙ୍କ ରାଶନ କାର୍ଡ ସମସ୍ୟା ଜିଲାବାସୀଙ୍କୁ ଅଥୟ କରୁଛି ଅଭିଯୋଗ କରି ଅସନ୍ତୋଷ ଭାଜପା କର୍ମୀମାନେ ରାଲିରେ ଆସି ନୂଆପଡା ସଦର ବ୍ଲକ ଘେରାଉ କରିଛନ୍ତି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଆଇନ ଅମାନ୍ୟ କରିଥିବାରୁ ଶତାଧିକ କର୍ମକର୍ତ୍ତାଙ୍କୁ ପୋଲିସ ଗିରଫ କରିଥିଲା । ମଙ୍ଗଳବାର ସ୍ଥାନୀୟ ଜିଲା ଭାଜପା କାର୍ଯ୍ୟାଳୟଠାରୁ ଶତାଧିକ ଭାଜପା କର୍ମକର୍ତ୍ତା ଏକ ରାଲିରେ ବାହାରିଥିଲେ । ସହର ପରିକ୍ରମା ବେଳେ ସମସ୍ତେ ଶାସକ ଓ ପ୍ରଶାସକଙ୍କ ବିରୋଧରେ ନାରାବାଜି ଦେଇ ନୂଆପଡା ବ୍ଲକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅତିନ୍ଦ୍ର ଜିତ ସିଂ ମଲ୍ଲିକ ସଭା ପରିଚାଳନା କରିଥିବା ବେଳେ ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା, ଜିଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲ, ଅଶୋକ ମିତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣୀ ପାଣିଗ୍ରାହୀ, ପପୁ ଠାକୁର, ରାଜ୍ୟ ଏସଟି ମୋର୍ଚ୍ଚା ଉପସଭାପତି ଖାମସିଂ ମାଝି, ଗୋଲଡି ଅଗ୍ରୱାଲ, ଗୋବର୍ଦ୍ଧନ ସାହୁ, ଟିକେଲାଲ ସାହୁ ପ୍ରମୁଖ ରାଜ୍ୟ ସରକାଙ୍କ ଉପରେ ବର୍ଷିଥିଲେ । ଏଥିରେ ଜିଲାରେ ବର୍ତ୍ତମାନ ମରୁଡି ପରିସ୍ଥିତି ଉତ୍କଟ ହେଲାଣି। ହେଲେ ବ୍ଲକ ତଥା ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉନାହାନ୍ତି । ଗତବର୍ଷ ମରୁଡି ବାବଦକୁ ସରକାର ଏଯାବତ ଚାଷୀଙ୍କୁ ବୀମା ଟଙ୍କା ଦେଇପାରିନାହାନ୍ତି । ଜିଲାରେ ହଜାର ହଜାର ଚାଷୀଙ୍କ ଟଙ୍କା ବ୍ୟାଙ୍କରେ ପଡିରହିଛି। ହେଲେ ଚାଷୀଙ୍କୁ ମିଳିପାରୁନାହିଁ। ଗରିବ ଲୋକଙ୍କ ପାଇଁ ଆସିଥିବା ରାଶନ କାର୍ଡକୁ ଦଳୀୟ ଭିତିରେ ପକ୍ଷପାତିତା କରି ଦିଆଯାଉଛି । ଫଳରେ ଅସଲ ଗରିବ ଲୋକମାନେ ବଞ୍ଚିତ ରହୁଛନ୍ତି । ବିଭିନ୍ନ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ପ୍ରଶାସନ ହେଳା କରୁଥିବା ବେଳେ ଦଳୀୟ କର୍ମକର୍ତ୍ତାଙ୍କୁ ସୁହାଇଲାଭଳି ସବୁ କାମ କରୁଥିବା ବକ୍ତାମାନେ ଅଭିଯୋଗ ଆଣିଥିଲେ। ଦୀର୍ଘ ସମୟ ଧରି ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିବା ବେଳେ ବିଡିଓ ତାଲା ଦେଇ ଭିତରେ କାମ କରୁଥିଲେ। ଧୀରେ ଧୀରେ ଭାଜପା କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇବା ପରେ ବ୍ଲକ କାର୍ଯ୍ୟାଳୟ ଗେଟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଦୀର୍ଘ ସମୟ ଧରି ପୋଲିସ ସହ ଠେଲାପେଲା ଚାଲିବା ପରେ ପୋଲିସ ସମସ୍ତଙ୍କୁ ଗିରଫ କରିଥିବା ଘୋଷଣା କରିଥିଲା । ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଥିଲା । ଥାନାଧିକାରୀ ବିବେକାନନ୍ଦ ମହନ୍ତ ଉପସ୍ଥିତ ରହି ସମସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ କରିଥିଲେ। ସେହିପରି ବୋଡେନ ବ୍ଲକ ଭାଜପା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ବୋଡେନ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବୋଡେନ ବସଷ୍ଟାଣ୍ଡରୁ ଏକ ରାଲିରେ ଆସି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ । ଆୟୋଜିତ ବିକ୍ଷୋଭ ସଭାରେ ପାତଳ ଗଙ୍ଗା ସଭାପତି ନିଳାମ୍ବର ମେହେର ପରିଚାଳନା କରିଥିବା ବେଳେ ଖଡିଆଳ ବିଧାୟକ ଦୁର୍ଯ୍ୟୋଧନ ମାଝି, ନୂଆପଡା କୃଷକ ମୋର୍ଚ୍ଚା ସଞ୍ଜୁ ତିୱାରୀ, ଜିଲା ଉପସଭାପତି ଥବିରାମ ପାଣ୍ଡେ, ହେମ ସାଗର ମାଝି ପ୍ରମୁଖ ରାଜ୍ୟ ସରକାର ଉପରେ ବର୍ଷିଥିଲେ ।

- ଚାଷୀ ସମସ୍ୟା ମୁଖ୍ୟ ଆକର୍ଷଣ
- ଗିରଫ ହେଲେ ଶତାଧିକ କର୍ମକର୍ତ୍ତା



ନୂଆପଡା ବ୍ଲକ କ୍ୟାମ୍ପସରେ ଭାଜପା ତରଫରୁ କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି ।

## ସଂକ୍ଷେପରେ



### ଶିବ ପୂଜା ସହ ସର୍ପ ଯାତ୍ରା ପାଳିତ

**ପଲମ,୩୦।୧୦ (ଡି.ଏନ.ଏ.)-** ନର୍ଲା ବ୍ଲକ୍ ଅଧୀନ ପଲମ ପଞ୍ଚାୟତସ୍ଥିତ ଖଇରମାଲ ଗ୍ରାମରେ ଆଜକୁ ୨୮ବର୍ଷ ହେଲା ଶିବଙ୍କ ପୂଜା ସହ ସର୍ପ ଯାତ୍ରା ପାଳନ କରି ଆସୁଛନ୍ତି । ଚଳିତବର୍ଷ ୨୯ରୁ ୩୦ ତାରିଖ ପର୍ଯ୍ୟନ୍ତ ସର୍ପ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଶିବପୂଜା ପାଳିତ ହୋଇଯାଇଛି । ମୁଖ୍ୟ ପୂଜକ ତଥା ପ୍ରଥମରୁ ବିଦ୍ୟା ପ୍ରଦାନ କରିଥିବା (ଗୁରୁ) ଦନାର୍ଦ୍ଦନ କୁମୁଡା, ତାଣ୍ଡିଗାଁ ବଲାଙ୍ଗୀର, ଗ୍ରାମର ୫୦ଜଣ ବ୍ୟକ୍ତିଙ୍କୁ ନେଇ ସର୍ପ ବିଦ୍ୟା ପ୍ରଦାନ କରିଥିଲେ । ଏହି ମନ୍ଦିରରେ ଗୌରୀଶଙ୍କର, ଚଣ୍ଡି, ଭୈରବ, ଅଷ୍ଟକୁଳା ନାଗ, ନନ୍ଦିଭୃକୁଟି ଇତ୍ୟାଦି ଦେବଦେବୀଙ୍କୁ ମୁଖ୍ୟ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ପୂଜା ସମୟରେ ୫୦ଜଣ ବ୍ୟକ୍ତିଙ୍କୁ କାଳସି ଆସିଥାଏ । ସେହି ସମୟରେ ଅନେକ ଭକ୍ତମାନଙ୍କର ଦୁଃଖ ଦୁର୍ଦ୍ଦଶା ଦୁର ହେବା ସହ ମନସ୍କାମନା ପୂରଣ ହୋଇଥାଏ । ଶେଷ ଦିନରେ ବିନୋ (ଉଇହୁଙ୍କା)ଠାରେ ମୁଖ୍ୟ ପୂଜକ ଏବଂ ଦୈନିକ ପୂଜକ ଗୋବିନ୍ଦ ଧରୁଆ ଓ ଅନ୍ୟ ଭକ୍ତମାନଙ୍କ ସହ ପୂଜାର୍ଚ୍ଚନା କରି ବିନୋଠାରେ ବୋଦା ବଳି ପ୍ରଦାନ କରିଥାନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଥମ ପୂଜକଙ୍କ ଶିଷ୍ୟମାନେ ମଧ ଆସି ଶିକ୍ଷା ଗୁରଙ୍କ ସହ ପୂଜାର୍ଚ୍ଚନା କରିଥାନ୍ତି । ପୂଜା କରାଯାଇଥିବା ବଳି ଭୋଗକୁ ଗୋଟିଏ ଜାଗାରେ ରାନ୍ଧି ସମସ୍ତ ଭକ୍ତମାନେ ପ୍ରସାଦ ସେବନ କରିଥାନ୍ତି । ଏହି ପୂଜା କାର୍ଯ୍ୟ ସଭାପତି ମନୋରଞ୍ଜନ ଧରୁଆ, ସମ୍ପାଦକ ପୃଥିରାଜ ସାହୁ ସମ୍ପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ । ଗ୍ରାମର ଭାସ୍କର ଧରୁଆ, ରୁଦ୍ରମଣି ଧରୁଆ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିଥିଲେ।

### ବେକରେ ଓଢ଼ଣୀ ବାନ୍ଧି ନାବାଳିକାଙ୍କ ଆତ୍ମହତ୍ୟା

**କୋକସରା,୩୦।୧୦ (ଡି.ଏନ.ଏ.)-** କୋକସରା ଥାନା ସାନକେନ୍ଦୁଗୁଡା ଗ୍ରାମର ଜଣେ ନାବାଳିକ ଘର ଭିତରେ ବେକରେ ଓଢଣୀ ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଖବର ପାଇ କୋକସରା ମହିଳା ସବଇନିସପେକ୍ଟର ସୀତା କିଷାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୮/୨୦୧୮) ରୁଜୁ ହୋଇଥିବା ବେଳେ ଆତ୍ମହତ୍ୟା କାରଣ ଜଣାପଡ଼ିନାହିଁ ।

ମରୁଡ଼ି ଘୋଷଣା ସହ ୧୦ ଦଫା ଦାବି

# ଭାଜପାର ପ୍ରତିବାଦ, ବ୍ଲକ ଘେରାଉ

**କୋକସରା,୩୦।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକକୁ ମରୁଡି ଘୋଷଣା ସହ ୧୦ ଦଫା ଦାବି ନେଇ ମଙ୍ଗଳବାର ଭାଜପା ପକ୍ଷରୁ ପ୍ରତିବାଦ ଓ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବ୍ଲକ ଭାଜପା ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତ୍ୱରେ କୋକସରା ଜଗନ୍ନାଥ ମନ୍ଦିରଠାରୁ ଭାଜପା କର୍ମକର୍ତ୍ତା ଓ ଚାଷୀମାନେ ଏକତ୍ର ହୋଇ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ ସଭାର ଆୟୋଜନ କରିଥିଲେ। ସେଠାରେ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରିବା ସହ ବ୍ଲକରେ ଦୁଇଜଣ ଯୁବଚାଷୀଙ୍କ ଆତ୍ମହତ୍ୟା ପାଇଁ ଶାସକ ଦଳ ଉତ୍ତରଦାୟୀ ରହିବେ ବୋଲି କହିଥିଲେ। ପରେ ୧୦ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠିଙ୍କୁ ପ୍ରଦାନ କରିଥିଲେ । ଦାବିଗୁଡ଼ିକ ମଧ୍ୟରେ କୋକସରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ, ଅଣଜଳସେଚିତ ଅଞ୍ଚଳକୁ ଗଭୀର ନଳକୂପ ମାଧ୍ୟମରେ ଉଠା ଜଳସେଚନ ଜରିଆରେ ଜଳସେଚନର ବ୍ୟବସ୍ଥା, ବ୍ଲକରେ ଭୁଷୁଡି ପଡିଥିବା ଶିକ୍ଷା ବ୍ୟବସ୍ଥାର ପୁନରୁଦ୍ଧାର, ବିଶୁଦ୍ଧ ପାନୀୟଜଳ ଯୋଗାଣ, ଗମନାଗମନ ପାଇଁ ରାସ୍ତାର ମରାମତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ନିଯୁକ୍ତି, ଚାଷୀଙ୍କୁ ବୋନସ ଓ ବୀମା ରାଶି ପ୍ରଦାନ, ଅଣ ଜଳସେଚିତ ଚାଷ ଜମିକୁ ପାଣି ଯୋଗାଣ, ଚାଷୀଙ୍କୁ ସବସିଡି ଦରରେ କୀଟନାଶକ, ବିହନ ଓ ସାର ଯୋଗାଣ, ପ୍ରତ୍ୟେକ ପରିବାରଙ୍କୁ ରାଶନ କାର୍ଡ ଭଳି ପ୍ରମୁଖ ଦାବି ରହିଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ନିରୀହ ଗରିବ ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାର ଜନହିତକର ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ସୌଭାଗ୍ୟ ଯୋଜନା, ସୁକନ୍ୟା ଯୋଜନା, ମୁଦ୍ରା ଯୋଜନା, ସ୍ୱଚ୍ଛ ଭାରତ ଯୋଜନା, ଏମଜିଏନଆରଇଜିଏସ୍ ଏବେ ମଧ୍ୟ ଲୋକମାନଙ୍କ ପାଖରେ ଅପହଞ୍ଚ ହୋଇପଡିଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ପ୍ରତିବାଦ ସଭାରେ କଳାହାଣ୍ଡି ଜିଲା ଭାଜପା ଉପସଭାପତି ରବୀନ୍ଦ୍ର ପାଢୀଯୋଷୀ, ବଦ୍ରୀନାରାୟଣ ପଟ୍ଟନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ସୁଧୀର ପାଢୀଯୋଷୀ, ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ଜନ୍ମେଜୟ ନାୟକ, ଓବିସି ମୋର୍ଚ୍ଚା ଜିଲା ସଭାପତି ପରମେଶ୍ୱର ବାଗ, କଳାହାଣ୍ଡି କୃଷକ ମୋର୍ଚ୍ଚା ପ୍ରଭାରୀ ଅମରେଶ୍ୱର ମିଶ୍ର, ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ହଂସ, ଜାହ୍ନବୀ ବାଗ, ଅମୋଜ ପଣ୍ଡା, ବରିଷ୍ଠ ନେତା ଭାରତ ଭୂଷଣ ଦେଓ, ହରେକୃଷ୍ଣ ପଣ୍ଡା, ଆମପାଣି ଜୋନ ସଭାପତି ଘନଶ୍ୟାମ ନାଏକ, ଅନୁସୂଚିତ ଜାତି ସେଲ ସଦସ୍ୟ ରାମଚନ୍ଦ୍ର ପାଣିଗ୍ରାହୀ, ନରେନ୍ଦ୍ର ପ୍ରଧାନୀ, ତ୍ରିନାଥ ବାଗ, ବିଶ୍ୱମ୍ଭର ଶବର, ତ୍ରିନାଥ ଶବର, ସୁଧିର ପାତ୍ର, ଗରୁଡଧ୍ୱଜ ମାଝି, ଦୁର୍ଗାପ୍ରସାଦ ପ୍ରଧାନୀ, ରିତ ପୋଡ, ସୁମିତ ସିଂ ରାଜପୁତ ଓ ଜିଲା ମହିଳା ନେତ୍ରୀ କୁନ୍ତି ପାଲ ପ୍ରମୁଖ ସାମିଲ ଥିଲେ ।



କୋକସରା ବ୍ଲକ ଘେରାଉ ପାଇଁ ଶୋଭାଯାତ୍ରାରେ ଭାଜପା କର୍ମୀମାନେ ଯାଉଛନ୍ତି ।

# ୧୩ ଦଫା ଦାବି ନେଇ ନର୍ଲା ବ୍ଲକ ଘେରାଉ

**ସେରଗଡ଼,୩୦।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲାଠାରେ ୧୩ ଦଫା ଦାବି ନେଇ ମଙ୍ଗଳବାର ଭାରତୀୟ ଜନତା ପାଟି ନର୍ଲା ମଣ୍ଡଳ ପକ୍ଷରୁ ନର୍ଲା ବ୍ଲକ ଘେରାଉ କରାଯାଇଛି । ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ନାଏକଙ୍କ ନେତୃତ୍ୱରେ ନର୍ଲା ଫାଟକଠାରୁ ବିରାଟ ପଟୁଆରରେ ଢାପ ବାଜା ସହ ବିଭିନ୍ନ ନାରାବାଜି ଦେଇ ସହର ପରିକ୍ରମା କରି ବ୍ଲକ ଅଫିସ ସମ୍ମୁଖଷର ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୩ ଦଫା ଦାବିପତ୍ର ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ୟାସଦେବ ବେହେରାଙ୍କୁ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ନର୍ଲାରେ ରେଳ ମରାମତି କାରଖାନ କେନ୍ଦ୍ର ସ୍ଥାପନ, ୟୁରିଆ ସାରର କଳାବଜାରୀ, ଅଭାବି ଧାନ ବିକ୍ରି, ଦଲାଲମାନଙ୍କୁ ସାମିଲ ନ କରିବା, ନର୍ଲା ଡାକ୍ତରଖାନାରେ ଖାଲିଥିବା ନର୍ସ, କମ୍ପାଉଣ୍ଡର, ସ୍ପେସାଲିଷ୍ଟ ଓ ଡାକ୍ତରଙ୍କୁ ଶୀଘ୍ର ନିଯୁକ୍ତି କରିବା, ଏକ୍ସରେ (ରଞ୍ଜନ ରଶ୍ମୀ) ଯାନ୍ତ୍ରିକ ଶୀଘ୍ର ପ୍ରତିଷ୍ଠା କରିବା, ରେତ ଜଳ ସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବା, ସାନ୍ଦୁଲ ନଦୀ ଉପରେ ମେଗା ଉଠା ଜଳସେଚନ ତିଆରି କରିବା, ଗମନାଗମନ, ନର୍ଲାଠାରେ ସ୍କିଲ୍ ଇଣ୍ଡିଆ ତରଫରୁ ଆଇଟିଆଇ ତାଲିମ କେନ୍ଦ୍ର ଖୋଲିବା, ଚାଷୀଙ୍କୁ ବୀମା ପ୍ରଦାନ ଆଦି ରହିଛି । ଘେରାଉରେ ନୂତନ ଭାବେ ଭାଜପାରେ ଯୋଗଦେଇଥିବା ଜିଲା କୁମ୍ଭକାର ସମାଜ ସଭାପତି କେଦାରନାଥ ରଣା, ଜିଲା ପରିଷଦ ଚେୟାରମ୍ୟାନ ନିତାରାଣୀ ସାହୁ, ନର୍ଲା ମଣ୍ଡଳ ସଭାପତି ସରୋଜ ବୁଦ୍ଧିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆର୍ତ୍ତତ୍ରାଣ ମହାପାତ୍ର, ଯୁଗଳ ପୋଢ଼, ମନ୍ମୟ ଚାନ୍ଦ, ବିଷ୍ଣୁଚରଣ ପଣ୍ଡା, ସରୋଜ ମାଝି, ରୀନା ଭୋଇ, ଶ୍ରୀକାନ୍ତ ହୋତା ସରୋଜ ସେଠ, ଅନିରୁଦ୍ଧ ପଧାନ, ବରିଷ୍ଠ ନେତା ପର୍ଶୁରାମ ପଣ୍ଡା, ପ୍ରଦୀପ ନାଏକ ପ୍ରମୁଖଙ୍କ ସମେତ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ।


ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି ।


ଜୁନାଗଡ଼ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗଛ କାଟି ସଫା କରୁଛନ୍ତି।

# ବିପଦସଙ୍କୁଳ ଗଛ ହଟାଇଲେ ଅଗ୍ନିଶମ କର୍ମଚାରୀ

**ଜୁନାଗଡ,୩୦।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ୨୬ନଂ. ଜାତୀୟ ରାଜପଥ କଡରେ ବିପଦସଙ୍କୁଳ ଅବସ୍ଥାରେ ଓହଳି ରହିଥିବା ଏକ ଗଛକୁ ମଙ୍ଗଳବାର ଅପରାହ୍ଣରେ ଜୁନାଗଡ ଅଗ୍ନିଶମ ବିଭାଗର କର୍ମଚାରୀମାନେ ହଟାଇଛନ୍ତି। ଫଳରେ ଯାତ୍ରୀମାନେ ଏବେ ନିରାପଦରେ ରାସ୍ତାରେ ଯାତାୟାତ କରୁଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସୋମବାର ଉକ୍ତ ଗଛଟି ଅଧା ଭାଙ୍ଗିଯାଇ ରାସ୍ତାକଡକୁ ଓହଳି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଏଥିଯୋଗୁ ଉକ୍ତ ରାସ୍ତାରେ ଲୋକେ ଭୟରେ ଯାତାୟାତ କରୁଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜୁନାଗଡ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅପରାହ୍ଣରେ ଜୁନାଗଡ ଅଗ୍ନିଶମ ଅଧିକାରୀ ଶିଶିର କାନ୍ତ ସିଂହଙ୍କ ନେତୃତ୍ୱରେ ସଦଳବଳ ଆସି ବିପଦସଙ୍କଳ ଅବସ୍ଥାରେ ଥିବା ଗଛକୁ କାଟି ସଫା କରି ଦେଇଥିଲେ।

## ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଅଭିଯାନ

**ଭବାନୀପାଟଣା, ୩୦।୧୦ (ଡି.ଏନ.ଏ.)**

ସଦର ବ୍ଲକ ଭବାନୀପାଟଣା ମାଲଗାଁ ଗ୍ରାମପଞ୍ଚାୟତଠାରେ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଅଭିଯାନ ସଦର ବିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ନେତୃତ୍ୱରେ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସହାୟକ ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ମାଝି, କନିଷ୍ଠ ଯନ୍ତ୍ରୀ ପ୍ରଭାସ କୁମାର ମାଝି, ଆରଡବ୍ଲ୍ୟୁଏସ୍ଏସ୍, କନିଷ୍ଠ ଯନ୍ତ୍ରୀ ରଶ୍ମିତା ନାଏକ, ପିଇଓ ଛବୀନ୍ଦ୍ର ସାହୁ, ପିଇଓ ବାଳେଶ୍ୱର ନାଏକ, ମାଲଗାଁ ସରପଞ୍ଚ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ୨୨ ଜଣିଆ ଟିମ୍ ସକାଳେ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ଖୋଲା ପଡିଆରେ ଶୌଚ ନ ଯିବା ପାଇଁ ସଚେତନ କରିଥିଲେ। ଗ୍ରାମବାସୀଙ୍କୁ ଶୌଚାଗାର ନିର୍ମାଣ କରିବା ପାଇଁ ବିଡିଓ ପରାମର୍ଶ ଦେଇଥିଲେ ଏବଂ କନିଷ୍ଠ ଯନ୍ତ୍ରୀ ଶୌଚାଗାର ନିର୍ମାଣ ପାଇଁ ଲେଆଉଟ ଦେଇଥିଲେ। ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଅଭିଯାନ ପକ୍ଷରୁ ଶୌଚାଗାର ନିଜେ ହିତାଧିକାରୀ ତିଆରି କଲେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ୧୨ ହଜାର ଟଙ୍କା ଯୋଗାଇ ଦିଆଯାଉଛି । ଏହାଦ୍ୱାରା ଗ୍ରାମବାସୀ ଉତ୍ସାହିତ ହୋଇ ଶୌଚାଗାର ନିର୍ମାଣ ନିମନ୍ତେ ଭୂମି ପୂଜନ କରିବା କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ ।

# ବିଜେଡିର ପଦଯାତ୍ରା, କର୍ମୀ ସମ୍ମିଳନୀ

**କେସିଙ୍ଗା,୩୦।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପଥର୍ଲା, କିକିଆ, କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଓ କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାରେ ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ ଭୁପିନ୍ଦର ସିଂହ, ସଦର ବିଧାୟକ ଅନାମ ନାଏକଙ୍କ ସମେତ ଶତାଧିକ ବିଜେଡି କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ଏହି ୩ ଗ୍ରାମ ପଞ୍ଚାୟତ ଶତାଧିକ ମହିଳା, ପୁରୁଷ, ଯୁବତୀ, ଯୁବକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ବିଜେଡି ପକ୍ଷରୁ ଏହି ୩ଟି ଗ୍ରାମ ପଞ୍ଚାୟତରେ ପଦଯାତ୍ରା କରିଥିଲେ। ବିଧାୟକ ଅନାମ ନାଏକ ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝି ତାର ସମସ୍ୟା ଦୂରିକରଣ କରିବା ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପଦଯାତ୍ରା ପଥର୍ଲା ଗ୍ରାମ ପଞ୍ଚାୟତରୁ ଆରମ୍ଭ ହୋଇ କିକିଆ, କୁଣ୍ଡାବନ୍ଧ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ । ଏହି ପଦଯାତ୍ରାରେ ଅନୁଷ୍ଠିତ ହୋଇଥିବା ସଭାରେ ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ ଭୁପିନ୍ଦର ସିଂହ, ବିଧାୟକ ଅନାମ ନାଏକ ବିଜେଡି ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକକାର୍ଯ୍ୟ ଓ ଯୋଜନାଗୁଡିକର ବିଷୟରେ ଆଲୋକପାତ କରିଥିଲେ। ଆସନ୍ତା ୨୦୧୯ରେ ହେବାକୁ ଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଙ୍ଗଠନକୁ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳରେ ମଜଭୁତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଆସନ୍ତା ସାଧାରଣ ନିର୍ବାଚନରେ ପୁନର୍ବାର ବିଜେଡି ସରକାରଙ୍କୁ କ୍ଷମତାକୁ ଆଣିବା ପାଇଁ ସମସ୍ତଙ୍କୁ ଏକଜୁଟ ହେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ପଦଯାତ୍ରାରେ ବିଜୁ ଯୁବ ଜିଲା ସମ୍ପାଦକ ଦୟାନିଧି ସୁନାନୀ, ପୂର୍ବତନ ନଗରପାଳ ମଜୀମାତ ଖଣ୍ଡିଆ, ପୂର୍ବତନ ବ୍ଲକ ଅଧକ୍ଷ ରାମଲାଲ ସୁନାନୀ, ପଙ୍କଜ ସ୍ୱାଇଁ, ନଗର ସଭାପତି ରମାକାନ୍ତ ଗଡତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।



ବିଜେଡିର ପଦଯାତ୍ରାରେ ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ ବିଧାୟକ ଓ କର୍ମୀବୃନ୍ଦ ।

# ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ବାର୍ଷିକ ସାଧାରଣ ସଭା

**ଡୁଣ୍ଡଲା,୩୦।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଧବଳେଶ୍ୱର ଦୁଗ୍ଧ ଉତ୍ପାଦକ ସମବାୟ ସମିତି ବାର୍ଷିକ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ହେମସାଗର ପୂଝାରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ମୁଖ୍ୟବକ୍ତା ଡ. ସରୋଜ କୁମାର ସାହୁ, ସାଧାରଣ ପରିଚାଳକ ବିକେଏନ ଆଞ୍ଚଳିକ ଦୁଗ୍ଧ ସଂଘ ଏବଂ ସମ୍ମାନିତ ଅତିଥି ଭାବେ ବିକେଏନ ଆଞ୍ଚଳିକ ଦୁଗ୍ଧ ସଂଘ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ପରିଚାଳନା ପରିଷଦ ଓମଫେଡ ସତ୍ୟାନନ୍ଦ ରାଉତ, ସ୍ଥାନୀୟ ସରପଞ୍ଚ ଝସନେତ୍ରୀ ଭୋଇ ଓ ସ୍ଥାନୀୟ ସମିତି ସଭ୍ୟ ଘନଶ୍ୟାମ ଭୋଇ ଉପସ୍ଥିତ ଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ନୂତନ ସମିତି ଗୃହ ଉଦଘାଟନ ପରେ ମୁଖ୍ୟଅତିଥି, ମୁଖ୍ୟବକ୍ତା, ସମ୍ମାନିତ ଅତିଥିମାନଙ୍କ ଅଭିଭାଷଣ ପରେ ଚୟନ ହୋଇଥିବା ଦୁଗ୍ଧ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କ୍ଷୀରସାଗର ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ସମବାୟ ସମିତି ସମ୍ପାଦକ ମନୋଜ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଦୁଗ୍ଧ ସମବାୟ କେନ୍ଦ୍ର ସମ୍ପାଦକ ଓ ସଭାପତି ଓ ଦୁଗ୍ଧ ଚାଷୀମାନେ ଉପସ୍ଥିତ ରହିଥିଲେ।



ଦୁଗ୍ଧ ଉତ୍ପାଦକ ସମବାୟ ସମିତି ବାର୍ଷିକ ସାଧାରଣ ସଭାରେ ମଞ୍ଚାସୀନ ଅତିଥି ।

ଜରିମାନା ଟଙ୍କା ଦେଇ ନ ପାରି ଜେଲ୍ ଦଣ୍ଡ ଭୋଗୁଥିଲେ

# ୨ ଅଭିଯୁକ୍ତ ମୁକ୍ତ, ଆଉ ୧୧ ଶୀଘ୍ର ମୁକ୍ତ ହେବେ

## ଲଣ୍ଡନର ପ୍ରବାସୀ ଭାରତୀୟ ତିଜେନ୍ଦ୍ର ସିଂହ ଶେଖୋନଙ୍କ ଯୋଗୁ ମୁକ୍ତ ହେଲେ

**ଭବାନୀପାଟଣା,୩୦।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ମୁଖ୍ୟ କାରାଗାରରେ କେତେଜଣ ଅଭିଯୁକ୍ତ ବିଭିନ୍ନ କେସ୍‌ରେ କୋର୍ଟରୁ ଦୋଷୀ ସାବ୍ୟସ୍ଥ ହେବା ସହ ଜରିମାନାରେ ଦଣ୍ଡିତ ହୋଇଥିଲେ । ଜରିମାନା ଦେଇ ନ ପାରିଲେ ସେମାନଙ୍କୁ ଆଉ କିଛି ମାସ ଜେଲ୍ ଦଣ୍ଡ ଭୋଗିବାକୁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ୧୩ ଜଣ ନିଜର ସଜା କାଟି ସାରିଥିଲେ ମଧ ଅତ୍ୟନ୍ତ ଗରିବ ହୋଇଥିବାରୁ ଜରିମାନା ଅର୍ଥ ଦେଇ ନ ପାରି ଜେଲ୍ ସଜା କାଟୁଥିଲେ । ଉକ୍ତ ଅଭିଯୁକ୍ତଙ୍କୁ ଜେଲ୍‌ରୁ ମୁକ୍ତ କରିବା ପାଇଁ ପଞ୍ଜାବ ଲୁଧିୟାନାର ଅମରଜିତ ସିଂହଙ୍କ ପୁଅ ତିଜେନ୍ଦ୍ର ସିଂହ ଶେଖୋନ ଯିଏ କି ଲଣ୍ଡନରେ ଜଣେ ପ୍ରବାସୀ ଭାରତୀୟ ଆଗେଇ ଆସିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଗତ ୨୭ ତାରିଖରେ ୨ ଜଣ ଅଭିଯୁକ୍ତ ସଜା କାଟି ସେମାନଙ୍କ ଜରିମାନା ଅର୍ଥ ଦେଇପାରି ନ ଥିବାରୁ ସେମାନଙ୍କ ଅର୍ଥ କୋର୍ଟରେ ଜମାଦେଇ ସେମାନଙ୍କୁ ମୁକ୍ତ କରିଥିବା ବେଳେ ଅନ୍ୟ ୧୧ ଜଣଙ୍କୁ ଶୀଘ୍ର ମୁକ୍ତ କରାଯିବା ଆଇନଗତ ବ୍ୟବସ୍ଥା କରାଯାଉଛି ବୋଲି ଭାରପ୍ରାପ୍ତ ଜେଲ ସୁପରିଣ୍ଟେଣ୍ଡେଣ୍ଟ ବିରେନ ସାହୁ ପ୍ରକାଶ କରିଛନ୍ତି ।

ଘଟଣାରୁ ପ୍ରକାଶ ଯେ, ପଞ୍ଜାବର ଲୁଧିୟାନା ନିବାସୀ ଯିଏ କି ଲଣ୍ଡନରେ ଜଣେ ପ୍ରବାସୀ ଭାରତୀୟ ତଥା ଲଣ୍ଡନରେ ଜଣେ ଜଣାଶୁଣା ଯୁବ ଉଦ୍ୟୋଗପତି ଅମରଜିତ ସିଂହଙ୍କ ପୁଅ ତିଜେନ୍ଦ୍ର ସିଂହ ଶେଖୋନ ଗତ ୨୦ ତାରିଖରୁ ଆସି ଭବାନୀପାଟଣାରେ ରହିଥିଲେ । ଏଠାରେ ରହିବା ସମୟରେ ଜିଲା କାରାଗାରାରେ କିଛି ଅଭିଯୁକ୍ତ ନିଜର ସଜା କାଟିଥିଲେ ମଧ ଅତ୍ୟନ୍ତ ଗରିବ ହୋଇଥିବାରୁ ଅର୍ଥ ଦଣ୍ଡ ଦେଇପାରି ନ ପାରି ଜେଲ୍ ଦଣ୍ଡ ଭୋଗୁଥିବା ସେ ଜାଣିବାକୁ ପାଇଥିଲେ । ଏହାପରେ ତିଜେନ୍ଦ୍ର ସିଂହ ଜିଲା କାରାଗାର ଭାରପ୍ରାପ୍ତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ବିରେନ ସାହୁଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ପଚାରିବୁଝିଥିଲେ । ଭାରପ୍ରାପ୍ତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସାହୁଙ୍କ ମତାମତ ଅନୁଯାୟୀ ଜିଲା କାରାଗାରାରେ ବିଭିନ୍ନ କେସ୍‌ରେ କାଟୁଥିବା ଏବଂ ସଜା କାଟିସାରିଥିଲେ ମଧ ଅର୍ଥ ଦଣ୍ଡ (ଜରିମାନା) ଦେବା ପରି ସେମାନଙ୍କ ସମର୍ଥ ନାହିଁ । ତେଣୁ ସେମାନେ ଅନିଚ୍ଛା ସତ୍ତ୍ୱେ ମଧ ଜେଲ୍ ଦଣ୍ଡ ଭୋଗୁଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଗତ ୨୭ ତାରିଖରେ ଭବାନୀପାଟଣା ମନ୍ଦାରବଗିଚାପଡା ନିବାସୀ ହରେକୃଷ୍ଣ ଧଙ୍ଗଡାମାଝି (୪୩) ଅନ୍ୟତମ। ସେ ୨୦୦୮ରେ ଗଞ୍ଜେଇ ଚୋରାଚାଲାଣ ବେଳେ କୋରାପୁଟ ଜିଲା ଜୟପୁର ପୋଲିସ ଦ୍ୱାରା ଗିରଫ୍ ହୋଇଥିଲେ। ତାଙ୍କୁ ଜୟପୁର ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ପେସାଲ ଜଜ୍ ୦୯।୦୮।୨୦୧୧ରେ ଦୋଷୀ ସାବ୍ୟସ୍ଥ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିଲେ । ଜରିମାନା ଜମା ଦେଇ ନ ପାରିଲେ ଆଉ ଏ ବର୍ଷ ଅଧିକ ଜେଲ୍‌ଦଣ୍ଡ ଭୋଗିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅନ୍ୟ ଜଣେ ଅଭିଯୁକ୍ତ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଶ୍ୟାମସୁନ୍ଦର ମାଝି (୪୭) ଏକ ଚୋରି କେସ୍‌ରେ ୧୦।୧୦।୨୦୧୬ରେ ଗିରଫ୍ ହୋଇ ଜେଲ୍ ଯାଇଥିଲେ । ତାଙ୍କୁ କୋର୍ଟ ୨୧।୦୨।୨୦୧୭ରେ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ହାଜର ଟଙ୍କା ଜରିମାନା ଦଣ୍ଡିତ କରିଥିଲେ । ହରେକୃଷ୍ଣ ଓ ଶ୍ୟାମସୁନ୍ଦର ଜେଲ୍‌ରେ ଥିବା ବେଳେ ତାଙ୍କ ଆଚରଣ ଓ କାର୍ଯ୍ୟକଳାପରେ ବହୁ ପରିବର୍ତ୍ତନ ଆସିଥିବା ଭାରପ୍ରାପ୍ତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଅନୁଭବ କରିଥିଲେ। ସାହୁଙ୍କ ଅନୁମୋଦନ କ୍ରମେ ତିଜେନ୍ଦ୍ର ସିଂହ ଶେଖୋନ ଅଭିଯୁକ୍ତ ଉଭୟଙ୍କ ଅର୍ଥ ଜରିମାନା ୧ ଲକ୍ଷ ୧ ହଜାର ଟଙ୍କା କୋର୍ଟରେ ଜମା ଦେବା ପରେ ଉଭୟଙ୍କୁ ଗତ ୨୮ ତାରିଖରେ ଭବାନୀପାଟଣା ମୁଖ୍ୟ ଜେଲ୍‌ରୁ ମୁକ୍ତ କରାଯାଇଥିବା ଭାରପ୍ରାପ୍ତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ବିରେନ ସାହୁ ପ୍ରକାଶ କରିଛନ୍ତି । ସାହୁ ପୁଣି କହିଛନ୍ତି ଯେ ଅନ୍ୟ ୧୧ ଜଣ ଅଭିଯୁକ୍ତଙ୍କୁ ମୁକ୍ତ କରିବା ପାଇଁ ତିଜେନ୍ଦ୍ର ସିଂହ ଶେଖୋନ ସେମାନଙ୍କ ଜରିମାନା ଜମା ଅର୍ଥ ଦିନେ ଦୁଇ ଦିନ ମଧ୍ୟରେ କୋର୍ଟରେ ଜମା ଦେଲେ ସେମାନଙ୍କୁ ଆଇନଗତ ବ୍ୟବସ୍ଥା ଅନୁଯାୟୀ ମୁକ୍ତ କରାଯିବ । କୌଣସି ହୃଦୟବାନ ବ୍ୟକ୍ତି ଏପରି ଗରିବ ଓ ଅସହାୟ ଅଭିଯୁକ୍ତଙ୍କ ଏତେ ପରିମାଣ ଅର୍ଥ ଦଣ୍ଡ କୋର୍ଟରେ ଜମା ଦେଇ ମୁକ୍ତି କରିବା ଘଟଣା ଓଡିଶା ଇତିହାସର ପ୍ରଥମ ଘଟଣା । କୌଣସି କାରଣରୁ ଜେଲ୍ ଦଣ୍ଡ ଭୋଗୁଥିବା ଗରିବଙ୍କ ପାଇଁ କୌଣସି ବ୍ୟକ୍ତି ସହାୟତାର ହାତ ବଢାଇ ସେମାନଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବା ନିଶ୍ଚିନ୍ତ ଭାବେ ସମାଜ ପାଇଁ ତିଜେନ୍ଦ୍ର ସିଂହ ଶେଖୋନ ଏକ ଉଦାହରଣ ହୋଇ ରହିବ ବୋଲି ଭାରପ୍ରାପ୍ତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସାହୁ ପ୍ରକାଶ କରିଥିଲେ ।


ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଓ ତିଜେନ୍ଦ୍ର ସିଂହ ଶେଖୋନଙ୍କ ସହ ମୁକ୍ତ ୨ ଅଭିଯୁକ୍ତ ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୧ ଅକ୍ଟୋବର, ୨୦୧୮



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନେପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ୧୧୨୨ ହିତାଧିକାରୀଙ୍କୁ ଏଲଇଡି ବଲ୍ବ ପ୍ରଦାନ



ଜୁନାଗଡ,୩୦।୧୦ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ମାଗଣା ଏଲ୍ଇଡି ବଲବ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୧୧୨୨ ହିତାଧିକାରୀଙ୍କୁ ୨ଟି ଲେଖାଏଁ ଏଲ୍ଇଡି ବଲବ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ଚିଚୈଗୁଡା ସରପଞ୍ଚ ସୁଧୀରା ମେହେର, ନାଏବ ସରପଞ୍ଚ ନବୀନ ମେହେର, ଯୋଗାଣ ସହାୟକ ପ୍ରବୀଣ ମେହେର ପ୍ରମୁଖଙ୍କ ସହ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇ ଏଲଇ୍ଡି ବଲବ ବଣ୍ଟନ କରିଥିଲେ।

# ହୋସ୍ ଉଡ଼ାଉଛି ଚକଡ଼ା

ସିଂଘିଯୁବା, ୩୦।୧୦(ଡି.ଏନ.ଏ.)



ଧାନଫସଲରେ ଔଷଧ ସିଞ୍ଚନ କରାଯାଉଛି।

**ବିନିକା ବ୍ଲକ**
- କୃଷି ବିଭାଗର ସହାୟତା କାମକୁ ନୁହେଁ
- ମାତ୍ର ୫ଶହ ଚାଷୀଙ୍କୁ ମିଳିଛି କୀଟନାଶକ
- ଫସଲ କ୍ଷତି ଆଶଙ୍କାରେ ଚାଷୀ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ ଚକଡା ପୋକର ପ୍ରାଦୃଭାବ ଦେଖାଦେଇଛି। ଶହଶହ ଏକର ଚାଷଜମିର ଫସଲ ଚକଡା ପୋକ ଉପଦ୍ରବରେ ଶେଷ ହେବାକୁ ବସିଲାଣି। ଯେତେ ଔଷଧ ସିଞ୍ଚନ କଲେ ମଧ ଏହାକୁ ଆୟତ୍ତ କରାଯାଇ ପାରୁନାହିଁ। ଏସବୁ ଦେଖି ଚଳିତ ବର୍ଷ ଅନୁକୂଳ ପାଗ ଥିବାରୁ ଅଧିକ ଅମଳ କରିବାର ଆଶା ରଖିଥିବା ଚାଷୀ ହତାଶ ହୋଇଯାଇଛି। ଏହି ପରିସ୍ଥିତିରେ ସ୍ଥାନୀୟ କୃଷି ବିଭାଗ ଯେତିକି ତତ୍ପରତା ଦେଖାଇବା କଥା ତାହା କରୁଥିଲା ଭଳି ମନେ ହେଉନାହିଁ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ବିନିକା କୃଷି ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ପ୍ରାୟ ୧୮,୮୧୦ ହେକ୍ଟର ଜମିରେ ଧାନଚାଷ ହୋଇଛି। ସେଥିରୁ ପ୍ରାୟ ୩,୮୪୦ ହେକ୍ଟର ଜମି ଚକଡା ପୋକଦ୍ୱାରା ସଂକ୍ରମିତ ହୋଇଥିବା କୁହାଯାଉଛି । ବିଶେଷ ପ୍ରଭାବିତ ପଞ୍ଚାୟତଗୁଡିକ ହେଲା ବାବୁପାଲି, ସିଂଘିଯୁବା, ବାଙ୍କିର୍ଗିଡି ଓ ଏନଏସି ଅଞ୍ଚଳର ଗୁଲାପଡା, ଡବଲା ଓ ରହେଲା। ଏତେ ସବୁ ପରେ ମଧ ଅବଧି ସୁଦ୍ଧା ମାତ୍ର ୫ଶହ ଚାଷୀଙ୍କୁ ୫୬୫ଲିଟର କୀଟନାଶକ କୃଷିବିଭାଗ ପକ୍ଷରୁ ଯୋଗାଇ ଦିଆଯାଇ ପାରିଛି। ବିନିକା ଅଞ୍ଚଳରେ ୧୫ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନଚାଷ ଉପରେ ନିର୍ଭର କରୁଥିବା ବେଳେ ମାତ୍ର ୫ଶହ ଚାଷୀଙ୍କୁ କୀଟନାଶକ ଯୋଗାଇ ଦିଆଯିବାକୁ ନେଇ ବିନିକା କୃଷି ବିଭାଗର ପାରିବାରପଣିଆ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ବିନିକା କୃଷିବିଭାଗ ପାଖରେ ଓସିନ, ପାନିସାମାଇଟ୍ ପ୍ରଭୃତି ଔଷଧ ସେପ୍ଟେମ୍ବର ମାସରୁ ମହଜୁଦ୍ ରହିଥିଲେ ମଧ ଠିକଣା ସମୟରେ ଏହା ଚାଷୀଙ୍କ ପାଖରେ ପହଞ୍ଚି ନ ପାରିବାରୁ ଆଜି ଏହି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଚାଷୀ ମହଲରେ ଅଭିଯୋଗ ହୋଇଛି। ଏହି ପରିସ୍ଥିତିରେ ଯଥାଶୀଘ୍ର ବ୍ଲକ କୃଷି ବିଭାଗ ତତ୍ପରତା ପ୍ରକାଶ କରି ଚକଡା ପ୍ରଭାବିତ ଚାଷୀଙ୍କୁ ବୈଷୟିକ ପରାମର୍ଶ ସାଙ୍ଗକୁ କୀଟନାଶକ ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବିନିକା କୃଷି ଅଧିକାରୀ ଲୋଚନ ମାଝୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସବୁ ଚାଷୀଙ୍କୁ ପୂର୍ଣ୍ଣମାତ୍ରାରେ ଔଷଧ ଯୋଗାଇବା ସମ୍ଭବ ନୁହେଁ। ତେବେ ଚକଡା ପୋକ ନିୟନ୍ତ୍ରଣ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଉଛି। ଯେଉଁ ଚାଷୀଙ୍କର ଫସଲ ଚକଡା ଦ୍ୱାରା ଆକ୍ରାନ୍ତ ହୋଇଛି ଜଣାଇଲେ କୃଷି ବିଭାଗ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ସହଯୋଗ କରିବ ବୋଲି ସେ କହିଛନ୍ତି।



ସୁବଳୟା ପଞ୍ଚାୟତରେ ରାସନକାର୍ଡ ବଣ୍ଟନ କରାଯାଉଛି ।

# ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ

ଅମରପାଲି, ୩୦।୧୦ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ୧୦୦ଜଣ ହିତାଧିକାରୀଙ୍କୁ ମଙ୍ଗଳବାର ରାଶନ କାର୍ଡବଣ୍ଟନ କରାଯାଇଛି। ଓଡିଶା ରାଜ୍ୟ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ୨୦୧୮ ଅନୁଯାୟୀ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ସୁବଳୟା ପଞ୍ଚାୟତର ସରପଞ୍ଚ ଲିଲି ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଡ ସମେତ ଚାଉଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରୁବାବୁ ଚୌଧୁରୀ, ଯୋଗାଣ ସହାୟକ ଭରତ ଖମାରୀ ଉପସ୍ଥିତ ରହି ଏହି କାର୍ଡ ବଣ୍ଟନ କରିଛନ୍ତି। ଯେଉଁ ହିତାଧିକାରୀମାନେ ଏହି ଯୋଜନାରୁ ବାଦ୍ ପଡିଛନ୍ତି ପର୍ଯ୍ୟାୟକ୍ରମେ ସେମାନଙ୍କୁ ସାମିଲ କରାଯିବ ବୋଲି ସରପଞ୍ଚ ପାତ୍ର ପ୍ରକାଶ କରିଛନ୍ତି ।

### ସୁବର୍ଣ୍ଣପୁରରେ ବିଶ୍ୱ ମିତବ୍ୟୟିତା ଦିବସ

# ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଅପରିହାର୍ଯ୍ୟ

ସୋନପୁର,୩୦।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଓ ସଞ୍ଚୟ ରଥ କଚେରୀ ଛକ ଠାରୁ ବାହାରି ସହର ପରିକ୍ରମା କରିଥିଲା। ଜିଲାପାଳ ମଧୁସୂଦନ ମିଶ୍ର ଏହି ଶୋଭାଯାତ୍ରା ଓ ରଥକୁ ପତାକା ଦେଖାଇ ଉଦ୍ଘାଟନ କରିଥିଲେ। ଶୋଭାଯାତ୍ରା ଟାଉନ ହଲଠାରେ ପହଞ୍ଚିବା ପରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ରଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମିଶ୍ର ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟକ୍ତିର ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଏକାନ୍ତ ଅପରିହାର୍ଯ୍ୟ । ଅନାବଶ୍ୟକ ଖର୍ଚ୍ଚକୁ ଯଥା ସମ୍ଭବ କମାଇ ବଳକା ଅର୍ଥକୁ ସୁରକ୍ଷିତ ଭାବେ ସଞ୍ଚୟ କଲେ ତାହା ଅର୍ଥନୈତିକ ଅଭିବୃଦ୍ଧିରେ ସହାୟତା ହୋଇଥାଏ।



ମଙ୍ଗଳବାର ବଲାଙ୍ଗୀର-ଭଇଁଷାପାଲି ରେଳଧାରଣାରେ ଗଡ଼ିଥିଲା ସିଆର୍ଏସ୍ ସ୍ପେଶାଲ ଟ୍ରେନ୍। ଏଥିପାଇଁ ବରିଷ୍ଠ ରେଳ ଅଧିକାରୀମାନେ ରେଳଧାରଣାର ଚୂଡ଼ାନ୍ତ ନିରୀକ୍ଷଣ କରୁଛନ୍ତି।

### ■ ଦୀପାବଳି ପାଇଁ ବାଣ ବିକ୍ରି, ଫୁଟାଇବା ଉପରେ କଟକଣା

# ରାତିରେ ୨ ଘଣ୍ଟା ଫୁଟିବ ବାଣ : ଏସ୍‌ପି

ସୋନପୁର,୩୦।୧୦(ନି.ପ୍ର.)

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ସୁବର୍ଣ୍ଣପୁର ଜିଲାରେ ପାଳନ କରାଯିବ। ଦୀପାବଳି ପାଇଁ ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ରହିବ। ଏଥିସହ ଦୀପାବଳୀ ରାତି ୮ଟାରୁ ୧୦ଟା ୨ ଘଣ୍ଟା ମଧରେ ହିଁ ବାଣ ଫୁଟାଇ ଜିଲାବାସୀ ଉତ୍ସବ ମନାଇ ପାରିବେ ବୋଲି ଏସ୍‌ପି ଦେବୀପ୍ରସାଦ ଦାଶ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲା ପୋଲିସ ମୁଖ୍ୟାଳୟରେ ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ମିଳିତ ବୈଠକରେ ଜିଲା ସଦର ମହକୁମାର ରୟାଲ ପଡିଆରେ ହିଁ ଚଳିତ ବର୍ଷ ବାଣ ବିକ୍ରି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲାର ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଖୋଲାସ୍ଥାନରେ ବାଣ ବିକ୍ରି କରାଯିବ। ଲାଇସେନ୍ସ ପାଇଥିବା ବ୍ୟକ୍ତି ହିଁ କେବଳ ବାଣ ବିକ୍ରି କରିପାରିବେ। ଅନୁମତି ମିଳିଥିବା କମ୍ ନିର୍ଦ୍ଧାରିତ ଡେସିବିଲର ବାଣ ହିଁ ବଜାରରେ ବିକ୍ରି କରାଯିବ। ଶବ୍ଦ ଓ ଧୂଆଁର ଅନୁମତିଯୋଗ୍ୟ ସୀମା କେତେ ହେବ ତାହା ପେଟ୍ରୋଲିୟମ୍ ଓ ବିସ୍ଫୋରକ ନିରାପତ୍ତା ସଂଗଠନ(ପିଇଏସଓ) ସ୍ଥିର କରିବ। ସେହିପରି ଖ୍ରୀଷ୍ଟମାସ ଓ ନୂଆବର୍ଷ ପାଳନ ପାଇଁ ରାତି ୧୧ଟା୫୫ରୁ ୧୨ଟା୩୦ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯିବ। ସ୍ୱାସ୍ଥ୍ୟକେନ୍ଦ୍ର ଓ ଶିକ୍ଷାନୁଷ୍ଠାନ ନିକଟରେ ବାଣ ଫୁଟା ଯାଇ ପାରିବ ନାହିଁ। ନାଗରିକଙ୍କ ସ୍ୱାସ୍ଥ୍ୟଗତ ଅଧିକାର, ଉତ୍ସବ ଓ ବାଣ ବ୍ୟବସାୟୀଙ୍କ ଅଧିକାରକୁ ଧ୍ୟାନରେ ରଖି ଆଇନକୁ କଡାକଡି କରାଯିବ। ସବୁଜ ଦୀପାବଳି ତଥା ପରିବେଶ ପାଇଁ କମ୍ କ୍ଷତିକାରକ ହେବା ଭଳି ଆଲୋକର ପର୍ବକୁ ପାଳନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯିବ। ପୋଲିସ ପ୍ରଶାସନ ପକ୍ଷରୁ ଏନେଇ ଲିଫଲେଟ୍ ବଣ୍ଟନ କରାଯିବ ବୋଲି ସୂଚନା ଦିଆ ଯାଇଥିଲା। ବୈଠକରେ ଏସ୍‌ପି ଦାଶଙ୍କ ସମେତ ସୋନପୁର ଉପଜିଲାପାଳ ବଳାରାମ ମଲ୍ଲିକ, ବୀରମହାରାଜପୁର ଏସ୍‌ପି ସୁବ୍ରତ କୁମାର ବେହେରା, ଅତିରିକ୍ତ ଏସ୍‌ପି ରମେଶ କୁମାର ପାଣିଗ୍ରାହୀ, ଡିଏସପି ଆନନ୍ଦ ବର୍ଦ୍ଧନ ଗୁରୁ, ହେମସାଗର ନନ୍ଦ, ସୟଦ୍ ମୁଜିବୁର ରହେମାନ, ମନୋରଞ୍ଜନ ପଧାନ, ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା, ବୀରମ ହାରାଜପୁର ଏସଡିପିଓ ଧୀରଜ ଚୋପଦାର, ସୋନପୁର ଆଇଆଇସି ଚନ୍ଦ୍ରମୋହନ ସିଂ, ଡୁଙ୍ଗୁରିପାଲି ଆଇଆଇସି ଅମରେନ୍ଦ୍ର ଷାଣ୍ଢ, ତରଭା ଆଇଆଇସି ସୁରୁବାବୁ ଛତ୍ରିଆ, ବିନିକା ଆଇଆଇସି କଲ୍ୟାଣୀ ବେହେରା, ଉଲୁଣ୍ଡାର ରୀନା ବେହେରା, ବୀରମହାରାଜପୁରର କୁଶ ପାଣିଗ୍ରାହୀ, ସୁବଳୟାର ହେମନ୍ତ ରାଓ ଓ ରାମପୁରର କେ. ସି .ରାଉଳ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ମିଳିତ ବୈଠକରେ ଏସ୍‌ପି, ଉପଜିଲାପାଳ ଏବଂ ବରିଷ୍ଠ ଅଧିକାରୀ ବୃନ୍ଦ ।

### ଜାଲ ପଟ୍ଟା ଦେଇ ବ୍ୟାଙ୍କରୁ ଟଙ୍କା ଉଠାଣ,ଆଉ ୨ ଗିରଫ

ନୂଆପଡା ଅଫିସ,୩୦।୧୦

ନୂଆପଡା ଭଳି ଉପାନ୍ତ ଜିଲାରେ ଲୋକଙ୍କୁ ବ୍ୟାଙ୍କ ସେବା ଯୋଗାଇଦେବାକୁ ବ୍ୟାଙ୍କ ସବୁ ଖୋଲାଯାଇଛି । ହେଲେ ଏହାର ଫାଇଦା କେତେକ ଦଲାଲ ଏବଂ ଅସାଧୁ ଶ୍ରେଣୀର ଲୋକମାନେ ନେଉଛନ୍ତି । ବ୍ୟାଙ୍କ ଅଧିକାରୀଙ୍କ ଆଖିରେ ଧୂଳି ଦେଇ ଜାଲ କାଗଜାତ ଜମା କରି ଲକ୍ଷାଧିକ ଟଙ୍କାର ଋଣ ଉଠାଣ କରି ନେଇଥିବା ଏକ ର୍ୟାକେଟକୁ ଧରମବନ୍ଧା ଥାନା ପୋଲିସ ଠାବ କରିବାରେ ସଫଳ ହୋଇଛି । ଏହି ଘଟଣାରେ ଗତ ଦିନରେ ଜଣଙ୍କୁ ଗିରଫ କରିଥିବାବେଳେ ଏହାର ବ୍ୟାପକ ଖୋଲତାଡ କରିବା ପରେ ମଙ୍ଗଳବାର ପୁଣି ୨ଜଣଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଛି। ଏହାର ଚେର ବହୁ ଦୂର ପର୍ଯ୍ୟନ୍ତ ଲମ୍ବିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଥାନାଧିକାରୀ ଦିଲୀପ କୁମାର ଲାକ୍ରାଙ୍କ ସୂଚନାମୁତାବକ ଗତବର୍ଷ ଧରମବନ୍ଧା ସେବା ସମବାୟ ସମିତିରେ ଚୁଲାଭାଟ ଗାଁର ଶତ୍ରୁଘ୍ନ ମାଝିଙ୍କ ନାମରେ କେହି ଜଣେ ମିଥ୍ୟାରେ ଋଣ ଉଠାଣ କରି ନେଇଥିବା ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା ନେଇ ନୂଆପଡା ସିର୍ଭୋଲ ଗାଁର ଗୋବିନ୍ଦ ତାଣ୍ଡି (୨୨)ଙ୍କୁ ମାମଲା (ନଂ.୪୮/୧୭) ପୋଲିସ ଗିରଫ କରି ସେତେବେଳେ କୋର୍ଟ ଚାଲାଣ କରାଯାଇଥିଲା । ହେଲେ ଏହି ମାମଲାର ଚେର ଅଧିକ ଦୂର ପର୍ଯ୍ୟନ୍ତ ଯାଇଥିବା ଅନୁମାନ କରି ପୋଲିସ ତଦନ୍ତ ଜାରି ରଖିଥିଲା। ବର୍ତ୍ତମାନ ଏଥିରେ ଗୋବିନ୍ଦଙ୍କ ସହଯୋଗୀ ଭାବେ ନୂଆପଡା ତେଲିପଡାର ରୋହିତ ସାହୁ (୨୪) ଏବଂ ସାହିପଲାର ପବନ ଦୁରିଆ (୨୫) ୨ଜଣ ଯୁବକଙ୍କୁ ଗିରଫ କରିଛି । ସେମାନଙ୍କଠାରୁ କିଛି ଜାଲ ପଟ୍ଟା ମଧ୍ୟ ଜବତ କରାଯାଇଛି ।

# ଜିଲାବ୍ୟାପୀ ଭାଜପା ଘେରିଲା ବ୍ଲକ କାର୍ଯ୍ୟାଳୟ

**ରାଜ୍ୟ ସରକାର ବିଭିନ୍ନ ଦୁର୍ନୀତିରେ ବୁଡି ରହିଛନ୍ତି। କୃଷି ଓ କୃଷକର ସ୍ୱାର୍ଥ ପ୍ରତି ଅଣଦେଖା କରୁଛି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର। ରାଜ୍ୟରେ ସ୍ୱାସ୍ଥ୍ୟସେବା ଭୁଶୁଡି ପଡିଛି। କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା ପରି ଜନ ହିତକର ଯୋଜନାକୁ ଉଦ୍ଦେଶ୍ୟମୂଳକଭାବେ ରାଜ୍ୟ ସରକାର ଲାଗୁ କରୁ ନାହାନ୍ତି। ଏହି ସବୁ ଅଭିଯୋଗ ଆଣିଛି ବଲାଙ୍ଗୀର ଜିଲା ଭାଜପା। ମଙ୍ଗବାର ଦଳ ପକ୍ଷରୁ ଜିଲାର ବିଭିନ୍ନ ବ୍ଲକ ଅଫିସ ଘେରାଉ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବ୍ଲକ ଅଫିସଗୁଡିକ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାଜପା ନେତୃବର୍ଗ ରାଜ୍ୟ ସରକାରଙ୍କ ଉପରେ ଜୋରଦାର ବର୍ଷିଛନ୍ତି।**

ଖପ୍ରାଖୋଲ, ୩୦।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗତବର୍ଷ ସମ୍ପୂର୍ଣ୍ଣ ମରୁଡି ହୋଇଥିଲା। ଚଳିତ ବର୍ଷ ବି ଦେଖା ଦେଲାଣି ମରୁଡିର ପଦଧ୍ୱନି । ପାଣି ଅଭାବରୁ ଅନେକ ଚାଷଜମିର ଧାନ, କପା ଫସଲ ନଷ୍ଟ ହେଉଛି । ଏସବୁ ସହ ଅନ୍ୟ କେତେକ ସମସ୍ୟା ନେଇ ଭାଜପା ପକ୍ଷରୁ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ପାଟଣାଗଡ ବିଧାୟକ କନକବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ଦୀର୍ଘ ସମୟ ଧରି ବିଧାୟକ କର୍ମୀଙ୍କ ସହ ବ୍ଲକ ସମ୍ମୁଖରେ ଧାରଣାରେ ବସି ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ଉପରେ ବର୍ଷିଥିଲେ । ଚାଷ ଏବଂ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଦାବିପତ୍ର ବିଡିଓ ତରଣୀ ସୁନାଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଖପ୍ରାଖୋଲ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, କୃଷି ଋଣ ଛାଡ, ଗତବର୍ଷର ବାକି ଥିବା ଇନପୁଟ ସବସିଡି ଚାଷୀଙ୍କୁ ପ୍ରଦାନ, ସମସ୍ତ ଚାଷୀଙ୍କୁ ଶତପ୍ରତିଶତ ବୀମା ପ୍ରଦାନ, ବ୍ଲକର ଚାଷୀଙ୍କୁ ଜଳସେଚନ ବ୍ୟବସ୍ଥା ଯୋଗାଇବା, ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ ଅଧୀନ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ପୂରଣ ଆଦି ଦାବି ଏଥିରେ ଉଲ୍ଲେଖ ରହିଛି । ଏହି ଅବସରରେ ଆଇନଜୀବୀ ଦେବକାନ୍ତ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟା ଜୋସ୍ନାମୟୀ ସାହୁ, ବିପ୍ର ବିଶି, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଉପାଧ୍ୟକ୍ଷ ପ୍ରକାଶ ମେହେର, ରବି ସାହୁ, କର୍ଣ୍ଣସିଂ ଠାକୁର, ଶଶି ପୂଝାରୀ, ଭରତ ସାହୁ, ସରପଞ୍ଚ ଉପେନ୍ଦ୍ର ଭୋଇ, ରଘୁନାଥ ସିଂ ବରିହାଙ୍କ ସମେତ ହଜାର ହଜାର ଭାଜପା କର୍ମୀ ଏବଂ ଚାଷୀ ସାମିଲ ହୋଇଥିଲେ ।

**ଟିଟିଲାଗଡ଼(ଡି.ଏନ.ଏ,):** ଟିଟିଲାଗଡ ଭାଜପା ପକ୍ଷରୁ ଦଳର ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନଙ୍କ ନେତୃତ୍ୱରେ ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାଠାରୁ ଏକ ଶୋଭାଯାତ୍ରାରେ କର୍ମୀମାନେ ଯାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଦଳର ନଗର ସଭାପତି ଚେୟାରମେନ ବାଗଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭାରେ ଦଳୀୟ ନେତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପରେ ବିଡିଓ ମୋତିଲାଲ ସୁଲିଆଙ୍କୁ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଘେରାଉ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବିନୋଦ ତାଣ୍ଡି, ବିସ୍ତାରକ ଅର୍ଜୁନ ଭାଟି, ଜିଲା ପରିଷଦ ସଭ୍ୟ ଦିଲିପ ଖର୍ସେଲ, ନିର୍ବାଚନ ମଣ୍ଡଳି ଆଇଟି ସେଲ ସଂଯୋଜକ ଆଇନଜୀବୀ ଆଲୋକ ନାୟକ, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟା ନଳିନୀ ହୋତା, ସୋସିଆଲ ମିଡିଆ ପ୍ରଭାରୀ ହିମସାଗର ତାଣ୍ଡୀ, ରାଜେଶ ପ୍ରଧାନ, ଗୁଲାବ ସୋନି, ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ ଖପ୍ରାଖୋଲ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଦେଓଗାଁ(ଡି.ଏନ.ଏ):** ଦେଓଗାଁ ବ୍ଲକରେ ଭାଜପା ନେତା ଡା. ଶଶୀ ଭୂଷଣ ସାହୁଙ୍କ ନେତୃତ୍ୱରେ ଦେଓଗାଁ ବସଷ୍ଟାଣ୍ଡରୁ କର୍ମୀମାନେ ବିଭିନ୍ନ ନାରାଦେଇ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଜିଲା ସାଧାରଣ ସମ୍ପାଦକ ଅମିତ କୁମାର ସିଂ ନିନା, ଡ. ବାସୁଦେବ ପତି, ବଲାଙ୍ଗୀର ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଗଣେଷ ନନ୍ଦ, ଦେଓଗାଁ ମଣ୍ଡଳ ପ୍ରଭାରୀ ପ୍ରଭାସ ପାଣିଗ୍ରାହୀ, ବନ୍ଧପଡା ମଣ୍ଡଳ ପ୍ରଭାରୀ ପିତାମ୍ବର ଖମୀରୀ, ଦେଓଗାଁ ମଣ୍ଡଳ ସଭାପତି ସଞ୍ଜୀବ କୁମାର ସାହୁ, ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ରଜନୀକାନ୍ତ ଦାସ ପ୍ରମୁଖ ବିଜେଡି ସରକାରଙ୍କୁ ସମାଲୋଚନା କରଥିଲେ। ପରେ ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

**ଗୁଡଭେଲା(ଡି.ଏନ.ଏ.):** ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସି ଅଞ୍ଚଳ ବିଭିନ୍ନ ସମସ୍ୟାରେ ଉବୁଟୁବୁ ହେଉଛି । ଏ ନେଇ ଦଳ ପକ୍ଷରୁ ବ୍ଲକ ଘେରାଉ ସହ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ୭ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ରାମବିଲାଶ ମଙ୍ଗରାଜଙ୍କୁ ପ୍ରଦାନ କରାଯାଇଛି। ପ୍ରଥମେ ଗୁଡ଼ଭେଲା ବ୍ଲକ ଅଧ୍ୟକ୍ଷ ତଥା ଭାଜପା ନେତା ଅଶୋକ ଚନ୍ଦ୍ର ଦୋରା ନେତୃତ୍ୱରେ ମହକୁମା ଗାଁମୁଣ୍ଡରୁ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲେ । ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ମୀନାରାଣୀ ପ୍ରଧାନ, କଳ୍ପନା ପ୍ରଧାନୀ, ବ୍ଲକ ଉପାଧକ୍ଷା ନଳିନୀ ସେଠ, କାଉନସିଲର ପ୍ରଦୀପ ସାହୁ, ସୁରେନ୍ଦ୍ର ରଣା, ସମିତି ସଭ୍ୟ ଶିଶୁ କୁମାର ପ୍ରଧାନ, ଟୁକୁ ପାଣିଗ୍ରାହୀ, ଚିତ୍ରସେନ ଭୋଇ, ଗୀତାଞ୍ଜଳି ଭୋଇ, ତୁଷୁରା ଏନଏସି ନଗର ସଭାପତି ଅମରେଶ କେଡ଼ିଆ ପ୍ରମୁଖ ସାମିଲ ଥିଲେ।

ସଇଁତଲା(ଡି.ଏନ.ଏ.) ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁରଙ୍କ ନେତୃତ୍ୱରେ ସଇଁତଲା ବ୍ଲକ ଅଫିସକୁ ଘେରାଉ କରାଯାଇ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଚିତରଞ୍ଜନ ବନଗୁଲାଙ୍କୁ ପ୍ରଦାନ କରାଯାଇଥିଲା । ଦଳର ସଇଁତଲା ମଣ୍ଡଳ ସଭାପତି ବିଜୟ ପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ଜିଲା ପରିଷଦ ସଭ୍ୟା କଳ୍ପନା ଚୌହାନ, ଅକ୍ଷୟ ରଣା, ବାସୁଦେବ ଚୌହାନ, ଶାନ୍ତନୁ ପଣ୍ଡା, ସୁବାଷ ବେହେରା, ସୋମନାଥ ନାଏକ, ରବିନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**କଣ୍ଟାବାଞ୍ଜି,(ଡି.ଏନ.ଏ.):** ତୁରେକେଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜି ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଦଳର ଜିଲା ଭାଜପା ଉପସଭାପତି ଶ୍ରୀବତ୍ସ ବେହେରା, ଲକ୍ଷ୍ମଣ ବାଗ, ମୋହନଲାଲ ଶର୍ମା, ଅଶୋକ କୁମାର ଦାସ, ଭାଜପା ଯୁବ ମୋର୍ଚ୍ଚା ଜିଲା ଉପସଭାପତି ମନିଶ ଅଗ୍ରୱାଲ, କଣ୍ଟାବାଞ୍ଜି ଯୁବ ମୋର୍ଚ୍ଚା ସଭାପତି ସତ୍ୟେନ୍ଦ୍ର ସୁନା, ନାରୀନେତ୍ରୀ ପିଙ୍କି ଖର୍ସେଲ, ନଗର ସଭାପତି ଅଞ୍ଜୁ ଶର୍ମା ପ୍ରମୁଖ ସାମିଲ ଥିଲେ।

**ପାଟଣାଗଡ(ଡି.ଏନ.ଏ.):** ପାଟଣାଗଡ ଭାଜପାର୍ଟି ତରଫରୁ ଜିଲା ସଭାପତି ଭକ୍ତବନ୍ଧୁ ନାଏକଙ୍କ ସଭାପତିତ୍ୱରେ ବ୍ଲକ ଘେରାଉ କରାଯାଇଥିଲା। କର୍ମୀମାନେ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟ ରାଜଖମାର ଠାରୁ ଏକ ରାଲିରେ ସହର ପରିକ୍ରମା କରି ପାଟଣାଗଡ ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ପରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପରେ ବିଡିଓ ସଞ୍ଜୀବ କୁମାର ମେହେରଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରା ଏବଂ ପ୍ରତିବାଦ ସଭାରେ କରମ ସିଂ ସରାଫ, ଜୟନ୍ତ କୁମ୍ଭାର, ମାନସ ମଞ୍ଜରୀ ପାଣିଗ୍ରାହୀ, ସବିତା ସରାଫ, ମାଧବ ସାଏ, ଚତୁର୍ମୁଖ ମେହେର, କୈଳାଶ ମେହେର, ଜେନାମଣି ସାହୁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।



“ ୪ଟି ପଦାର୍ଥ ଉପରେ ଭରସା କରନାହିଁ-ଜୟ କରାଯାଇ ନ ଥିବା ମନ, ଶତ୍ରୁମାନଙ୍କର ସ୍ନେହ, ସ୍ୱାର୍ଥୀମାନଙ୍କର ତୋଷାମଦ ଏବଂ ବଜାର ଜ୍ୟୋତିଷୀମାନଙ୍କ ଭବିଷ୍ୟବାଣୀ।

- ଗୌତମ ବୁଦ୍ଧ

## ସଂକ୍ଷେପରେ

### ସ୍ୱଚ୍ଛ ଭାରତ ଗଠନ ସ୍ୱପ୍ନ ସାକାର ପାଇଁ ଆହ୍ୱାନ

**ରାଉରକେଲା ଅଫିସ,୩୦।୧୦**-ଜିଲା ଜଳ ଓ ପରିମଳ ମିଶନ ରାଉରକେଲା ପକ୍ଷରୁ ଏକ ଜିଲାସ୍ତରୀୟ ସ୍ୱେଚ୍ଛାଗ୍ରାହୀ ତାଲିମ ଶିବିର ସେକ୍ଟର-୫ ଭଞ୍ଜ ଭବନ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଅତିଥି ରୂପେ ଅତିରିକ୍ତ ଜିଲାପାଳ ମୋନିଷା ବାନାର୍ଜୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ନିଜ ବକ୍ତବ୍ୟରେ ସ୍ୱଚ୍ଛ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ନେଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଏକ ସୁନ୍ଦର ରାଜ୍ୟ ଓ ଦେଶ ଗଠନ ସମ୍ଭବ ହୋଇ ପାରିବ ବୋଲି ସେ କହିଥିଲେ। ଏହି ଅବସରରେ ବାନାର୍ଜୀ କୁଆଁରମୁଣ୍ଡା ବ୍ଲକର ସ୍ୱେଚ୍ଛାଗ୍ରାହୀଙ୍କ କର୍ତ୍ତ୍ୟବ୍ୟ, ନିଷ୍ଠା ନେଇ ସାଧୁବାଦ ଜ୍ଞାପନ କରିଥିଲେ। ମିଶନର ଜିଲା ସଂଯୋଜକ ସୁଶାନ୍ତ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ତାଲିମ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ରାଉରକେଲା ବିଭାଜନ ଅନ୍ତର୍ଗତ ୮ଟି ବ୍ଲକର ୧୩୦ ଟି ପଞ୍ଚାୟତରେ କାର୍ଯ୍ୟ କରୁଥିବା ସମୁଦାୟ ୪୬୭ଜଣ ସ୍ୱେଚ୍ଛାଗ୍ରାହୀ ଶିବିରରେ ଭାଗ ନେଇଥିଲେ। ଏଥିରେ ଅନ୍ୟତମ ଅତିଥି ରୂପେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ବଣାଇଁ ବିଡିଓ ସନ୍ତୋଷ ସାହୁ, ମାଷ୍ଟର ଟ୍ରେନର ବାଲମୁକୁନ୍ଦ ଶୁକ୍ଲା, ରାଉରକେଲା ଡିଏଲସି ଅନୀଲ ପଟେଲ ପ୍ରମୁଖ ମଞ୍ଚସୀନ ଥିଲେ। ଏହି ଅବସରରେ ବ୍ଲକସ୍ତରରେ ଅନୁଷ୍ଠିତ ବିଭିନ୍ନ ଦୁର୍ଗାପୂଜା କମିଟିକୁ ମିଶନ ପକ୍ଷରୁ ସ୍ୱଚ୍ଛତା ନିମନ୍ତେ ପୁରସ୍କୃତ କରାଯାଇଥିଲା। ଏଥିରେ ୧ମ କୁଆଁରମୁଣ୍ଡା ପୂଜା କମିଟି, ସାରଙ୍ଗା ବାହାଲ ୨ୟ ଓ ହାତୀବାରୀ ପୂଜା କମିଟିକୁ ୩ୟ ପୁରସ୍କାର ପ୍ରଦାନ କରାଯାଇଥିଲା।



ଯୁବତୀଙ୍କୁ ଥାନା ବାବୁଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଲୋକେ ଏସପି ଅଫିସ ଆଗରେ ହଲାପଟା କରୁଛନ୍ତି।

# ଯୁବତୀଙ୍କୁ ଥାନା ଅଧିକାରୀଙ୍କ ଦୁର୍ବ୍ୟବହାର

**ଗଜଲକ୍ଷ୍ମୀ ମେଢ ଭସାଣି ଶୋଭାଯାତ୍ରା ବେଳେ କେଁ**

- ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଲା
- ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସର ଲାଠି ଚାର୍ଜ
- ଲୋକଙ୍କୁ ଗୋଡେଇ ଗୋଡେଇ ପିଟିଲା ପୋଲିସ
- ଥାନା ବାବୁଙ୍କ ବିରୋଧରେ ମହିଳା ଥାନାକୁ ଗଲେ ଯୁବତୀ
- ଏସ୍‌ପି ଅଫିସ ଆଗରେ ଟିଲେଇଲେ ରାଜୀବ ବସ୍ତିବାସୀ
- ବୁଝାବୁଝି କରି ସମସ୍ତଙ୍କୁ ଫେରେଇଦେଲେ ଏସ୍‌ପି

**ରାଉରକେଲା ଅଫିସ,୩୦।୧୦**

ବାଲୁଘାଟଠାରେ ସୋମବାର ରାତିରେ ଗଜଲକ୍ଷ୍ମୀ ମେଢ ଭଷାଣି ଶୋଭାଯାତ୍ରା ବେଳେ ଦୁଇ ଗୋଷ୍ଠିଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବାକୁ ଯାଇ ସେଠାରେ ମୁତୟନ ପୋଲିସ ଲାଠିମାଡ କରିଥିଲା। ଏଥିରେ ଏସ୍‌ଟିଆଇ ରାଜୀବ ବସ୍ତି ଅଞ୍ଚଳର ଯୁବକ ଦିଲ୍ଲୀପ ସୋନା, ପ୍ରକାଶ ପାତ୍ର, ଜିତେନ୍ଦ୍ର ମହାନନ୍ଦ, କାହ୍ନା ଦାସ, ସୁରଜ ରାୟ ଓ ଭୋଳା ବାରକଙ୍କ ସମେତ ଅନ୍ୟମାନେ ଆହତ ହୋଇଥିଲେ। କମେଣ୍ଟମରା ଓ ଅଶୋଭନୀୟ ଆଚରଣକୁ ନେଇ ଏଭଳି ଲଙ୍କାକାଣ୍ଡ ସୃଷ୍ଟି ହୋଇଥିଲା। ମାଡରୁ ମହିଳା, ଯୁବତୀ ଓ ଛୋଟ ପିଲା ବାଦ ପଡି ନ ଥିଲେ। ରାଉରକେଲା ସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିବା ଆହତମାନେ ପୋଲିସ ସେମାନଙ୍କୁ ପିଟାପିଟି କରିଥିବା ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳବାର ପୂର୍ବାହ୍ନରେ ବସ୍ତିର ଶତାଧିକ ମହିଳା ଏସ୍‌ପି ଅଫିସ ସମ୍ମୁଖରେ ପହଞ୍ଚି ହଲାପଟା କରିଛନ୍ତି। ଏଭଳିକି ରଘୁନାଥପାଲ୍ଲୀ ଥାନା ଅଧିକାରୀ ଭିଡ ନିୟନ୍ତ୍ରଣ କରିବା ବାହାନାରେ ଜଣେ ଯୁବତୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଉଠିଛି। ଏମାନେ କହିଛନ୍ତି ଯେ, ଶୋଭାଯାତ୍ରାରେ ସାମିଲ ଜଣେ ଯୁବତୀଙ୍କୁ ଦଳେ ଯୁବକ ଅଶୋଭନୀୟ ଆଚରଣ କଲେ । ପୋଲିସ କିନ୍ତୁ ସେମାନଙ୍କୁ ଛାଡି ଆମକୁ ଗୋଡେଇ ଗୋଡେଇ ପିଟିଲା। ଅନ୍ଧାରରେ ଆଖି ବୁଜା ମାଡରେ ଅନେକ ଯୁବକ ଆହତ ହୋଇଛନ୍ତି। ସେହିଭଳି ପୋଲିସ ବାବୁଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ଯୁବତୀ ଜଣକ କାନ୍ଦି କାନ୍ଦି ଅଭିଯୋଗ କରିଛନ୍ତି ଯେ ତାଙ୍କୁ ରାତିରେ ପୋଲିସ ବାବୁ ଟଣାଓଟରା କରି ମାଡଛନ୍ତି। ଏଣୁ ତାଙ୍କୁ ତୁରନ୍ତ କାର୍ଯ୍ୟରୁ ଅନ୍ତର କରାଯାଉ। ଏ ନେଇ ଏକ ପ୍ରତିନିଧିଣ୍ଟମଣ୍ଡଳୀ ଏସ୍‌ପି ଡ. ଉମାଶଙ୍କର ଦାସଙ୍କୁ ଭେଟି ଘଟଣା ବାବଦରେ ଅବଗତ କରାଇଛନ୍ତି। ତେବେ ଏସ୍‌ପି ଏମାନଙ୍କୁ ବୁଝାସୁଝା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଫେରେଇ ଦେଇଛନ୍ତି। ଅନ୍ୟପକ୍ଷେ ଦୁର୍ବ୍ୟବହାରର ଶିକାର ଯୁବତୀ ଜଣକ ମହିଳା ଥାନାରେ ସମ୍ପୃକ୍ତ ଥାନା ଅଧିକାରୀଙ୍କ ନାମରେ ଲିଖିତ ଅଭିଯୋଗ କରି କହିଛନ୍ତି। ତେବେ ସମ୍ପୃକ୍ତ ଥାନା ଅଧିକାରୀ ଏ ନେଇ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ୨ଶହ ଫୋର୍ସଙ୍କ ସମେତ ଘଟଣା ସ୍ଥଳରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏପରି ଅବସ୍ଥାରେ ଯୁବତୀଙ୍କୁ ଦୁର୍ବ୍ୟବହାର କରିବାର ପ୍ରଶ୍ନ ଉଠୁନି। ଏହା ଉଦ୍ଦେଶ୍ୟମୂଳକ। ତାଙ୍କୁ ବଦନାମ ପାଇଁ ଯୁବତୀ ଜଣକ ଏଭଳି ମନଗଢା ଅଭିଯୋଗ କରୁଛନ୍ତି।

# ଉନ୍ନୟନ କାମର ଶିଳାନ୍ୟାସ କଲେ ବିଧାୟକ

**ରାଉରକେଲା ଅଫିସ,୩୦। ୧୦**

ବିଭିନ୍ନ ଉନ୍ନୟନ କାମର ଶିଳାନ୍ୟାସ ରାଉରକେଲା ବିଧାୟକ ଦିଲୀପ ରାୟ କରିଛନ୍ତି । ଗୋପବନ୍ଧୁପାଲିଠାରେ ଥିବା ପଞ୍ଚବାଟିକା ମନ୍ଦିରର ଉନ୍ନତୀକରଣ ନେଇ ୩ଲକ୍ଷ, ସମାଜ ମଙ୍ଗଳ କେନ୍ଦ୍ର ନିର୍ମାଣ ନେଇ ୫ଲକ୍ଷ ସହ ଟିମ୍ବର କଲୋନୀ ସମାଜ ମଙ୍ଗଳ କେନ୍ଦ୍ର ନିର୍ମାଣ ନିମନ୍ତେ ସେ ୫ ଲକ୍ଷ ଅନୁଦାନ ଘୋଷଣା କରିଛନ୍ତି। ଏଥି ସହିତ ଉପରୋକ୍ତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଝିରପାଣିର କ୍ରିଷ୍ଟ କୋଠା ନିମନ୍ତେ ୫ଲକ୍ଷ, ତନ୍ତୀ ସମାଜ ଗୃହ ନିର୍ମାଣ ଉଦ୍ଦେଶ୍ୟରେ ୫ଲକ୍ଷ, ଦୁର୍ଗା ମଣ୍ଡପ ନିର୍ମାଣ ଲାଗି ୨୦ଲକ୍ଷ ଅନୁଦାନ ଘୋଷଣା କରିଛନ୍ତି। ଛେଣ୍ଡ ୱେଲଫେୟାର କମିଟି ଗୃହ ନିମନ୍ତେ ୫ଲକ୍ଷ, ନିଗମାନନ୍ଦ ମନ୍ଦିର ପ୍ରାର୍ଥନା ଗୃହ ପାଇଁ ୫ଲକ୍ଷ, ବିଶ୍ୱକର୍ମା ପେଣ୍ଡାଲ ନିର୍ମାଣ ପାଇଁ ୫ଲକ୍ଷ ଅନୁଦାନ ପ୍ରଦାନ କରାଯାଇଛି। ଏଥିସହ ପାନପୋଷ ଧର୍ମଶାଳା ନିମନ୍ତେ ୫ଲକ୍ଷ, ସନ୍ତୁଦେବୀ ଧର୍ମଶାଳା ନିର୍ମାଣ ପାଇଁ ୫ଲକ୍ଷ, ଜେଜେ କ୍ଲବ ପାଇଁ ୫ଲକ୍ଷ, ମାଲଗୋଦାମ ମହିଳା ସମିତି ନିର୍ମାଣ ନେଇ ୩ଲକ୍ଷ ଅର୍ଥ ବ୍ୟବସ୍ଥା କରିଛନ୍ତି। ବିରଜାପାଲି ଏସସିଏସଟି ମହିଳା ସେଲକୁ ୫ଲକ୍ଷ, ବାସନ୍ତୀ କଲୋନୀରେ ଥିବା ନାରୀ ସ୍ୱାଗତିକା ସଂଘ ନିମନ୍ତେ ୫ଲକ୍ଷ ଓ କଳିଙ୍ଗ କ୍ଲବ କମ୍ୟୁନିଟି ହଲ ପାଇଁ ୫ଲକ୍ଷ ବ୍ୟୟ ବରାଦରେ ଭୂମି ପୂଜନ କରାଯାଇଛି। ଏହି ଅବସରରେ ବିଧାୟକ ରାୟଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ କିପରି ଶେଷ କରାଯିବ ସେ ଦିଗରେ ଆବଶ୍ୟକ ଦୃଷ୍ଟି ଦିଆଯାଉଛି ବୋଲି ରାୟ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। ଉପରୋକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ହରିହର ରାଉତରାୟ, ରମେଶ ବଳ, ରଞ୍ଜିତ ନାୟକ, ନିରାକାର ଲେଙ୍କା, ବୁଲୁ ମହାନ୍ତି, ପ୍ରମିଳା ଦାସ, ରମାକାନ୍ତ ସିଂ, ଗଣେଶ ସେଠୀ, ଅମ୍ବୁଜ ସାହୁ, କିଶୁନ ସାହୁ, ଚିନ୍ତା ସାହୁ, ସୁମିତ୍ରା ଲୋହାର, ରସିଦ ଆସଲମ, ଭୁବନ ସାଗର, ରୀତା ଶ୍ରୀବାସ୍ତବ, ସବିତା ଖାତୁନ, ଜେଣ୍ଟଲ ପରିଡା, ଅବିନାଶ ଜେନା, ଗୋପୀ ବାରିକ, ଆଶା ନାଇଡୁ, ରୀତା ସି, ସୁନୀତା ତନ୍ତି, ଦୀପା ତନ୍ତି ଓ ସୁଶୀଳା ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଦିଲୀପ ରାୟ ଶିଳାନ୍ୟାସ କରୁଛନ୍ତି।

# କ୍ଷମତାକୁ ଆସିଲା ପରେ ପ୍ରତିଶ୍ରୁତି ଭୁଲିଗଲେ ମୋଦି

**ରାଉରକେଲା ଅଫିସ,୩୦।୧୦**

କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦି ସରକାର ଓ ତାଙ୍କ ଭାଜପା ଦଳ ଦୁର୍ନୀତିରେ ବୁଡି ରହିଛି। ନିର୍ବାଚନ ପୂର୍ବରୁ ଦେଶବାସୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ କ୍ଷମତା ହାସଲ ପରେ ନିଜ କର୍ତ୍ତବ୍ୟରୁ ଓହରି ଯାଇଛନ୍ତି ମୋଦି। ଯୁବ ସମାଜକୁ ଦେଇଥିବା ପ୍ରତିଶ୍ରୁତିକୁ ସରକାର ପାଶୋରି ଦେଇଛନ୍ତି। କ୍ଷମତାକୁ ଆସିଲେ ବର୍ଷକୁ ୨କୋଟି ଯୁବକଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଦେଇଥିଲା ଭାଜପା। ବିଦେଶରୁ କଳା ଧନ ଫେରାଇ ଆଣିବା ସହ ପ୍ରତ୍ୟେକଙ୍କ ବ୍ୟାଙ୍କ ଖାତାରେ ୧୫ଲକ୍ଷ ଜମା କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏଥିସହ ଦରଦାମ ନିୟନ୍ତ୍ରଣ ପରି ଆଚ୍ଛେ ଦିନ ପରି ସ୍ଲୋଗାନ ଲୋକଙ୍କୁ କିମିଆଁ କରିଥିଲା। ମିଛ ପ୍ରତିଶ୍ରୁତିରେ ଭୁଲି ଲୋକେ ତାଙ୍କୁ କ୍ଷମତାକୁ ଆଣିଲେ। ମୋଦି ପ୍ରଧାନମନ୍ତ୍ରୀ ହେଲେ। ଏବେ ଦେଶର ପରିସ୍ଥିତି ଅତ୍ୟନ୍ତ ସଂଗୀନ। ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫଆଇ) ପକ୍ଷରୁ ଏହି ଅଭିଯୋଗ କରାଯାଇଛି। ଏ ନେଇ ମଙ୍ଗଳବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଯୁବ ନେତା କହିଥିଲେ ଯେ ପେଟ୍ରୋଲ, ଡିଜେଲ ଓ ଘରୋଇ ଇନ୍ଧନ ଗ୍ୟାସ ଦର ବୃଦ୍ଧି ଦେଶବାସୀଙ୍କୁ ଭାରାକ୍ରାନ୍ତ କରିଛି। ଅନିୟନ୍ତ୍ରିତ ଦର ବୃଦ୍ଧିରେ ସାଧାରଣ ଲୋକେ ଛଟପଟ ହେଉଛନ୍ତି। ବିମୁଦ୍ରିକରଣ ଓ ଜିଏସଟି ପରି ଭୁଲ ନିଷ୍ପତ୍ତି ଦେଶକୁ ରସାତଳକୁ ନେଇ ଗଲାଣି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁ ଚାଷୀ ମୁଲିଆ ଓ ଶ୍ରମିକ ହନ୍ତସନ୍ତ ହେବାରେ ଲାଗିଛନ୍ତି। ମୋଦି ସରକାରଙ୍କ ସମୟରେ ଦେଶର ହଜାର ହଜାର କୋଟି ଲୁଟ୍ କରାଯାଇଛି। ବିଭିନ୍ନ ସରକାରୀ ଉଦ୍ୟୋଗରେ ଲକ୍ଷାଧିକ ପଦ ଖାଲି ପଡିଥିବା ବେଳେ ଏହାକୁ ପୂରଣ କରିବାରେ ମୋଦି ସରକାର ବ୍ୟର୍ଥ ହୋଇଛି। ଏଣେ ବିଜୟ ମାଲ୍ୟା, ନିରବ ମୋଦି ସହ ଅନ୍ୟମାନେ କୋଟି କୋଟି ଟଙ୍କା ଆତ୍ମସାତ କରି ଦେଶରୁ ଛୁ ମାରିଛନ୍ତି। ରାଫେଲ ମହାଦୁର୍ନୀତି ଏବେ ମୋଦିଙ୍କୁ ତଳିତଳାନ୍ତ କରିବ ବୋଲି ଏଥିରେ କୁହାଯାଇଥିଲା। ତୁରନ୍ତ ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଦର କମାଇବା ସହ ବେକାରଙ୍କୁ ନିଯୁକ୍ତି, ରାଫେଲ ତଦନ୍ତ ଦାବିରେ ସଂଗଠନ ପକ୍ଷରୁ ଏଡିଏମ ମୋନିଷା ବାନାର୍ଜୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଜିଲା ସଭାପତି ରାଜକିଶୋର ପ୍ରଧାନ, ଉପସଭାପତି ବିଶ୍ୱଜିତ ମାଝି, ଦିବାକର ମହାରଣା, ଶେଖର ଶର୍ମା, କବି ପ୍ରଧାନ, ହିତେଶ ମଲିକ, ସାଗର ଶର୍ମା, ପ୍ରଭାତ ମହାନ୍ତି, ଅରୁ ଦାସ, କିଶୋର ତନ୍ତି, ଯଯାତୀ ସାହୁ, ଶ୍ରମିକ ନେତା ଶ୍ରୀମନ୍ତ ବେହେରା ଓ ବିପି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫଆଇ) ପକ୍ଷରୁ ଶୋଭାଯାତ୍ରାରେ କର୍ମକର୍ତ୍ତା।

# ଭଗବତୀ ପାଣିଗ୍ରାହୀ, ଗୁରୁଚରଣ ପଟ୍ଟନାୟକଙ୍କ ସ୍ମୃତିସଭା

**ରାଉରକେଲା ଅଫିସ, ୩୦।୧୦**

ଓଡିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ସେକ୍ଟର-୫ସ୍ଥିତ କଲଚରାଲ ଏକାଡ଼େମୀ ଠାରେ ପ୍ରଗତିଶୀଳ ସାହିତ୍ୟର କର୍ଣ୍ଣଧାର ଭଗବତୀଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧବାର୍ଷିକୀ ଓ ମାର୍କ୍ସବାଦୀ ବ୍ୟାଖ୍ୟାକାର ଗୁରୁରଚରଣ ପଟ୍ଟନାୟକଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । କବି ବଳରାମ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ଶ୍ରମିକ ନେତା ପ୍ରଭାତ କୁମାର ମିଶ୍ର, ଆଲୋଚକ ଭାବେ ଡ. ନଗେନ ଦାସ ଓ କେଦାରନାଥ ପ୍ରଧାନ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଭଗବତୀ ଚରଣ ଓ ଗୁରୁଚରଣଙ୍କ ‘ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ ଦିବଂଗତ ବିଶିଷ୍ଟ ସିନେ ବ୍ୟକ୍ତିତ୍ୱ ତଥା ନାଟ୍ୟକାର ଅମୀୟ ପଟ୍ଟନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓଡ଼ିଆ ଭାଷା ବିକାଶ ମଞ୍ଚ ସାଧାରଣ ସଂପାଦକ ଆର୍ତ୍ତତ୍ରାଣ ମହାପାତ୍ର । ଅନୁଷ୍ଠିତ ଆଲୋଚନା ଚକ୍ରରେ ଆଲୋଚକ ପ୍ରଧାନ ଗୁରୁଚରଣଙ୍କ ଜୀବନ ଦର୍ଶନ ସଂପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଗୁରୁଚରଣ ଜଣେ ବୁଦ୍ଧିବାଦୀ ଥିଲେ। ଲେଖାପଢ଼ାରେ ଅନେକ ସମୟ ବ୍ୟୟ କରୁଥିଲେ। ଓଡ଼ିଶାର ଅନେକଙ୍କୁ ସେ ବାମଧରାରେ ଉଦବୁଦ୍ଧ କରିଥିଲେ। ଅନ୍ୟତମ ଆଲୋଚକ ଡ. ଦାସ ଭଗବତୀ ଚରଣଙ୍କ ସାହିତ୍ୟିକ ଜୀବନ ଓ ସର୍ଜନା ସଂପର୍କରେ ଆଲୋକପାତ କରିଥିଲେ। ଆଲୋଚକମାନେ ‘ଶିକାର’ ଗଳ୍ପକୁ ଯଦିଓ ଭଗବତୀ ଚରଣଙ୍କର ଶ୍ରେଷ୍ଠ ଗଳ୍ପ ବୋଲି ଅଭିହିତ କରନ୍ତି ମାତ୍ର ‘ଜଙ୍ଗଲୀ’ ଗଳ୍ପ ହେଉଛି ତାଙ୍କର ଏକ ସ୍ୱତନ୍ତ୍ର ଗଳ୍ପ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ମିଶ୍ର ଭଗବତୀ ଚରଣଙ୍କ ଜୀବନ ଦର୍ଶନ, ସେବା ମନୋଭାବ ସଂପର୍କରେ ନିଜ ବକ୍ତବ୍ୟ ରଖିଥିଲେ । ସେ କହିଥିଲେ ଯେ ଯେଉଁମାନଙ୍କର ମଣିଷ ପଣିଆ ଅଛି, ମଣିଷର ଦୁଃଖ ଦେଖିଲେ ଆଖିରେ ଲୁହ ଆସେ, ସେମାନେ ସାମ୍ୟବାଦର ନେତୃତ୍ୱ ନେଇ ପାରିବେ । ସଭାପତିତ୍ୱ କରୁଥିବା ରାଉଳ ନିଜର ସଭାପତିତ୍ୱ ଅଭିଭାଷଣରେ ଭଗବତୀଚରଣ ଓ ଗୁରୁଚରଣଙ୍କ ସାହିତ୍ୟ ସଂପର୍କରେ ସଂକ୍ଷିପ୍ତ ଆଲୋଚନ ।କରିଥିଲେ। ସ୍ମୃତିସଭାକୁ ସଂଯୋଜନା କରୁଥିବା ଯୁବ କବି ଅଶୋକ ରାଉତଙ୍କ ସଂଯୋଜନାରେ ପ୍ରଗତିଶୀଳ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶୈଳବାଳା ଷଡ଼ଙ୍ଗୀ, ନିତ୍ୟାନନ୍ଦ ନାୟକ, ବିଚିତ୍ରାନନ୍ଦ ସାହୁ, ସଞ୍ଜୟ ମହାପାତ୍ର, ଋଷି ଦାଶ, ଉର୍ବଶୀ ଦାଶପତି, ବଳରାମ ରାଉଳ, ପ୍ରବୋଧ କୁମାର ନାୟକ, ବସନ୍ତ ବିଶ୍ୱକର୍ମା ଏବଂ ଅଶୋକ ରାଉତ ପ୍ରମୁଖ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୂପେନ ମହାପାତ୍ର, ଅକ୍ଷୟ ସାମଲ, ପ୍ରହ୍ଲାଦ ଦାଶ ଓ ସୁମନ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଭଗବତୀଚରଣ ପାଣିଗ୍ରାହୀ ଓ ଗୁରୁଚରଣ ପଟ୍ଟନାୟକଙ୍କ ସ୍ମୃତିସଭାରେ ଅତିଥିମାନେ।

# ଆକର୍ଷଣ ହରାଉଛି, ପରମ୍ପରା ଦିଗ ଭାଙ୍ଗୁଛି

**କେନ୍ଦ୍ରୀୟ ପୂଜା କମିଟି**

- ଆନ୍ତରିକତା ହୀନ ଗଜଲକ୍ଷ୍ମୀ ମେଳଣ ଉତ୍ସବ
- ନିମନ୍ତ୍ରଣପତ୍ର ଖଣ୍ଡେ ବଣ୍ଟା ହେଲାନି
- ଆତସବାଜି ପ୍ରତିଯୋଗିତା ହେଲାନି
- ମଞ୍ଚରେ ରହିଲେନି ସିପିସି ସଭାପତି
- କମିଟି ନିର୍ବାଚନ କରା ଦିଆଯାଉନି

**ରାଉରକେଲା ଅଫିସ,୩୦।୧୦**

କେନ୍ଦ୍ରୀୟ ପୂଜା କମିଟି (ସିପିସି) ଆନୁକୂଲ୍ୟରେ ସୋମବାର ଦକ୍ଷିଣ ରାଉରକେଲା ବୋଇତ ବନ୍ଦାଣ ପଡିଆରେ ଗଜଲକ୍ଷ୍ମୀ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୭ଟି ମେଢ ସାମିଲ ହୋଇଥିଲା। ସେକ୍ଟର-୧୩ ଦୁର୍ଗା ମେଳଣ ପରି ଏଠି ମଧ୍ୟ ମହାଲକ୍ଷ୍ମୀ ମେଳଣ ଅନାକର୍ଷଣୀୟ ହେବା ଅନେକଙ୍କୁ ନିରାଶ କରିଛି। ମଞ୍ଚରେ ସିପିସି ସଭାପତି (ଏଡିଏମ)ଙ୍କ ଦେଖା ମିଳି ନ ଥିଲା। ଏପରିକି ଚଳିତ ବର୍ଷ ନିମନ୍ତ୍ରଣ ପତ୍ର ଖଣ୍ଡେ ବି କାହାକୁ ବଣ୍ଟା ଯାଇ ନ ଥିଲା। ମେଳଣ ଦେଖିବାକୁ ପଡିଆରେ ପାଖାପାଖି ୬ ହଜାର ଦର୍ଶକଙ୍କ ଭିଡ ଜମିଥିବା ବେଳେ ଶେଷ ବେଳକୁ ମୁଖ୍ୟ ଆକର୍ଷଣ କୁହାଯାଉଥିବା ଆତସବାଜି ଦେଖିବାକୁ ମିଳିଲାନି, ଯାହା ଅନେକଙ୍କୁ ନିରାଶ କରିଥିଲା। କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଏପରି ନିରୁତ୍ସାହିତ କାର୍ଯ୍ୟକ୍ରମ ଏଥର ମହାଲକ୍ଷ୍ମୀ ମେଳଣକୁ ଫିକା କରିଦେଲା ବୋଲି ଅନେକଙ୍କ ମୁହଁରୁ ଶୁଣା ଯାଇଥିଲା। ଆଗକୁ କାଳି ପୂଜା ଓ ମେଳଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ସିପିସିର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୁହାଯାଉଛି ଯେ କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ ଯେବେଠୁ ବନ୍ଦ କରାଯାଇଛି ସେହି ଦିନଠୁ ଏହା ଦଳୀୟ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ନିର୍ବାଚିତ ପ୍ରତିନିଧି ଯେତେଦିନ ଯାଏ ପୂଜା ପରିଚାଳନା କରୁଥିଲା ଏଭଳି ଦୟନୀୟ ସ୍ଥିତି ଦେଖା ଯାଇ ନ ଥିଲା। ଏବେ ପରମ୍ପରା ଲୋପ ହେବାକୁ ବସିଲାଣି। ଯେଉଁ ଆରଏସପି କର୍ମଚାରୀ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତା ବା ଦାୟିତ୍ୱରେ ରହୁଥିଲେ ସେମାନଙ୍କୁ କର୍ତ୍ତୃପକ୍ଷ ଛୁଟି ପ୍ରଦାନ କରୁଥିଲେ। ଚଳିତ ବର୍ଷ ସେଭଳି ଛୁଟି କାହାକୁ ମିଳିଲାନି। ଦର୍ଶକ ମେଳଣ ଦେଖିବାକୁ ଆସି ନିରାଶ ହେଲେ। ଶୋଭାଯାତ୍ର ବେଳେ କିଏ ବିଜୁଳି ଆଘାତ ପାଇ ଆହତ ହେଲା ତ ଆଉ କେଉଁଠି ଗୋଷ୍ଠି ସଂଘର୍ଷ ଘଟି ମାମଲା ଏସ୍‌ପି ଅଫିସ ଯାଏ ପହଞ୍ଚିଲା। ଏପରି ଅବସ୍ଥାରେ ମନୋନୀତ କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ଅଭାବ ଓ ନିରାଶା ମନୋଭାବ ସ୍ପଷ୍ଟ ବାରି ହୋଇପଡିଲା। ସମଗ୍ର ରାଜ୍ୟରେ ଶାରଦୀୟ ପୂଜା ପରିଚାଳନା କରିବାରେ ଦିନେ ଏ ସହରର କେନ୍ଦ୍ରୀୟ ପୂଜା କମିଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏଥିରେ ଷ୍ଟିଲ ସିଟିର ବହୁ ବ୍ୟକ୍ତି ସାମିଲ ହେଉଥିଲେ, ଯାହା କ୍ରମେ ଅବକ୍ଷୟ ହେବାରେ ଲାଗିଛି। ପରମ୍ପରା ଦିଗ ହରାଉଛି। ଯେଉଁମାନେ ଏହା ପଛରେ ରହି ଗୋଟି ଚାଳନା କରି ନିର୍ବାଚନ କରାଇ ଦେଉ ନାହାନ୍ତି ସେମାନେ ଅସଲ ବେଳେ ଆଗକୁ ଆସୁ ନାହାନ୍ତି। ନିଜ ସମର୍ଥକଙ୍କୁ ମନୋନୀତ କରି କେନ୍ଦ୍ରୀୟ ପୂଜା କମିଟକୁ ନିଜ ଇଙ୍ଗିତରେ ନଚାଉଥିବା ଅଭିଯୋଗ ହେଉଛି। ଯାହାକୁ ଅନେକ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ଏ ନେଇ କେନ୍ଦ୍ରୀୟ ପୂଜା କମିଟି ସାଧାରଣ ସମ୍ପାଦକ ଚୌଧୁରି ବିଜୟ ପଟ୍ଟନାୟକଙ୍କୁ ପଚାରାଯିବାରୁ ସେ କହିଥିଲେ ଯେ, ସିପିସି ନାଇଟ ପାଳନ ସମୟରେ କମିଟି ସଭାପତି ଉପସ୍ଥିତ ଥିଲେ। ଅସୁସ୍ଥତା ଯୋଗୁ ସେ ଯୋଗ ଦେଇ ପାରିନହାନ୍ତି। ବାକି ଆତସବାଜି ନେଇ ସେ କହିଥିଲେ। ନିକଟରେ ରାଜ୍ୟରେ ଯେଉଁ ତିତଲି ବାତ୍ୟା ଘଟିଲା ସେଥିଯୋଗଏଥିରୁ ବିରତ ରହିବାକୁ ପଡିଛି। ପୂଜା କମିଟି ଦାୟିତ୍ୱକୁ ଠିକ ଭାବେ ପାଳନ କରୁଛି। ଏଥିରେ କିଛି ରାଜନୀତି ନାହିଁ।



କେନ୍ଦ୍ରୀୟ ପୂଜା କମିଟି (ସିପିସି) ଆନୁକୂଲ୍ୟରେ ଦକ୍ଷିଣ ରାଉରକେଲା ବୋଇତ ବନ୍ଦାଣ ପଡିଆରେ ଗଜଲକ୍ଷ୍ମୀ ମେଳଣ ଉତ୍ସବରେ ଅତିଥି।

## ଜୁଆ ଖେଳି ୫ ଗିରଫ:୨ ବାଇକ୍, ନଗଦ ୧୮ ହଜାର ଟଙ୍କା ଜବତ

**ରାଉରକେଲା ଅଫିସ/ବେଦବ୍ୟାସ, ୩୦।୧୦ (ଡି.ଏନ.ଏ.)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକରୁ ଜୁଆ ଖେଳିବାବେଳେ ୫ ଜଣଙ୍କୁ ଗିରଫ କରିଛି ପୋଲିସ। ସୋମବାର ରାତିରେ ଏମାନେ ଜୁଆ ଖେଳୁଥିବା ଖବର ପାଇ ପୋଲିସ ଅତର୍କିତ ଚଢାଉ କରିଥିଲା। ଜିତେନ୍ଦ୍ର ଯାଦବ (୨୬), ସଞ୍ଜୟ ଯାଦବ (୪୦), ଗୁଡୁ ଯାଦବ (୨୭), ରାଜନାରାୟଣ ଗିରି (୪୨) ଓ ବିଶ୍ୱନାଥ ଶର୍ମା (୨୧)ଙ୍କୁ ପୋଲିସ ଗିରଫ କରିଥିଲା। ଏଥିସହ ନଗଦ ୧୮ ହଜାର ୬୦ଟଙ୍କା, ଦୁଇଟି ବାଇକ (ନଂ ଓଆର ୦୨ ବ୍ୟି-୭୮୩୩, ନଂ ଓଡି ୧୪ଡି ୪୫୦୮) ଖେଳରେ ବ୍ୟବହୃତ ତାସ ପତି ଜବତ କରିଛି। ଏ ନେଇ ଏକ ମାମଲା (ନଂ ୨୪୨/ ୨୦୧୮) ରୁଜୁ କରାଯାଇଛି।



ଗୋଳା, ବନ୍ଧୁକ ଦ୍ୱାରା ନୁହେଁ, କେବଳ ନୈତିକତା ବଳରେ ହିଁ ଶତ୍ରୁଙ୍କୁ ଜୟ କରିପାରିବା ସମ୍ଭବ।
- କାଳିନ୍ଦୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### କୁତ୍ରାରେ ଭାଜପା ପକ୍ଷରୁ ବିଡ଼ିଓଙ୍କୁ ସ୍ମାରକପତ୍ର

**କୁତ୍ରା, ୩୦।୧୦ (ଡି.ଏନ.ଏ)**- ସୁନ୍ଦରଗଡ ଜିଲାର କୁତ୍ରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଅଞ୍ଚଳ ଘୋଷଣା ଦାବିରେ ତଥା ପିସି କାରବାର ବନ୍ଦ, ରାସ୍ତା ମରାମତି ଭଳି ଅନେକ ଦାବି ନେଇ କୁତ୍ରା ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର କୁତ୍ରା ବିଡିଓଙ୍କୁ ପ୍ରଦାନ କରାଯାଇଛି। ମଙ୍ଗଳବାର କୁତ୍ରା ବ୍ଲକର ଭାଜପା ପକ୍ଷରୁ ବିଭିନ୍ନ ଦାବିନେଇ କୁତ୍ରା ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଏକ ସଭାର ଆୟୋଜନ କରିଥିଲେ। ଉକ୍ତ ସଭାରେ ଭାଜପାର ମହେନ୍ଦ୍ର ମାଝି, ଉପେନ୍ଦ୍ର ପଧାନ, ସରେନ୍ଦ୍ର ଦେହୁରୀ, ଜୁନାସ ଲୁଗୁନ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାର କୁତ୍ରାବ୍ଲକକୁ ମରୁଡି ଅଞ୍ଚଳ ଘୋଷଣାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ କ୍ଷୋଭପ୍ରକାଶ ପାଇଥିଲା। ବ୍ଲକରେ ରାସ୍ତା ମରାମତି ହେଉ ନ ଥିବା, ଉନ୍ନୟନ କାମରେ ପିସି କାରବାର ହେଉଥିବାରୁ ନିମ୍ନମାନର କାମ ହେଉଥିବାବେଳେ ସରକାରଙ୍କ ସମର୍ଥକ ଏହି ଦୁର୍ନୀତିରେ ବୁଡି ରହିଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

### ମାଙ୍ଗାନିଜ ଚୋରା ଚାଲାଣ ବେଳେ ଟ୍ରକ୍ ଜବତ: ଚାଳକ ଗିରଫ

**ଟେନସା, ୩୦।୧୦ (ଡି.ଏନ.ଏ)**-କୋଇଡା ବ୍ଲକ ଅନ୍ତର୍ଗତ ସର୍ଗିଗଡ ପାନପୋଷିଆଠାରେ କୋଇଡା ବନ ବିଭାଗ ଦ୍ୱାରା ସୋମବାର ରାତିରେ ଚୋରା ମାଙ୍ଗାନିଜ ବୋଝେଇବେଳେ ଟ୍ରକ ଜବତ କରାଯିବା ସହ ଚାଳକଙ୍କୁ ଗିରଫ କରାଯାଇଛି। ଖେସରା ଫରେଷ୍ଟ ଅଧିକାରୀ ଦିନମଣି ମଣିହିରା ରାତ୍ରି ତଦାରଖ ସମୟରେ ମାଙ୍ଗାନିଜ ଚୋରା ଚାଲାଣ ହେଉଥିବା ଖବରପାଇ ପାଇଥିଲେ। କୋଇଡା ବନଖଣ୍ଡ ଅଧିକାରୀ ବୈଷ୍ଣବ ଚରଣ ପାତ୍ରଙ୍କ ନିର୍ଦ୍ଦେଶରେ ଚଢାଉ କରାଯାଇ ଓଡି ୧୬ ସି-୬୩୯୯ ବାର ଚକିଆ ଟ୍ରକ ଜବତ କରାଯାଇଛି। ଏହା ସହ ଚାଳକ ଅମରନାଥ ରାୟ (୨୯)ଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି। ଘର ଝାଡଖଣ୍ଡର ବଡଯାମଦା। ତୋଫାନ ତ୍ରିପାଠୀ, ଗଣେଷ ପାତ୍ର, କାର୍ତ୍ତିକ ଓରାମଙ୍କ ଉପସ୍ଥିତ ବୃଦ୍ଧି ବଳରେ ଏହି ଟ୍ରକ ଜବତ କରାଯାଇଛି।





ଭୋଇପାଲି ଗାଁରେ କ୍ରପ କଟିଂ ପରେ ଅଧିକାରୀମାନେ ଅମଳ ପରିମାଣ ଦେଖୁଛନ୍ତି। ରାଏଡ଼ିହି ଗ୍ରାମରେ ଫାଟି ଆଁ କରିଥିବା ଜମି।

■ କୃଷି ବିଭାଗ, ବୀମା କମ୍ପାନୀ କର୍ମଚାରୀ ହଟାହଟା

# ମନଇଚ୍ଛା କ୍ରପକଟିଂକୁ କୃଷକଙ୍କ ବିରୋଧ

**ବଡ଼ଗାଁ, ୩୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ଚାଷୀମାନଙ୍କ କୃଷି ବୀମା କମ୍ପାନୀ ଉପରୁ ଭରସା ତୁଟି ଯାଇଛି। ୨୦୧୦ ମସିହାରେ କୃଷକଙ୍କୁ କମ୍ପାନୀ ପ୍ରତାରଣା କରିବାରୁ କୃଷକ ସମାଜ ନ୍ୟାୟାଳୟର ଦ୍ୱାରସ୍ଥ ହେଲେ । ହାଇକୋର୍ଟ କୃଷକଙ୍କ ସପକ୍ଷରେ ରାୟ ଦେଇଥିଲେ ମଧ ରାଜ୍ୟ ସରକାର କୃଷକଙ୍କ ବିରୋଧରେ ସୁପ୍ରିମକୋର୍ଟ ଯାଇଛନ୍ତି। ଗତବର୍ଷ ମଧ ବୀମା କମ୍ପାନୀ ହାତ ଗଣତି କେତେକ ଚାଷୀଙ୍କୁ ବୀମା ଅର୍ଥ ଦେଇଥିଲାବେଳେ ସର୍ବାଧିକ ଚାଷୀ ବଞ୍ଚିତ ହୋଇଛନ୍ତି। ଏହିପରି କେତେକ କାରଣରୁ କୃଷି ବୀମା କମ୍ପାନୀ ଉପରୁ ଚାଷୀଙ୍କ ବିଶ୍ୱାସ ତୁଟିଛି। ଏହାର ପ୍ରତିଫଳନ ମଙ୍ଗଳବାର ଭୋଇପାଲି ଗ୍ରାମରେ କ୍ରପ କଟିଂ ବେଳେ ଦେଖିବାକୁ ମିଳିଛି। କ୍ରପ କଟିଂ କରିବାକୁ ଯାଇଥିବା କୃଷି ବୀମା କମ୍ପାନୀର କର୍ମଚାରୀଙ୍କ ସମେତ ବିଭାଗୀୟ କର୍ମଚାରୀଙ୍କୁ ବିରୋଧର ସମ୍ମୁଖିନ ହେବାକୁ ପଡିଛି। ତହସିଲଦାର ସୋନାଲି ଚାନ୍ଦଙ୍କ ହସ୍ତକ୍ଷେପ ପରେ ଚାଷୀମାନେ କ୍ରପ କଟିଂ କରିବାକୁ ଦେଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ରିଲାଏନ୍ସ କୃଷି ବୀମା କମ୍ପାନୀର କର୍ମଚାରୀ ଦେବରାଜ ଗୌଡ, ବଡଗାଁ ଆରଆଇ ବବିତା ନାଏକ, କୃଷି କର୍ମଚାରୀ ଗୀତା ପଟେଲ କ୍ରପ କଟିଂ କରିବାକୁ ଭୋଇପାଲି ଗ୍ରାମକୁ ଯାଇଥିଲେ। ସେଠାରେ ସେମାନେ ଯେଉଁ ପ୍ଲଟ କ୍ରପ କଟିଂ ପାଇଁ ଉପରୁ ଆସିଛି ସେହି ଜମିରେ କଟାଯିବ କହିବାରୁ କୃଷକମାନେ ବିରୋଧ କରି ଆପଣମାନଙ୍କ ଉଚ୍ଛାନୁଯାଇ କଟିଂ କରିବାକୁ ଦିଆଯିବ ନାହିଁ କହିଥିଲେ। ଏ ସମ୍ପର୍କରେ ସୂଚନାପାଇ ତହସିଲଦାର ଚାନ୍ଦ ଘଟଣାସ୍ଥଳକୁ ଯାଇ କୃଷକମାନଙ୍କୁ ଏହା ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନାର କ୍ରପ କଟିଂ। ଚଳିତବର୍ଷ ମରୁଡିର ଆକଳନ ପାଇଁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି କହି ବୁଝାଇବାରୁ କୃଷକମାନେ କର୍ମଚାରୀଙ୍କୁ କ୍ରପ କଟିଂ କରିବାକୁ ଦେଇଥିଲେ। କୃଷକ ଦେବରାଜ ଛତ୍ରିଆଙ୍କ ବେର୍ଣ୍ଣା କିସମ ୧ଏକର ୩୪ ଡିସିମିଲ ଜମିରେ କରିଥିବା ଏମ-୧୩ ଧାନର କ୍ରପ କଟିଂ କରାଯାଇଥିଲା। ଏଥିରୁ ମୋଟ ୨କେ.ଜି ୨୫୦ ଗ୍ରାମ ଅମଳ ହୋଇଛି। କୃଷି କର୍ମଚାରୀ ଗୀତା ପଟେଲଙ୍କ କହିବାନୁଯାଇ କ୍ରପ କଟିଂ ୫ ମିଟର ଲମ୍ବ ଓ ୫ ମିଟର ଚଉଡାରେ କରାଯାଇଛି। ଏଥିରୁ ପ୍ରାୟ ୧୨ ରୁ ୧୪ କେଜି ଅମଳ ହେବା କଥା। କିନ୍ତୁ ବହୁତ କମ୍ ଅମଳ ହୋଇଛି । ଚାଷୀ ଦେବରାଜ ତାଙ୍କ ପୋଖରୀ ପାଣି ଉଠାଇ ୫ଥର ଦେଇଥିଲେ ମଧ କମ୍ ଅମଳ ହେଲା କହିଛନ୍ତି। ସୂଚନାଯୋଗ୍ୟ ଯେ, ବିଭିନ୍ନ ସମୟରେ ଚାଷୀ କ୍ଷତିଗ୍ରସ୍ତ ହୋଇ ବୀମା ଟଙ୍କା ନ ପାଇବା, ଠିକ୍ ସମୟରେ ସାର, ଔଷଧ ନ ପାଇ ଖର୍ଚ୍ଚାନ୍ତରେ ପଡିବା ଓ ଏଥିପାଇଁ ଚାଷୀ ରାଜରାସ୍ତାକୁ ଓହ୍ଲାଇବା ସତ୍ତ୍ୱେ ସରକାରଙ୍କ ଚେତା ପଶୁନାହିଁ। ୨୦୧୦ ମରୁଡିର ବୀମା ପାଇବା ତ ଦୂରର କଥା ସରକାର କୃଷକଙ୍କ ବିରୋଧରେ ସୁପ୍ରିମକୋର୍ଟ ଯାଇଥିବାରୁ ଭାଜପା କୃଷକ ମୋର୍ଚ୍ଚା ଏହାକୁ ଇସୁ୍ୟ କରିଛି। ନିର୍ବାଚନରେ ଏହାକୁ ପ୍ରସଙ୍ଗ କରି ସରକାରଙ୍କୁ ଅଡୁଆରେ ପକାଇବା ଆଶଙ୍କା କରାଯାଇଛି। କ୍ରପ କଟିଂ ବେଳେ ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ବରିହା ଓ କୃଷକ ନେତା ରବୀନ୍ଦ୍ର ପଟେଲ ଉପସ୍ଥିତ ଥିଲେ। ଭୋଇପାଲି ସମେତ ଏହି ପଞ୍ଚାୟତର ଖରିକାମୁଣ୍ଡା, ରାଏଡ଼ିହି ଗ୍ରାମରେ ସରକାରୀ କର୍ମଚାରୀ, ବୀମା କମ୍ପାନୀ କର୍ମଚାରୀମାନେ କ୍ରପ କଟିଂ କରିଥିଲେ। ସେଠାରେ ମଧ୍ୟ ଅମଳ ଖୁବ କମ ହୋଇଥିବା ଜଣାପଡ଼ିଛି। ଚାଷୀମାନେ କର୍ମଚାରୀମାନଙ୍କୁ ଜଳାଭାବରୁ ଫାଟିଯାଇଥିବା ଜମି ଦେଖାଇଥିଲେ।

**ଭୋଇପାଲି**

- ■ତହସିଲଦାରଙ୍କ ହସ୍ତକ୍ଷେପ ପରେ କ୍ରପ କଟିଂ
- ■୫ ମିଟର ଲମ୍ବ, ୫ ମିଟର ଚଉଡାରେ କ୍ରପକଟିଂ
- ■୧୨ ରୁ ୧୪ କେଜି ଅମଳ ହେବା କଥା
- ■କିନ୍ତୁ ବହୁତ କମ୍ ଅମଳ ହୋଇଛି
- ■ଅନ୍ୟ ଗ୍ରାମରେ ବି ଅମଳ ଖୁବ କମ ହୋଇଛି

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସୁନ୍ଦରଗଡ଼ କୃଷକ ସଙ୍ଗଠନର କର୍ମକର୍ତ୍ତା

**ସୁନ୍ଦରଗଡ଼, ୩୦।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀରେ ଦେଖାଦେଇଥିବା ମରୁଡି ସମସ୍ୟା ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କୃଷିମନ୍ତ୍ରୀ ପ୍ରଦୀପ କୁମାର ମହାରଥୀଙ୍କୁ ସଦର ବିଧାୟକ ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ସବୁଜ କୃଷକ ସଙ୍ଗଠନର ସଭ୍ୟମାନେ ଭେଟି ଆଲୋଚନା କରିଛନ୍ତି। ସୁନ୍ଦରଗଡ ନିର୍ବାଚନମଣ୍ଡଳୀକୁ ମରୁଡି ଘୋଷଣା ସହ କୃଷକମାନଙ୍କୁ ସହାୟତା ପ୍ରଦାନ ଦାବିକରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିସହ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ମଧ୍ୟ ସାକ୍ଷାତ କରି ମରୁଡି ସମସ୍ୟା ସମ୍ପର୍କରେ ଅବଗତ କରାଇ ମଧ୍ୟ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସୁନ୍ଦରଗଡ ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ, ସବୁଜ କୃଷକ ସଙ୍ଗଠନର ସଭାପତି ପ୍ରଦୀପ ନାଏକ, ସମ୍ପାଦକ ଦେବେନ୍ଦ୍ର ପଟେଲ, ସୁରେନ୍ଦ୍ର ପଟେଲ, ପ୍ରଫୁଲ୍ଲ ପଟେଲ, ପ୍ରବୀଣ ନାଏକ, ଗୋପାଳ ନାଏକ, ରାହାସ ନାଏକ, ପ୍ରଶାନ୍ତ ପଟେଲ, ସୁନ୍ଦରଲାଲ ଓରାମ, ନିତ୍ୟାନନ୍ଦ ପଟେଲ ପ୍ରମୁଖ ସାମିଲ ଥିଲେ।



କୃଷିମନ୍ତ୍ରୀଙ୍କୁ ସବୁଜ କୃଷକ ସଙ୍ଗଠନର ସଭ୍ୟମାନେ ଭେଟୁଛନ୍ତି।

## ଏସେଲ୍ ମାଇନିଂ ଖଣି ଉତ୍ପାଦନ ବୃଦ୍ଧି ନିମନ୍ତେ ଜନଶୁଣାଣି

**ଟେନ୍ସା, ୩୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡା ତହସିଲ ଅନ୍ତର୍ଗତ ନୂଆଗାଁଠାରେ ଥିବା ଏସେଲ ମାଇନିଂ ଖଣି ଉତ୍ପାଦନ ବୃଦ୍ଧି ନିମନ୍ତେ ଏକ ଜନଶୁଣାଣି ନୂଆଗାଁ ବିଦ୍ୟାଳୟ ଖେଳପଡିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ମେସର୍ସ ଏସେଲ ମାଇନିଙ୍ଗ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲି ନୂଆଗାଁ, କାଦୋଡିହି ଏବଂ ହରିଶ୍ଚନ୍ଦ୍ରପୁର ଗ୍ରାମରେ ଥିବା ୯୦.୧୪୩ ହେକ୍ଟର ପରିମିତି ଅଞ୍ଚଳରେ ଅବସ୍ଥିତ କୋଇଡା ଲୌହ ଖଣିର ଲୌହ ପଥର ଉତ୍ପାଦନ କ୍ଷମତା ବାର୍ଷିକ ୪.୦ ନିୟୁତ ଟନରୁ ୬.୦ ନିୟୁତ ଟନକୁ ବୃଦ୍ଧି କରିବା ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଏହି ଜନଶୁଣାଣିରେ ଜିଲାପାଳଙ୍କ ପ୍ରତିନିଧି ଭାବେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଡୁରୁକ୍, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲାର ହେମେନ୍ଦ୍ର ନାଏକ, ଦିପକ ସାହୁ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କଠାରୁ ମତାମତ ନେଇଥିଲେ। ପ୍ରଥମେ ଏସେଲ ଖଣିର ଉପସଭାପତି ଡ. ଖଗେଶ୍ୱର ମାହାନ୍ତ ଖଣି ବୃଦ୍ଧି ହେଲେ ଅଞ୍ଚଳରେ କିକି ପ୍ରଭାବ ପଡିବ ଏବଂ ଏହାର କିପରି ନିରାକରଣ କରାଯିବ ଯେପରି ପରିବେଶ ଉପରେ କୌଣସି କ୍ଷତି ନ ପହଞ୍ଚିବ ଏ ସମ୍ପର୍କରେ ସର୍ବସମ୍ମତି ଉପରେ ଜନସାଧାରଣ ମାନଙ୍କୁ ଜଣାଇବା ପରେ ଜନସାଧାରଣମାନଙ୍କଠାରୁ ମତାମତ ନିଆଯାଇଥିଲା । ନୂଆଗାଁ ଗ୍ରାମର ଅଭି ନାଏକ, ସ୍ୱର୍ଣ୍ଣ ନାଏକ, ମହେଶ୍ୱର ନାଏକ, ଅରୁଣ ନାଏକ, ଅଜିତ ନାଏକ, ଉମେଶ ନାଏକ, ଭଦ୍ର ନାଏକ, କର୍ତ୍ତନ ନାଏକ, ରାଜ କୁମାର ନାଏକ, ସୁଦାମ ନାଏକ, କୋଇଡା ଅଞ୍ଚଳର ଆନନ୍ଦ ବାରିକ, ଜନ ଡୁଙ୍ଗଡୁଙ୍ଗ, କୋଇଡା ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, ପୂର୍ବତନ ବଣାଇଁ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଭୀମସେନ ଚୌଦୁରୀ, କାଦୋଡିହି, ହରିଚନ୍ଦ୍ରପୁର ସମସ୍ତେ ୩୫ରୁ ଉର୍ଦ୍ଧ୍ୱ ଜନସାଧାରଣ ଏସେଲ ଖଣି ବୃଦ୍ଧି ସପକ୍ଷରେ ମତାମତ ଦେଇଥିଲେ। ତତ୍‌ସହ ସ୍ଥାନୀୟ ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଗଛରୋପଣ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଜନସାଧାରଣ ନ ଦାବି କରିଥିଲେ । ଖଣି ଉତ୍ପାଦନ ବୃଦ୍ଧି ହେଲେ ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ଏସେଲ ଖଣିର ଉପସଭାପତି ଡ. ଖଗେଶ୍ୱର ମାହାନ୍ତ ପ୍ରତିଶ୍ରୁତି ଦେଇଥିଲେ।



ଏସେଲ ମାଇନିଂ ଖଣି ଉତ୍ପାଦନ ବୃଦ୍ଧି ନିମନ୍ତେ ଜନଶୁଣାଣିରେ ଉପସ୍ଥିତ ଅଞ୍ଚଳବାସୀ।

## ବିଶ୍ୱମିତବ୍ୟୟିତା ଦିବସ ପାଳିତ

**ସୁନ୍ଦରଗଡ଼, ୩୦।୧୦ (ଡି.ଏନ୍.ଏ)**

ଜିଲାସ୍ତରୀୟ ବିଶ୍ୱମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଜିଲା ସ୍ୱଳ୍ପସଞ୍ଚୟ ଅଧିକାରୀ କୌଶଲ୍ୟା ଭିତ୍ରିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅନୀଲ କେରକେଟା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଦେଢଶହରୁ ଉର୍ଦ୍ଧ୍ୱ ଛାତ୍ରୀ,ଛାତ୍ର ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରିଥିଲେ। ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ, ମ୍ୟୁନିସପାଲ ହାଇସ୍କୁଲର ସହକାରୀ ଶିକ୍ଷକ ନଗେନ୍ଦ୍ର ପଟେଲ, ଧର୍ମଶାଳ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦାମୋଦର ସା ଏହି ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।




ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପତାକା ଦେଖାଇ ସଚେତନତା ଶୋଭାଯାତ୍ରା ଆରମ୍ଭ କରୁଛନ୍ତି।

## ଜିଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା

**ସୁନ୍ଦରଗଡ଼, ୩୦।୧୦ (ଡି.ଏନ୍.ଏ)**

ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନ ତଥା ଏଆଇସିସିର ବୃତାନ୍ତ ଅନୁମୋଦନ ପରେ ସୁନ୍ଦରଗଡ ଜିଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତାଙ୍କ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଗତ ଜୁନ୍ ମାସରୁ ନୂତନ ଜିଲା ସଭାପତି ତଥା ୩ଜଣ କାର୍ଯ୍ୟକାରୀ ସଭାପତିଙ୍କ ନାମ ଘୋଷଣା ପରେ ବର୍ତ୍ତମାନର ନବନିଯୁକ୍ତ ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପୂର୍ଣ୍ଣାଙ୍ଗ ଟିମ୍ର ନୂତନ କର୍ମକର୍ତ୍ତା ମାନଙ୍କ ନାମ, ତାଲିକା ଘୋଷଣା କରାଯାଇ କଂଗ୍ରେସ ତାର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏହି ତାଲିକାରେ ଯୁବ, ବରିଷ୍ଠ, ନବାଗତ ତଥା ମହିଳାମାନଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି। ଏହି ତାଲିକାରେ ମୋଟ ୮୯ଜଣ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ଉପସଭାପତି, ୧୭ ଜଣ ସାଧାରଣ ସମ୍ପାଦକ, ୧୨ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ୪୧ କାର୍ଯ୍ୟକାରୀ କମିଟିର ସଦସ୍ୟ, ୧୧ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ସ୍ଥାନ ପାଇଛନ୍ତି। ନୂତନ ଭାବେ ନିଯୁକ୍ତି ପାଇଥିବା ଏହି କର୍ମକର୍ତ୍ତାମାନେ ହେଲେ ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ଅଜିତ୍ ପ୍ରସାଦ, ନରେଶ ପ୍ରତାପ ସିଂ, ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ମାଝୀ, ପୂର୍ବତନ ବିଧାୟକ ରେମିକ୍ସ କେରକେଟା ,ସୁବାସ ପାତ୍ର, ପ୍ରମୋଦ କୁମାର ପ୍ରଧାନଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସାଧାରଣ ସମ୍ପାଦକ ଭାବେ ଜଟିଆମୁଣ୍ଡା, କାଳୀପଦ ସାମଲ, ପର୍ଶୁରାମ ସରାଫ୍, ପ୍ରଭାତ ଭୋଳ, ସଞ୍ଜୟ କୁମାର ସାହୁ, ଶରତ ପୁରୋହିତ, ସୁବାଶୀଷ ବାନାର୍ଜୀ, ସୁବାସ ମାହୋତୋ, ଆଡଭୋକେଟ ପ୍ରଣବ କୁମାର ସିଂ, ଛବିଳ ପୂଜାରି, ଯୋଶେଫ୍ ଖେସ୍, ରମଣୀଜେନ ଯୋଶୀ, ସସ୍ମିତା ଯୋଶୀ, ଆଡଭୋକେଟ ସ୍ୱାଗତ କୁମାର ନନ୍ଦ, ଅଞ୍ଜଳି ଏକ୍କା, ବିଜୟ କୁମାର ମହାରଣା, ପୂର୍ବତନ କାଉନସିଲର ଦେବାଶୀଷ ଦାଶଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସମ୍ପାଦକ ପଦବୀରେ ପିତାମ୍ବର ଶେଖର ଦେଓ, ସନ୍ଧ୍ୟାରାଣୀ ନାଏକ, ସମୀର କୁମାର ଚକ୍ରବର୍ତ୍ତୀ, ଲାଲନ ଶ୍ରୀବାସ୍ତବ, ଅଞ୍ଜୁ ଟପ୍ପୋ, ଅଶୋକ କୁମାର ବେହେରା, ସୁଧୀର ବିଶି, ମଙ୍ଗଳ ମୁଣ୍ଡାରୀ, ଆଶା ମିଞ୍ଜ, ସୁରେଶ ବାରିକ, ଉଜାଗର ବୈଗା ଓ ପ୍ରେମଶୀଳା କୁଜୁର ସ୍ଥାନ ପାଇଛନ୍ତି। ନବନିଯୁକ୍ତ ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ଜିଲା ସଭାପତି ତ୍ରିପାଠୀ ଅଭିନନ୍ଦନ ଜଣାଇଁ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ଜିଲାରେ କଂଗ୍ରେସ ସଙ୍ଗଠନ ବୁଥ୍ ସ୍ତରରୁ ଅଧିକ ସୁଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

■ ଲେଫ୍ରିପଡା ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡି ପ୍ରଭାବିତ ଘୋଷଣା ଦାବି

# କୃଷକ ସମାବେଶ, ସ୍ମାରକପତ୍ର ପ୍ରଦାନ

**ଲେଫ୍ରିପଡା,୩୦।୧୦(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡି ପ୍ରଭାବିତ ଘୋଷଣା ସମେତ ଅନ୍ୟାନ୍ୟ ଦାବି ସମୂହକୁ ନେଇ ସ୍ଥାନୀୟ ବ୍ଲକ୍ ଭାଜପା ପକ୍ଷରୁ ମଙ୍ଗଳବାର କୃଷକ ସମାବେଶ ହୋଇଥିଲା। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ସମାବେଶ, ପ୍ରତିବାଦ ସଭା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭାଜପାର ନେତୃମଣ୍ଡଳୀ, ସମସ୍ତ କର୍ମୀ ଏବଂ ଅଞ୍ଚଳର ଚାଷୀମାନେ ତହସିଲ ଛକଠାରେ ଏକତ୍ରିତ ହୋଇଥିଲେ। ପରେ ସମସ୍ତେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଜେଡି ସରକାରଙ୍କ ବିରୋଧରେ ନାରା ଦେଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଲେଫ୍ରିପଡା ବ୍ଲକ୍‌କୁ ମରୁଡି ପ୍ରଭାବିତ ଭାବେ ଘୋଷଣା କରିବା ପାଇଁ ଦାବି କରିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଭାଜପା ନେତୃମଣ୍ଡଳୀ ପକ୍ଷରୁ ରାଜ୍ୟରେ ବିଜେଡି ନେତୃତ୍ୱାଧୀନ ନବୀନ ସରକାର ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିଥିବାବେଳେ ଆଗାମୀ ଦିନରେ ଚଳିତ ସରକାରକୁ ଉପାଡି ଭାଜପା ନେତୃତ୍ୱରେ ସରକାର ଗଠନ କରିବା ଦିଗରେ ଶପଥ ନେବାକୁ ଆହ୍ୱାନ କରିଥିଲେ। ଚଳିତ ଖରିଫ୍ ଚାଷରେ ବର୍ଷା ଅଭାବ ଯୋଗୁ ଅଞ୍ଚଳର ଧାନଚାଷ ବହୁ ପରିମାଣରେ ନଷ୍ଟ ହୋଇଥିବାରୁ ଲେଫ୍ରିପଡା ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡି ପ୍ରଭାବିତ ଘୋଷଣା କରିବା ପାଇଁ ଦାବି କରିଥିଲେ। ପରେ ଓଡିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲେଫ୍ରିପଡା ବ୍ଲକ୍‌ର ଭାରପ୍ରାପ୍ତ ବିଡିଓ ଚନ୍ଦନ ନିଖଣ୍ଡିଆଙ୍କୁ ଆଠ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଲେଫ୍ରିପଡା ବ୍ଲକ୍‌କୁ ସମ୍ପୂର୍ଣ ଭାବେ ମରୁଡି ଘୋଷଣା କରି କୃଷିଋଣ ଛାଡ କରାଯାଇ ଚାଷୀଙ୍କୁ ବୀମାଭୁକ୍ତ କରାଯିବା ଏବଂ ରବିଚାଷ ସକାଶେ ପର୍ଯ୍ୟାପ୍ତ ପରିମାଣରେ ସାର, ବିହନ, କୀଟନାଶକ, ଔଷଧ ଯୋଗାଇବା ସହ ଅଞ୍ଚଳରେ ମଦ ବିକ୍ରୀ ବନ୍ଦ କରାଯିବା ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରଦ୍ୟୁତ୍ ନାଏକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଭବାନୀ ଭୋଇ, ଲେଫ୍ରିପଡା ବ୍ଲକ୍ ଏମପି ପ୍ରତିନିଧି କୌତୁକ ଚୌଧୁରୀ, ସରପଗଡ ମଣ୍ଡଳ ସଭାପତି ହୀରାଧର ମାଝି, ଲେଫ୍ରିପଡା ମଣ୍ଡଳ ସଭାପତି ସୁନିଲ କୁମାର ପଟେଲ, ସାଧାରଣ ସମ୍ପାଦକ ଯଦୁମଣୀ ପଟେଲ, ମହିଳା ମୋର୍ଚ୍ଚା ଉପସଭାପତି ଆରତୀ ପଟେଲ, ଲେଫ୍ରିପଡା 'କ' ଜୋନର ଜିଲା ପରିଷଦ ସଭ୍ୟା ବାସନ୍ତୀ ବାରିକ, କ୍ଷୀରୋଦ ସାହୁ, ଉଦିତ କୁମାର ନାଏକ, ଅନନ୍ତରାମ ପଟେଲ, ପିସନାଥ ସିଂ, ଜୟମଙ୍ଗଳ ପଟେଲ ପ୍ରମୁଖ କର୍ମୀ ଯୋଗଦାନ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଏବଂ ଚାଷୀ ଉପସ୍ଥିତ ରହିଥିଲେ।




ଲେଫ୍ରିପଡା ବ୍ଲକ ସମ୍ମୁଖରେ ଭାଜପାର ପ୍ରତିବାଦ ସଭା ଓ ସମାବେଶ।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



**ସଂକ୍ଷେପରେ**

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**କୋଲାବିରା,୩୦।୧୦(ଡି.ଏନ.ଏ.)-** କୋଲାବିରା ଥାନା ଅନ୍ତର୍ଗତ ବଡବାଲ ଛକଠାରୁ ସମାସିଂହା ଯାଇଥିବା ରାସ୍ତା ମଝିରେ ରହିଥିବା ପୋଲ ନିକଟରେ ଦୁର୍ଘଟଣା ଘଟିଛି। ରାସ୍ତାକଡକୁ ଲାଗି ରହିଥିବା ଏକ ଆମ୍ବଗଛରେ ଗୋଟିଏ ବାଇକ ଧକ୍କା ଖାଇଛି। ଏଥବରେ କୋଲାବିରା ବ୍ଲକ ତଥା କତରବଗା ଥାନା ଅନ୍ତର୍ଗତ ଅମନାଲି ଗ୍ରାମର ଶ୍ରୀକାନ୍ତ ପାଣ୍ଡେ (୨୫ )ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଫଳରେ ତାଙ୍କର ଦାହାଣ ଗୋଡ ଜଙ୍ଘ ପାଖରୁ ଭାଙ୍ଗି ଯାଇଛି। କୋଲାବିରା ପୋଲିସ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ପାଣ୍ଡେକୁ କୋଲାବିରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରକୁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ବାଇକଟି ଗଛରେ ବାଡେଇ ହୋଇ ଚୁରମାର ହୋଇଯାଇଛି। ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି।

# ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ ମୁହାଁମୁହିଁ

ଝାରସୁଗୁଡା ଅଫିସ,୩୦।୧୦

**ଶିକ୍ଷା ଅଧିକାର ଆଇନରେ ଘୋଟାଲା**

- ସରକାରୀ ଅର୍ଥ ହଡପ ଅଭିଯୋଗ
- ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସରେ ବୈଠକ
- ସରକାରୀ ନିୟମ ମାନୁ ନାହାନ୍ତି ଘରୋଇ ସ୍କୁଲ
- ଗଳା ବାଟ ଦେଇ ଖସି ଯାଉଛନ୍ତି
- ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କ ନାମ ଲେଖା ଯାଉନି
- ଶିକ୍ଷାବିଭାଗ ଅଧିକାରୀଙ୍କ ସହ ସ୍କୁଲର ଭିତିରି ସମ୍ପର୍କ

ଘରୋଇ ସ୍କୁଲଗୁଡିକ ରାଇଟ୍ ଅଫ୍ ଚିଲଡ୍ରେନ୍ ଟୁ ଫ୍ରି ଆଣ୍ଡ କମ୍ପଲସରି ଏଜୁକେସନ (ଆରସିଏଫ୍‌ସିଇ) ଆଇନ୍-୨୦୦୯ର ପାଳନ ଦିଗରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଏ ନେଇ ପୂର୍ବରୁ ରାଜ୍ୟ ଶିଶୁ ଅଧିକାର ଆୟୁକ୍ତ ହୃଦ୍‌ବୋଧ କରିଛନ୍ତି। କେତେକ ଘରୋଇ ସ୍କୁଲ ଶିକ୍ଷା ଅଧିକାର ଆଇନରେ ମେଧାବୀ ଓ ଗରିବ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନାମ ଲେଖାଉ ନ ଥିବା ବେଳେ ସେହି ସ୍ଥାନରେ ଆର୍ଥିକ ସ୍ୱଚ୍ଛଳ ଗୋଷ୍ଠୀଙ୍କୁ ସ୍ଥାନ ମିଳୁଛି। ଅପରପକ୍ଷରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କ ନାମରେ ସରକାରୀ ଅର୍ଥ ଭରଣା କରାଯାଇ ହଡପ କରାଯାଉଥିବା ସୂଚନା ମିଳିଛି। ଶିକ୍ଷା ଅଧିକାର ଆଇନରେ ଏକ ବଡ ଧରଣର ଘୋଟାଲା ଏବଂ ରାକେଟ୍ ଚାଲିଥିବାରୁ ଏହାକୁ ଦୃଷ୍ଟିରେ ରଖି ହିତାଧିକାରୀ ଏବଂ ତତ୍‌ସହିତ ଜଡିତ ଘରୋଇ ସ୍କୁଲଗୁଡିକୁ ତଦନ୍ତରେ ରିସରଭୁକ୍ତ କରିବାକୁ ଦାବି ହୋଇଛି। ଶିକ୍ଷା ଅଧିକାର ଆଇନ୍ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ଜିଲା ଶିକ୍ଷା ଅଧିକାରୀ ଜିଲାର ପ୍ରତ୍ୟେକ ଘରୋଇ ସ୍କୁଲକୁ ଚିଠି କରିଥିଲେ। ବାରମ୍ବାର ଚିଠି କରିବା ପରେ ମଙ୍ଗଳବାର ସ୍କୁଲ କର୍ତ୍ତୃପକ୍ଷ, ମାଲିକ ଶିକ୍ଷା ଅଧିକାରୀଙ୍କ ଅଫିସରେ ଉପସ୍ଥିତ ହୋଇଥିଲେ। ହେଲେ ଶିକ୍ଷା ଅଧିକାରୀଙ୍କ ଅଫିସରେ ଅନୁଷ୍ଠିତ ବୈଠକରେ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଏବଂ ଅଭିଭାବକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଘରୋଇ ସ୍କୁଲ ସରକାରଙ୍କୁ ତଥ୍ୟ ଦେବାକୁ ବାଧ୍ୟ ନୁହେଁ ବୋଲି କେତେକ ସ୍କୁଲର ମାଲିକ ବୈଠକରେ କହିଥିଲେ। ଏହାକୁ ନେଇ ଅଫିସ ପରିସରରେ ଏବଂ ବାହାରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ହାତାହାତି ପର୍ଯ୍ୟନ୍ତ କଥା ଆଗେଇଥିଲେ। କେତେକ ସ୍କୁଲ ଏହି ଆଇନକୁ ସମ୍ମାନ ଜଣାଇ ପାଳନ କରୁଥିବା ବେଳେ ଆଉ କେତେକ ସ୍କୁଲ ଗଳାବାଟ ଦେଇ ଖସି ଯାଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଘରୋଇ ସ୍କୁଲଗୁଡିକ ସରକାରୀ ଅଧିକାରୀଙ୍କ ସହ ସଲାସୁତୁରା କରି ଏହି ସଂରକ୍ଷିତ ଆସନର ଦୁରୁପଯୋଗ କରାଯାଉଛି। ସରକାରୀ ଅର୍ଥ ହଡପ ପାଇଁ ଏହା ପ୍ରକୃଷ୍ଟ ମାଧ୍ୟମ ବୋଲି ଘରୋଇ ସ୍କୁଲ ଜାଣି ସାରିଲେଣି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଛାତ୍ରଛାତ୍ରଙ୍କ ଶିକ୍ଷାକୁ ନିଶ୍ଚିତ କରିବା ସହ ଶିକ୍ଷା ଅଧିକାର ଆଇନ୍ ଉପରେ ତୀକ୍ଷ୍ଣଦୃଷ୍ଟି ରଖିବାକୁ ଦାବି ହୋଇଛି। ଜିଲାରେ ଶିକ୍ଷା ଅଧିକାର ଆଇନରେ ବଡ ଧରଣର ଘୋଟାଲା ହୋଇଥିବାରୁ ଏହାର ତଦନ୍ତ କରିବାକୁ ଦାବି କରାଯାଇଛି। ଏ ନେଇ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ କହିଛନ୍ତି ଯେ, ଏ ବାବଦରେ କୌଣସି ଲିଖିତ ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଏଲ.ଏନ୍. କଲେଜରେ ନାକ୍ ଟିମ୍

ଝାରସୁଗୁଡା ଅଫିସ,୩୦`୧୦

ଝାରସୁଗୁଡାର ସର୍ବପୁରାତନ କଲେଜ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଗସ୍ତରେ ଆସିଛନ୍ତି ନାସନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଏସନ୍ କାଉନସିଲ (ଏନ୍‌ଏଏସି ବା ନାକ୍) ଟିମ୍। ମଙ୍ଗଳବାର ଏହି ଟିମ୍ କଲେଜରେ ପହଞ୍ଚିଥିଲା। ବିନୋବାଭାବେ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୁରୁଦୀପ୍ ସିଂହଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ ଟିମ୍‌ରେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ସଚ୍ଚିକାନ୍ତ ଦାଶ, ରାଜସ୍ଥାନ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଆର.କେ ବଜାଜ ଏଲ୍.ଏନ୍ କଲେଜ ପରିଦର୍ଶନରେ ଆସିଛନ୍ତି। ମଙ୍ଗଳବାର ଏହି ଟିମ୍ କଲେଜର ଭିତ୍ତିଭୂମି, ଶୈକ୍ଷିକ ବାତାବରଣ ଅନୁଧ୍ୟାନ କରିବା ସହ କଲେଜ ଗଭର୍ଣ୍ଣିଂ ବଡି ସଦସ୍ୟ, ଅଧ୍ୟକ୍ଷ ଓ ଅଧ୍ୟାପକ, ଛାତ୍ରୀଛାତ୍ର, ଅଭିଭାବକ, ଛାତ୍ର ସଂସଦ ନେତାଙ୍କ ସହ ଆଲୋଚନା କରିଥିଲେ। ସେହିପରି ବରଗଡ ଏମ୍‌ପି ଡା. ପ୍ରଭାସ କୁମାର ସିଂ, ବିଧାୟକ ନବ କିଶୋର ଦାସ, କଲେଜ ଅଧ୍ୟକ୍ଷ ଚୀରବ୍ରତ ଦତ୍ତ ଏବଂ ଅନ୍ୟ ଅଧ୍ୟାପକମାନେ ଟିମ୍ ସହ ଆଲୋଚନା କରିଥିଲେ। ନାକ୍ ଟିମ୍ ବୁଧବାର ମଧ୍ୟ କଲେଜର ସ୍ଥିତି ଅନୁଧ୍ୟାନ କରିବେ। ସୂଚନାଯୋଗ୍ୟ, ଏଠାରୁ ଫେରିବା ସମୟରେ ନାକ୍ ଟିମ୍ ଏକ ବନ୍ଦ ଲଫାପାରେ କଲେଜର ଗ୍ରେଡ ପ୍ରଦାନ କରିବେ।



ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଏସନ୍ କାଉନସିଲ (ଏନ୍‌ଏଏସି ବା ନାକ୍) ଟିମ୍।

# ଲଖନପୁର ବ୍ଲକ୍‌କୁ ମରୁଡି ଘୋଷଣା କର



ଚାଷିପାଲି ଆର୍‌ଆଇ ଅଫିସ୍ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି ।

ଲଖନପୁର,୩୦।୧୦(ଡି.ଏନ୍.ଏ.)

ଲଖନପୁର ବ୍ଲକ୍‌କୁ ମରୁଡି ଘୋଷଣା କର। ଜଳସେଚନ ସୁବିଧା କରି ଋଣ ଛାଡ କର। ଏଭଳି ଦାବି କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଲଖନପୁର ତହସିଲ ଅଧୀନ ଚାଣ୍ଟିପାଲି ଆର୍‌ଆଇ ଅଫିସ୍ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତୀତ ଚକ୍ରବର୍ତ୍ତୀ, ରମେଶ ତ୍ରିପାଠୀ, ବାସୁଦେବ ଭୋଇ ପ୍ରମୁଖ ବହୁନେତା ଓ ଚାଷୀ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣନୀତିକୁ ବିରୋଧ କରି କଡା ସମାଲୋଚନା କରିଥିଲେ। ଏହି ଧାରଣାରେ ୧୯ଖଣ୍ଡ ମୌଜାର ବହୁ ଚାଷୀ ଯୋଗ ଦେଇଥିଲେ । ଆର୍‌ଆଇ ଦିବାକର ପ୍ରଧାନଙ୍କୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରଯାଇଥିଲା।

# ପୋଲିସ ପ୍ରତି ବିଶ୍ୱାସ ରଖ, ଭୟ ନ କରି ସମସ୍ୟା ଜଣାଅ

କୋଲାବିରା,୩୦।୧୦(ଡି.ଏନ.ଏ.)

ସାଧାରଣ ଜନତାଙ୍କ ନିକଟତର ହେବାକୁ ଝାରସୁଗୁଡା ପୋଲିସ ପ୍ରଶାସନ ତରଫରୁ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ମଙ୍ଗଳବାର କୋଲାବିରା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୁକୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସ ପ୍ରତି ବିଶ୍ୱାସ ରଖି କୌଣସି ଭୟ ନ କରି ଯେ କୌଣସି ସମସ୍ୟା ପୋଲିସକୁ ଜଣାଇବା ପାଇଁ ତ୍ରିପାଠୀ ଅନୁରୋଧ କରିଥିଲେ। ତୁଲେଶ୍ୱର ପଟେଲ, ତୁଳାରାମ ସେନାପତି, ନବୀନଚନ୍ଦ୍ର ନାଏକ, ହୃଦାନନ୍ଦ ପଟେଲ, ନିମେଇ ଚରଣ ସରାଫ, ଶଶିଭୂଷଣ ସାହୁ, ରତ୍ନାକର ସାହୁ, ଉମାକାନ୍ତ କିଶାନ, ଶୌକିଲାଲା ବାରିକ, ଭରତଚନ୍ଦ୍ର ପଧାନ, ପୋଲିସ କର୍ମଚାରୀ ପ୍ରକାଶଚନ୍ଦ୍ର ଦଲାଇ, ବାମଦେବ ପରିଡା, ଜ୍ଞାନରଂଜନ ସ୍ୱାଇଁ, ରାଜଶ୍ରୀ ସାହୁ, ନିଲିମା କିଶାନ, ଲିଙ୍ଗରାଜ ଅଡା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଗ୍ରାମରୁ ଅନେକେ ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଦିଗରେ ଆଲୋଚନା କରିଥିଲେ। ଏଥିରେ ସଡକ ସୁରକ୍ଷା ଜନିତ ସମସ୍ୟା ଉପରେ ଅଧିକ ଲୋକଙ୍କ ମତାମତ ରହିଥିଲା। ଅଞ୍ଚଳରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାସ୍ତା ସମେତ ଗଳିକନ୍ଦିରେ ବୁଲା ଗାଈଗୋରୁଙ୍କ ଅବାଧ ବିଚରଣ କରୁଛନ୍ତି। ଏଥିଯୋଗୁ ଜନସାଧାରଣଙ୍କ ଯାତାୟାତ ଓ ଗାଡିମୋଟର ଚଳାଚଳରେ ବିଭିନ୍ନ ସମୟରେ ଗୁରୁତର ସମସ୍ୟା ଦେଖା ଦେଉଛି। ବିଶେଷତଃ ସ୍କୁଲ କଲେଜ ଛାତ୍ରୀଛାତ୍ର, ରୋଗୀ, ବୃଦ୍ଧାବୃଦ୍ଧ ରାସ୍ତାରେ ଯାତାୟାତ ନେଇ ଭୟ କରୁଥିବା ଦେଖାଯାଉଛି। ଗୋପାଳକମାନଙ୍କୁ ଗୋରୁଗାଈ ନିଜନିଜ ଦାଇତ୍ୱରେ ରଖିବାକୁ ଓ ରାସ୍ତାରେ ନ ଛାଡିବାକୁ କୁହାଯାଉଛି। ଏହା ନ କଲେ ଗାଈଗୋରୁଙ୍କୁ ନେଇ କାଞ୍ଜିହୁଦାରେ ରଖାଯିବ ବୋଲି ପ୍ରଚାର ମାଧ୍ୟମରେ ସୂଚାଇ ଦିଆଯାଉଛି। ହେଲେ ପରବର୍ତ୍ତୀ ସମୟରେ କୌଣସି ପଦକ୍ଷେପ ଗ୍ରହଣ ହୋଇପାରୁ ନ ଥିବାରୁ ସମସ୍ୟାର ସୁଧାର ଆସୁନାହିଁ ବୋଲି ଆଲୋଚନା ହୋଇଥିଲା।

## ପ୍ରଫେସର ସୂର୍ଯ୍ୟନାରାୟଣ ପଣ୍ଡା ସମ୍ବର୍ଦ୍ଧିତ

ଝାରସୁଗୁଡା ଅଫିସ,୩୦।୧୦

ଭାରତ ଭଳି ଦେଶ ଗୁଡିଗରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ଏବଂ ଜଟିଳ। ଏପରି ଜଟିଳ ଏବଂ ବିପର୍ଯ୍ୟସ୍ତ ଯେ, ଆମ୍ବୁଲାନ୍ସ ଭଳି ଜରୁରୀ ସେବାକୁ ମଧ୍ୟ ରାସ୍ତାରେ ଅଟକିବାକୁ ପଡେ। ଆମ୍ବୁଲାନ୍ସରେ ରୋଗୀକୁ ନେବା ସମୟରେ ଏହି ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା ରୋଗୀର ଜୀବନ ନେଇପାରେ। ହେଲେ ରୋଗୀର ଜୀବନ ବଞ୍ଚାଇବା ଦିଗରେ ଏକ ଉନ୍ନତ ଏବଂ ଡାକ୍ତରୀ ଜ୍ଞାନକୌଶଳ ଯୁକ୍ତ ମେସିନ୍ ନିର୍ମାଣ କରାଯାଇଛି। ଏହି ମେସିନ୍ ନିର୍ମାଣ କରି ଜାତୀୟସ୍ତରରେ ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତି ଜଣକ ହେଲେ ଝାରସୁଗୁଡାର ପ୍ରଫେସର ସୂର୍ଯ୍ୟନାରାୟଣ ପଣ୍ଡା। ସେ ପୋର୍ଟେବଲ୍ ଆଇସିୟୁ ନାମକ ମେସିନ୍ ପ୍ରସ୍ତୁତ କରିଛନ୍ତି। ଏହା ଆମ୍ବୁଲାନ୍ସରେ ରୋଗୀଙ୍କ ଜୀବନ ରକ୍ଷା କରିବା ଦିଗରେ ସହାୟକ ହେବ ବୋଲି ଝାରସୁଗୁଡା ଆସିଥିବା ଅବସରରେ ପଣ୍ଡା ଏହା କହିଛନ୍ତି। ସୋମବାର ପଣ୍ଡା ନିଜେ ପଢୁଥିବା ଟାଉନ ହାଇସ୍କୁଲ ଯାଇ ସହପାଠୀ, ସେଠାକାର ଛାତ୍ରୀଛାତ୍ର ଏବଂ ଶିକ୍ଷକ ଏବଂ ପୂର୍ବତନ ଶିକ୍ଷକଙ୍କୁ ଏହି ନୂତନ ଜ୍ଞାନ କୌଶଳ ଉପରେ ବୀବରଣୀ ପ୍ରଦାନ କରିଥିଲେ। ସେ କହିଥିଲେ ଏହି ପୋର୍ଟେବଲ ଆଇସିୟୁରେ ୫ଟି ଲାଇଫ ସେଭିଙ୍ଗ ଇଞ୍ଜେକସନ୍ ରହିଛି। ଏହାସହ ବିପି, ପଲସ୍, ହାର୍ଟବିଟ୍ ପରୀକ୍ଷାର ସୁବିଧା ରହିଛି। ଆମ୍ବୁଲାନ୍ସରେ ରହୁଥିବା ପାରା ମେଡିକାଲ ଷ୍ଟାଫ୍ ରୋଗୀ ଦେହରେ ଏହି ମେସିନ୍ ସଂଯୋଗ କରିବା ମାତ୍ରେ ଡାକ୍ତର ନିକଟକୁ ଭିଡିଓ କଲ ସଂଯୋଗ ହେବ। ଭିଡିଓ କଲ ଜରିଆରେ ଡାକ୍ତର ରୋଗୀର ଜୀବନ ବଞ୍ଚାଇବା ପାଇଁ ଉପଯୁକ୍ତ ପରାମର୍ଶ ଦେଇପାରିବେ, ଯାହା ଆମ୍ବୁଲାନ୍ସରେ ଥିବା ପୋର୍ଟେବୁଲ ଆଇସିୟୁ ଦ୍ୱାରା କାର୍ଯ୍ୟକାରୀ ହେବ ବୋଲି ସେ କହିଥିଲେ। ଏହି ଅବସରରେ ପୁରାତନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପତି, ଜୟଦେବ ସାହୁ, ସଚିନ୍ଦ୍ର ପଟେଲ, ବର୍ତ୍ତମାନ ପ୍ରଧାନଶିକ୍ଷକ ନିତାଇସୁନ୍ଦର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାନବ ସେବା ସଂଘର ରତ୍ନାକର ପ୍ରଧାନ, ସବାସ ସହାରେ, ସୋଫିଆ ଖାନ୍ ପ୍ରମୁଖ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଷଲ। ସେହିପରି ମଙ୍ଗଳବାର ଆଞ୍ଚଳିକ ବିକାଶ ପରିଷଦ, ପ୍ରେସ୍ କ୍ଲବ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୃଷକ ସମ୍ପର୍କ ମେଳା ଟଙ୍କା ଚଳୁ କରିଦେଲେ

ଲଖନପୁର,୩୦।୧୦(ଡି.ଏନ୍.ଏ.)

କୃଷକଙ୍କ ସାମୂହିକ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏହିସବୁ ଯୋଜନା କାର୍ଯ୍ୟକାରୀ କରି ଏହାର ସୁଫଳ କୃଷକଙ୍କ ନିକଟରେ ପହଞ୍ଚାଇବା ବିଭାଗୀୟ ଅଧିକାରୀଙ୍କ ଗୁରୁଦାୟିତ୍ୱ । ଏସବୁ ଠିକ୍‌ରେ କାର୍ଯ୍ୟକାରୀ ହେଉଛି କି ନାହିଁ ଏହାର ତଦାରଖ କରିବା ଜିଲା ପ୍ରଶାସନର ଦାୟିତ୍ୱ । ଏଭଳିସବୁ ବିଧି ବ୍ୟବସ୍ଥା ଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଜିଲା ପ୍ରଶାସନର ସ୍ଥାଣୁତା ଯୋଗୁ କୃଷକ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା ହୋଇପାରୁନାହିଁ । ଅନେକ ସମୟରେ ବିଭାଗୀୟ ଅଧିକାରୀମାନେ କୃଷକଙ୍କୁ ଉପେକ୍ଷା କରୁଥିବା ଅଭିଯୋଗ ହେଉଛି। ଯାହାଫଳରେ କୃଷକମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ବିଭାଗୀୟ ଅଧିକାରୀମାନେ କୃଷି ସମ୍ପର୍କୀତ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଯେଉଁ ସରକାରୀ ଅର୍ଥ ଆସୁଛି ତାହାକୁ ତୋଷରାପାତ କରି ଚାଲିଛନ୍ତି। ଯାହା ଫଳରେ କାର୍ଯ୍ୟକ୍ରମ ସଫଳ ହୋଇପାରୁନାହିଁ। ଏଥିପାଇଁ ବିଭାଗୀୟ ଅଧିକାରୀମାନେ କୃଷକଙ୍କ ନିକଟରୁ ଆସ୍ଥା ହରାଉଛନ୍ତି। ଫଳରେ କୃଷକ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମ୍ପର୍କ ଯୋଡିହେବା ପରିବର୍ତ୍ତେ ବିଚ୍ଛିନ୍ନ ହେବାରେ ଲାଗିଛି । ଏନେଇ କୃଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଛି। ଏଭଳି ସ୍ଥିତି ଦେଖା ଦେଇଛି ଲଖନପୁର ବ୍ଲକ୍ କୃଷି ବିଭାଗ ଓ କୃଷକଙ୍କ ମଧ୍ୟରେ।

କୃଷିବିଭାଗ ତରଫରୁ ଗତ ରବିବାର କଦମ୍ବଡିହି ପଞ୍ଚାୟତରେ ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ବ୍ଲକ୍‌ସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟିକା ରାଧାରାଣି ପଣ୍ଡା, ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ଜିଲା କୃଷି ଉପନିର୍ଦ୍ଦେଶକ ପୁଷ୍ପେନ୍ଦ୍ର ପୂଜାରୀ, ଜିଲା କୃଷି ଅଧିକାରୀ ଖ୍ରୀଷ୍ଟୋଫର୍ କୁଲୁ, ବ୍ଲକ୍ ସହକାରୀ କୃଷି ଅଧିକାରୀଣି ସୁପ୍ରୀତି ମାଝି ପ୍ରମୁଖ ଜନପ୍ରତିନିଧି ଓ କୃଷି ଅଧିକାରୀମାନେ ଯୋଗ ଦେଇଥିଲେ। କିନ୍ତୁ କୃଷକ ସମ୍ପର୍କ ମେଳାରେ ମାତ୍ର ୯୦ରୁ ଶହେ ଜଣ କୃଷକ ରହିଥିବା ଦେଖିବାକୁ ମିଳିଥିଲେ। ଫଳରେ ମେଳାରେ ପଡିଥିବା ୨ଶହ ଚେୟାରରୁ ବହୁଚେୟାର ଖାଲି ପଡିଥିଲା। ଏହି ମେଳାରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଯୋଜନା ସମ୍ପର୍କରେ କୃଷକଙ୍କୁ ସୂଚନା ଦେଇଥିଲେ। କିନ୍ତୁ କୃଷକମାନେ ଏହାକୁ ସହଜରେ ଗ୍ରହଣ କରୁନଥିବା ଦେଖିବାକୁ ମିଳୁଥିଲା। କାହିଁକିନା ଅଞ୍ଚଳରେ ଦେଖା ଦେଇଥିବା ମରୁଡିର ପଦଧ୍ୱନୀ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଚାଷୀ କିଭଳି ଶସ୍ୟବୀମା ପାଇବେ ତାହାକୁ ନେଇ ଚିନ୍ତାରେ ରହିଛନ୍ତି। ଏଣୁ ଚାଷୀମାନେ ବ୍ଲକ୍‌କୁ ମରୁଡି ଘୋଷଣା ଦାବି କରି ବିଧାୟିକା ପଣ୍ଡାଙ୍କୁ କୃଷକ ସମ୍ପର୍କ ମେଳାରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଚାଷୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, କୃଷକଙ୍କ ପ୍ରତି ବିଭାଗୀୟ ଅଧିକାରୀମାନେ ସବୁବେଳେ ଉପେକ୍ଷା କରିଚାଲିଛନ୍ତି। କୃଷି ବିଭାଗ ତରଫରୁ ବ୍ଲକ୍‌ସ୍ତରୀୟ କୃଷକ ସମ୍ପର୍କ ମେଳା ହେଉଛି । ଏ ନେଇ ବିଭାଗ ତରଫରୁ କୃଷକଙ୍କୁ ଠିକ୍‌ରେ ପୂର୍ବ ସୂଚନା ନାହିଁ । ଫଳରେ କୃଷକମାନେ ମେଳାରେ ଯୋଗ ଦେବାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଅଭିଯୋଗ କୃଷକମାନେ ମେଳାରେ ଉପସ୍ଥିତ ଥିବା ଜିଲାକୃଷି ଅଧିକାରୀ କୁଲୁଙ୍କ ନିକଟରେ କରିଥିଲେ। ଏହା କୃଷକଙ୍କ ଯୁକ୍ତିଯୁକ୍ତ ଅଭିଯୋଗ ବୋଲି ଅଧିକାରୀ କୁଲୁ କହିଥିଲେ। ବ୍ଲକ୍‌ସ୍ତରୀୟ କୃଷକ ସମ୍ପର୍କ ମେଳାପାଇଁ ବିଭାଗ ତରଫରୁ ୫୦ହଜାର ଟଙ୍କା ବ୍ୟୟ ଅଟକଳ ରହିଛି । ଏଥିମଧ୍ୟରେ ୩ଶହ ଜଣ ଚାଷୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ, ଟେଣ୍ଟ, ସାଉଣ୍ଡ, କଲମ, ଖାତା, କୃଷକଙ୍କୁ ଉତ୍ସାହିତ କରିବା ପାଇଁ ପୁରସ୍କାର, କୃଷକଙ୍କ ସୂଚନା ପାଇଁ ପ୍ରଚାର ପ୍ରସାର ଆଦି ବ୍ୟବସ୍ଥା ରହିଛି । ଏଥିରେ ଜଣେ କୃଷକଙ୍କ ମଧ୍ୟାହ୍ନ ଭୋଜନ ପାଇଁ ୪୦ ଟଙ୍କା ବ୍ୟୟ ଅଟକଳ ରହିଛି । ଏଥିମଧ୍ୟରେ କୃଷକମାନଙ୍କୁ ମଧ୍ୟାହ୍ନ ଭୋଜନ ଖାଦ୍ୟରେ ଭାତ, ଡାଲମା ଓ ଖଟା ଦିଆଯାଇଥିଲା । ଏହି ହିସାବରେ ମଧ୍ୟାହ୍ନ ଭୋଜନ ବାବଦକୁ ମୋଟାମୋଟି ୪ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ମେଳାରେ ଉପସ୍ଥିତ ଥିବା କୌଣସି କୃଷକଙ୍କୁ ସମ୍ମାନିତ କରାଯାଇ ନଥିଲା କି ଖାତା, କଲମ ଦିଆଯାଇ ନ ଥିଲା । ଏସବୁକୁ ଦେଖିଲାବେଳକୁ ୫୦ ହଜାର ଟଙ୍କା ବ୍ୟୟ ଅଟକଳକୁ ନେଇ କୃଷକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ଜିଲା କୃଷି ଅଧିକାରୀ କୁଲୁ କୃଷକ ସମ୍ପର୍କ ମେଳା ଅବବ୍ୟବସ୍ଥାକୁ ସ୍ୱୀକାର କରିଛନ୍ତି। ଏଥିପାଇଁ ବ୍ଲକ୍ ସହକାରୀ କୃଷି ଅଧିକାରିଣୀ ସୁପ୍ରୀତି ମାଝିଙ୍କ ଅବହେଳା ପାଇଁ ଏଭଳି ହୋଇଛି ବୋଲି ସେ କହିଛନ୍ତି। ଏହାକୁ ନେଇ ଅଧିକାରିଣୀଙ୍କୁ ତାଗିଦ୍ କରାଯାଇ ଆୟବ୍ୟୟର ହିସାବ ମଗାଯିବ ବୋଲି ସେ କହିଛନ୍ତି। ଏ ନେଇ ବ୍ଲକ୍ ସହକାରୀ କୃଷି ଅଧିକାରିଣୀ ମାଝି କହିଛନ୍ତି କୃଷି ଗ୍ରାମ ସେବିକା ମାଧ୍ୟମରେ ଗାଁଗାଁରେ କୃଷକଙ୍କୁ ସୂଚନା ଦିଆଯାଇଥିଲା। ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ଜଣାଇ ଦିଆଯାଇଥିଲା। ମେଳାରେ ୪ଶହରୁ ଊର୍ଦ୍ଧ୍ୱ କୃଷକ ଉପସ୍ଥିତ ଥିଲେ। ଚେୟାରରେ ନ ବସି ଏଣେତେଣେ ବୁଲାବୁଲି କରୁଥିଲେ ବୋଲି ସଫେଇ ଦେଇଛନ୍ତି। ଏହି ମେଳାରେ ୫୦ହଜାର ଟଙ୍କା ବ୍ୟୟ ହୋଇଛି ବୋଲି ସେ କହିଛନ୍ତି। ଏ ନେଇ ଅସନ୍ତୋଷ କୃଷକମାନେ ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଘଟଣାର ପର୍ଦ୍ଦାଫାସ୍ କରିବା ପାଇଁ ଦାବି କରିଛନ୍ତି।



ମେଳାରେ ଉପସ୍ଥିତ ଥିବା ମଞ୍ଚାସୀନ ଅତିଥିମାନେ।

## କୃଷକଙ୍କ ମୁହଁରୁ..



"କୃଷକଙ୍କ ପାଇଁ ବହୁ ସରକାରୀ ଯୋଜନା ରହିଛି । ସେସବୁ ଠିକ୍‌ରେ କାର୍ଯ୍ୟକାରୀ ହୋଇପାରୁନାହିଁ । ଫଳରେ କୃଷକ ଲାଭ ପାଇପାରୁନାହିଁ । ଏଥିପାଇଁ ବିଭାଗୀୟ ଅଧିକାରୀମାନେ ଦାୟୀ। କୃଷି ସମ୍ପର୍କ ମେଳା ଖାଲି ନୁହେଁ, ଅନେକ କାର୍ଯ୍ୟକ୍ରମରେ ଚାଷୀଙ୍କୁ ସୂଚନା ଦିଆ ନ ଯାଇ ଅନ୍ଧାରରେ ରଖାଯାଉଛି।

**- ଗୌରାଙ୍ଗ ବାରିକ, ଏମ.କଣ୍ଟାପାଲି**



"୩୩ ପଞ୍ଚାୟତକୁ ନେଇ ଲଖନପୁର ବୃହତ ବ୍ଲକ୍ । ପୂର୍ବରୁ ୨ଜଣ ବ୍ଲକ୍ କୃଷି ସହକାରୀ ଅଧିକାରୀ ଥିଲେ । ଏଥିରୁ ଜଣେ ବର୍ଷେ ହେଲାଣି ବଦଳି ହୋଇ ଚାଲି ଗଲେଣି। ଅଦ୍ୟାବଧି ତାଙ୍କ ସ୍ଥାନରେ କୌଣସି ଅଧିକାରୀ ଯୋଗ ଦେଇନାହାନ୍ତି। ଏକମାତ୍ର ଅଧିକାରିଣୀରେ ବ୍ଲକ୍ କୃଷି ବିଭାଗ ଚାଲିଛି। ଏହି ଅଧିକାରିଣୀଙ୍କ ଅବହେଳା ଅନେକ ସମୟରେ କୃଷକଙ୍କୁ ହତାଶ କରୁଛି।-

**ତୁଷାରାମ ପ୍ରଧାନ, ଦୁଆନମୁଣ୍ଡା**



"ଗ୍ରାମାଞ୍ଚଳରେ ଚାଷୀଙ୍କ ସୁବିଧା ପାଇଁ କୃଷି ଗ୍ରାମ ସେବିକା ରହିଛନ୍ତି। କିନ୍ତୁ ଗ୍ରାମ ସେବିକାମାନେ ଗ୍ରାମାଞ୍ଚଳ ଚାଷୀଙ୍କ ସହିତ ସମ୍ପର୍କରେ ଆସୁନାହାନ୍ତି। କୃଷକ ସମ୍ପର୍କ ମେଳା ସମ୍ପର୍କରେ କୁହାଯାଉଛି। ଗ୍ରାମସେବିକାମାନେ ଚାଷୀଙ୍କୁ ସୂଚନା ଦେଇଛନ୍ତି ବୋଲି କହୁଛନ୍ତି। କିନ୍ତୁ ଏ ସମ୍ପର୍କରେ ଗ୍ରାମସେବିକା ସୂଚନା ଦେଇନାହାନ୍ତି। ଫଳରେ ଚାଷୀ ବିଭିନ୍ନ ସମୟରେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।

**- ମହେନ୍ଦ୍ର କୁମାର ସାଏ, ଜାମଗାଁ**



"କୃଷି ବିଭାଗ ଅବହେଳା ପାଇଁ ଲଖନପୁର ବ୍ଲକ୍‌ର ଚାଷୀମାନେ ସବୁବେଳେ ଅବହେଳିତ । ଚାଷୀଙ୍କ ପାଇଁ ବିଭିନ୍ନ ସମୟରେ ସରକାରୀ ସୁବିଧା ସୁଯୋଗ ଆସୁଛି। ଏହାକୁ ବିଭାଗୀୟ ଅଧିକାରୀମାନେ ଅନେକ ସମୟରେ ଆତ୍ମସାତ କରିବାରେ ଲାଗିଛନ୍ତି। କୃଷକ ମେଳା ଆୟୋଜନ ପାଇଁ ୫୦ହଜାର ଟଙ୍କା ବ୍ୟୟଅଟକଳ ରହିଛି । ଏହିସବୁ ଅର୍ଥ ଖର୍ଚ୍ଚ ହୋଇଛି ବୋଲି ଯେଉଁ କୁହାଯାଉଛି ଏହାର ତଦନ୍ତ କରାଯାଉ।

**- ମନବୋଧ ପ୍ରଧାନ, ତିଲିଆ**



"ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜାକୁ କୃଷି ବିଭାଗ ତରଫରୁ ସଦାସର୍ବଦା ଅବହେଳା କରାଯାଉଛି । ଗତ ରବିବାର ହୋଇଥିବା କୃଷକ ସମ୍ପର୍କ ମେଳା ସମ୍ପର୍କରେ ଏ ଅଞ୍ଚଳର କୃଷକଙ୍କୁ ବିଭାଗ ତରଫରୁ କେହି ଜଣାଇ ନାହାନ୍ତି।

**- ଅନିଲ ବାରିକ , କଣ୍ଡେଇକେଲା।**



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।

- ଚରଣ ସିଂ

## ସଂକ୍ଷେପରେ

### ବେଆଇନ ସିଲିଣ୍ଡର ଜବତ

**ରାଉରକେଲା ଅଫିସ,୩୦। ୧୦-** ଘରୋଇ ଇନ୍ଧନ ଗ୍ୟାସ୍ କଳା କାରବାର କରୁଥିବା ଅଭିଯୋଗରେ ମଙ୍ଗଳବାର ବନ୍ଧମୁଣ୍ଡା ପୋଲିସ ଜଣଙ୍କୁ ଗିରଫ କରିଛି। ତାଙ୍କ ନାଁ ପ୍ରଦୀପ ଲାଲ(୪୫)। ତାଙ୍କ ଘରୁ ପୋଲିସ ୧୨ଟି ସିଲିଣ୍ଡର ଜବତ କରିଥିବା ବେଳେ ଏଥିରୁ ୪ଟି ଗ୍ୟାସ ଭର୍ତ୍ତି ଓ ୮ଟି ଖାଲି ସିଲିଣ୍ଡର ରହିଛି। ଏ ନେଇ ଜିଲା ଯୋଗାଣ ବିଭାଗ ଦୃଷ୍ଟି ଦେଉନଥିବା ବେଳେ ଅନେକ କଳା ବେପାରୀ ଏଭଳି ବେଆଇନ ସିଲିଣ୍ଡର ମହଜୁଦ କରି ହୋଟେଲ, ଢାବା ଓ କ୍ୟାଟରରଙ୍କୁ ଯୋଗାଉଥିବା ଅଭିଯୋଗ ହୋଇଛି।

### ୩ ନିଶାସକ୍ତ ଯୁବକଙ୍କୁ ଧରିନେଲା ପୋଲିସ

**ରାଉରକେଲା ଅଫିସ-୩୦।୧୦-** ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ବନ୍ଧମୁଣ୍ଡା ଅଞ୍ଚଳର ୩ ଜଣ ଯୁବକ ମଦ୍ୟପାନ କରି ଦକ୍ଷିଣ ରାଉରକେଲା ଅନ୍ତର୍ଗତ ବାଲିଯୋଡି ଅଞ୍ଚଳକୁ ଯାଇଥିଲେ। ସେଠାରେ ବହୁ ସମୟ ଧରି ବୁଲାବୁଲି କରିବା ସହ ରାସ୍ତାରେ ଯିବା ଆସିବା କରୁଥିବା ମହିଳା ଓ ଯୁବତୀମାନଙ୍କୁ କମେଣ୍ଟ କରିଥିଲେ। ଲୋକେ ଏମାନଙ୍କୁ ଧରିବାକୁ ଗୋଡାଇବାରୁ ଏକ ନମ୍ବର ବିହୀନ ବାଇକରେ ଛୁ ମାରିଥିଲେ । ମାତ୍ର ପୁଣି ଥରେ ଏହି ଯୁବକମାନେ ରଙ୍ଗୋଲି ଛକ ପହଞ୍ଚି ସେଠାରେ ଉତ୍ପାତ ଆରମ୍ଭ କରିଥିଲେ। ସେଠାରେ ଉପସ୍ଥିତ ଜଣେ ପୋଲିସ କର୍ମୀ ଏଭଳି ନ କରିବାକୁ ତାଗିଦ କରିଥିଲେ। ମାତ୍ର ଯୁବକମାନେ ନିଜର ଉତ୍ପାତ ଜାହିର କରିଥିଲେ। ପୋଲିସ କର୍ମୀ ସ୍ଥାନୀୟ ଜଳଦା ଫାଣ୍ଡିକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଏମାନଙ୍କୁ ଫାଣ୍ଡିକୁ ନେଇ ଯାଇଥିଲା।

### କିରିଙ୍ଗସେରା ଗ୍ରାମରେ ଇନ୍ଦ ଯାତ୍ରା

**କୁତ୍ରା, ୩୦।୧୦ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧିନ କିରଙ୍ଗସେରା ଗ୍ରାମରେ ସୋମବାର ଇନ୍ଦ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳ କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଯାତ୍ରା ଅଞ୍ଚଳରେ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ପାଳନ କରୁଥିବାରୁ ସମସ୍ତଙ୍କ ମଧରେ ଭାଇଚାରା ସୃଷ୍ଟି ହୁଏ ବୋଲି ମତ ଦେଇଥିଲେ। ଯାତ୍ରାରେ ରାତି ତମାମ ନାଚ, ଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ମିଷ୍ଟାନ୍ନ ଦୋକାନରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଅନ୍ୟପଟେ ଏହି ଉତ୍ସବ ଦିନ ତମାମ ବେଆଇନ ଘୁଡୁଘୁଡି ଖେଳ ଆୟୋଜନ କରାଯାଇଥିବାବେଳେ ବିଳମ୍ବିତ ରାତ୍ରିରେ ମଧ ଏହି ଖେଳ ଚାଲୁ ରହିଥିବା ଜଣାପଡିଛି। ପ୍ରତି ବର୍ଷ କୁତ୍ରା ଥାନା ଅଧିନ ବିଭିନ୍ନ ସ୍ଥାନରେ କୁକୁଡା ଲଢ଼େଇ ସାଙ୍ଗକୁ ବେଆଇନ ଘୁଡୁଘୁଡି ଖେଳର ଆୟୋଜନ କରାଯାଇଥାଏ। ଏହା ଦ୍ୱାରା ଏଅଞ୍ଚଳର ଗରିବ ଆଦିବାସୀ ଲୋକେ ନିଜ ଉପାର୍ଜନ ଅର୍ଥକୁ ଜୁଆ ଖେଳରେ ଲଗାଇ ନାହିଁ ନ ଥିବା ଦୁଃଖ ଭୋଗିଥାନ୍ତି। ଗତବର୍ଷ ପୋଲିସ ପ୍ରଶାସନର ଦୃଢ଼ ପଦକ୍ଷେପ ଯୋଗୁ ଏହି ଖେଳ ବନ୍ଦ ହୋଇଯାଇଥିଲା ।



ପୋଲିସ ବରିଷ୍ଠ ନାଗରିକ ସମନ୍ୱୟ ବୈଠକରେ ଉପସ୍ଥିତ ଅଧିକାରୀ, ବୁଦ୍ଧିଜୀବୀ।

### ପୋଲିସ -ବରିଷ୍ଠ ନାଗରିକ ସମନ୍ୱୟ ସମିତି ବୈଠକ

# ଟ୍ରାଫିକ ନିୟମ ଉଲ୍ଲଂଘନ ନେଇ ଉଦ୍‌ବେଗ

**ସୁନ୍ଦରଗଡ଼, ୩୦।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ ବରିଷ୍ଠ ନାଗରିକ ସଂଘ ବିନୋଦନ କେନ୍ଦ୍ରଠାରେ ପୋଲିସ ବରିଷ୍ଠ ନାଗରିକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଡା. ହିମାଂଶୁ ଶେଖର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟାଉନ ଥାନା ଆଇଆଇସି ଅଶୋକ କୁମାର ଗିରି , ଏସ୍ଆଇ ସମତା ପଟ୍ଟନାୟକଙ୍କ ସମେତ ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ସୁନ୍ଦରଗଡ ସହରରେ ବର୍ତ୍ତମାନ ଦେଖାଦେଇଥିବା ଟ୍ରାଫିକ ସମସ୍ୟା ଓ ତାର ସମାଧାନ ପାଇଁ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଯେଉଁଭଳି ଭାବରେ ସ୍କୁଲ, କଲେଜ ଓ ଟିଉସନକୁ ଯାଉଥିବା ଅଧିକାଂଶ ଛାତ୍ରୀଛାତ୍ର ୨ଚକିଆ ବାଇକ୍, ସ୍କୁଟି ଚଳାଇ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏହାର ନିରାକରଣ ପାଇଁ ଏକ ସଡକ ସୁରକ୍ଷା ପଦଯାତ୍ରା ଅଭିଯାନ ତଥା ସଚେତନତା କାର୍ଯ୍ୟକ୍ରମ ପୋଲିସ ସହାୟତାରେ ବରିଷ୍ଠ ନାଗରିକମାନେ ଆୟୋଜନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହ ଆସନ୍ତା ୧୪ ତାରିଖ ଶିଶୁ ଦିବସ ପାଳନ ଅବସରରେ ସକାଳ ୮ରୁ ସ୍ଥାନୀୟ ବୀରମିତ୍ର ପାର୍କ ପରିସରରୁ ପୋଲିସ ଓ ବରିଷ୍ଠ ନାଗରିକ ମାନଙ୍କର ସଂଘ କାର୍ଯ୍ୟାଳୟକୁ ଏକ ସଡକ ସୁରକ୍ଷା ସଚେତନତା ପଦଯାତ୍ରା ସହର ପରିକ୍ରମା କରିବ। ଏହି ସମନ୍ୱୟ ସଭାରେ ସଂଘର ସଦସ୍ୟ ରବିନାରାୟଣ ପଣ୍ଡା, ମଧୁରାବିହାରୀ ପଣ୍ଡା, ବାସୁଦେବ ସରାଫ୍, ଶାନ୍ତନୁ କୁମାର ମହାପାତ୍ର, ସମୀର କୁମାରକର, ଖତୁରାମ ଦାସ, ସୁରେଶ ଚନ୍ଦ୍ର ପୁରୋହିତ, ଠାକୁର ଦାଶ ଭୋଜଓାନି, ବଳରାମ ପଟେଲ, କିଶୋର ମୋହନ ପୁରୋହିତ, ପବିତ୍ର ମୋହନ ମହାଲିଙ୍ଗ, ଶୀତଲଦାସ ବଜାଜ୍, ଅଶ୍ୱିନୀ ଭୌଲ, ରତନ ଅଗ୍ରୱାଲ, ଜଗଦାନ୍ଦ ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଧାରଣ ସମ୍ପାଦକ ପଦ୍ମଲୋଚନ ସରାଫ୍ ଧନ୍ୟବାଦ ଦେଇଥିଲେ।

# ଅବକାରୀ ଚଢାଉ, ବିପୁଳ ଚୋରା ମଦ ଜବତ

**ରାଉରକେଲା ଅଫିସ,୩୦।୧୦**

ଜିଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ଜଲଦା ମିନି ଷ୍ଟାଡିୟମ ନିକଟ ରମେଶ ସାହୁଙ୍କ ଢାବାରୁ ୩୩. ୪୯୫ ଲିଟର ବିଦେଶୀ ମଦ, ୨୧. ୧୧୦ ଲିଟର ବିଅର ଜବତ କରାଯାଇଥିବା ବେଳେ ଚନ୍ଦନ ସାହୁଙ୍କଠାରୁ ୨୧. ୭୦୫ଲିଟର ବିଦେଶୀ ମଦ ଓ ୧୮. ୮୫୦ଲିଟର ବିୟର ଜବତ କରାଯାଇଛି। ଆଇଡିଏଲ ଅଞ୍ଚଳର ମାକା କୁଜୁରଙ୍କ ଠାରୁ ୧୭ ଲିଟର ମହୁଲି ମଦ ଜବତ କରାଯାଇଥିବା ବେଳେ ସେହି ଆଇଡିଏଲ ଅଞ୍ଚଳର ଗୋବନ୍ଦ କୁଜୁରଙ୍କଠାରୁ ୧୨ ଲିଟର, ଶୁକ୍ରା କୁଜୁରଙ୍କଠାରୁ ୨୦ ଲିଟର ଫିରୁ କୁମ୍ଭାରଙ୍କଠାରୁ ୨୦ ଲିଟର ଓ ଇତୱାନି ଏକ୍କାଙ୍କଠାରୁ ୧୫ ଲିଟର ମହୁଲି ଜବତ କରାଯାଇଛି। ଏଥିସହ ମଦ କାରବାରରେ ବ୍ୟବହୃତ ହାଣ୍ଡି ଡେକ୍‌ଚିକୁ ମଧ ଅବକାରୀ ପୋଲିସ ଜବତ କରିଛି। ଏହି ଚଢାଉରେ ବିଭାଗୀୟ ଅଧିକାରୀ ପ୍ରଦୀପ ପଟ୍ଟନାୟକ, ମିହିର ସେଠୀ, ଶ୍ରୁତିକାନ୍ତ ରାଉତ, ନରାୟଣ ଜେନା ଓ ମନିଷା ଭୋଳ ପ୍ରମୁଖ ସାମିଲ ଥିଲେ।



ଅବକାରୀ ଅଧିକାରୀଙ୍କ ସହ ଅଭିଯୁକ୍ତ।




ଲହୁଣୀପଡା ଭାଜପା ପକ୍ଷରୁ ବିକ୍ଷୋଭ ସମାବେଶରେ ଯୋଗଦେଇଥିବା କର୍ମୀ ଓ ଚାଷୀ।

# ଭାଜପାର ଶୋଭାଯାତ୍ରା: ବ୍ଲକ ଘେରାଉ

**ଲହୁଣୀପଡା, ୩୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଭାଜପା ମଣ୍ଡଳ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଦାବିନେଇ ଶୋଭାଯାତ୍ରା ଓ ବିକ୍ଷୋଭ କରାଯାଇଛି। ଲହୁଣୀପଡ଼ା ବ୍ଲକ ପଡିଆଠାରେ ଭାଜପା କର୍ମୀ ଓ କର୍ମକର୍ତ୍ତାମାନେ ଏକତ୍ରିତ ହେବା ପରେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଲହୁଣୀପଡା ମୁଖ୍ୟ ବଜାର ଦେଇ ଶୋଭାଯାତ୍ରା ଯାଉଥିବାବେଳେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇଥିଲେ। ଏହା ସହିତ ବିଭିନ୍ନ ପ୍ଲାଏ କାର୍ଡ ଧରି ମୁଖ୍ୟବଜାର ପରିକ୍ରମା କରି ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ମୁଖ୍ୟଫାଟକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଲହୁଣୀପଡା ମଣ୍ଡଳ ସଭାପତି ନାରାୟଣ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ବଣେଇ ସାଙ୍ଗଠନିକ ଜିଲା ସଭାପତି ରାହାସ ବିହାରି ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ପ୍ରଧାନ, ଲୁଥାର ଓରାମ, ଜିଲା ସଭାନେତ୍ରୀ ସେବତୀ ନାଏକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ଜିଲା ଉପସଭାନେତ୍ରୀ ନମିତା ମାହାନ୍ତ, ଆରତୀ ନାଏକ, ବଣେଇ ମଣ୍ଡଳ ସଭାପତି ହେମନ୍ତ ସାହୁ, କେ.ବଲାଙ୍ଗ ମଣ୍ଡଳ ସଭାପତି ମହେଶ ସା, ଖୁଣ୍ଟଗାଁ ମଣ୍ଡଳ ସଭାପତି ପ୍ରଦୀପ ସ୍ୱାଇଁ, ଅନୀଲ ବାର୍ଲା, ଅଭିମନ୍ୟୁ ମିଶ୍ର, ସମିତି ସଭ୍ୟ ଉତ୍ତମ କିଶାନ, ଲୋକନାଥ ବାରିକ, ଆଦିବାସୀ ମୋର୍ଚ୍ଚା ଜିଲା ସଭାପତି ଅଜୟ ନାଏକ ପ୍ରମୁଖ ଯୋଗଦେଇଥିଲେ। ଲହୁଣୀପଡା ବ୍ଲକରୁ କୃଷି ଋଣ ଛାଡ କରିବା, ପିସି କାରବାର, ଦୁର୍ନୀତି ଭ୍ରଷ୍ଟାଚାର ବନ୍ଦ, ବିଜୁ ଯୁବ ବାହିନୀ ନାମରେ ଗୁଣ୍ଡାରାଜ ବନ୍ଦ, ରାଜ୍ୟରେ ଆୟୁଷମାନ ଭାରତ ଯୋଜନାକୁ କାର୍ଯ୍ୟକାରୀ କରିବା ପ୍ରଭୃତି ଦାବି ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଲହୁଣୀପଡା ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ଗ୍ରାମରୁ ବହୁ ସଂଖ୍ୟାରେ ଭାଜପା ମହିଳା ପୁରୁଷ କର୍ମୀ, କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଉପେନ୍ଦ୍ର କୁମାର ବେହେରା, ବାଗୁନ ଶାଗରାଇ, ଲକ୍ଷ୍ମଣ ନାଏକ, କୈଳାସ ଠାକୁର, ବିକାଶ ରାୟ, ଦାନ୍ଧୁର ଓରାମଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା ।

### ଶୁଭଲକ୍ଷ୍ମୀ ମହିଳା ସମବାୟ ସମିତିର ବାର୍ଷିକ ସଭା

**ଝାରସୁଗୁଡା ଅଫିସ,୩୦।୧୦**

ଝାରସୁଗୁଡା ବେଦାନ୍ତ ପୃଷ୍ଠପୋଷକତାରେ ଗଠିତ ଶୁଭଲକ୍ଷ୍ମୀ ସମବାୟ ସମିତିର ନବମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଦାନ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଭିଜିତ ପତି, ବରିଷ୍ଠ ଅଧିକାରୀ ସଞ୍ଜୀବ ପଟ୍ଟନାୟକ, ସୁନ୍ଦର ରାଜ, ସମବାୟ ସମିତିର ସଭାନେତ୍ରୀ ପୁଷ୍ପାଞ୍ଜଳି ସେଠ୍, ମୌନବତୀ ବାଗ ଯୋଗ ଦେଇଥିଲେ। ଶୁଭଲକ୍ଷ୍ମୀର ସିଇଓ ସତ୍ୟନାରାୟଣ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୦୮ରେ ୧୦ ଜଣ ସଭ୍ୟାଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ସମିତି ୩୯୫୬ ସଭ୍ୟା ବିଶିଷ୍ଟ ଏକ ବୃହତ ସଙ୍ଗଠନରେ ପରିଣତ ହୋଇସାରିଛି। ବେଦାନ୍ତର ମହିଳା ସଶକ୍ତିକରଣର ଏହି ଉଦ୍ୟମକୁ ପଦ୍ମଶ୍ରୀ ନାଗ ପ୍ରସଂଶା କରିଥିଲେ। ସମିତି ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଉଦ୍ୟୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆଗାମୀ ୧୦ ବର୍ଷ ମଧ୍ୟରେ ଏହା ଓଡ଼ିଶାର ବୃହତ୍ତ ସମବାୟ ସଂସ୍ଥାରେ ପରିଣତ ହୋଇ ବିଭିନ୍ନ ଜିଲାକୁ ସମ୍ପ୍ରସାରିତ ହେବା ଶୁଭଲକ୍ଷ୍ମୀର ଲକ୍ଷ୍ୟ।

### ବାଲିଶଙ୍କରା ବ୍ଲକରେ ବିଶାଳ ଚାଷୀ ସମାବେଶ

# ୧୨ ଦଫା ଦାବିରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ

**ବାଲିଶଙ୍କରା, ୩୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି ଓ ପିସି କାରବାର ଉଚ୍ଛେଦ ପାଇଁ ଭାଜପା ପକ୍ଷରୁ ମଙ୍ଗଳବାର ଚାନ୍ଦିନୀମାଲ ଛକଠାରେ ଭାଜପା ପକ୍ଷରୁ ବିଶାଳ ଚାଷୀ ସମାବେଶ ହୋଇଥିଲା। ରାଜ୍ୟ ସରକାରଙ୍କ ଅପାରଗତା ଏବଂ ତଳସରା ନିର୍ବାଚନ ମଣ୍ଡଳୀରେ ବଂଶାନୁକ୍ରମିକ ଶାସନ ଚାଲି ଆସୁଥିବା ଦ୍ୱାରା ଭ୍ରଷ୍ଟାଚାର ବଢୁଥିବା ନେଇ ୨୦୧୯ ନିର୍ବାଚନରେ ଉଚିତ ଜବାବ ଦେବା ପାଇଁ ଭାଜପା କର୍ମୀ ଶପଥ ପାଠ କରିଥିଲେ। ଏହାପରେ ଚାଷୀମାନେ ଏକତ୍ରିତ ହୋଇ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହିତ ୧୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବାଲିଶଙ୍କରା ବିଡିଓ ଅଭିମନ୍ୟୁ ବେହେରା, ତହସିଲଦାର ବାସନ୍ତୀ ଲାକ୍ରା ଓ ସହକାରୀ କୃଷି ଅଧିକାରୀ ମକରଧ୍ୱଜ ପଟେଲଙ୍କୁ ପ୍ରଦାନ କରିଥିଲେ। ସ୍ମାରକପତ୍ର ତିଳଡେଗା ମଣ୍ଡଳ ସଭାପତି ପର୍ଶୁରାମ ପଟେଲ ଏବଂ ବାଲିଶଙ୍କରା ମଣ୍ଡଳ ସଭାପତି ରବିଚନ୍ଦ୍ର ପଟେଲଙ୍କ ନେତୃତ୍ୱରେ ଭାଜପା କର୍ମୀ ଓ ଚାଷୀଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ୧୨ ଦଫା ଦାବିପତ୍ରରେ କୃଷି ଋଣ ଛାଡ଼, ବୀମା ରାଶି ପ୍ରଦାନ, ଆଗାମୀ ଧାନ ଚାଷ ପାଇଁ ସରକାର ମାଗଣାରେ କୀଟନାଶକ ବିହନ ଯୋଗାଇଦେବା, ପିସି କାରବାର ବନ୍ଦ କରିବା, ବିଭିନ୍ନ ନାଳା ନଦୀ ବ୍ୟାରେଜ ନିର୍ମାଣ, ବାଲିବନ୍ଧ, ନୂତନ ନଳକୂପ ବ୍ୟବସ୍ଥା, ସୌଭାଗ୍ୟ ଯୋଜନାରେ ବିଜୁଳି ଯୋଗାଇବା, ପ୍ରତ୍ୟେକ ଗାଁରେ ମଦ ବିକ୍ରିକୁ ବନ୍ଦ କରିବା ଆଦି ଉଲ୍ଲେଖ କରାଯାଇଛି। ଉକ୍ତ ସମାରୋହରେ ତିଳଡେଗା ମଣ୍ଡଳ ସଭାପତି ପର୍ଶୁରାମ ପଟେଲ, ବାଲିଶଙ୍କରା ମଣ୍ଡଳ ସଭାପତି ରବିଚନ୍ଦ୍ର ପଟେଲ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଭବାନୀ ଭୋଇ, ଜିଲା ଭାଜପା ଉପସଭାପତି ସୁରେନ୍ଦ୍ର କୁମାର ଭିନ୍ତିଆ, ତଳସରା ବିଧାନସଭା ପ୍ରଭାରୀ ପ୍ରଦୀପ ନାଏକ, ବରିଷ୍ଠ ଭାଜପା ନେତା ଦୁର୍ଗାଚରଣ ପଟେଲ, ଜଗବନ୍ଧୁ ଭୋଇ, ସଞ୍ଜୁଲତା ମାଝୀ, ଉଚ୍ଛବ ଦନ୍ତି, ବୁଧରାମ ଓରାମ, ଏମଡି ନସିମ ବକ୍ସି, ସୁଶାନ୍ତ ପଟେଲ, ଅନନ୍ତ ଦାନୀ, ମନୋଜ କୁମାର ମିଶ୍ର, ମହେନ୍ଦ୍ର ପଟେଲ, ଉପେନ୍ଦ୍ର କୁଜୁର, ଧ୍ରୁବ କାଲୋ, ସରିତା ପ୍ରଧାନ, ଜାମିନୀ ମହାକୁଲ, ବନମାଳି ବାରସରିଆ, ବିସ୍ତାରକ ବେଦବ୍ୟାସ ବିଶ୍ୱାଳ, କୃଷ୍ଣଚନ୍ଦ୍ର ସାହୁ, ସୁଜିତ ସାହୁ, ସବ୍ୟସାଚି ସା, କୁଶ ଦାନୀ ପ୍ରମୁଖ ଯୋଗଦେଇ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଶେଷରେ ଶ୍ରଦ୍ଧାକର ସାନ୍ଧୁଏନ ଧନ୍ୟବାଦ ଅର୍ପଣ କରିଥିଲେ।



କୋଲାବିରା ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷର ଅନୁଷ୍ଠିତ ସଭା।

# ବିଜେଡି ସରକାର ବିରୋଧରେ କମ୍ପିଲା ବ୍ଲକ୍ ଅଫିସ

**କୋଲାବିରା,୩୦।୧୦(ଡି.ଏନ.ଏ.)**

କୋଲାବିରା ବ୍ଲକ କାର୍ଯ୍ୟାଳୟ ଘେରିଛନ୍ତି ଭାଜପା କର୍ମୀ। କୋଲାବିରା ମଣ୍ଡଳ ସଭାପତି ପଲ୍ଲବ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏକ ପ୍ରତିବାଦ ସଭାରେ ଭାଜପା କର୍ମୀମାନେ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିଥିଲେ। ବିଜେଡି ସରକାର ଦ୍ୱାରା ପିସି କାରବାର, ଭ୍ରଷ୍ଟାଚାର ଓ ପ୍ରିୟାପ୍ରିତି ତୋଷଣରେ ଏହି ସରକାର ବୁଡି ରହିଛି। ବିକାଶ ନାଁରେ ଓଡିଶାରେ ହରିଲୁଟ ଚାଲିଛି। ଯୋଜନା ଆଳରେ ଗରିବଙ୍କୁ ଶୋଷଣ କରାଯାଉଛି। ଲୋକେ ଆଉ ଏଭଳି ଦୁର୍ନୀତିକୁ ବରଦାସ୍ତ କରିବା ଅବସ୍ଥାରେ ନାହାନ୍ତି ବୋଲି କହିଥିଲେ ଦିନେଶ ଜୈନ। ସତ୍ୟନାରାୟଣ ବହିଦାର କହିଥିଲେ ଯେ, ବିଜେଡି ଏବେ ପ୍ରଚାର ସର୍ବସ୍ୱ ହୋଇପଡିଛି। ସରକାରୀ ପାଣ୍ଠିର ତୋଷାରପାତକରି କର୍ମୀ ପୋଷା ଯାଉଛି। ଗାଁ ଗହଳିରେ ଦୁର୍ନୀତିର ଚେରବହୁ ତଳକୁ ମାଡି ସାରିଲାଣି। ଏହାକୁ ନ ଉପାଡିଲେ ସାଧାରଣ ଲୋକେ ଶାନ୍ତିରେ ବଞ୍ଚି ପାରିବେ ନାହିଁ । ସରକାରଙ୍କ ଗାଲୁଆମି ଓ ବାସ୍ତବ ବିକାଶକୁ ତୁଳନା କଲେ ଦୁର୍ନୀତି କେତେ ଭୟଙ୍କର ରୂପ ନେଲାଣି ତାହା ଜଣାପଡି ଯାଉଛି। ବିଜେଡିରେ ଅସାଧୁ ମନ୍ତ୍ରୀ,ଏମ୍‌ପି, ବିଧାୟକ, ନେତା, ଦାଦା ଓ ଦଲାଲମାନେ ଚିଟଫଣ୍ଡଠାରୁ ନେଇ ଖଣି, ପାଣି, ଡାଲି ଓ ବାଲି ଦୁର୍ନୀତିରେ ଛନ୍ଦି ହୋଇ ପଡିଛନ୍ତି। ଗାଁ ବିକାଶ ଯୋଜନା ପାଣ୍ଠିକୁ ବିଜେଡି ଠିକାଦାର, ନେତା ଓ ସରକାରୀ କର୍ମଚାରୀମାନେ ଲୁଟିବାରେ ଲାଗିଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାରେ ରାଜ୍ୟ ହାତ ଟିକ୍‌ଣ କରୁଛି। ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛ ଭାରତ ଅଭିଯାନ, ଗ୍ରାମ୍ୟ ସଡକ ଯୋଜନା ଅର୍ଥକୁ ଦଳୀୟ ଠିକାଦାର ହାତେଇଛନ୍ତି। ବିନା ଲାଞ୍ଚରେ କାମ ହେଉନାହିଁ। ସବୁ କାର୍ଯ୍ୟାଳୟରେ ଦଲାଲ ରାଜ ଚାଲିଛି। ମହିଳା ସଶକ୍ତିକରଣ ଆଜି ପ୍ରହସନରେ ପରିଣତ ହୋଇଛି ବୋଲି ଅରୁଣ କୁମାର ବେହେରା କହିଥିଲେ। କେନ୍ଦ୍ରୀୟ ଯୋଜନା ଅର୍ଥକୁ ବାଟମାରଣା କରି ନବୀନ ସରକାର ଦାନ ବୋଲି ଲୋକଙ୍କୁ ଭୁଆଁ ବୁଲାଯାଉଛି। ଏଭଳି ଅର୍ଥନୈତିକ କାର୍ଯ୍ୟରେ ବ୍ଲକର ଅସାଧୁ କର୍ମଚାରୀ ସମ୍ପୃକ୍ତ ବୋଲି ଭାଜପା କର୍ମୀମାନେ ଅଭିଯୋଗ କରିଛନ୍ତି। ନିରୀହ ଲୋକଙ୍କ କାମ କରେଇବାରେ ପିସି ଛଡା ଯାଉନି। ମୁଖ୍ୟମନ୍ତ୍ରୀ ସବୁ ଜାଣି ଚୁପ୍ ରହିବା ରାଜ୍ୟବାସୀଙ୍କୁ ଚକିତ କରିଛି। ଏହି ପିସି କାରବାର ଜାରି ରହିଲେ ଆନ୍ଦୋଳନର ନିଆଁ ତେଜି ଉଠିବ ବୋଲି ଉପସ୍ଥିତ ଭାଜପା ଜିଲା ସମ୍ପାଦକ ପ୍ରେମସେନ ରାଏ କହିଥିଲେ। ରଘୁନନ୍ଦନ ପଣ୍ଡା, ସୁନିଲ ପଣ୍ଡା, ପ୍ରମୋଦ ସେନାପତି, ନରେଶ ନାଏକ, କୃଷକ ମୋର୍ଚ୍ଚାର ପ୍ରଦୀପ ପଟେଲ, ଓବିସି ମୋର୍ଚ୍ଚାର ଦୀପକ ପଟେଲ, ନେତାଜୀ ପଟ୍ଟନାୟକ, ବସନ୍ତ ପଟେଲ, ପ୍ରକାଶ ନାଏକ, ମିଶିଲ କୁମାର ରାଓ, ଗୋଲାପଚନ୍ଦ୍ର ପଟେଲ, ସିରଜୁ ଖମାରୀ, ମନୋଜ ସାହୁ, ପ୍ରକାଶ ପଧାନ, ପୁରୁଷୋତମ ପଟେଲ, ଲଳିତ ଛତ୍ରୀଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରେମସେନ ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପା ପକ୍ଷରୁ କୁଆଁରମୁଣ୍ଡା ବ୍ଲକରେ ବିକ୍ଷୋଭ

**କୁଆଁରମୁଣ୍ଡା, ୩୦।୧୦(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଭାଜପା ମଣ୍ଡଳଶାଖା ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ବିଶେଷକରି ଡାଲି, ଖଣି, ପାଣି,ବାଲି ଦୁର୍ନୀତି, ଚିଟ୍‌ଫଣ୍ଡ ଠକେଇ, ପିସି କାରବାର, ମହିଳାଙ୍କୁ ଅସମ୍ମାନ, ଆମ ଗାଁ ଆମ ବିକାଶ ଯୋଜନାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଥଇଥାନ, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ ଲାଗୁ ନ କରିବା, ଆଇଟିଡିଏର ଯୋଜନାକୁ କାର୍ଯ୍ୟକାରୀ କରାଇ ନ ଦେବା ଇତ୍ୟାଦି ବିଷୟକୁ ନେଇ କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲା ଭାଜପା ଉପସଭାପତି ଶଙ୍କର ପୂଝାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ରାଜ୍ୟ ସମ୍ପାଦକ ଧିରେନ ସେନାପତି , ପୂର୍ବତନ ବିଧାୟକ ଶଙ୍କର ଓରାମ, ଜିଲା ସଭାପତି ଜଗବନ୍ଧୁ ବେହେରା, ବୀରମିତ୍ରପୁର ପ୍ରଭାରୀ ଶଶାଙ୍କ ଜେନା, ବୀରମିତ୍ରପୁର ନଗର ସଭାପତି ବଲ୍ଲୁ ତିୱାରୀ, ବୁଟୁ ପଣ୍ଡା, ଭୋଳାନାଥ ସାହୁ, ଚନ୍ଦ୍ରମଣି ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ନେତ୍ରୀ ରୀନାରାଣି ମେହେର, କୁଆଁରମୁଣ୍ଡା ମଣ୍ଡଳ ମହିଳା ମୋର୍ଚ୍ଚା ନେତ୍ରୀ ସରିତା ପଟ୍ଟନାୟକ, ରୋହିତ ପ୍ରସାଦ, କୁଆଁରମୁଣ୍ଡା ମଣ୍ଡଳ ସଭାପତି ମନୋଜ ବାର୍ଲା, ଦିଲ୍ଲୀପ ପଟେଲଙ୍କ ସହ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ବୁଥରୁ ଶତାଧିକ କର୍ମୀ ଏହି ବିକ୍ଷୋଭ ସମାବେଶରେ ଅଂଶଗ୍ରହଣ କରିଥିଲେ।



କୁଆଁରମୁଣ୍ଡା ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।